# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଗୁରୁବାର, ମେ ୧୫/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, May 15/2025 | Page 14 | ₹ 7.00

୫୧ଶ ଭାଗ ୧୬୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 169 | ମୂଲ୍ୟ₹୭/-








# ବଜ୍ରପାତରେ ବାପଝିଅ ସମେତ ୫ ମୃତ

ପଟ୍ଟାଙ୍ଗି/ରାୟଗଡ଼ା/ଜେକେପୁର, ୧୪।୫(ଶରତ କୁମାର ଧଳ/ଆଶିଷ ରଞ୍ଜନ ପଣ୍ଡା/ରାଜେଶ ବିଶ୍ୱାଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଏବଂ ରାୟଗଡ଼ା ଜିଲା କୋଲନରା ବ୍ଲକ ଅଞ୍ଚଳରେ ବୁଧବାର ବଜ୍ରପାତରେ ବାପଝିଅଙ୍କ ସହ ୫ଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ପଟ୍ଟାଙ୍ଗୀ ବ୍ଲକ୍‌ର ଗେମେଲ କ୍ରିଷ୍ଣା, କମି, ଗେମେଲ ଡୁମ୍ବାଇ, ମାଲା ପାଙ୍ଗୀ ଏବଂ ରାୟଗଡା କୋଲନରା ବ୍ଲକ୍‌ର ନାବାଳକ ସନ୍ୟାସୀ ହିଁମ୍ରିକା।

ସୂଚନା ଅନୁଯାୟୀ, କନ୍ଦପୁଟାବନ୍ଧ ଗ୍ରାମର ଗେମେଲ୍ କ୍ରିଷ୍ଣା, ଝିଅ କମି ଓ ସ୍ତ୍ରୀ ୱାଲସି ଜମିରେ କାମ ସାରି ଘରକୁ ଫେରୁଥିବା ବେଳେ ବର୍ଷା ସହ ଘଡଘଡି ହୋଇଥିଲା। ୱାଲସି କିଛି ଦୂର ସୁରକ୍ଷିତ ସ୍ଥାନକୁ ଚାଲି ଯାଇଥିଲେ। କିନ୍ତୁ କ୍ରିଷ୍ଣା ଓ ଝିଅ କମି ଜମିର ନିକଟ ଏକ ଗଛ ମୂଳରେ ଆଶ୍ରୟ ନେଇଥିବା ବେଳେ ବଜ୍ରପାତ ହୋଇଥିଲା। ଏଥିରେ ଉଭୟଙ୍କ ମୃତ୍ୟୁ ହୋଇଛି। ସେମାନଙ୍କଠାରୁ କିଛି ଦୂରରେ ଜମିରେ କାମ କରୁଥିବା ଅନ୍ୟ ଜଣେ ଯଥା ମୃତ କ୍ରିଷ୍ଣାଙ୍କ ସମ୍ପର୍କୀୟ ମାଉସୀ ଗେମେଲ୍ ଡୁମ୍ବାଇଙ୍କ ମଧ୍ୟ ବଜ୍ରପାତରେ ମୃତ୍ୟୁ ହୋଇଛି। ପେଦାପାଡୁ ଗ୍ରାମର ଜଣେ ସାମାଜିକ କର୍ମୀ ସୁବାସ ଗାଲୁଙ୍ଗୁ ବୋଇ ଓ ଗ୍ରାମବାସୀ ମୃତକଙ୍କୁ ପଟ୍ଟାଙ୍ଗି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ସେହିପରି ନୂଆଁଗା ପଞ୍ଚାୟତର ଗାର୍ଲିଦାବାଡର ଗ୍ରାମର ମାଲା ଉପରପନିକି ଗ୍ରାମ ନିକଟ ଜଙ୍ଗଲରେ ଗାଈ ଚରାଉଥିବା ବେଳେ ବଜ୍ରପାତରେ ବୁଧବାର ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ହୋଇଛି। ଘଟଣାସ୍ଥଳରେ ମୃତଦେହ ପଡିରହିଛି। କୋଟିଆ ପୋଲିସର ତଦନ୍ତ ପରେ ମୃତଦେହ ଜବତ କରାଯିବ ବୋଲି ଗ୍ରାମବାସୀ ସୂଚନା ଦେଇଛନ୍ତି। ଜୋନ ୨ ଜିଲା ପରିଷଦ ସଭ୍ୟ ଲଇଚନ ଖରା, ତହସିଲଦାର ଦେବେନ୍ଦ୍ର ବାହାଦୂର ସିଂ ଧାରୁଆଙ୍କ ସହ ଆଲୋଚନା କରି ମୃତକଙ୍କ ପରିବାରକୁ ସରକାରୀ ସହାୟତା ମିଳିବା ନେଇ ଆଲୋଚନା କରିଥିଲେ। ସୁଙ୍କି ଥାନାରେ ମାମଲା ରୁଜୁ ହୋଇଛି। ଏ ନେଇ ତହସିଲଦାର ଧାରୁଆଙ୍କୁ ପଚାରିବାରୁ ମୃତଦେହ ବ୍ୟବଚ୍ଛେଦ ହେବା ପରେ ରିପୋର୍ଟ ଏବଂ ପୋଲିସ୍‌ର ତଦନ୍ତ ରିପୋର୍ଟ ଶୀଘ୍ର ପ୍ରସ୍ତୁତ ହୋଇପାରିବା ନେଇ ପଦକ୍ଷେପ ଗ୍ରହଣ କରାଯିବ ଓ ନିୟମ ଅନୁସାରେ ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି।

ସେହିପରି କୋଲନରା ବ୍ଲକ୍ ଅନ୍ତର୍ଗତ ଦୁଦ୍ଧୁଲି ପଞ୍ଚାୟତ ଅଷ୍ଟାମଡ଼ା ଗ୍ରାମ ନିକଟସ୍ଥ ଆମ୍ବତୋଟାକୁ ବୁଧବାର ୨ ସାଙ୍ଗ ଆମ୍ବ ତୋଳିବାକୁ ଯାଇଥିବାବେଳେ ବଜ୍ରପାତରେ ସନ୍ୟାସୀଙ୍କ ମୃତ୍ୟୁ ହୋଇଛି। ତାଙ୍କ ସାଙ୍ଗ ଗଣେଶ ପୁଲାକା ଆହତ ହୋଇଛନ୍ତି। ପ୍ରକାଶ ଯେ, ବୁଧବାର ମଧ୍ୟାହ୍ନ ସମୟରେ ସନ୍ୟାସୀ ଓ ଗଣେଶ ଗାଁ ନିକଟସ୍ଥ ଆମ୍ବ ତୋଟାକୁ ଯାଇଥିଲେ। ସେଠାରୁ ଫେରିବା ବେଳେ ବଜ୍ରପାତ ଯୋଗୁ ଘଟଣାସ୍ଥଳରେ ସନ୍ୟାସୀଙ୍କ ମୃତ୍ୟୁ ଘଟିଛି। ଖବରପାଇ ଦୁଦ୍ଧୁଲି ସରପଞ୍ଚ ସବିତା ପେଦେଣ୍ଟିଙ୍କ ସ୍ୱାମୀ ଏ.ରବି ଓ ସ୍ଥାନୀୟ ଗ୍ରାମବାସୀ ଚାନ୍ଦିଲି ଥାନାକୁ ସୂଚନା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ଗଣେଶଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି।

# ଅସିତ୍ ମହାପାତ୍ର ଓରେରା ନୂଆ ଅଧ୍ୟକ୍ଷ ନିଯୁକ୍ତ

## ରାଜେନ୍ଦ୍ର, ସୁନ୍ଦର ସଦସ୍ୟ

**ଭୁବନେଶ୍ୱର, ୧୪।୫(ସୁନିତ୍ ମିଶ୍ର):** ଓଡ଼ିଶା ରିଅଲ ଇଷ୍ଟେଟ୍ ରେଗୁଲେଟୋରି ଅଥରିଟି(ଓରେରା)ର ନୂଆ ଅଧ୍ୟକ୍ଷ ଭାବେ ଅସିତ କୁମାର ମହାପାତ୍ରଙ୍କୁ ଦାୟିତ୍ୱ ମିଳିଛି। ସେ ଦାୟିତ୍ୱ ସମ୍ଭାଳିବା ଦିନଠାରୁ ତାଙ୍କୁ ଏହି ପଦରେ ଅବସ୍ଥାପିତ କରାଯିବ। ଏନେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବୁଧବାର ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ସେହିପରି ରାଜେନ୍ଦ୍ର ମିଶ୍ର ଏବଂ ସୁନ୍ଦର ଦାସଙ୍କୁ ଓରେରାର ସଦସ୍ୟଭାବେ ନିଯୁକ୍ତି ମିଳିଛି। ଏହି ୨ ନୂତନ ସଦସ୍ୟ ଦାୟିତ୍ୱ ସମ୍ଭାଳିବା ଦିନଠାରୁ ଏହି ପଦରେ ଅବସ୍ଥାପିତ ହେବେ ବୋଲି ଉଲ୍ଲେଖ କରାଯାଇଛି।

# କେନାଲରେ ବୁଡ଼ି ୨ ଭାଇ ମୃତ

**ଢେଙ୍କାନାଳ,୧୪।୫(ରତନ ନାୟାର):** ଢେଙ୍କାନାଳ ଜିଲା ସଦର ଥାନା ଭାପୁର ଫାଣ୍ଡି ଅଉଖମା ଗ୍ରାମରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ଗ୍ରାମ ନିକଟସ୍ଥ ରାଇଡିହି କେନାଲରେ ବୁଡ଼ି ୨ ଭାଇଙ୍କ ମୃତ୍ୟୁ ଘଟିଛି। ଅଉଖମା ଗ୍ରାମର ଲାଲା ସାହୁଙ୍କ ବଡ଼ପୁଅ ଓମ୍ ସାହୁ(୧୭) ଓ ସାନପୁଅ ସୋମ ସାହୁ (୧୫) କେନାଲ ହୁଡ଼ାରେ ବସିଥିଲେ। ଅସାବଧାନତା ବଶତଃ ସାନଭାଇ ସୋମ୍‌ଙ୍କ ଗୋଡ଼ ଖସିଯିବାରୁ ସେ କେନାଲ ଭିତରକୁ ଖସି ପଡ଼ିଥିଲେ। ଏହାଦେଖି ବଡ଼ଭାଇ ଓମ୍ ସାନଭାଇଙ୍କୁ ବଞ୍ଚାଇବା ପାଇଁ କେନାଲ ଭିତରକୁ ଡେଇଁ ପଡ଼ିଥିଲେ। ଫଳରେ ୨ ଭାଇ କେନାଲରେ ବୁଡ଼ି ଯାଇଥିଲେ। ଗ୍ରାମବାସୀ କେନାଲରୁ ୨ ଭାଇଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡାକ୍ତରମାନେ ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଅଉଖମା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ପ୍ରଫେସର ଡା. ଗୌତମ ଶତପଥୀ କାମଚଳା ଅଧୀକ୍ଷକ

## ଏସ୍‌ସିବି ମେଡିକାଲ କଲେଜ

କଟକ,୧୪।୫(ଶିଳ୍ପା ପ୍ରିୟଦର୍ଶିନୀ)

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି)ରେ ବୁଧବାର ରାଜ୍ୟ ସରକାର କାମଚଳା ଅଧୀକ୍ଷକ ଭାବେ ପ୍ରଫେସର ଡା. ଗୌତମ ଶତପଥୀଙ୍କୁ ନିଯୁକ୍ତି ଦେଇଛନ୍ତି। ଏ ନେଇ ଚିଠି ନମ୍ବର– ୧୩୯୯୬ରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଅପରାହ୍ନରେ ମେଡିକାଲର ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଡା. ଶତପଥୀ ଦାୟିତ୍ୱ ଗ୍ରହଣ କରିଥିଲେ। ମେଡିକାଲ କଲେଜ ଅଧକ୍ଷା ତଥା ତତ୍କାଳୀନ ଦାୟିତ୍ୱରେ ଥିବା ଅଧୀକ୍ଷକ ପ୍ରଫେସର ଡା. ଲୁସି ଦାସ ସମସ୍ତ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ଏହାସହ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଥିବା ସମ୍ମିଳନୀ କକ୍ଷରେ ସମସ୍ତ ଅଧିକାରୀ ଓ କର୍ମଚାରୀ ଡା. ଶତପଥୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

ଦାୟିତ୍ୱ ଗ୍ରହଣ କରିବା ପରେ ଡା. ଶତପଥୀ କହିଛନ୍ତି ଯେ, ରାଜ୍ୟ ସରକାର ମୋ ଉପରେ ଯେଉଁ ଆଶା ରଖିଛନ୍ତି ତାହା କାର୍ଯ୍ୟରେ ପରିଣତ କରିବି। ରୋଗୀଙ୍କୁ ମେଡିକାଲରେ ଏବେଠୁ ଅଧିକ ମାତ୍ରାର ଉନ୍ନତମାନର ସେବା ଯୋଗାଇ ଦେବାକୁ ପ୍ରସ୍ତୁତି କରାଯିବ। ମୁଖ୍ୟତଃ ରୋଗୀ ଚଟାଣରେ ନ ଶୋଇବା ଏବଂ ପର୍ଯ୍ୟାପ୍ତ ପରିମାଣର ଶଯ୍ୟା ଯୋଗାଇଦେବା, ରୋଗୀମାନେ ଔଷଧ ପାଇଁ ହେଉ କିମ୍ବା ପରୀକ୍ଷା ପାଇଁ ଲମ୍ବା ଧାଡିରେ ନ ଛିଡା ହେବା ଏହି ସବୁ ସମସ୍ୟାରେ ସୁଧାର ଆଣିବା ଲକ୍ଷ୍ୟ ରହିବ। ଏହାସହ ରୋଗୀଙ୍କ ପାଇଁ ସର୍ବଦା ଅଭିଯୋଗ ପ୍ରକୋଷ୍ଠ ଖୋଲା ରଖାଯିବ, ଏଥିପାଇଁ କୌଣସି ବାର କିମ୍ବା ସମୟ ଧାର୍ଯ୍ୟ ରହିବ ନାହିଁ। ରୋଗୀଙ୍କ ଅଭିଯୋଗକୁ ପ୍ରାଥମିକତା ଦିଆଯିବ ବୋଲି ଶତପଥୀ କହିଛନ୍ତି।


ପ୍ରଫେସର ଡା. ଗୌତମ ଶତପଥୀ

# ଦୁର୍ଘଟଣାରେ ଦମ୍ପତି ମୃତ

ମୋରଡ଼ା,୧୪।୫(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ଶୁଳିଆପଦା ଥାନା ଅଧୀନ ବାଘଡ଼ା ନିକଟରେ ବୁଧବାର ସକାଳ ୮ଟା ୩୦ମି.ରେ ଟେମ୍ପୋ ଧକ୍କାରେ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ମୃତ ଦମ୍ପତି ହେଲେ ଶାଳବଣି ଗ୍ରାମର ପ୍ରତାପ ଡୁଙ୍ଗ ଓ ତାଙ୍କ ସ୍ତ୍ରୀ ବାସନ୍ତୀ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି। ଏନେଇ ଥାନାରେ ଏକ ମାମଲା(ନଂ. ୮୬/୨୫) ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ପ୍ରତାପ ଓ ତାଙ୍କ ସ୍ତ୍ରୀ ବାସନ୍ତୀ ସାଇକେଲରେ ଘରକୁ ଫେରୁଥିବା ସମୟରେ ବାଘଡ଼ା ନିକଟରେ ଏକ ଟେମ୍ପୋ ସେମାନଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଉଭୟଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି।

# ଡାଲା ଅଟୋ ଓଲଟି ୨ ମହିଳାଙ୍କ ମୃତ୍ୟୁ, ୧୫ ଆହତ

ଆସିକା,୧୪।୫(ସୁରେନ୍ଦ୍ର ନାଥ ସାହୁ)

ଗଞ୍ଜାମ ଜିଲା କୋଦିନଡ଼ା ଥାନା ଅନ୍ତର୍ଗତ ଭେଟନଇ ଗ୍ରାମ ନିକଟରେ ମଙ୍ଗଳବାର ରାତିରେ ଏକ ଡାଲା ଅଟୋ ଓଲଟି ପଡ଼ିବାରୁ ୨ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ୧୫ ଜଣ ଆହତ ହୋଇଛନ୍ତି। ମୃତକମାନେ ହେଲେ ଭେଟନଇ ଗ୍ରାମର ଗାୟତ୍ରୀ ଗୌଡ (୨୫) ଓ ସରୋଜିନୀ ସାହୁ (୫୦)। ଆହତମାନଙ୍କୁ ଆସିକା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଗୁରୁତର ଥିବା ୭ଜଣଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇ ଦିଆଯାଇଛି। କୋଦିନଡା ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରିଛି। ୨ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ଭେଟନଇ ଗ୍ରାମର କେତେଜଣ ଲୋକ ମଙ୍ଗଳବାର ନିକଟସ୍ଥ ସାନଖୋଲି ଗ୍ରାମରେ ହେଉଥିବା ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେବାକୁ ଯାଇଥିଲେ। ସେମାନଙ୍କ ମଧ୍ୟରୁ ୧୫ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ରାତି ପ୍ରାୟ ସାଢେ ୧୧ଟାରେ ଏକ ଡାଲା ଅଟୋରେ ଗାଁକୁ ଫେରୁଥିଲେ। ଭେଟନଇ–ଭେଜିପୁଟ ମଧ୍ୟରେ ଅଟୋଟି ଭାରସାମ୍ୟ ହରାଇ ରାସ୍ତାରେ ଓଲଟି ପଡିବାରୁ ଗାୟତ୍ରୀ ଓ ସରୋଜିନୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟମାନେ ଆହତ ହୋଇଥିଲେ। ବର୍ଷା ଜେନା, ସାହି ଜେନା, ବାସନ୍ତୀ ଗୌଡ, ରେଣୁ ଗୌଡ, କବିତା ଗୌଡ, ଶିବାନନ୍ଦ ଗୌଡ, ସାଗର ଗୌଡ, ଖୁସି ଗୌଡ, ପିଙ୍କି ସେଠୀ, ରୋହନ ସେଠୀ, ରାଧା ଗୌଡ, କୁଜା ଗୌଡ, ଯମୁନା ସାହୁ, ଲତା ସେଠୀ, ମୋନାଲିସା ସେଠୀ ପ୍ରମୁଖ ଆହତ ହୋଇଛନ୍ତି। ଏ ସମ୍ପର୍କରେ କୋଦିନଡା ଥାନାରେ ନଂ.୧୬୪/୨୫ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି।

# ଧରଣୀଧର ବିଶ୍ୱବିଦ୍ୟାଳୟକୁ ୪୦.୧୯୭ ଏକର ଜମି ଆବଣ୍ଟନ

## ରାଜ୍ୟ କ୍ୟାବିନେଟ୍ ବୈଠକର ନିଷ୍ପତ୍ତି

### ଆଇଟିଆଇ ପ୍ରଶିକ୍ଷକ ନିଯୁକ୍ତି ନିୟମାବଳୀରେ ସଂଶୋଧନ

ଭୁବନେଶ୍ୱର,୧୪।୫ (ରବିନାରାୟଣ ଜେନା)

ଲୋକସେବା ଭବନରେ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ କେନ୍ଦୁଝର ଜିଲାର ଧରଣୀଧର ବିଶ୍ୱବିଦ୍ୟାଳୟ ଉତ୍ତର ଓ ଦକ୍ଷିଣ କ୍ୟାମ୍ପସ୍ ଲାଗି ସରକାର ୪୦.୧୯୭ ଏକର ଜମି ଲିଜ୍ ସୂତ୍ରରେ ଦେବାକୁ ନିଷ୍ପତ୍ତି ନେଇଛନ୍ତି।

ବୈଠକ ପରେ ମୁଖ୍ୟମନ୍ତ୍ରୀ କହିଥିଲେ, କେନ୍ଦୁଝର ଜିଲା କେନ୍ଦୁଝର ତହସିଲ ଅନ୍ତର୍ଗତ ସୁଲେଇ ଖମାର ମୌଜାର ସାତସିଙ୍ଗା, ଗମ୍ଭାରିଆ ଓ ବ୍ରାହ୍ମଣ ଗାଁରେ ଧରଣୀଧର ବିଶ୍ୱବିଦ୍ୟାଳୟ ଲାଗି ସମସ୍ତ ଦେୟମୁକ୍ତରେ ଏହାର ଉତ୍ତର ଏବଂ ଦକ୍ଷିଣ କ୍ୟାମ୍ପସ୍ ପ୍ରତିଷ୍ଠା ଲାଗି ୪୦ ଏକର ୧୯୭ ଡିସିମିଲ ସରକାରୀ ଜମି ଲିଜ୍ ସୂତ୍ରରେ ପ୍ରଦାନ କରାଯିବ। ଏଥିପାଇଁ ରାଜ୍ୟ ସରକାର ଏକକାଳୀନ ରାଜସ୍ୱ ଦେୟ ବାବଦକୁ ୧୪୦ କୋଟି ୭୧ ଲକ୍ଷ ୪୦ ହଜାର ୫୧୮ ଟଙ୍କା ଏବଂ ବାର୍ଷିକ ରାଜସ୍ୱ ଦେୟ ବାବଦକୁ ୫୦ ଲକ୍ଷ ୨୬ ହଜାର ୩୧୮ ଟଙ୍କା ଛାଡ଼ କରିଛନ୍ତି। ଏହି ଆର୍ଥିକ ଦେୟ ଛାଡ଼ ଦ୍ୱାରା ରାଜ୍ୟର ଏକ ସମ୍ମାନ୍‌ଜନକ ସରକାରୀ ଶିକ୍ଷାନୁଷ୍ଠାନ ଧରଣୀଧର ବିଶ୍ୱବିଦ୍ୟାଳୟ ଉପରେ ଆର୍ଥିକ ବୋଝ ଯଥେଷ୍ଟ ହ୍ରାସ ପାଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ରାଜ୍ୟ ସରକାର ଓଡ଼ିଶା ଆଇଟିଆଇ ପ୍ରଶିକ୍ଷକ ସେବା(ନିଯୁକ୍ତି ପଦ୍ଧତି ଏବଂ ସେବା ସର୍ତ୍ତାବଳୀ) ନିୟମ, ୨୦୨୪ରେ ସଂଶୋଧନ କରିଛନ୍ତି। ଏହି ସଂଶୋଧନ ଫଳରେ ଓଜିଆଇଟିଏସ୍ କ୍ୟାଡରର ଅଧିକାରୀମାନଙ୍କ ପାଇଁ ନିଯୁକ୍ତିଭିତ୍ତିକ ପଦୋନ୍ନତି ସୁଯୋଗ ମିଳିବ। ଯୁବ, ସକ୍ରିୟ ଏବଂ ଯୋଗ୍ୟ ପ୍ରାର୍ଥୀମାନଙ୍କୁ ଓଡ଼ିଶା ଲୋକସେବା ଆୟୋଗ ମାଧ୍ୟମରେ ଅଧ୍ୟକ୍ଷ–୨/ଉପ–ଅଧ୍ୟକ୍ଷ(ସ୍ତର–୧୨)ସ୍ତରରେ ସିଧାସଳଖ ନିଯୁକ୍ତି ହେବ। ସେହିପରି ଓଜିଆଇଟିଏସ୍ କ୍ୟାଡରର ଅଭିଜ୍ଞ ଏବଂ ଯୋଗ୍ୟ କର୍ମଚାରୀମାନେ ସର୍ବୋଚ୍ଚ ପଦବୀକୁ ପଦୋନ୍ନତି ପାଇପାରିବେ, ଯାହା ବ୍ୟବସ୍ଥାର ସମସ୍ତ ପରିଚାଳନା କ୍ଷମତାକୁ ବୃଦ୍ଧି କରିବ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ରାଜ୍ୟ କ୍ୟାବିନେଟ୍ ବିଭିନ୍ନ ପଦବୀରେ ଥିବା ଶାରୀରିକ ମାପ ଓ ଶାରୀରିକ ଦକ୍ଷତା ପରୀକ୍ଷା ପାଇଁ ସମନ୍ୱିତ ନିଯୁକ୍ତି ପରୀକ୍ଷାର ନିୟମାବଳୀ–୨୦୨୨ର ସଂଶୋଧନ ନିଷ୍ପତ୍ତିକୁ ଅନୁମୋଦନ ଦେଇଛି। ବର୍ତ୍ତମାନ ବିଭିନ୍ନ ପଦବୀରେ ଥିବା ଶାରୀରିକ ମାପ ଏବଂ ଶାରୀରିକ ଦକ୍ଷତା ପରୀକ୍ଷା ପାଇଁ ସମନ୍ୱିତ ନିଯୁକ୍ତି ପରୀକ୍ଷାର ନିୟମାବଳୀ, ୨୦୨୨ର ନିୟମ–୩ରେ ଧାର୍ଯ୍ୟ କରାଯାଇଥିବା ବ୍ୟବସ୍ଥା ଅନୁଯାୟୀ, ଗୋଟିଏ ପଦବୀ ଯଥା ଅଗ୍ନିଶମ ସେବା, ହୋମ୍‌ଗାର୍ଡ ଏବଂ ସିଭିଲ୍ ଡିଫେନ୍ସ, ଗୃହ (ସିଭିଲ୍ ଡିଫେନ୍ସ) ବିଭାଗର ମହାନିର୍ଦ୍ଦେଶକ ଅଧୀନରେ ଥିବା ନାଗରିକ ପ୍ରତିରକ୍ଷା ପ୍ରଶିକ୍ଷକ/ସିନିୟର ଷ୍ଟାର ଇନ୍ସପେକ୍ଟରକୁ ବିଭିନ୍ନ ପଦବୀରେ ଥିବା ଶାରୀରିକ ମାପ ଏବଂ ଶାରୀରିକ ଦକ୍ଷତା ପରୀକ୍ଷା ପାଇଁ ସମନ୍ୱିତ ନିଯୁକ୍ତି ପରୀକ୍ଷାର ନିୟମାବଳୀ, ୨୦୨୨ର ସିଡ୍ୟୁଲ–୧ରେ ଅନ୍ତର୍ଭୁକ୍ତ କରାଯିବ। ଏହାଦ୍ୱାରା ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ ଉପରୋକ୍ତ ପଦବୀର ନିଯୁକ୍ତିକୁ ମିଳିତ ନିଯୁକ୍ତି ପରୀକ୍ଷାରେ ପରିଚାଳିତ କରିପାରିବେ।

# ଜମି ନେଇ ଶିଳ୍ପ କରି ନ ଥିବା ସଂସ୍ଥାଙ୍କ ତାଲିକା କରିବେ ଜିଲାପାଳ

ଭୁବନେଶ୍ୱର, ୧୪।୫(ସୁନିତ୍ ମିଶ୍ର)

- ରାଜ୍ୟ ସରକାର ଫେରାଇ ଆଣିବେ ବ୍ୟବହାର ହୋଇ ନ ଥିବା ଜମି
- ଶିଳ୍ପ, ରାଜସ୍ୱ ବିଭାଗ ଏସିଏସ୍ ସବୁ ଜିଲାପାଳଙ୍କୁ ଏନେଇ ଚିଠି କରିବେ
- ୨ ମାସରେ ତାଲିକା ଦେବାକୁ ଜିଲାପାଳଙ୍କୁ ଦିଆଯିବ ନିର୍ଦ୍ଦେଶ

ରାଜ୍ୟରେ ଯେଉଁ ଶିଳ୍ପସଂସ୍ଥାକୁ ସରକାରଙ୍କ ତରଫରୁ ଜମି ଦିଆଯାଇଛି ଅଥଚ ସେମାନେ କୌଣସି ଶିଳ୍ପ ପ୍ରତିଷ୍ଠାନ କରିନାହାନ୍ତି ସେମାନଙ୍କ ତାଲିକା ଖୁବ୍‌ଶୀଘ୍ର କରାଯିବ। ରାଜ୍ୟ ସରକାର ସେହି ଶିଳ୍ପସଂସ୍ଥାଗୁଡିକଠାରୁ ଖୁବ୍‌ଶୀଘ୍ର ଜମି ଫେରସ୍ତ ଆଣିବେ। ଏହାସହ ରାଜ୍ୟରେ ଆବଶ୍ୟକ ଠାରୁ ଅଧିକ ଜମି ନେଇ ଯେଉଁମାନେ ବ୍ୟବହାର ନ କରି ପକାଇ ରଖିଛନ୍ତି ସେମାନଙ୍କଠାରୁ ମଧ୍ୟ ବଳକା ଜମି ଫେରାଇ ଅଣାଯିବ। ଆସନ୍ତା ୨ ମାସ ମଧ୍ୟରେ ସେହିପରି ଯେଉଁ ଶିଳ୍ପସଂସ୍ଥା ରହିଛନ୍ତି ସେମାନଙ୍କ ତାଲିକା ପ୍ରସ୍ତୁତ କରିବା ଲାଗି ସବୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇସାରିଛି ବୋଲି ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି।

ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ପୂଜାରୀ କହିଛନ୍ତି, ପୁନର୍ବାସ ଓ ଥଇଥାନକୁ ନେଇ ଗୃହ କମିଟିର ଦ୍ୱିତୀୟ ବୈଠକ ବୁଧବାର ଅନୁଷ୍ଠିତ ହୋଇଥିବା ବେଳେ ଉପବାଚସ୍ପତି ଏହାର ଅଧ୍ୟକ୍ଷତା କରିଛନ୍ତି। ବିଭିନ୍ନ ବିଭାଗ ଦ୍ୱାରା ପ୍ରକଳ୍ପ କାର୍ଯ୍ୟକୁ ନେଇ ଜମି ଅଧିଗ୍ରହଣ କରାଯାଇଥାଏ। ୨୦୦୬ର ଆର୍‌ଏନ୍‌ଆର୍ ପଲିସିକୁ ନୂଆ ରୂପ ଦେବା ଉପରେ ଆଲୋଚନା କରାଯାଇଛି। ଏହି ସମୟ ମଧ୍ୟରେ ବହୁ ସମୟ ଅତିକ୍ରମ କରିବା ସଙ୍ଗେ ସଙ୍ଗେ ବହୁ କିଛି ପରିବର୍ତ୍ତନ ହେଲାଣି। ତେଣୁ ସମୟ ଉପଯୋଗୀ ଆର୍‌ଏନ୍‌ଆର୍ ପଲିସି ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ହୋଇଛି। ପୁନର୍ବାସ ଓ ଥଇଥାନ ସମ୍ପର୍କରେ ଆଲୋଚନା କରିବା ଲାଗି ୫ଟି ସବ୍ କମିଟି ଗଠନ ହେବ। ରାଜସ୍ୱ ଓ ଶିଳ୍ପ ବିଭାଗକୁ କୁହାଯାଇଛି ଜମି ଅଧିଗ୍ରହଣ ଆକ୍ଟଠାରୁ ଆରମ୍ଭକରି ବାକି ଆନୁଷଙ୍ଗିକ ନିୟମାବଳୀ ଯାହା ରହିଛି ସେଥିରେ ସଂଶୋଧନର ଆବଶ୍ୟକତା ରହିଥିଲେ ୨ ମାସ ମଧ୍ୟରେ ତାହାର ସଂଶୋଧନ ପ୍ରସ୍ତାବ ଆଣିବେ। ଓଡ଼ିଶାରେ ଘରୋଇ ଶିକ୍ଷାନୁଷ୍ଠାନଗୁଡିକ ଶିଳ୍ପ ପ୍ରତିଷ୍ଠା ନାଁରେ ଆବଶ୍ୟକତାଠାରୁ ଅଧିକ ଜମି ନେଇଛନ୍ତି। ସେହି ଜମିକୁ ୧୦ରୁ ୧୫ ବର୍ଷ ଅତିକ୍ରମ ହେଇଯାଇଥିଲେ ମଧ୍ୟ ସମ୍ପୂର୍ଣ୍ଣ ବ୍ୟବହାର କରିପାରିନାହାନ୍ତି। ଗୁଡିଏ ଶିକ୍ଷାନୁଷ୍ଠାନ ଶିଳ୍ପ କରିବାକୁ ଜମି ନେଇଥିଲେ ମଧ୍ୟ ୫ ବର୍ଷ ହେବ ସେମାନେ କିଛି କରିପାରିନାହାନ୍ତି। ଶିଳ୍ପ ଏବଂ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି ସେମାନେ ମିଳିତ ଭାବେ ସବୁ ଜିଲାପାଳଙ୍କୁ ଚିଠି କରିବେ। ସେମାନେ ଜିଲାପାଳମାନଙ୍କୁ ପଚାରିବେ ସେମାନଙ୍କ ଜିଲାରେ କେତେ ଶିଳ୍ପସଂସ୍ଥା ଜମି ନେଇଛନ୍ତି ଆଉ ଆଦୌ ବ୍ୟବହାର କରିନାହାନ୍ତି। ଆଉ କେତେ ଶିଳ୍ପସଂସ୍ଥା ଜମି ନେଇ ସେଥିରୁ ଅଧା ଜମି ବ୍ୟବହାର କରି ଅଯଥାରେ ଆଉ ଅଧା ଜମି ପକାଇ ଅପବ୍ୟବହାର କରୁଛନ୍ତି ତା'ର ତାଲିକା ପ୍ରସ୍ତୁତ କରି ପ୍ରଦାନ କରିବେ। ସେହି ଜମିକୁ ଫେରସ୍ତ ଆଣିବା ଲାଗି ଯାହା ଆଇନ ରହିଛି ସରକାର ସେହି ବାଟରେ ଯିବେ। ଓଡ଼ିଶାରେ ୧୫୪ଟି ନୂଆ ଏମ୍‌ଓୟୁ ସ୍ୱାକ୍ଷର ହୋଇଛି। ସେମାନେ ଏଠାରେ ପୁଞ୍ଜିନିବେଶ କରିବେ। ତେଣୁ ପର୍ଯ୍ୟାପ୍ତ ଜମି ନ ହେଲେ ଶିଳ୍ପ କେମିତି ପ୍ରତିଷ୍ଠା ହେବ। ଯେଉଁ ନୂଆ ନିବେଶକାରୀ ଆସିବେ ସେମାନଙ୍କୁ ଜମି, ପାଣି, ସଂଯୋଗୀକରଣ, ବିଜୁଳି ଦରକାର। ତେଣୁ ସେମାନେ ଆସିଲେ ଯେମିତି ଭିନ୍ନ ଭିନ୍ନ ବିଭାଗକୁ ନ ଯାଇ ଗୋଟିଏ ଜାଗାରେ ସବୁ କାମ କରିପାରିବେ ତା' ଉପରେ ଆଲୋଚନା ହୋଇଛି। ଯେଉଁ ନୂଆ ଶିଳ୍ପ ପ୍ରତିଷ୍ଠା ହେବ ସେଥିରେ ସ୍ଥାନୀୟ ଯୁବତୀଯୁବକ କିପରି ନିଯୁକ୍ତି ପାଇବେ ଏବଂ ରାଜ୍ୟରୁ ବେକାରି ସମସ୍ୟା ଦୂରହୋଇପାରିବ ସେ ବାବଦରେ କେଉଁ ଆଇନ ତିଆରି କରାଯାଇପାରିବ ଏନେଇ ଅନ୍ୟ ରାଜ୍ୟଗୁଡିକରେ କେଉଁ ରାସ୍ତା ଆପଣାଉଛନ୍ତି ତା'ର ତର୍ଜମା କରାଯିବ।

C. V. Raman Global University
ODISHA BHUBANESWAR INDIA
www.cgu-odisha.ac.in
CGU ODISHA
Home Grown World Class



FOR ADMISSION PROCESS AND WEB-BASED COUNSELLING
candidates are advised to register themselves through
www.cgu-odisha.ac.in
Apply ONLINE Now
(For UG, PG and Ph.D.Programs)
No Application Fee/No Exam Fee
Ranked among Top 100 Engineering Institution in India since last 09 years by NIRF (National Institutional Ranking Framework), MHRD, Govt. of India

Engineering & Technology

UG PROGRAMS :
- Computer Science (CSE, CS &IT, CS (AI & ML), CSE (Data Sc.), IoT & Cyber Security, Robotics & AI, AI & Data Sc.
- Chemical Engg.
- Civil Engg.
- Electrical Engg.
- Electronics & Commun. Engg.
- Mechanical Engg.
- BCA (Bachelor of Computer Applications)

PG PROGRAMS :
- Compuer Science & Engg.
- Chemical Engg.
- Civil Engg.
- Electrical Engg.
- Mechatronics Engg.
- Electronics & Commun. Engg. (Signal Processing & Commun.)
- Heat Power Engg.
- M.Sc in Computer Science
- MCA (Master of Computer Applications)

Ph.D. (DOCTORAL) PROGRAMS
- CSE
- Chemical Engg.
- Civil Engg.
- Electrical Engg.
- ECE
- Mechanical Engg.
- Marine Engg.

MARINE ENGINEERING
- B. Tech
- GME
- GP Rating
- High Voltage
- STCW
- CCMC

DIPLOMA ENGINEERING
- Comp. Sc.
- Civil
- Electrical
- Mechanical
- Electronics & Telecom.

Tourism and Hospitality
- B.Sc in Hotel & Hospitality Admin.
- Bachelor of Hotel Management & Catering Technology (BHMCT)
- M.Sc. in Hotel Administration
- Ph.D. in Tourism & Hospitality
- Diploma in Hotel Management
- Certificate Course in : Bakery & Patisserie, Food production

Pharmacy
- Diploma in Pharmacy
- Bachelor of Pharmacy
- Bachelor of Pharmacy (LE)
- Ph.D. in Pharmacy

Forensic Sciences
- B.Sc. in Forensic Sciences
- M.Sc. in Forensic Sciences
- Certificates courses -
  - Finger Print & Question Document
  - Forensic Auditing & Accounting
  - Crime Scene Management
  - Digital Forensics

Management and Law
- BBA (Bachelor in Business Administration)
- MBA (Master in Business Administration )
- Ph.D. in Business Management

Humanities and Social Sc.
- M.A. in English
- Ph.D. in English

Physical & Mathematical Sc
- M. Sc. in : Applied Mathematics & Computing, Chemistry, Physics
- Ph.D. in : Physics, Chemistry, Mathematics

Agriculture and Allied Sc
- B.Sc. in Agriculture
- M.Sc in - Zoology, Botany, Bio-tech


Scan the code to APPLY Now

CONTACT
CAMPUS :
C. V. Raman Global University
Bidyanagar, Mahura, Janla, Bhubaneswar
Odisha, INDIA. Pin - 752054
0674-6636555 +91-9040021102
+91-9040021100 / 101 / 102 / 103
admission@cgu-odisha.ac.in

# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ଗୁରୁବାର, ମେ ୧୫/୨୦୨୫ | Bhubaneswar, Thursday, May 15/2025 | ପୃଷ୍ଠା-୧

**ହର୍ଷବର୍ଦ୍ଧନ ଶ୍ରେଷ୍ଠ ଲିଫ୍ଟର**

ବିହାରରରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ଯୁଥ୍ ଗେମ୍ସର ପୁରୁଷ ବର୍ଗ ଭାରୋତ୍ତୋଳନରେ ଓଡ଼ିଶାର ହର୍ଷବର୍ଦ୍ଧନ ସାହୁ ଶ୍ରେଷ୍ଠ ଲିଫ୍ଟର ବିବେଚିତ ହୋଇଛନ୍ତି।

୧୨

୦୯

**ଆମୀରଙ୍କ ଫିଲ୍ମକୁ ଟ୍ରୋଲ୍**

ଅଭିନେତା ଆମୀର ଖାନ୍‌ଙ୍କ ଆଗାମୀ ଫିଲ୍ମ 'ସୀତାରେ ଜମିନ ପର୍'ର ଟ୍ରେଲରରେ ଅଧିକାଂଶ ଦୃଶ୍ୟ ହଲିଉଡ୍ ଫିଲ୍ମ 'ଚାମ୍ପିୟନ୍ସ' ସହ ମେଳ ଖାଉଥିବା କହି ଅନେକେ ଟ୍ରୋଲ୍ କରିଛନ୍ତି।





ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରୁ ବୁଧବାର ସକାଳୁ ବାହାରିଥିବା 'ତ୍ରିରଙ୍ଗା ଯାତ୍ରା'ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମୁକେଶ ମହାଲିଙ୍ଗ ପ୍ରମୁଖ ସାମିଲ ହୋଇଛନ୍ତି। (ରିପୋର୍ଟ: ପୃଷ୍ଠା-୨)

# ଉଚ୍ଚଶିକ୍ଷାରେ ଏସ୍‌ଇବିସିଙ୍କୁ ୧୧.୨୫% ସଂରକ୍ଷଣ

**ରାଜ୍ୟରେ ସାମାଜିକ ଓ ଅର୍ଥନୈତିକ ଭାବେ ପଛୁଆବର୍ଗ (ଏସ୍‌ଇବିସି)ଙ୍କୁ କିଭଳି ଉଚ୍ଚଶିକ୍ଷା କ୍ଷେତ୍ରରେ ସୁବିଧା ସୁଯୋଗ ମିଳିବ, ତାହାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ଏସ୍‌ଇବିସି ବର୍ଗଙ୍କ ଲାଗି ନୂଆ ସଂରକ୍ଷଣ ନୀତି ଲାଗୁ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ତଦନୁଯାୟୀ ଏହି ବର୍ଗଙ୍କ ପାଇଁ ଉଚ୍ଚଶିକ୍ଷା କ୍ଷେତ୍ରରେ ୧୧.୨୫% ଆସନ ସଂରକ୍ଷଣ ରହିବ। ଏହାସହ ଆଉ ୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ ମିଳିଛି।**

ଭୁବନେଶ୍ୱର,୧୪।୫ (ରବିନାରାୟଣ ଜେନା)

ଲୋକସେବା ଭବନରେ ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ନୂଆ ଆରକ୍ଷଣ ନୀତି ଅନୁସାରେ ସାମାଜିକ ଓ ଅର୍ଥନୈତିକ ଭାବେ ପଛୁଆବର୍ଗ ଛାତ୍ରୀଛାତ୍ରଙ୍କ ପାଇଁ ଉଚ୍ଚଶିକ୍ଷା ନାମଲେଖାରେ ଏଣିକି ୧୧.୨୫% ଆସନ ସଂରକ୍ଷଣ ଲାଗୁ କରାଯିବ। ଏହି ନୀତି ଚଳିତ ଶିକ୍ଷାବର୍ଷ ୨୦୨୫-୨୬ରୁ ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟ, ସରକାରୀ ଓ ଅନୁଦାନପ୍ରାପ୍ତ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ପ୍ରଚଳନ କରାଯିବ। ଏହି ସଂରକ୍ଷଣ ବ୍ୟବସ୍ଥା ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସ୍ନାତକ, ସ୍ନାତକୋତ୍ତର, ଶିକ୍ଷକ ଶିକ୍ଷା ଓ ଆଇନ ପାଠ୍ୟକ୍ରମ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଉଚ୍ଚ ମାଧ୍ୟମିକ(+୨), ଶିକ୍ଷକ ଶିକ୍ଷା ଓ ବୃତ୍ତିମୂଳକ ପାଠ୍ୟକ୍ରମ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରଦର୍ଶନ କଳାରେ ସ୍ନାତକ ପାଠ୍ୟକ୍ରମ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ବିପିଏଡ୍/ଏମ୍‌ପିଏଡ୍ ପାଠ୍ୟକ୍ରମରେ ଲାଗୁ କରାଯିବ। ଏହାସହ ଏହି ଅନୁଷ୍ଠାନଗୁଡ଼ିକରେ ଅନୁସୂଚିତ ଜନଜାତି ବର୍ଗର ଛାତ୍ରୀଛାତ୍ରଙ୍କ ଲାଗି ୨୨.୫%, ଅନୁସୂଚିତ ଜାତି ବର୍ଗର ଛାତ୍ରୀଛାତ୍ରଙ୍କ ନିମନ୍ତେ ୧୬.୨୫%, ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ପାଇଁ ୫% ଓ ପୂର୍ବତନ ସେନା ପରିବାର ସଦସ୍ୟଙ୍କ ଲାଗି ୧ ପ୍ରତିଶତ ଆସନ ସଂରକ୍ଷଣ ପୂର୍ବଭଳି ବଳବତ୍ତର ରହିବ। ଜାତୀୟ ଶିକ୍ଷାନୀତି(ଏନ୍‌ଇପି)-୨୦୨୦କୁ ଦୃଷ୍ଟିରେ ରଖି ନିଆଯାଇଥିବା ଏହି ପଦକ୍ଷେପ ଏସ୍‌ଇବିସି ଛାତ୍ରୀଛାତ୍ରଙ୍କ ଶିକ୍ଷା ଓ ଚାକିରିରେ ଅଂଶଗ୍ରହଣକୁ ସୁଦୃଢ଼ କରାଯାଇପାରିବ।

**ରାଜ୍ୟ କ୍ୟାବିନେଟ୍‌ର ନିଷ୍ପତ୍ତି**

## କନ୍ୟାସନ୍ତାନ ପାଇଁ ମା'ଙ୍କୁ ମିଳିବ ୧୨ ହଜାର

**ମମତା-ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନାର ମିଶ୍ରଣ**

ରାଜ୍ୟ ସରକାର ମମତା ଓ ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନା(ମମତା-ପିଏମ୍ଏମ୍‌ଭିୱାଇ)କୁ ଏକୀକୃତ କରିଛନ୍ତି। ବୁଧବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ଏନେଇ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ବୈଠକ ପରେ ମୁଖ୍ୟମନ୍ତ୍ରୀ ଖବରଦାତା ସମ୍ମିଳନୀରେ କହିଛନ୍ତି, ରାଜ୍ୟ ସରକାର ମିଳିତ ମମତା ଓ ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନାକୁ ପିଛିଲା ଭାବେ ଏପ୍ରିଲ ପହିଲାରୁ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ଯୋଜନାକୁ ମମତା-ପିଏମ୍ଏମ୍‌ଭିୱାଇ ଭାବରେ ନାମିତ କରାଯିବ। ଆଗରୁ ମମତା ଯୋଜନାରେ କନ୍ୟାସନ୍ତାନ ଜନ୍ମହେଲେ ମା'ମାନେ ୧୦,୦୦୦ ଟଙ୍କା ପ୍ରୋତ୍ସାହନ ରାଶି ପାଉଥିଲେ। ବର୍ତ୍ତମାନ ମମତା-ପିଏମ୍ଏମ୍‌ଭିୱାଇରେ ୧୨,୦୦୦ ଟଙ୍କା ପାଇବେ। ମାତ୍ର ପୁଅ ଜନ୍ମହେଲେ ମା'ମାନେ ଯେଉଁ ୧୦,୦୦୦ ପାଉଥିଲେ ଏବେ ମମତା-ପିଏମ୍ଏମ୍‌ଭିୱାଇରେ ସେହି ସମାନ ରାଶି ପାଇବେ। କିନ୍ତୁ ପିଭିଟିଜି ସମ୍ପ୍ରଦାୟର ମହିଳାମାନଙ୍କୁ ପ୍ରଥମ ଦୁଇଟି ସନ୍ତାନ ପରେ ମଧ୍ୟ ଝିଅ ଜନ୍ମ ପାଇଁ ୧୨,୦୦୦ ଓ ପୁଅ ଜନ୍ମକଲେ ୧୦,୦୦୦ ଟଙ୍କା ପ୍ରଦାନ କରାଯିବ।

ଅନ୍ୟପକ୍ଷରେ ପୂର୍ବରୁ ମମତା'ରେ ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ ପ୍ରୋତ୍ସାହନ ରାଶି ବାବଦରେ ଯଥାକ୍ରମେ ୨୦୦ ଓ ୧୦୦ ଟଙ୍କା ପାଉଥିବାବେଳେ ବର୍ତ୍ତମାନ ମମତା-ପିଏମ୍ଏମ୍‌ଭିୱାଇରେ ୨୫୦ ଏବଂ ୧୫୦ ଟଙ୍କା ପାଇବେ। ଭାରତ ସରକାରଙ୍କ ମମତା-ପିଏମ୍ଏମ୍‌ଭିୱାଇର ଯୋଗ୍ୟତା ମାନଦଣ୍ଡ ମମତା-ପିଏମ୍ଏମ୍‌ଭିୱାଇ ଯୋଜନାରେ ଲାଗୁହେବ। ଆସନ୍ତା ୫ ବର୍ଷରେ ଏହି ମିଶ୍ରିତ ଯୋଜନାରେ ୨,୬୭୦ କୋଟି ଟଙ୍କା ଖର୍ଚ୍ଚହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

# ଅରୁଣାଚଳର ୨୭ ସ୍ଥାନ ନାଁ ବଦଳାଇଲା ଚାଇନା

**ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଭାରତ-ପାକିସ୍ତାନ ମୁହାଁମୁହିଁ ହୋଇ ସୀମାରେ ଉତ୍ତେଜନା ଲାଗି ରହିଥିବାବେଳେ ପଡ଼ୋଶୀ ଚାଇନା ସମସ୍ତଙ୍କ ଧ୍ୟାନ ଆଢୁଆଳରେ ଭାରତ ବିରୋଧରେ ଆଉ ଏକ କାରସାଦି କରିଛି। ପାକିସ୍ତାନକୁ ଖୋଲା ସମର୍ଥନ କରି ସାମରିକ ସହାୟତା ଦେଇଥିବା ଚାଇନା ମେ' ୧୧ରେ ଭାରତର ଅରୁଣାଚଳ ପ୍ରଦେଶର ଆଉ ୨୭ ସ୍ଥାନର ନୂତନ ନାମକରଣ କରିଛି। ଅରୁଣାଚଳକୁ ନିଜ ଭୂଖଣ୍ଡ 'ଜାଙ୍ଗ୍‌ନାନ୍' ବା 'ଦକ୍ଷିଣ ତିବ୍ବତ' ବୋଲି ଦାବି କରିଆସୁଥିବା ଚାଇନା ଏହି ୨୭ ସ୍ଥାନରେ ଆଧିପତ୍ୟ ବିସ୍ତାର ପାଇଁ ଉଦ୍ୟମ କରିଛି। ସେହି ସ୍ଥାନଗୁଡ଼ିକ ମଧ୍ୟରେ ରହିଛି ୧୫ ପର୍ବତ, ୪ ଗିରିଶୃଙ୍ଗ ପଥ, ୨ ନଦୀ ଓ ୫ ବସତି। ପ୍ରତ୍ୟେକ ସ୍ଥାନକୁ ନିଜ ହାଇ-ରିଜୋଲ୍ୟୁଶନ୍ ମାନଚିତ୍ରରେ ସ୍ଥାନିତ କରି ମାଣ୍ଡାରିନ୍, ତିବ୍ବତୀୟ ଓ ପିନିନ୍ ଭାଷାରେ ଲିପିବଦ୍ଧ କରିଛି। ଅନ୍ୟପକ୍ଷେ ଚାଇନାର ଏହି ସଦ୍ୟ ପଦକ୍ଷେପକୁ ଭାରତ ଦୃଢ଼ ବିରୋଧ କରିଛି। ଏହା ଚାଇନାର ଏକ ନିଷ୍ଫଳ ଓ ନିରର୍ଥକ ଉଦ୍ୟମ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ଜାରି ଏକ ବିବୃତିରେ ପ୍ରତ୍ୟାଖ୍ୟାନ କରାଯାଇଛି। ଅରୁଣାଚଳ ପ୍ରଦେଶ ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ, ଯାହାକୁ ନୂଆ ନାମ ଦେଇଦେବା ଦ୍ୱାରା ବାସ୍ତବ ସ୍ଥିତିରେ କିଛି ପରିବର୍ତ୍ତନ ଆସିବ ନାହିଁ ବୋଲି ମନ୍ତ୍ରଣାଳୟ କହିଛି। ୨୦୧୭ ପରଠୁ ଏହା ହେଉଛି ଚାଇନାର ଏହି ଧରଣର ପଞ୍ଚମ ଅପଚେଷ୍ଟା। ପୂର୍ବରୁ ୨୦୧୭, ୨୦୨୧, ୨୦୨୩ ଓ ୨୦୨୪ରେ ମଧ୍ୟ ଚାଇନା ଅରୁଣାଚଳ ପ୍ରଦେଶର କିଛି ଅଂଶକୁ ନିଜର ଦାବିକରି ସେଗୁଡ଼ିକର ନାମ ବଦଳାଇ ଦେଇଥିଲା, ଯାହାକୁ ଅଦ୍ୟାବଧି ନୂଆଦିଲ୍ଲୀ କଡ଼ା ବିରୋଧ କରିଆସିଥିବାବେଳେ ଅନ୍ତର୍ଜାତୀୟ ସ୍ୱୀକୃତି ମିଳିନାହିଁ।**

ନୂଆଦିଲ୍ଲୀ,୧୪।୫

ଅରୁଣାଚଳ ପ୍ରଦେଶର କିଛି ଅଂଶକୁ ଚାଇନା ଦକ୍ଷିଣ ତିବ୍ବତର ଅଙ୍ଗ ଭାବେ ଅଭିହିତ କରି ସେଗୁଡ଼ିକୁ ନିଜ ମ୍ୟାପ୍‌ରେ ସ୍ଥାନ ଦେଇଛି। ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣବୀର ଜୟସ୍ୱାଲ ବୁଧବାର ଏନେଇ ଏକ ପ୍ରେସ୍ ବ୍ରିଫିଙ୍ଗ୍‌ରେ କହିଛନ୍ତି, ଚାଇନା ଭାରତୀୟ ରାଜ୍ୟ ଅରୁଣାଚଳ ପ୍ରଦେଶର କିଛି ସ୍ଥାନକୁ ନିଜର ଦାବି କରିବା ନେଇ ବୃଥା ଓ ନିରର୍ଥକ ଉଦ୍ୟମ ଜାରି ରଖିଛି। ଆମ ସିଦ୍ଧାନ୍ତ ଆଧାରିତ ଆଭିମୁଖ୍ୟକୁ ବଳବତ୍ତର ରଖି ଆମେ ଏପରି ଉଦ୍ୟମକୁ ଦୃଢ଼ ବିରୋଧ କରୁଛୁ। ନାମକରଣ ଦ୍ୱାରା ଅରୁଣାଚଳ ପ୍ରଦେଶର ଅବିଚ୍ଛେଦ୍ୟ ବାସ୍ତବତାକୁ ବଦଳାଯାଇପାରିବ ନାହିଁ। ଅରୁଣାଚଳ ସବୁବେଳେ ଭାରତର ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହିବ।

### ନାମ ପରିବର୍ତ୍ତନରେ ବାସ୍ତବତା ବଦଳି ନ ଥାଏ: ଭାରତ

ଅରୁଣାଚଳକୁ ନିଜ ଭୂଖଣ୍ଡର ଏକ ଅଂଶ ବୋଲି ଦାବି କରୁଥିବା ଚାଇନା ବିଭିନ୍ନ ସମୟରେ ଏହି ଉତ୍ତର-ପୂର୍ବ ଭାରତୀୟ ରାଜ୍ୟର ଅନେକ ସ୍ଥାନର ନାମ ବଦଳାଇ ନିଜ ମାନଚିତ୍ରରେ ସ୍ଥାନିତ କରିସାରିଛି। ୨୦୨୪ରେ ଚାଇନା ଅରୁଣାଚଳର ୩୦ ସ୍ଥାନର ନାମ ବଦଳାଇଦେଇଥିଲା, ଯାହାକୁ ଭାରତ ପ୍ରତ୍ୟାଖ୍ୟାନ କରିଥିଲା। ଅରୁଣାଚଳକୁ ନେଇ ଭାରତ-ଚାଇନା ସୀମା ବିବାଦ ବହୁ ପୁରୁଣା। ଚାଇନାର ସ୍ୱୟଂଶାସିତ ଅଞ୍ଚଳ ତିବ୍ବତ ସୀମାକୁ ଲାଗି ରହିଥିବା ଉକ୍ତ ଅଞ୍ଚଳକୁ ବେଜିଂ ତିବ୍ବତର ଏକ କ୍ଷେତ୍ର ବୋଲି କହୁଥିବାବେଳେ ନୂଆଦିଲ୍ଲୀ ୧୯୪୭ ମସିହାରେ ଦେଶ ସ୍ୱାଧୀନତା ପରଠାରୁ ଏହାକୁ ଭାରତର ବୋଲି ଦାବି କରିଥାଏ। ଗତ କିଛି ବର୍ଷ ହେଲା ଅରୁଣାଚଳକୁ ନେଇ କ୍ଷେତ୍ରିୟ ବିବାଦ ସହ ଏହି ଅଞ୍ଚଳରେ ଜଳ ଉତ୍ସ ସମ୍ପର୍କିତ ବିବାଦ ଯୋଡ଼ିହୋଇ ଯାଇଛି। କାରଣ ଚାଇନା ଏହି ଅଞ୍ଚଳରେ ପ୍ରବାହିତ ୟାରଲୁଙ୍ଗ୍ ସାଙ୍ଗ୍‌ପୋ ନଦୀ ଉପରେ ବିଶ୍ୱର ସର୍ବବୃହତ୍ ଜଳବିଦ୍ୟୁତ୍ ନଦୀବନ୍ଧ ପ୍ରକଳ୍ପ ନିର୍ମାଣ କରୁଛି। ତିବ୍ବତର ମେଡୋଗ୍ କାଉଣ୍ଟିରୁ ପ୍ରବାହିତ ଏହି ନଦୀ ଭାରତକୁ ପ୍ରବେଶ କରିବା ପରେ ଏହାକୁ ସିଆଙ୍ଗ୍ କୁହାଯାଏ। ଆସାମରେ ଏହା ଭାରତର ବ୍ରହ୍ମପୁତ୍ର ନଦୀ ନାମରେ ପରିଚିତ। ଏମ୍‌ପି ତଥା ଅରୁଣାଚଳ ପ୍ରଦେଶ ଭାଜପା ସଭାପତି ତାପିର ଗାଓ ଚାଇନାର ଏହି ପ୍ରୋଜେକ୍ଟକୁ ଗତମାସରେ ଏକ 'ଜଳ ବୋମା' ବୋଲି ଅଭିହିତ କରିଥିଲେ। ୬୦,୦୦୦ ମେଗାୱାଟ୍ ଶକ୍ତି ଉତ୍ପାଦନ ଲକ୍ଷ୍ୟ ରଖି ଡ୍ୟାମ୍ ନିର୍ମାଣ ନିଷ୍ପତ୍ତି ନେଇଥିବା ଚାଇନା ଏହାକୁ ଭାରତ ବିରୋଧରେ 'ୱାଟର ବମ୍' ରୂପେ ବ୍ୟବହାର କରିପାରେ ବୋଲି ସେ ଆଶଙ୍କା ବ୍ୟକ୍ତ କରିଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୦୦ ଜୁନ୍‌ରେ ଚାଇନା ୟାରଲୁଙ୍ଗ୍ ସାଙ୍ଗ୍‌ପୋ ନଦୀରୁ ପାଣି ଛାଡ଼ିଦେବାରୁ ତଳମୁଣ୍ଡରେ ଥିବା ଅରୁଣାଚଳ ପ୍ରଦେଶରେ ବଡ଼ ବନ୍ୟା ସୃଷ୍ଟି ହୋଇ ବିପର୍ଯ୍ୟୟର କାରଣ ସାଜିଥିଲା। ଯଦି ଚାଇନା ଭବିଷ୍ୟତରେ ଏହି ନଦୀରୁ ପାଣି ଛାଡ଼ିଦିଏ, ତେବେ ଅରୁଣାଚଳ ସହ ଆସାମ ଓ ବାଂଲାଦେଶ ଭଳି ଆଉ କିଛି ଦକ୍ଷିଣ-ପୂର୍ବ ଏସୀୟ ରାଷ୍ଟ୍ର ପ୍ରଭାବିତ ହେବେ ବୋଲି ତାପିର ସତର୍କ କରାଇଥିଲେ।

## ଡ୍ରୋନ୍‌କିଲର 'ଭାର୍ଗବାସ୍ତ୍ର'





### ଗୋଲାବନ୍ଧରେ ହେଲା ପରୀକ୍ଷଣ

ବ୍ରହ୍ମପୁର,୧୪।୫ (ସୁବାସ ଚନ୍ଦ୍ର ପାଢ଼ୀ)

ଡ୍ରୋନ୍ ଜରିଆରେ ହେଉଥିବା ଆକ୍ରମଣକୁ ରୋକିବା ପାଇଁ 'ଭାର୍ଗବାସ୍ତ୍ର' ନାମରେ ଏକ କାଉଣ୍ଟର୍ ଆଟାକ ସିଷ୍ଟମ ତିଆରି କରାଯାଇଛି। ଗଞ୍ଜାମ ଜିଲାର ଗୋଲାବନ୍ଧ ଆର୍ମି ଏୟାର ଡିଫେନ୍ସ କଲେଜ ପରିସରରେ ଥିବା ଫାୟାରିଂ ରେଞ୍ଜରେ ଏହାର ସଫଳ ପରୀକ୍ଷଣ କରାଯାଇଛି। ସୋଲାର୍ ଡିଫେନ୍ସ ଆଣ୍ଡ୍ ଏରୋସ୍ପେସ୍ ଲିମିଟେଟ (ଏସ୍‌ଡିଏଲ) ଦ୍ୱାରା ଏହା ପ୍ରସ୍ତୁତ କରାଯାଇଛି। ଡ୍ରୋନ ଆକ୍ରମଣକୁ ରୋକିବା ପାଇଁ ଏହି ସିଷ୍ଟମ ତିଆରି କରାଯାଇଛି। ଯାହାକି ଭାରତୀୟ ସେନା ପାଇଁ ବେଶ ଉପଯୋଗୀ ସାବ୍ୟସ୍ତ ହେବ ବୋଲି କୁହାଯାଉଛି। ଏହି ସିଷ୍ଟମ୍‌ରେ ମାଇକ୍ରୋ ରକେଟ ଟେକ୍ନୋଲୋଜି ବ୍ୟବହାର କରାଯାଇଛି, ଯାହାକି ଏକାଧିକ ଡ୍ରୋନ୍‌କୁ ଲକ୍ଷ୍ୟ କରି ନଷ୍ଟ କରିବାର କ୍ଷମତା ରଖିଛି। ପରୀକ୍ଷଣ ସମୟରେ 'ଭାର୍ଗବାସ୍ତ୍ର' ୧.୫ କି.ମି. ରେଞ୍ଜ ଦୂରତା ଓ ୪୦୦ ମିଟର୍ ଉଚ୍ଚତାରେ ଥିବା ଲକ୍ଷ୍ୟକୁ ଭେଦ କରିପାରିଛି। ସେନା ବାହିନୀର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ମୋଟ ୩ଟି ପର୍ଯ୍ୟାୟରେ ଏହାର ପରୀକ୍ଷଣ କରାଯାଇଥିଲା।

# ପ୍ରଧାନ ବିଚାରପତି ଭାବେ ଶପଥନେଲେ ଜଷ୍ଟିସ୍ ଗଭାଇ

ନୂଆଦିଲ୍ଲୀ, ୧୪।୫

ଜଷ୍ଟିସ୍ ଭୂଷଣ ରାମକୃଷ୍ଣ ଗଭାଇ ବୁଧବାର ଭାରତର ୫୨ତମ ପ୍ରଧାନ ବିଚାରପତି (ସିଜେଆଇ) ଭାବେ ଶପଥ ନେଇଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ଶପଥ ପାଠ କରାଇଛନ୍ତି। ଆସନ୍ତା ନଭେମ୍ବର ୨୩ ପର୍ଯ୍ୟନ୍ତ ସିଜେଆଇ ଭାବେ ତାଙ୍କର କାର୍ଯ୍ୟକାଳ ରହିଛି। ରାଷ୍ଟ୍ରପତି ଭବନରେ ଗଭାଇଙ୍କ ଶପଥ ଗ୍ରହଣ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ଉପ ରାଷ୍ଟ୍ରପତି ଜଗଦୀପ ଧନକର, ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପୂର୍ବତନ ସିଜେଆଇ ସଞ୍ଜୀବ ଖାନ୍ନାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଜଷ୍ଟିସ୍ ବି. ଆର୍ ଗଭାଇ ଜଷ୍ଟିସ୍ ସଞ୍ଜୀବ ଖାନ୍ନାଙ୍କ ସ୍ଥାନରେ ପ୍ରଧାନ ବିଚାରପତି ହୋଇଛନ୍ତି। ଜଷ୍ଟିର ଖାନ୍ନା ମଙ୍ଗଳବାର ଅବସର ଗ୍ରହଣ କରିଥିଲେ। ଗତ ୩୦ ତାରିଖରେ ଭାରତର ୫୨ତମ ସିଜେଆଇ ଭାବେ ଜଷ୍ଟିସ୍ ଗଭାଇଙ୍କ ନିଯୁକ୍ତି ସମ୍ପର୍କରେ ଆଇନ ମନ୍ତ୍ରଣାଳୟ ବିଜ୍ଞପ୍ତି ଜାରି କରିଥିଲା। ଗତ ୧୬ରେ ତତ୍କାଳୀନ ସିଜେଆଇ ଜଷ୍ଟିସ୍ ଖାନ୍ନା ଜଷ୍ଟିସ୍ ଗଭାଇଙ୍କ ନାମକୁ ପରବର୍ତ୍ତୀ ସିଜେଆଇ ଭାବେ କେନ୍ଦ୍ର ସରକାରଙ୍କୁ ସୁପାରିଶ କରିଥିଲେ।

ଜଷ୍ଟିସ୍ ବି. ଆର୍ ଗଭାଇ ୧୯୮୫ରେ ଓକିଲାତି ଆରମ୍ଭ କରିଥିଲେ। ୨୦୦୩ ନଭେମ୍ବର ୧୪ରେ ସେ ବମ୍ବେ ହାଇକୋର୍ଟର ଅତିରିକ୍ତ ବିଚାରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ୨୦୦୫ ନଭେମ୍ବର ୧୨ରୁ ସେ ସ୍ଥାୟୀ ବିଚାରପତି ଭାବେ ନିଯୁକ୍ତ ହୋଇଥିଲେ। ୨୦୧୯ ମେ' ୨୪ରେ ତାଙ୍କୁ ସୁପ୍ରିମକୋର୍ଟର ବିଚାରପତି ଭାବେ ନିଯୁକ୍ତ କରାଯାଇଥିଲା। ସୁପ୍ରିମକୋର୍ଟଙ୍କ ଅନେକ ଗୁରୁତ୍ୱପୂର୍ଣ୍ଣ ସାମ୍ବିଧାନିକ ଖଣ୍ଡପୀଠରେ ସେ ଅଂଶ ଥିଲେ। ଜଷ୍ଟିସ୍ ଗଭାଇ ଦେଶର ଦ୍ୱିତୀୟ ଦଳିତ ପ୍ରଧାନ ବିଚାରପତି ଭାବେ ଶପଥ ନେଇଛନ୍ତି। ତାଙ୍କ ପୂର୍ବରୁ ଜଷ୍ଟିସ୍ କେ.ଜି. ବାଲାକ୍ରିଷ୍ଣନ୍ ୨୦୦୭ରୁ ୨୦୧୦ ପର୍ଯ୍ୟନ୍ତ ଦେଶର ପ୍ରଥମ ଦଳିତ ସିଜେଆଇ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ସେହିପରି ଦେଶର ପ୍ରଥମ ବୌଦ୍ଧ ଧର୍ମାବଲମ୍ବୀ ବିଚାରପତି ଭାବେ ଜଷ୍ଟିସ୍ ଗଭାଇ ପ୍ରଧାନ ବିଚାରପତି ହୋଇଛନ୍ତି।



ଜଷ୍ଟିସ୍ ବି.ଆର୍.ଗଭାଇ ବୁଧବାର ୫୨ତମ ପ୍ରଧାନ ବିଚାରପତି ଭାବେ ଶପଥ ନେଉଛନ୍ତି।







## ଆଜିର ସମ୍ପାଦକୀୟ: କ୍ଷମତା ଓ ବାଣିଜ୍ୟରେ ଘୋଡ଼ା

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସୋଲୋ ଆର୍ଟ ଏକ୍ସଜିବିଶନ, ସ୍ଥାନ: ସୂଚନା ଭବନ, ସମୟ: ସକାଳ ୯ଟା।
- ସାମାଜିକ ନ୍ୟାୟ ସାମ୍ମୁଖ୍ୟ ପକ୍ଷରୁ 'ଜାତି ପ୍ରଥା ଓ ସଂରକ୍ଷଣ' ଶୀର୍ଷକ ଆଲୋଚନା ଚକ୍ର, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ଜନ୍ମଦିନ ପାଳିତ, ସ୍ଥାନ: ବୁଦ୍ଧ ମନ୍ଦିର, ୟୁନିଟ୍-୯, ସମୟ: ଅପରାହ୍ନ ୫ଟା ୩୦।
- ଅଧ୍ୟାପକ ବିଶ୍ୱରଞ୍ଜନଙ୍କ ଆତ୍ମଜୀବନୀ 'ସମୟ ସମୁଦ୍ର ସ୍ୱର୍ଗଦ୍ୱାର'ର ପାଠକାର୍ପଣ ସମାରୋହ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୨୧।
- ନୃତ୍ୟାଭିନୟ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ନୃତ୍ୟଶାଳାର ୨୨ତମ ବାର୍ଷିକୋତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର

- 'ଓଡ଼ିଶା ଭିଜନ- ୨୦୩୬ ଓ ୨୦୪୭' ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା ପରାମର୍ଶ କର୍ମଶାଳା, ସ୍ଥାନ: ନୋସି ଅଡିଟୋରିୟମ ହଲ୍, ବାଲେଶ୍ୱର,ସମୟ: ପୂର୍ବାହ୍ନ ୧୦ଟା।
- ମେଗା ରକ୍ତଦାନ ଶିବିର, ସ୍ଥାନ: ସରିସା ଚନ୍ଦନ ପଡ଼ିଆ, ପୁରୁଷୋତ୍ତମପୁର, ସମୟ: ଅପରାହ୍ନ ୫ଟା।
- ସାର୍ବଜନୀନ ଚନ୍ଦନ ମହୋତ୍ସବର ସୁବର୍ଣ୍ଣ ଜୟନ୍ତୀ ସମାରୋହ, ସ୍ଥାନ: ସରିସା ଚନ୍ଦନ ପଡ଼ିଆ, ପୁରୁଷୋତ୍ତମପୁର, ସମୟ: ସନ୍ଧ୍ୟା ୬ଟା।
- ରାମାୟଣ କଥାମୃତ ପ୍ରବଚନ ସଭାର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ଜହଡା କଳକୀ ନାରାୟଣ ମଠ, ରୂପସା, ସମୟ: ସନ୍ଧ୍ୟା ୭ଟା।
- ଭାଗବତ କଥାମୃତ ପ୍ରବଚନ ସଭାର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ମା' ଥାନେଶ୍ୱରୀ ମନ୍ଦିର ପ୍ରାଙ୍ଗଣ, ବାଲିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ତ୍ରିରଙ୍ଗା ସାଇକେଲ ଶୋଭାଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ନୂଆ ବସ୍‌ଷ୍ଟାଣ୍ଡ, ଭଦ୍ରକ, ସମୟ: ସକାଳ ୮ ଟା।
- ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ପୁରୁଣାବଜାର, ଭଦ୍ରକ, ସମୟ: ପୂର୍ବାହ୍ନ ୮ଟା।
- ଭାଜପାର ସାଙ୍ଗଠନିକ ବୈଠକ, ସ୍ଥାନ: ଜିଲା କାର୍ଯ୍ୟାଳୟ, ଭଦ୍ରକ, ସମୟ: ଅପରାହ୍ନ ୫ ଟା।
- ନାଟ୍ୟ ମହୋତ୍ସବ ଉଦ୍‌ଯାପିତ, ସ୍ଥାନ: ମଣିନାଥପୁର, ଭଣ୍ଡାରିପୋଖରୀ, ସମୟ: ରାତି ୯ ଟା।

## କେନ୍ଦୁଝର

- ବଡ଼ବିଲରେ ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ବଡ଼ବିଲ ବିକାଶ ମହଲ, ସମୟ: ସକାଳ ୭ ଟା ୩୦।
- ଭାରତର ସେନାଙ୍କ ପ୍ରତି କୃତଜ୍ଞତା ଜଣାଇବା ପାଇଁ ସାଇକେଲ ଓ ବାଇକ ଶୋଭାଯାତ୍ରା, ସ୍ଥାନ: କାଳି ପଡିଆ, ସମୟ: ସକାଳ ୮ଟା।

## ମୟୂରଭଞ୍ଜ

- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ:ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ସକାଳ ୮ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।
- ରାଧାକୃଷ୍ଣ ମନ୍ଦିରର ଅଷ୍ଟମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ପୂଜାର୍ଚ୍ଚନା,ଷୋହଳ ପ୍ରହର ହରିନାମ ସଂକୀର୍ତ୍ତନ, ନଗର ପରିକ୍ରମା, ଦଧି ମହୋତ୍ସବ, ପ୍ରସାଦ ସେବନ, ସ୍ଥାନ: ଘିଆଯୋଡ଼ି(ବଙ୍ଗେଛକ) ଝାରପୋଖରିଆ,ସମୟ: ଅପରାହ୍ନ ୧ଟା।
- ମହେଶ ଦାଶ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ,ସ୍ଥାନ: ମଧୁବନ ଷ୍ଟାଡିୟମ ବାରିପଦା,ସମୟ: ଅପରାହ୍ନ ୪ଟା।
- ବୈଶାଖୀ ଉଡ଼ାପର୍ବ, ସ୍ଥାନ: ଚିତ୍ରଡ଼ା ମହାଦେବ ମନ୍ଦିର ପଡ଼ିଆ, ମୋରଡ଼ା, ସମୟ: ଅପରାହ୍ନ ୫ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ, ସ୍ଥାନ: ଚିତ୍ରଡ଼ା ବସ୍‌ଷ୍ଟାଣ୍ଡ, ସମୟ: ରାତି ୮ଟା।

## ବ୍ରହ୍ମପୁର

- ଭାରତୀୟ ସୈନିକଙ୍କୁ ଉତ୍ସାହିତ ଉଦ୍ଦେଶ୍ୟରେ ବାଇକ ଶୋଭାଯାତ୍ରା, ସ୍ଥାନ: ରାମଲିଙ୍ଗେଶ୍ୱର ପାର୍କ, ସମୟ: ସକାଳ ୮ ଟା।
- ବ୍ରହ୍ମାକୁମାରୀ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଶାନ୍ତିକୁଣ୍ଡ, ଗିରି ରୋଡ଼,ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ

- ତ୍ରିରଙ୍ଗା ବାଇକ ଶୋଭାଯାତ୍ରା, ସ୍ଥାନ: ବଳରାମ ମନ୍ଦିର, ଢେଙ୍କାନାଳ, ସମୟ: ସକାଳ ୭ଟା ୪୫।

## ଅନୁଗୋଳ

- କେନ୍ଦ୍ରୀୟ ବିଦ୍ୟାଳୟ ନୂତନ କୋଠାର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ଆଠମଲ୍ଲିକ ଆଇଟିଆଇ କଲେଜ ନିକଟ, ସମୟ: ମଧ୍ୟାହ୍ନ ୧୨ଟା ୪୫।
- କେନ୍ଦ୍ରୀୟ ବିଦ୍ୟାଳୟର ଅସ୍ଥାୟୀ କ୍ୟାମ୍ପସ ଉଦ୍‌ଘାଟନ, ସ୍ଥାନ: ଆଠମଲ୍ଲିକ କଲେଜ ପରିସର, ସମୟ : ଅପରାହ୍ନ ୨ଟା।

## ଜଗତ୍‌ସିଂହପୁର

- ଭାରତୀୟ ସୈନିକମାନଙ୍କ ପାଇଁ ଜିଲା ପ୍ରଶାସନ ପକ୍ଷରୁ ତ୍ରିରଙ୍ଗା ରାଲି, ସ୍ଥାନ: ବେଳାଭୂମି ରାସ୍ତା, ବତିଘର ପାଖ, ନୂଆବଜାର, ପାରାଦୀପ, ସମୟ: ସକାଳ ୮ଟା।

## କେନ୍ଦ୍ରାପଡ଼ା

- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ:ପାଖିଡ, ଗରଦପୁର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ଭାରତର ବୀର ସୈନିକମାନଙ୍କୁ ଉତ୍ସାହିତ କରିବାକୁ ବାଇକ ଶୋଭାଯାତ୍ରା, ସ୍ଥାନ: ବ୍ୟାସନଗର ସଂସ୍କୃତି ଭବନ ପରିସର, ସମୟ: ସକାଳ ୭ଟା୩୦।
- ଅପରେସନ ସିନ୍ଦୂର ପରାକ୍ରମ ଶୋଭାଯାତ୍ରା, ସ୍ଥାନ: ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୮ଟା।
- ଯାଜପୁର ଏକ୍ସପ୍ରେସ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ରୋଡ ଯଯାତି କୋର୍ଟ ୟାର୍ଡ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ବିଶ୍ୱ ଶାନ୍ତି ମହାଯଜ୍ଞର ୨ୟ ଦିବସ,ସ୍ଥାନ: ବଡଦେଶ ଯଜ୍ଞାନୁଷ୍ଠାନ ଗୋଡିପଡା, ସମୟ: ସକାଳ ୭ଟା।
- ତ୍ରିରଙ୍ଗା ବାଇକ ଶୋଭାଯାତ୍ରା ସ୍ଥାନ: ନୟାଗଡ଼ ଜିଲା ସଦର ମହକୁମା, ସ୍ଥାନ: ସକାଳ ୮ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ୧୬ତମ ଦିବସ, ସ୍ଥାନ:ଖଣ୍ଡପଡ଼ା ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ଲଡୁବାବାଙ୍କ ଚନ୍ଦନଯାତ୍ରା ୧୬ତମ ଦିବସ, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ଜଗନ୍ନାଥଙ୍କ ଚନ୍ଦନଯାତ୍ରା ୧୬ତମ ଦିବସ, ସ୍ଥାନ:ନୟାଗଡ଼ ପୁରୁଣା ସହର ଜଗନ୍ନାଥଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା।
- ରଘୁନାଥଙ୍କ ଚନ୍ଦନଯାତ୍ରାର ତ୍ରୟୋଦଶ ୧୬ତମ ଦିବସ, ସ୍ଥାନ:ଓଡ଼ଗାଁ ଶ୍ରୀ ରଘୁନାଥ ଜୀଉଙ୍କ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ଓ ସନ୍ଧ୍ୟା ୭ଟା ।
- ମଦନମୋହନଙ୍କ ଚନ୍ଦନ ଯାତ୍ରାର ୧୬ତମ ଦିବସ, ସ୍ଥାନ: ଖଣ୍ଡପଡ଼ା ଜଗନ୍ନାଥ ମନ୍ଦିର, ସମୟ: ଅପରାହ୍ନ ୧ଟା।
- ଚନ୍ଦନଯାତ୍ରା ର ୧୬ତମ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ଅପରାହ୍ନ ୧ଟା।

## ରାୟଗଡ଼ା

- ତ୍ରିରଙ୍ଗା ବାଇକ୍ ରାଲି, ସ୍ଥାନ: ରାୟଗଡା ଜିଲାପାଳଙ୍କ କାର୍ଯ୍ୟାଳୟରୁ ଆରମ୍ଭ,ସମୟ: ସକାଳ ୮ଟା।
- ଗ୍ରାମଦେବୀ ମା' ଠାକୁରାଣୀଙ୍କ ଝାମୀଯାତ୍ରା, ସ୍ଥାନ: ବିବେକାନନ୍ଦ ଶିକ୍ଷା କେନ୍ଦ୍ର ନିକଟସ୍ଥ ଯାତ୍ରା ପଡିଆ, ମୁନିଗୁଡା, ସମୟ: ଅପରାହ୍ନ ୫ଟା ୩୦।

## ନବରଙ୍ଗପୁର

- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟରୁ ଚାମୁରିଆଗୁଡ଼ା, ସମୟ: ୮ଟା।

## କୋରାପୁଟ

- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ବାରିଣିପୁଟ ଛକ, ସମୟ: ସକାଳ ୭ଟା ୩୦।
- ଭାରତୀୟ ସେନା ପାଇଁ ରାଲି, ସ୍ଥାନ: ଦଶମନ୍ତପୁର ବ୍ଲକରୁ ଖମ୍ବେଶ୍ୱରୀ ପୀଠ, ସମୟ: ୭ଟା ୩୦।
- ତ୍ରିରଙ୍ଗା ରାଲି, ବାଇକ୍ ଶୋଭାଯାତ୍ରା, ସ୍ଥାନ: ନନ୍ଦପୁର ବ୍ଲକ୍ କାର୍ଯ୍ୟାଳୟରୁ ହାଟପଦା, ସମୟ: ସକାଳ ୮ଟା।
- ସେନା ସମର୍ଥନରେ ବାଇକ ରାଲି, ସ୍ଥାନ: ଦଶହରା ପଡିଆ, ସୁନାବେଡା-୧, ସମୟ: ସକାଳ ୮ଟା।
- ଯବାନମାନଙ୍କୁ ଉତ୍ସାହିତ କରିବାକୁ ବାଇକ ରାଲି, ସ୍ଥାନ: ଆରଟିଓ ପଡିଆ, କୋରାପୁଟ, ସମୟ: ସକାଳ ୮ଟା।
- ଓଡ଼ିଶା ଭିଜନ-୨୦୩୬ ନେଇ କର୍ମଶାଳା, ସ୍ଥାନ:ଦକ୍ଷତା ବିକାଶ ତାଲିମ କେନ୍ଦ୍ର, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ମାଥାଲପୁଟ ବସଷ୍ଟାଣ୍ଡ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ମାଥଲପୁଟ ଶହିଦ ଲକ୍ଷ୍ମଣ ନାୟକ ଛକ, ସମୟ: ଅପରାହ୍ନ ୨ଟା ୩୦।

## ମାଲକାନଗିରି

- ଅପରେଶନ ସିନ୍ଦୁରର ସଫଳତାକୁ ନେଇ ପରାକ୍ରମ ଶୋଭାଯାତ୍ରା,ସ୍ଥାନ:ବିଜୁ ପଟ୍ଟନାୟକ ବହୁମୁଖୀ କ୍ରୀଡା ଭବନଠାରୁ ଏମ୍.ଭି. ୭, ସମୟ: ସକାଳ ୮ ଟା।

## ସମ୍ବଲପୁର

- ସାଓଲିନ କୁଙ୍ଗ୍ ଫୁ ଉଷୁ ଅନୁଷ୍ଠାନ ପକ୍ଷରୁ ଗ୍ରୀଷ୍ମକାଳୀନ ନିଃଶୁଳ୍କ ଜୁଡୋ, କୁସ୍ତି, କରାଟେ ଏବଂ ଉଷୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ : ସମ୍ବଲପୁର ବିନାଖିଣ୍ଡି ସ୍ଥିତ ଜିଲା ଜୁଡୋ ହଲ, ସମୟ : ସକାଳ ୬ଟା।
- ଫାଓ ଏବଂ ସମ୍ବଲପୁର ଜିଲା କ୍ରୀଡା ସଂଘ ମିଳିତ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିରରେ ଜର୍ସି ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା।
- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୭ଟା।
- ଜିଲା ବର୍ଷିୟାନ କ୍ରୀଡା ସଂଘ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : କାଇଁଶିର ଖେଳ ପଡିଆ, ସମୟ : ସକାଳ ୮ଟା।
- ଜୁହାର ପରିବାର ଓ ଆଦର୍ଶ ସଂସ୍ଥା ଆୟୋଜନରେ କୃତୀ ଛାତ୍ରୀଛାତ୍ର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ : ଧନୁପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସଭାକକ୍ଷ, ସମୟ : ସକାଳ ୯ଟା ୩୦।
- ଏକତା ଅନ୍ୱେଷା ଆୟୋଜିତ ଦ୍ୱିତୀୟ ଶିବରାମ ମହୋତ୍ସବ ଉଦଯାପନୀ ଉତ୍ସବ, ସ୍ଥାନ : ମାନେଶ୍ୱର ନିକଟସ୍ଥ ଗୁଲୁଣ୍ଡା ଗ୍ରାମ, ସମୟ ସନ୍ଧ୍ୟା ୬ଟା ୩୦।
- ୧୮ତମ ରାମ ଚରିତ ମାନସ ପ୍ରବଚନ, ସ୍ଥାନ : ବରଗାଁ ଗ୍ରାମ ପଞ୍ଚାୟତ ପରିସର, ସମୟ : ରାତି ୭ଟା।

## ବଲାଙ୍ଗୀର

- ବଲାଙ୍ଗୀର ସହରରେ ତ୍ରିରଙ୍ଗା ଶୋଭାଯାତ୍ରା (ମୋଟର ସାଇକେଲ ରାଲି), ସ୍ଥାନ: କୋଶଳ କଳାମଣ୍ଡଳ ପଡିଆ,ସମୟ: ସକାଳ ୯ଟା।

## ରାଉରକେଲା

- ଅପରେଶନ୍ ସିନ୍ଦୁର ପରାକ୍ରମ ଶୋଭାଯାତ୍ରା, ସ୍ଥାନ:ଆର୍‌ଏମ୍‌ସି କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ଶ୍ରୀଧର ସ୍ମୃତିଜ୍ଞାନ ବିକାଶ କେନ୍ଦ୍ର ପକ୍ଷରୁ ମାସିକ ସାହିତ୍ୟ ଆସର, ସ୍ଥାନ: ଜେଲ ରୋଡ ଲେବର ଟେର୍ନାମେଣ୍ଟ, ସମୟ: ସନ୍ଧ୍ୟା ୬ଟା।

## ସୁନ୍ଦରଗଡ଼

- ଅପରେସନ ସିନ୍ଦୁର ପରାକ୍ରମ ଶୋଭାଯାତ୍ରା, ସ୍ଥାନ-ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣ, ସମୟ: ଅପରାହ୍ନ ୫ଟା।
- ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକର ୩୦ତମ ବାର୍ଷିକ ଉତ୍ସବ ଓ ଆଲୋଚନା ଚକ୍ର,ସ୍ଥାନ: ବିକାଶ ଭବନ, ସୁନ୍ଦରଗଡ,ସମୟ: ପୂର୍ବାହ୍ନ୧୦ଟା୩୦।

## ବରଗଡ଼

- ତ୍ରିରଙ୍ଗା ରାଲି ପରାକ୍ରମ ଶୋଭାଯାତ୍ରା, ସ୍ଥାନ:ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼ ସମୟ:ସକାଳ ୭ଟା ୩୦।
- ଶ୍ରୀ ଶ୍ରୀ ରାମଲୀଳା ଯାତ୍ରା ମହୋତ୍ସବ, ସ୍ଥାନ:କଟାପାଲି, ବରଗଡ଼, ସମୟ:ସନ୍ଧ୍ୟା ୭ଟା ୩୦।

## କଳାହାଣ୍ଡି

- ତ୍ରିରଙ୍ଗା ଶୋଭାଯାତ୍ରା ଶୁଭାରମ୍ଭ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ ପରିସର, ସମୟ: ସକାଳ ୭ଟା ୩୦।

## ବୌଦ୍ଧ

- ତ୍ରିରଙ୍ଗା ବାଇକ ଶୋଭାଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ଚତୁର୍ଥ ଗନ୍ଧରାଢୀ ଲୋକକଳା ମହୋତ୍ସବ ଉଦ୍‌ଯାପନ ଉତ୍ସବ, ସ୍ଥାନ: ଜଗତି ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼

- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ନଗର କୀର୍ତ୍ତନ, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୫ଟା।
- ଭାରତୀୟ ବୀର ଯବାନଙ୍କୁ ସମ୍ମାନ ଜଣାଇ ତ୍ରିରଙ୍ଗା ଯାତ୍ରା, ସ୍ଥାନ: ପୁରୁଣା ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୭ଟା ୩୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର

- ଦେଉଳମୁଣ୍ଡା ସପ୍ତାହ ପାରାୟଣର ପଞ୍ଚମ ଦିବସ, ସ୍ଥାନ: ଦେଉଳମୁଣ୍ଡା ମାହେଶ୍ୱରୀ ମନ୍ଦିର ସମ୍ମୁଖ, ସମୟ: ସକାଳ ୭ଟା୩୦।
- କେନ୍ଦୁପାଲିରେ ରାମାୟଣ ପାରାୟଣ, ସ୍ଥାନ: ଜଗନ୍ନାଥ ମନ୍ଦିର ପରିସର, ସମୟ : ସକାଳ ୮ଟା।
- ଅପରେଶନ ସିନ୍ଦୂରରେ ଭାରତୀୟ ସେନାକୁ ସମର୍ଥନ ଜଣାଇ ସାଇକେଲ ଯାତ୍ରା, ସ୍ଥାନ: ସୁବର୍ଣ୍ଣପୁର ରୟାଲ ପଡିଆରୁ ଟାଉନ ହଲ, ସମୟ: ସକାଳ ୮ଟା।
- ଭାରତୀୟ ସେନାକୁ ସମର୍ଥନ ଜଣାଇ ବିନିକାରେ ତ୍ରିରଙ୍ଗା ଯାତ୍ରା, ସ୍ଥାନ: ଏନଏସି ଅଫିସ ସମ୍ମୁଖରୁ ସହର ପରିକ୍ରମା, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ଧାନକିଣାର ଶୁଭାରମ୍ଭ, ସ୍ଥାନ: ବିନିକା ବ୍ଲକର ମହଦା ପାକ୍ସ ପରିସର, ସମୟ: ସକାଳ ୯ଟା।

## ନୂଆପଡ଼ା

- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: କୋମନା ବ୍ଲକ ସିଆଲଟି ପଞ୍ଚାୟତ କରଙ୍ଗାଭଟା ଗାଁ ଟାଣପଡ଼ା, ସମୟ: ସନ୍ଧ୍ୟା ୬ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଅନୁକୂଳ ଗ୍ରହଯୋଗରୁ କାମ ସମ୍ପନ୍ନ କରିବାରେ ଅସୁବିଧା ହେବନାହିଁ। ରହିଯାଇଥିବା ଫାଇଲ କାମଟିକୁ ଆଜି ହିଁ ଆରମ୍ଭ କରିବାକୁ ମନ ବଳାଇବେ ଓ ଶେଷ ମଧ୍ୟ କରିପାରିବେ। ବନ୍ଧୁଙ୍କ ପରାମର୍ଶାନୁସାରେ ପାରିବାରିକ ଝମେଲା ସମାଧାନ ଆଡକୁ ଗତି କରିବ। କୃଷି, ବ୍ୟବସାୟ, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବେ।

**ବୃଷ** ମାନସିକ ସ୍ତରରେ କିଛିଟା ବ୍ୟତିକ୍ରମ ଥିଲେ ମଧ୍ୟ ବନ୍ଧୁଙ୍କ ସାହାଯ୍ୟ ପାଇ କାମ ହାସଲ କରିନେବେ। ମନ ଭଲ ନ ଥିବାରୁ ଘରେ କିମ୍ବା ଅଫିସରେ ବିତର୍କ ହୋଇପାରେ। ସାଂଗଠନିକ କିମ୍ବା ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ବ୍ୟବସାୟ, ପରିବହନ, ନିର୍ମାଣ, ଜମିଜମାରେ କିମ୍ବା ମାଲିମକଦ୍ଦମାରେ ସଫଳତା ହାସଲ କରିବେ।

**ମିଥୁନ** ପାରିବାରିକ ସମସ୍ୟାର ସମାଧାନ ଘଟିବାରେ ବନ୍ଧୁଙ୍କ ସାହାଯ୍ୟର ଆବଶ୍ୟକତା ରହିଛି। ଆଜିର ଯାତ୍ରାରେ ଲକ୍ଷ୍ୟ ପୂରଣ ହେବା ସହ ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ପାଇବେ। ଦେହ ଭଲ ରହିବ ମାତ୍ର କଠିନ ପରିଶ୍ରମଜନିତ କ୍ଲାନ୍ତିବୋଧ କରିପାରନ୍ତି। କର୍ମକ୍ଷେତ୍ରରେ ଛୋଟ ଛୋଟ କଥାକୁ କେନ୍ଦ୍ର କରି ମାନସିକ ଦ୍ୱନ୍ଦ୍ୱ ଲାଗି ରହିପାରେ।

**କର୍କଟ** ମନ ବୁଝିଲା ଭଳି କଥାଁଳ କଥା କହି ପରିସ୍ଥିତିକୁ ସୁଧାରି ନେବେ। ଅଫିସ କାମର ବ୍ୟସ୍ତତା ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ। ନିଜର ଅବହେଳାଜନିତ ଅନୁପସ୍ଥିତି କାରଣରୁ କଚେରି ମାମଲା ମନ୍ଥର ହୋଇପାରେ। ପରିଜନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ସାଙ୍ଗକୁ ପୁରାତନ ରୋଗର ପୀଡା ବୃଦ୍ଧି ପାଇପାରେ।

**ସିଂହ** ବନ୍ଧୁଙ୍କ ସାହାଯ୍ୟ ଆଜି କାମ ହାସଲ ସକାଶେ ଅନୁକୂଳ ବାତାବରଣ ସୃଷ୍ଟି କରିବ। ଅର୍ଥର ଅଭାବ ରହିଥିଲେ ମଧ୍ୟ ଆବଶ୍ୟକତା ଠିକ୍ ସମୟରେ ପୂରଣ ହୋଇଯିବ। ପରିବାରରେ ପୁତ୍ରକନ୍ୟାଙ୍କ ହେତୁ ମାନସିକ ସ୍ଥିତି ଭଲ ରହି ନ ପାରେ। ବାରମ୍ବାର କଳହ କାରଣରୁ ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିପାରେ।

**କନ୍ୟା** ସମସ୍ୟା ଜଡିତ ହେଲେ ମଧ୍ୟ ପ୍ରତ୍ୟେକ କାମକୁ କୌଶଳରେ ହାସଲ କରିନେବେ। ଯାନବାହନରେ ଲାଭ, ଦୋକାନ ବାଡିରେ ଉନ୍ନତି, ଅଚାନକ ଗୃହ ଭୂମି ଲାଭ ଯୋଗ ରହିଛି। ରାଜନୀତି, କଚେରି ମାମଲା ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ବନ୍ଧୁଙ୍କ ସାହାଯ୍ୟରୁ କ୍ରୀଡ଼ା, ସଙ୍ଗୀତ କ୍ଷେତ୍ରରେ ସମସ୍ୟାର ସମାଧାନ ହୋଇଯିବ।

**ତୁଳା** ବନ୍ଧୁଙ୍କ ଜରିଆରେ ସକାଳୁ ସକାଳୁ କୌଣସି ଖବର ପାଇ ମନ ଖୁସି ହୋଇଯିବ। କଳା, ସଙ୍ଗୀତ ଆସର, ସାହିତ୍ୟ ଚର୍ଚ୍ଚା ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ବହୁତ ଅନୁନୟ ବିନୟ ପରେ ଧାର ସୂତ୍ରରେ ଅର୍ଥ ପାଇବେ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହୋଇପାରନ୍ତି।

**ବିଛା** ସାଧାରଣ ବ୍ୟତିକ୍ରମକୁ ବାଦ୍ ଦେଲେ ଆଜି କାମ ସହଜ ଓ ସୁବିଧାରେ ହୋଇଯିବ। ଆଲୋଚନା କାଳରେ ଅପ୍ରିୟ ସତ୍ୟ ଭାଷଣଜନିତ ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ପାଖରେ ଥିବା ଲୋକଟିର କାର୍ଯ୍ୟକଳାପ ସନ୍ଦେହଜନକ ହେବ। ପିଲାର ସ୍ୱାସ୍ଥ୍ୟ ପାଇଁ ଚିନ୍ତା କରିବେ। କିନ୍ତୁ ପାରିବାରିକ ସମ୍ପର୍କ ମଧୁର ରହିବ।

**ଧନୁ** ଆଜି ଦିନଟିରେ ଆତ୍ମୀୟଙ୍କ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ବୃଥା ଭାବନାରେ ଭାସିଯାଇ ମାନସିକ ଚିନ୍ତାଧାରା ବିକ୍ଷିପ୍ତ ହୋଇପାରେ। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିପାରନ୍ତି। ପରିବାରର ଗୁମର କଥାକୁ ସାଙ୍ଗଙ୍କୁ କହି ସମାଲୋଚିତ ହେବେ।

**ମକର** ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବ ଏବଂ ଆଜି ଯାହାକୁ ଯାହା ମାଗିବେ ସେ ମନାକରିବେ ନାହିଁ। ଅନ୍ୟମାନଙ୍କ କଥାକୁ ବିଶ୍ୱାସ କରି ଗୃହରେ କଳହ ସୃଷ୍ଟି ହେବ। ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ଆଇନ ଅଦାଲତରୁ ସୁଫଳ ପାଇବା ସହ ଅଭାବ ଭିତରେ ଅଣନିଃଶ୍ୱାସୀ ହୋଇପାରନ୍ତି।

**କୁମ୍ଭ** ଚାହୁଁଥିବା କାମଟି ଠିକ୍ ସମୟରେ ନ ହୋଇପାରିବାରୁ ମନ ଭଲ ଲାଗିବ ନାହିଁ। ପିଲାଙ୍କ ବୈବାହିକ କର୍ମ ସକାଶେ ବନ୍ଧୁ ପ୍ରସ୍ତାବ ସ୍ଥିର କରିବା ଲାଗି ଚିନ୍ତା କରିପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ କିନ୍ତୁ ବ୍ୟବସାୟ ଓ ପରିବହନ ପାଇଁ ଅସୁବିଧା ହେବନାହିଁ। ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ।

**ମୀନ** ବନ୍ଧୁଙ୍କ ପରାମର୍ଶରେ କୌଣସି ନୂତନ କାମରେ ମନଦେବା ପାଇଁ ମନସ୍ଥ କରିବେ । ସାମାଜିକ ସ୍ତରରେ କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବେ। ଜମିଜମା କ୍ରୟ ବିକ୍ରୟ କ୍ଷେତ୍ରରେ ମାନସିକ ଚାପର ସମ୍ମୁଖୀନ ହୋଇପାରନ୍ତି। ରେବତୀ ନକ୍ଷତ୍ରର ସ୍ୱାସ୍ଥ୍ୟଗତ କାରଣରୁ କୌଣସି କାମ ଅଟକି ଯାଇପାରେ।

ଆଜି ବୃଷ ସଂକ୍ରାନ୍ତି, ମେ ୧୫ ତାରିଖ ଗୁରୁବାର, ବିଶ୍ୱ ପରିବାର ଦିବସ। ଜ୍ୟେଷ୍ଠ କୃଷ୍ଣ ତୃତୀୟା, ରାଶିନକ୍ଷତ୍ର-ଦିବା ଘ.୦୨.୦୭ ପର୍ଯ୍ୟନ୍ତ, ଜ୍ୟେଷ୍ଠା/ବିଛା, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୧୪ ଗତେ ଘ.୦୬.୦୬ ମଧ୍ୟେ, ଘ.୦୯.୩୩ ଗତେ ଘ.୧୧.୧୭ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ.୦୧.୨୦ ଗତେ ଘ.୦୨.୫୭ ମଧ୍ୟେ ରାହୁ କାଳ ।

# ତ୍ରିରଙ୍ଗା ଯାତ୍ରା ଉଦ୍‌ଘାଟନକଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୪ା୫(ସୁନିତ୍ ମିଶ୍ର)

ଆତଙ୍କବାଦ ବିରୋଧୀ ଅଭିଯାନ, ଅପରେଶନ ସିନ୍ଦୂର'ର ସଫଳତା ପରେ ବୁଧବାର ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମଠାରେ ଏକ ତ୍ରିରଙ୍ଗା ବାଇକ୍ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ବାଇକ୍ ଯାତ୍ରାକୁ ପତାକା ଦେଖାଇ ଉଦ୍‌ଘାଟନ କରିଛନ୍ତି। ଏହି ଯାତ୍ରା ସକାଳ ୮ଟାରେ କଳିଙ୍ଗ ଷ୍ଟାଡିୟମଠାରୁ ଆରମ୍ଭହୋଇ ରାଜଭବନ ପର୍ଯ୍ୟନ୍ତ ଯାଇଥିବା ବେଳେ ପୋଲିସ ଓ ସୁରକ୍ଷା ବାହିନୀ, ଲୋକପ୍ରତିନିଧି ଏବଂ ସାଧାରଣ ଜନତା ଏହି ରାଲିରେ ନିଜ ସହ ତ୍ରିରଙ୍ଗା ପତାକା ଧରି ବାଇକ୍ ଚଳାଇ ବନ୍ଦେ ମାତରମ୍ ଧ୍ୱନି ଦେଇ ସହର ପରିକ୍ରମା କରଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଅପରେଶନ ସିନ୍ଦୂର'ର ସଫଳତା ପରେ ଏହି ତ୍ରିରଙ୍ଗା ବାଇକ୍ ଯାତ୍ରା ଆତଙ୍କବାଦ ବିରୋଧରେ ଦେଶର ଅଭିଯାନକୁ ଆହୁରି ସଶକ୍ତ କରିବ। ଜାତି, ଧର୍ମ ନିର୍ବିଶେଷରେ ସବୁ ଭାରତୀୟ ତ୍ରିରଙ୍ଗା ତଳେ ଯେତେବେଳେ ଏକଜୁଟ୍ ହେବେ, ସେତେବେଳେ କୌଣସି ଶକ୍ତି ଆମ ବିରୋଧରେ ସଫଳ ହେବେ ନାହିଁ।

**■ ତ୍ରିରଙ୍ଗା ଯାତ୍ରା ଆତଙ୍କବାଦ ବିରୋଧରେ ଦେଶର ଅଭିଯାନକୁ ଆହୁରି ସଶକ୍ତ କରିବ: ମୋହନ**

ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସମବାୟ ଓ ହସ୍ତତନ୍ତ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଫଗୁଣ ଗୁଣ୍ଡି**
**ମାରିବୁ ହେଣ୍ଡି।**

ସାଧାରଣତଃ ଚାଳଘରେ ରହୁଥିବା ବ୍ୟକ୍ତି ଏକ ନିର୍ଦ୍ଦିଷ୍ଟ ସମୟରେ ଚାଳ ଛପର କରୁଥିବାର ଦେଖିବାକୁ ମିଳିଥାଏ। ତେବେ ଫାଲଗୁନ ମାସରେ ଘର ଛାଉଣି କଲେ ବର୍ଷା ଓ ପବନକୁ ଭୟ ରହେ ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଫଳ ଗଛକୁ ବୋଝ ନୁହେଁ,**
**ଫଳନ୍ତି ଗଛ ଫୋପଡ଼ ସହେ।**

ଗଛରେ ଫଳ ଯେତେ ଅଧିକ ହେଲେ ମଧ ଗଛ ପ୍ରତି ତାହା ବୋଝ ହୋଇ ନ ଥାଏ। ସେହିପରି ସନ୍ତାନ ଯେତେ ଅଧିକ ହେଲେ ମଧ ମା'କୁ କଷ୍ଟ ହୋଇ ନ ଥାଏ। ଯେଉଁ ଗଛରେ ଫଳ ଅଛି, ତାକୁ ଫୋପଡ଼ ମାରିଲେ ଫଳ ଝଡ଼ିପଡ଼େ। ଯାହା ପାଖରେ କିଛି ଅଛି ତାକୁ ମାଗିଲେ ହୁଏତ ସେ କିଛି ଦେଇଥାଏ। ଧନ, ମାନ ଓ ଗୁଣ ଥିବା ଲୋକକୁ ବହୁ ସହିବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଯଶୀପୁର ବ୍ଲକରେ ନିର୍ମାଣହେବ ଖଇରିବନ୍ଧନ ବ୍ୟାରେଜ

**ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି**

ଭୁବନେଶ୍ୱର,୧୪ା୫(ରବିନାରାୟଣ ଜେନା)

ମୟୂରଭଞ୍ଜ ଜିଲା ଯଶୀପୁର ବ୍ଲକର ଅଁଳାବେଣୀ ଗ୍ରାମ ନିକଟ ଖଇରିବନ୍ଧନ ନଦୀ ଉପରେ ଖଇରିବନ୍ଧନ ବ୍ୟାରେଜ ପ୍ରକଳ୍ପ ନିର୍ମାଣ ହେବ। ଏନେଇ ଜଳସମ୍ପଦ ବିଭାଗ ପକ୍ଷରୁ ରାଜ୍ୟ କ୍ୟାବିନେଟ୍‌କୁ ଆସିଥିବା ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଲୋକସେବା ଭବନରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ ଯେ, ମୟୂରଭଞ୍ଜ ଯଶୀପୁର ବ୍ଲକର ଅଁଳାବେଣୀରେ ଗାଁରେ ଖଇରିବନ୍ଧନ ବ୍ୟାରେଜ ନିର୍ମାଣ ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ବ୍ୟାରେଜ୍ ପ୍ରକଳ୍ପ ନିର୍ମାଣହେଲେ ଉକ୍ତ ଅଞ୍ଚଳର ପଛୁଆ ବର୍ଗ ଏବଂ ଆଦିବାସୀମାନେ ବିଶେଷ ଭାବେ ଉପକୃତ ହେବେ। ସେଠାରେ ମରୁଡ଼ିକୁ ଦୃଷ୍ଟିରେ ରଖି ଖରିଫ ଜଳସେଚନ ସୁନିଶ୍ଚିତ କରିବା ପାଇଁ ସରକାର ଏହି ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ଏହି ପ୍ରକଳ୍ପ ନିର୍ମାଣ ପାଇଁ ୯୭ କୋଟି ୬୭ ଲକ୍ଷ ୯୮ ହଜାର ୭୫୫ ଟଙ୍କାର ଟେଣ୍ଡରକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ ପ୍ରଦାନ କରିଛି। ଉକ୍ତ ପ୍ରକଳ୍ପକୁ ୩୦ ମାସ ମଧ୍ୟରେ ଶେଷ କରିବା ଲାଗି ଲକ୍ଷ୍ୟ ରଖାଯାଇଛି। ଏହା ଦ୍ୱାରା ମୟୂରଭଞ୍ଜ ଜିଲାର ଯଶୀପୁର, ରରୁଆଁ ଏବଂ ଶୁକ୍ରୁଳି ବ୍ଲକର ୪୭ଟି ଗାଁର ୬୯୫୦ ହେକ୍ଟର ଚାଷଜମିକୁ ଭୂତଳ ପାଇପ୍‌ଲାଇନ ଜଳବଣ୍ଟନ ବ୍ୟବସ୍ଥା(ୟୁଜିପିଏଲ) ମାଧ୍ୟମରେ ଖରିଫ ଜଳସେଚନ ସୁବିଧା ଯୋଗାଇ ଦିଆଯିବ। ଫଳରେ ଏହି ପ୍ରକଳ୍ପ ୩୫,୦୦୦ରୁ ଅଧିକ ଜନସଂଖ୍ୟାକୁ ପାନୀୟଜଳ ସୁବିଧା ଯୋଗାଇବା ସହିତ ଘରୋଇ ପଶୁପାଳନ ତଥା ମତ୍ସ୍ୟଚାଷର ଚାହିଦାକୁ ମଧ୍ୟ ପୂରଣ କରିପାରିବ। ଏହାସହିତ ଭୂତଳ ଜଳସ୍ତର ବୃଦ୍ଧି ପାଇବ ଏବଂ ସ୍ଥାୟୀ ଖାଦ୍ୟ ଉତ୍ପାଦନ ସୁନିଶ୍ଚିତ କରିବା ସହ ଜୀବିକା ନିର୍ବାହ ନିମନ୍ତେ କୃଷି ଉପରେ ନିର୍ଭରଶୀଳ ଲୋକମାନଙ୍କର ସାମାଜିକ ଓ ଆର୍ଥିକ ଉନ୍ନତି ଦିଗରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

# ପ୍ରଧାନଶିକ୍ଷକ, ଶିକ୍ଷକଙ୍କ ବଦଳି ପାଇଁ ଆଜିଠୁ ଆବେଦନ

ଭୁବନେଶ୍ୱର,୧୨ା୫(ସୁଚିସ୍ମିତା ସାହୁ)

୨୦୨୫-୨୬ ଶିକ୍ଷାବର୍ଷ ଲାଗି ସରକାରୀ ପ୍ରାଥମିକ ଏବଂ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଶିକ୍ଷକଙ୍କ ବଦଳି ଆବେଦନ ଗୁରୁବାରଠାରୁ ଆରମ୍ଭ ହେବ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବୁଧବାର ସଂଶୋଧିତ କ୍ୟାଲେଣ୍ଡର ପ୍ରକାଶ ପାଇଛି। ଜୁନ୍ ୧୩ ସୁଦ୍ଧା ଏହି ବଦଳି ପ୍ରକ୍ରିୟା ଶେଷ କରିବାକୁ ମାଧ୍ୟମିକ ଓ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟକୁ ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ କ୍ୟାଲେଣ୍ଡର ଅନୁସାରେ, ମେ ୧୫ରୁ ୩୦ ପର୍ଯ୍ୟନ୍ତ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ ଓ ପ୍ରଧାନ ଶିକ୍ଷକମାନେ ବଦଳି ପାଇଁ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ। ୩୧ ସୁଦ୍ଧା ଜିଲା ଶିକ୍ଷା ଅଧିକାରୀମାନେ ଆବେଦନ ଫର୍ମଗୁଡିକର ଯାଞ୍ଚ କରିବା ସହିତ ଅପ୍‌ଲୋଡ କରିବେ। ୫ ଜୁନ୍ ସୁଦ୍ଧା ମେଡିକାଲ ମାମଲାଗୁଡିକୁ ମେଡିକାଲ ବୋର୍ଡକୁ ପଠାଯିବ। ଜୁନ ୧୦ ମଧ୍ୟରେ ମେଡିକାଲ ପରୀକ୍ଷା ଓ ରିପୋର୍ଟକୁ ଗ୍ରହଣ କରାଯିବ। ୧୧ ତାରିଖ ମଧ୍ୟରେ ଯୋଗ୍ୟ ପ୍ରାର୍ଥୀଙ୍କ ଡ୍ରାଫ୍ଟ ଲିଷ୍ଟ ପ୍ରସ୍ତୁତ ହେବ। ୧୩ରେ ରାଜ୍ୟସ୍ତରରେ ସ୍ଥାନାନ୍ତର କମିଟି ଦ୍ୱାରା ପ୍ରଧାନ ଶିକ୍ଷକ ଏବଂ ଶିକ୍ଷକଙ୍କ ଆନ୍ତଃଜିଲ୍ଲା ସ୍ଥାନାନ୍ତର ପାଇଁ ଯୋଗ୍ୟ ତାଲିକାର ଯାଞ୍ଚ କରାଯିବା ସହିତ ଅନୁମୋଦନ କରାଯିବ। ସେହିପରି ଜିଲା ସ୍ତରରେ ସ୍ଥାନାନ୍ତର କମିଟି ଦ୍ୱାରା ଅନ୍ୟ ଶିକ୍ଷକଙ୍କ ସ୍ଥାନାନ୍ତର ପାଇଁ ଯୋଗ୍ୟ ତାଲିକାର ଯାଞ୍ଚ କରାଯିବ। ସେହିଦିନ ହିଁ ବଦଳି ନିର୍ଦ୍ଦେଶ ଜାରି କରାଯିବ। ଅଗଷ୍ଟ ୧୦ ସୁଦ୍ଧା ରିଲିଭ ଓ ଯୋଗଦେବା କାର୍ଯ୍ୟ ସରିବ। ଅଗଷ୍ଟ ୧୦ରୁ ୧୭ ଯାଏ ଶିକ୍ଷକଙ୍କ ପ୍ରୋଫାଇଲ ପୁଣିଥରେ ଖୋଲାଯିବ।ତେବେ ଏହି ବଦଳି ପ୍ରକ୍ରିୟାରେ ବିଦ୍ୟାଳୟର ଶିକ୍ଷକ ଏବଂ ଛାତ୍ରୀଛାତ୍ରଙ୍କ ଅନୁପାତକୁ ଅନୁଧ୍ୟାନ କରାଯିବ। ସେହି ଅନୁସାରେ ଶିକ୍ଷକ ନିଯୁକ୍ତି ପାଇଁ ମେ ୩୧ ସୁଦ୍ଧା ତାଲିକା ପ୍ରସ୍ତୁତ କରାଯିବ। ଜିଲା ଶିକ୍ଷା ଅଧିକାରୀମାନେ ୨୫ ଜୁନ ସୁଦ୍ଧା ବଦଳି ପାଇଁ ତାଲିକା ପ୍ରସ୍ତୁତ କରିବେ। ୨୫ ଜୁନ ମଧ୍ୟରେ ସମସ୍ତ ଶିକ୍ଷକଙ୍କୁ ବଦଳି ପାଇଁ ଅନୁମତି ପ୍ରଦାନ କରାଯିବା ସହିତ ୩୦ ଜୁନ ମଧ୍ୟରେ ବଦଳି ଅର୍ଡର ବାହାର କରାଯିବ ବୋଲି ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି।

# ଆମେରିକା, ସାଉଦି ଆରବ ପ୍ରତିରକ୍ଷା ଡିଲ୍

## ୧୪୨ ବିଲିୟନ୍ ଡଲାର

**ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ସାଉଦି ଆରବ ଗସ୍ତବେଳେ ଦୁଇଦେଶ ମଧ୍ୟରେ ୧୪୨ ବିଲିୟନ୍ ଡଲାର ମୂଲ୍ୟର ଏକ ବୃହତ୍ ପ୍ରତିରକ୍ଷା ଡିଲ୍ ସମ୍ପନ୍ନ ହୋଇଛି। ଏହି ଚୁକ୍ତିନାମା ବଳରେ ଆମେରିକୀୟ କମ୍ପାନୀଗୁଡ଼ିକ ରିୟାଧକୁ ଅତ୍ୟାଧୁନିକ ଯୁଦ୍ଧାସ୍ତ୍ର, ପ୍ରତିରକ୍ଷା ଉପକରଣ ଓ ସେବା ପ୍ରଦାନ କରିବେ। ଏହା ବଦଳରେ ରିୟାଧ ଆମେରିକୀୟ କମ୍ପାନୀଗୁଡ଼ିକରେ ୬୦୦ ବିଲିୟନ୍ ଡଲାର ପୁଞ୍ଜିନିବେଶ କରିବ। ଏଫ୍-୩୫ ଫାଇଟର ଜେଟ୍ ରପ୍ତାନୀ ବିଷୟରେ କିଛି କୁହାଯାଇ ନ ଥିଲେ ମଧ୍ୟ ଆମେରିକା ପକ୍ଷରୁ ସାଉଦି ଆରବକୁ ଏହା ଯୋଗାଯିବାର ଯଥେଷ୍ଟ ସମ୍ଭାବନା ରହିଛି। କାତାର ୟୁନିଭର୍ସିଟି ପ୍ରଫେସର ତଥା ମିଡିଲ୍ ଇଷ୍ଟ ସିକ୍ୟୁରିଟି ଇନିସିଏଟିଭ୍‌ର ବରିଷ୍ଠ ଗବେଷକ ଅଲୀ ବାକିର 'ବ୍ରେକିଂ ଡିଫେନ୍ସ'କୁ କହିଛନ୍ତି, ଯେତେବେଳେ ଟ୍ରମ୍ପ୍ ଫ୍ୟାକ୍ଟର କାମ କରିଥାଏ, ସେତେବେଳେ କୌଣସି ପ୍ରକାର ସମ୍ଭାବନାକୁ ଅଗ୍ରାହ୍ୟ କରାଯାଇ ନ ପାରେ। ତେଣୁ ବିନା ଚ୍ୟାଲେଞ୍ଜରେ ସମ୍ଭାବ୍ୟ ଏଫ୍-୩୫ ଡିଲ୍ ହେବ ନାହିଁ ବୋଲି ସେ ମନେକରନ୍ତି।**



ସାଉଦି ଆରବ ରୟାଲ ପ୍ୟାଲେସ୍‌ରେ ସାଉଦି ପ୍ରିନ୍ସ ମହମ୍ମଦ ବିନ୍ ସଲମାନ୍‌ଙ୍କ ସହ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍।

ନୂଆଦିଲ୍ଲୀ/ନ୍ୟୁୟର୍କ/ଇସ୍‌ଲାମାବାଦ/ବେରୁଟ୍,୧୪।୫

ଆମେରିକା ଓ ସାଉଦି ଆରବ ମଧ୍ୟରେ ପ୍ରାୟ ୧୪୨ ବିଲିୟନ୍ ଡଲାରର ପ୍ରତିରକ୍ଷା ଚୁକ୍ତି ସମ୍ପନ୍ନ ହୋଇଛି। ତଦନୁସାରେ ଆମେରିକା ସାଉଦି ଆରବକୁ ଏହି ପରିମାଣର ଯୁଦ୍ଧାସ୍ତ୍ର ଓ ପ୍ରତିରକ୍ଷା ଉପକରଣ ବିକ୍ରି କରିବ। ହ୍ୱାଇଟ୍ ହାଉସ୍ ଏହାକୁ 'ପ୍ରତିରକ୍ଷା ସାମଗ୍ରୀ ବିକ୍ରି ଇତିହାସରେ ସର୍ବବୃହତ୍ ଡିଲ୍' ବୋଲି ଅଭିହିତ କରିଛି। ଏଥିରେ ଜେନେରାଲ୍ ଇଲେକ୍ଟ୍ରିକ୍‌ରୁ ୧୪.୨ ବିଲିୟନ୍ ଡଲାରର ଗ୍ୟାସ୍ ଟର୍ବାଇନ୍ ଓ ଏନର୍ଜି ସଲ୍ୟୁଶନ ଏବଂ ୪.୮ ବିଲିୟନ୍ ଡଲାର ମୂଲ୍ୟର ବୋଇଂ ୭୩୭-୮ ପାସେଞ୍ଜର ଏୟାରକ୍ରାଫ୍ଟ ବିକ୍ରି ଅନ୍ତର୍ଭୁକ୍ତ। ହ୍ୱାଇଟ୍ ହାଉସ୍ ପକ୍ଷରୁ ଚୁକ୍ତି ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରାଯାଇ ନ ଥିଲେ ହେଁ ଏହା ଅଧୀନରେ ବାୟୁସେନା, ମହାକାଶ, ଏୟାର ଓ ମିଶାଇଲ୍ ଡିଫେନ୍ସ, ସାମୁଦ୍ରିକ ନିରାପତ୍ତା, ସୀମା ସୁରକ୍ଷା, ସ୍ଥଳସେନାର ଆଧୁନିକୀକରଣ, ସୂଚନା ଓ ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନୀକରଣ ଆଦି ଆସୁଥିବା କହିଛି। ଏତିକି ନୁହେଁ, ରୟାଲ ସାଉଦି ଆର୍ମ୍ଡ ଫୋର୍ସେସ୍‌କୁ ଆମେରିକା ସାମରିକ ତାଲିମ ଦେବ। ସାଉଦି ଆରବର ସଶସ୍ତ୍ର ବଳକୁ ଶିକ୍ଷା ସହ ସାମରିକ ଡାକ୍ତରୀ ସେବା ମଧ୍ୟ ଆମେରିକୀୟ ସେନା ପ୍ରଦାନ କରିବ।

ହ୍ୱାଇଟ୍ ହାଉସ୍ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ନେତୃତ୍ୱରେ ବୁଧବାର ସାଉଦି ଆରବ ସହ ସମ୍ପାଦିତ ପ୍ରତିରକ୍ଷା ଚୁକ୍ତି ଆମେରିକା ଇତିହାସରେ ପ୍ରତିରକ୍ଷା କ୍ଷେତ୍ରରେ ସବୁଠୁ ବଡ଼ ଡିଲ୍। ସାଉଦି ଆରବ ସହିତ ସହଭାଗିତାକୁ ମଜଭୁତ୍ କରିବା ନେଇ ଆମେରିକାର ପ୍ରତିଶ୍ରୁତିବଦ୍ଧତା ଏଥିରୁ ସ୍ପଷ୍ଟ ପରିଲକ୍ଷିତ ହୋଇଛି। ଏହା ବଦଳରେ ସାଉଦି ଆରବ ଆମେରିକାର ବିଭିନ୍ନ ଶିଳ୍ପରେ ୬୦୦ ବିଲିୟନ୍ ଡଲାର ପୁଞ୍ଜି ନିବେଶ କରିବ। ଆମେରିକାର ବିଦେଶୀ ସାମରିକ ବିକ୍ରି କଥା ବୁଝୁଥିବା ପରରାଷ୍ଟ୍ର ବିଭାଗ ମଧ୍ୟ ଡିଲ୍ ହୋଇଥିବା ବିଷୟ କହିଛି। କିନ୍ତୁ ଏହାର ପ୍ରତିନିଧିମାନେ ଏ ସମ୍ପର୍କରେ 'ବ୍ରେକିଂ ଡିଫେନ୍ସ'କୁ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି। ବିଶ୍ୱର ପ୍ରତିରକ୍ଷା ଶିଳ୍ପ କାରବାର ବିଶ୍ଳେଷଣକାରୀ ସଂସ୍ଥା 'ବ୍ରେକିଂ ଡିଫେନ୍ସ' ସହ ଆଲୋଚନାବେଳେ ନିଅର୍ ଇଷ୍ଟ୍ ସାଉଥ୍ ଏସିଆ ସେଣ୍ଟର ଫର୍ ସିକ୍ୟୁରିଟି ଷ୍ଟଡିଜ୍ ପ୍ରଫେସର ଷ୍ଟିଲ୍ ଡାଭିଡ୍ ଡେସ୍ ରୋଚେସ୍ କହିଛନ୍ତି, ଏହି ଡିଲ୍ ଯୋଗୁ ସାଉଦି ଆରବର ଏୟାର ଡିଫେନ୍ସ ବିଶେଷକରି ପାଟ୍ରିଅଟ୍ ଏୟାର ଡିଫେନ୍ସ ମଜଭୁତ୍ ହେବ। କିନ୍ତୁ ଏଥିଲାଗି ସେମାନଙ୍କୁ ଅଧିକ ପରିମାଣର ମିଶାଇଲ ଓ ନୂଆ ଲଞ୍ଚର ଦିଆଯିବା ଆବଶ୍ୟକ। ସାଉଦି ଆରବ ବହୁ ଆକାଂକ୍ଷିତ ପାଟ୍ରିଅଟ୍ ରାଡାରକୁ ମଧ୍ୟ ଏହି ଡିଲ୍ ଅଧୀନରେ ଉନ୍ନତ କରାଯାଇପାରେ।

## ଚର୍ଚ୍ଚାରେ ଏଫ୍-୩୫ ଜେଏସ୍ଏଫ୍

ସାଉଦି ଆରବ ଆମେରିକାଠାରୁ ଦୀର୍ଘ ସମୟ ଧରି ଏଫ୍-୩୫ ଜଏଣ୍ଟ ଷ୍ଟ୍ରାଇକ୍ ଫାଇଟର ପ୍ଲେନ୍ ଦାବି କରିଆସୁଥିବାବେଳେ ମଙ୍ଗଳବାର ସମ୍ପାଦିତ ୧୪୨ ବିଲିୟନ୍ ଡଲାର ମୂଲ୍ୟର ପ୍ରତିରକ୍ଷା ଚୁକ୍ତିରେ ଏସମ୍ପର୍କରେ ଉଲ୍ଲେଖ ଥିବା ନେଇ ହ୍ୱାଇଟ୍ ହାଉସ୍ ପକ୍ଷରୁ କିଛି ସୂଚନା ଦିଆଯାଇ ନାହିଁ। କାତାର ୟୁନିଭର୍ସିଟି ପ୍ରଫେସର ତଥା ମିଡିଲ୍ ଇଷ୍ଟ ସିକ୍ୟୁରିଟି ଇନିସିଏଟିଭ୍‌ର ବରିଷ୍ଠ ଗବେଷକ ଅଲୀ ବାକିର 'ବ୍ରେକିଂ ଡିଫେନ୍ସ'କୁ କହିଛନ୍ତି, ଯେତେବେଳେ ଟ୍ରମ୍ପ୍ ଫ୍ୟାକ୍ଟର କାମ କରିଥାଏ, ସେତେବେଳେ କୌଣସି ପ୍ରକାର ସମ୍ଭାବନାକୁ ଅଗ୍ରାହ୍ୟ କରାଯାଇ ନ ପାରେ। ତେଣୁ ବିନା ଚ୍ୟାଲେଞ୍ଜରେ ସମ୍ଭାବ୍ୟ ଏଫ୍-୩୫ ଡିଲ ହେବ ନାହିଁ ବୋଲି ସେ ମନେକରନ୍ତି। ନିଅର୍ ଇଷ୍ଟ୍ ସାଉଥ୍ ଏସିଆ ସେଣ୍ଟର ଫର୍ ସିକ୍ୟୁରିଟି ଷ୍ଟଡିଜ୍ ପ୍ରଫେସର ଷ୍ଟିଲ୍ ଡାଭିଡ୍ ଡେସ୍ ରୋଚେସ୍ କହିଛନ୍ତି, ଏଫ୍-୩୫ ଡିଲ୍ ବାସ୍ତବରେ ରାଜନୈତିକ ଇଚ୍ଛାଶକ୍ତି ଉପରେ ନିର୍ଭର କରି ନ ଥାଏ। ବରଂ ବିଦେଶକୁ ନିଜ ଜ୍ଞାନକୌଶଳ ପ୍ରଦାନ କରାଯିବା ନେଇ ଆମେରିକା ଚିନ୍ତିତ ଥାଇପାରେ।



## ଭାରତରେ ତୁର୍କୀ, ଚାଇନାର ସରକାରୀ ମିଡିଆ ଏକ୍ସ' ଆକାଉଣ୍ଟ ବ୍ଲକ୍

ନୂଆଦିଲ୍ଲୀ, ୧୪।୫

ଚାଇନାରେ ସରକାରୀ ପରିଚାଳିତ ଗଣମାଧ୍ୟମ ଏଜେନ୍ସି ଗ୍ଲୋବାଲ ଟାଇମ୍ସ ଓ ଜିନ୍‌ହୁଆ ଏବଂ ତୁର୍କୀର ସରକାରୀ ମିଡିଆ ଏଜେନ୍ସି ଟିଆର୍‌ଟି ୱାର୍ଲ୍ଡର ଏକ୍ସ' ଆକାଉଣ୍ଟକୁ ଭାରତରେ ବ୍ଲକ୍ କରାଯାଇଛି। ଗତ ସପ୍ତାହରେ ପାକିସ୍ତାନ ଏବଂ ଭାରତ ମଧ୍ୟରେ ଉତ୍ତେଜନାପୂର୍ଣ୍ଣ ସ୍ଥିତି ମଧ୍ୟରେ ଭାରତର ଜାତୀୟ ସ୍ୱାର୍ଥ ବିରୋଧରେ ବିଭିନ୍ନ ବିଭ୍ରାନ୍ତିକର ଏବଂ ମିଥ୍ୟା ଖବର ପୋଷ୍ଟ କରୁଥିବାରୁ ଭାରତ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ବିଭିନ୍ନ ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ପାକିସ୍ତାନ ଉପରେ ଭାରତର ସାମରିକ କାର୍ଯ୍ୟାନୁଷ୍ଠାନକୁ ନେଇ ଏହି ଗଣମାଧ୍ୟମଗୁଡ଼ିକ ବିଭିନ୍ନ ବିଭ୍ରାନ୍ତିକର ଏବଂ ଭୁଲ୍ ତଥ୍ୟ ଶେୟାର କରିଥିଲେ।

## ଅଜୟ କୁମାର ହେଲେ ୟୁପିଏସ୍‌ସି ଚେୟାରମ୍ୟାନ



ନୂଆଦିଲ୍ଲୀ, ୧୪।୫

ପୂର୍ବତନ ପ୍ରତିରକ୍ଷା ସଚିବ ଅଜୟ କୁମାରଙ୍କୁ ବୁଧବାର କେନ୍ଦ୍ରୀୟ ଲୋକ ସେବା ଆୟୋଗ (ୟୁପିଏସ୍‌ସି)ର ଚେୟାରମ୍ୟାନ ଭାବେ କେନ୍ଦ୍ର ସରକାର ନିଯୁକ୍ତ କରିଛନ୍ତି। ଗତ ୨୯ ତାରିଖରେ ୟୁପିଏସ୍‌ସିର ପୂର୍ବତନ ଅଧ୍ୟକ୍ଷ ପ୍ରୀତି ସୁଦନଙ୍କ କାର୍ଯ୍ୟକାଳ ଶେଷ ହୋଇଥିଲା। ଏହାପରଠାରୁ ୟୁପିଏସ୍‌ସି ଅଧ୍ୟକ୍ଷ ପଦ ଖାଲି ପଡ଼ିଥିଲା। ଅଜୟ ହେଉଛନ୍ତି ୧୯୮୫ ବ୍ୟାଚ୍ କେରଳ କ୍ୟାଡରର ପୂର୍ବତନ ଆଇଏଏସ୍ ଅଧିକାରୀ। ୨୦୧୯ ଅଗଷ୍ଟ ୨୩ରୁ ୨୦୨୨ ଅକ୍ଟୋବର ୩୧ ପର୍ଯ୍ୟନ୍ତ ସେ ପ୍ରତିରକ୍ଷା ସଚିବ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।



ସିଡିଏସ୍ ଜେନେଲାର ଅନିଲ ଚୌହାନଙ୍କ ସହ ୩ ସେନା ମୁଖ୍ୟ ବୁଧବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ଭବନରେ ଭେଟିଛନ୍ତି।

**ଅପରେଶନ ସିନ୍ଦୂର**

## ରାଷ୍ଟ୍ରପତିଙ୍କୁ ଅବଗତ କରାଇଲେ ସିଡିଏସ୍, ୩ ସେନା ମୁଖ୍ୟ

ନୂଆଦିଲ୍ଲୀ, ୧୪।୫

ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେଲାର ଅନିଲ ଚୌହାନଙ୍କ ସହ ୩ ସେନା ମୁଖ୍ୟ ବୁଧବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ଭବନରେ ଭେଟି ଆତଙ୍କବାଦ ବିରୋଧରେ ଭାରତର ଅପରେଶନ ସିନ୍ଦୂର ବିଷୟରେ ଅବଗତ କରାଇଛନ୍ତି। ଏହି ଅବସରରେ ଜେନେଲାର ଅନିଲ ଚୌହାନଙ୍କ ସହ ସେନାମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ, ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଏ.ପି. ସିଂ ଏବଂ ନୌସେନା ମୁଖ୍ୟ ଆଡମିରାଲ ଦୀନେଶ କେ. ତ୍ରିପାଠୀ ଉପସ୍ଥିତ ଥିଲେ। ରାଷ୍ଟ୍ରପତି ମୁର୍ମୁ ଭାରତୀୟ ସଶସ୍ତ୍ର ବାହିନୀର ସାହସିକତା ଏବଂ ଆତଙ୍କବାଦ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନକୁ ପ୍ରଶଂସା କରିଥିଲେ।

## ଜୟଶଙ୍କରଙ୍କ ସୁରକ୍ଷା ବଢ଼ିଲା

ନୂଆଦିଲ୍ଲୀ, ୧୪।୫

ଆତଙ୍କବାଦ ବିରୋଧରେ ଭାରତ ସରକାରଙ୍କ ଅପରେଶନ ସିନ୍ଦୂର ପରେ ବୁଧବାର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଯାଇଛି। ଦିଲ୍ଲୀସ୍ଥିତ ତାଙ୍କ ବାସଭବନ ଚାରିପାଖରେ ସୁରକ୍ଷା ବଳୟକୁ କଡ଼ାକଡ଼ି କରାଯାଇଛି। ବିଭିନ୍ନ ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜୟଶଙ୍କରଙ୍କ ସୁରକ୍ଷାରେ ୨ଟି ବୁଲେଟ ପ୍ରୁଫ୍ ଗାଡ଼ିକୁ ସାମିଲ କରାଯାଇଛି। ତେବେ ଏନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୌଣସି ଘୋଷଣା କରାଯାଇନାହିଁ।

ପ୍ରଥମ ଥର ପାଇଁ
ଇସବଗୁଲ୍
ବନସାର ଆପଣଙ୍କ ପାଇଁ ଆଣିଛି
100% ରିଫଣ୍ଡ ଅଫର୍*
ପ୍ରଥମେ ବ୍ୟବହାର କରନ୍ତୁ। ତାପରେ ବିଶ୍ୱାସ କରନ୍ତୁ।
ଯଦି ଆପଣ ବନସାର ଇସବଗୁଲ୍ କୁ ୧୫ ଦିନ ବ୍ୟବହାର କରିବା ପରେ ମଧ୍ୟ ସନ୍ତୁଷ୍ଟ ନୁହନ୍ତି ତେବେ ଖୋଲା ଯାଇଥିବା ବ୍ୟବହୃତ ପ୍ୟାକ୍ ସହିତ ଆପଣଙ୍କର ମୁହଁ, ପ୍ୟାକ୍ ଓ ଲାଲ୍ ଷ୍ଟ୍ରିପକୁ ଉପଯୁକ୍ତ ଭାବରେ ଦୃଶ୍ୟମାନ କରି ଫଟୋ ନିଅନ୍ତୁ ଓ ଏହାକୁ ଅପଲୋଡ୍ କରନ୍ତୁ।
ଅଧିକ ସବିଶେଷ ପାଇଁ ପରିଦର୍ଶନ କରନ୍ତୁ www.vansaar.com ବା କ୍ୟୁଆର କୁ ସ୍କାନ କରନ୍ତୁ
ନିକଟତମ ସ୍ଥାନୀୟ ଷ୍ଟୋର, www.vansaar.com ଓ ସମସ୍ତ ଅଗ୍ରଣୀ ଅନଲାଇନ୍ ଷ୍ଟୋରରେ ଉପଲବ୍ଧ।
• ଦୃଶ୍ୟମାନ ଉନ୍ନତ ସିଙ୍ଗିଲ୍ ବ୍ଲେଣ୍ଡ ଇସବଗୁଲ୍ ସହିତ ଧଳା, ସଫା ଓ ବଡ଼ ଫ୍ଲେକ୍ସ
• ବିଜ୍ଞାନସମ୍ମତ ଭାବରେ ଉନ୍ନତ ଅନ୍ୟ ଇସବଗୁଲ୍ ତୁଳନାରେ ୨୬% ଅଧିକ ଡାଏଟାରି ଫାଇବର
• ଉନ୍ନତ କାର୍ଯ୍ୟକାରୀତା ଉତ୍କୃଷ୍ଟ ମାନ ହେତୁ




*Terms & conditions apply
Get a coupon equal to your purchase value - redeemable on Vansaar website.

## ୨୧ ଦିନ ପରେ ବିଏସ୍ଏଫ୍ ଯବାନଙ୍କୁ ମୁକ୍ତକଲା ପାକିସ୍ତାନ

**ପାକିସ୍ତାନୀ ରେଞ୍ଜରଙ୍କୁ ଛାଡ଼ିଲା ଭାରତ**



ପୂର୍ଣ୍ଣମ କୁମାର ଶ

ଅମୃତସର, ୧୪।୫

ଭାରତ ଏବଂ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ଘୋଷଣା ପରେ ବୁଧବାର ଉଭୟ ଦେଶ ୱାଘା-ଅଟାରୀ ସୀମାରେ ନିଜ ନିଜ କବ୍‌ଜାରେ ଥିବା ଜଣେ ସୈନ୍ୟଙ୍କୁ ମୁକ୍ତ କରିଛନ୍ତି। ୨୧ ଦିନ ପରେ ସୀମା ସୁରକ୍ଷା ବଳ (ବିଏସ୍ଏଫ୍) ଯବାନ ପୂର୍ଣ୍ଣମ କୁମାର ଶଙ୍କୁ ପାକିସ୍ତାନ ମୁକ୍ତ କରିଛି। ବୁଧବାର ପୂର୍ବାହ୍ନ ୧୦.୩୦ଟା ସମୟରେ ପାକିସ୍ତାନୀ ରେଞ୍ଜରମାନେ ପୂର୍ଣ୍ଣମଙ୍କୁ ବିଏସ୍ଏଫ୍‌କୁ ହସ୍ତାନ୍ତର କରିଥିଲେ। ଭାରତ ଫେରିବା ପରେ ପୂର୍ଣ୍ଣମଙ୍କର ତୁରନ୍ତ ମେଡିକାଲ ଚେକ୍‌ଅପ୍ କରାଯାଇଥିଲା ଏବଂ ଏହାପରେ ତାଙ୍କର କାଉନ୍‌ସେଲିଂ କରାଯାଇଛି। ଗତ ଏପ୍ରିଲ ୨୩ରେ ସେ ଭୁଲ୍‌ବଶତଃ ଅନ୍ତର୍ଜାତୀୟ ସୀମା ପାର୍ କରି ପାକିସ୍ତାନରେ ପ୍ରବେଶ କରିଥିଲେ। ପୂର୍ଣ୍ଣମଙ୍କ ମୁକ୍ତି ପାଇଁ ବିଏସ୍ଏଫ୍ ପକ୍ଷରୁ ଲଗାତର ପ୍ରୟାସ କରାଯାଇଥିଲା। ଏଥିପାଇଁ ବିଏସ୍ଏଫ୍ ଏବଂ ପାକିସ୍ତାନୀ ରେଞ୍ଜର୍ସଙ୍କ ମଧ୍ୟରେ ୬ରୁ ଅଧିକ ଥର ଫ୍ଲାଗ୍ ମିଟିଂ ହୋଇଥିଲା ବୋଲି ବିଭିନ୍ନ ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି। ପାକିସ୍ତାନୀ ରେଞ୍ଜରମାନେ ପୂର୍ଣ୍ଣମଙ୍କୁ ଭାରତୀୟ ସେନା ଅଧିକାରୀଙ୍କୁ ହସ୍ତାନ୍ତର କରିବା ପରେ ଭାରତ ପକ୍ଷରୁ ମଧ୍ୟ ପାକିସ୍ତାନୀ ରେଞ୍ଜର ମହମଦୁଲ୍ଲାଙ୍କୁ ପାକିସ୍ତାନୀ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଥିଲା। ମହମଦୁଲ୍ଲା ପ୍ରାୟ ୨ ସପ୍ତାହ ତଳେ ଅସାବଧାନତାବଶତଃ ରାଜସ୍ଥାନର ଶ୍ରୀଗଙ୍ଗାନଗର ଜିଲାରେ ଥିବା ଅନ୍ତର୍ଜାତୀୟ ସୀମା ପାର୍‌କରି ଭାରତରେ ପ୍ରବେଶ କରିଥିଲେ। ତାଙ୍କୁ ବିଏସ୍ଏଫ୍ ହାଜତରେ ରଖାଯାଇଥିଲା।

## ଆମେରିକୀୟ ବାପା ଯୁଦ୍ଧ ବନ୍ଦ କରାଇଲେ: କଂଗ୍ରେସ

**ସୀମାରେ ଆଉ ଗୁଳିଗୋଳାର ଶବ୍ଦ କି ରାତିଅଧିଆ ଆକ୍ରମଣର ଆତଙ୍କ ନାହିଁ। ଜମ୍ମୁ-କଶ୍ମୀରରେ ଦୋକାନ ବଜାର ଖୋଲିବାରେ ଲାଗିଛି, ପିଲାମାନେ ସ୍କୁଲ ଯିବାକୁ ବାହାରିଲେଣି। ବୈଷ୍ଣୋଦେବୀ ପୀଠକୁ ୭ ଦିନ ପରେ ହେଲିକପ୍ଟର ସେବା ପୁଣି ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ଓମାର ଅବ୍‌ଦୁଲ୍ଲା ସୀମାନ୍ତବାସୀଙ୍କ ଦୁଃଖରେ ସହଭାଗୀ ହେବା ପାଇଁ ଏଲ୍‌ଓସିକୁ ଯାଇ ପୁନର୍ବାସର ପ୍ରତିଶ୍ରୁତି ଦେଉଛନ୍ତି। ଭୁଲ୍‌ବଶତଃ ପାକିସ୍ତାନ ମାଟିରେ ପାଦ ଥାପିଦେଇଥିବା ବିଏସ୍ଏଫ୍ ଯବାନ ୨୧ ଦିନ ପରେ ଭାରତ ଫେରିଛନ୍ତି। ଏସବୁ ଦେଖିଲେ ସ୍ଥିତି କ୍ରମଶଃ ସ୍ୱାଭାବିକ ଆଡ଼କୁ ଫେରୁଥିବା ମନେହେଉଥିବାବେଳେ ରାଜନୀତି କିନ୍ତୁ ସରଗରମ ହେବାରେ ଲାଗିଛି। ରାଜନୈତିକ ଦଳଗୁଡ଼ିକ ପାକିସ୍ତାନକୁ ପାନେ ଦେଇଥିବା ଭାରତୀୟ ସଶସ୍ତ୍ର ବଳର ମନୋବଳ ବଢ଼ାଇବା ପାଇଁ ଯାତ୍ରା ଚଳାଇଥିବାବେଳେ 'ଅପରେଶନ୍ ସିନ୍ଦୂର' ସଫଳତାର ଶ୍ରେୟରୁ ଲାଭ ହାସଲ ଆଶାରେ ଭାଜପା ନିଜସ୍ୱ ତ୍ରିରଙ୍ଗା ଯାତ୍ରାର ଆୟୋଜନ କରିଛି। ଏଭଳି ସମୟରେ ଅସ୍ତ୍ରବିରତିରେ ଆମେରିକାର ଭୂମିକାକୁ ନେଇ କଂଗ୍ରେସ ପୁଣି ପ୍ରଶ୍ନ ଉଠାଇଛି।**

ନୂଆଦିଲ୍ଲୀ,୧୪।୫

ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍ଏଫ୍) ପକ୍ଷରୁ ବୁଧବାର ପାକିସ୍ତାନକୁ ପରିବର୍ଦ୍ଧିତ ପାଣ୍ଠି ସୁବିଧା କାର୍ଯ୍ୟକ୍ରମ ଅଧୀନ ଦ୍ୱିତୀୟ ପର୍ଯ୍ୟାୟରେ ଅବଶିଷ୍ଟ ୧.୦୨୩ ବିଲିୟନ ଡଲାର ଦିଆଯାଇଛି। ଆସନ୍ତା ଜୁନ୍ ୨ରେ ପାକିସ୍ତାନ ସରକାର ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ ଉପସ୍ଥାପନ କରିବାକୁ ଲକ୍ଷ୍ୟ ରଖିଥିବାବେଳେ ଇସ୍‌ଲାମାବାଦ ସହ ମେ' ୧୬ ପର୍ଯ୍ୟନ୍ତ ଆଲୋଚନା ଚାଲିବ ବୋଲି ଆଇଏମ୍ଏଫ୍ କହିଛି। ଏହା ପୂର୍ବରୁ ଶୁକ୍ରବାର ପାକିସ୍ତାନକୁ ଆଇଏମ୍ଏଫ୍ ୧ ବିଲିୟନ୍ ଡଲାର ଋଣ ପ୍ରଦାନ କରିଥିଲା। ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ପାକିସ୍ତାନକୁ ଏଭଳି ସମୟରେ ୨.୦୨୩ ବିଲିୟନ ଡଲାର ସହାୟତା ପଛର କାରଣ କ'ଣ ବୋଲି ଅନେକେ ପ୍ରଶ୍ନ ଉଠାଉଥିବାବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତାଙ୍କ ହସ୍ତକ୍ଷେପ ଯୋଗୁ ସିଜ୍‌ଫାୟାର ସମ୍ଭବ ହୋଇଥିବା ବାରମ୍ବାର କହୁଛନ୍ତି। ଏପରି କି କଶ୍ମୀର ପ୍ରସଙ୍ଗରେ ମଧ୍ୟସ୍ଥତା କରିବାକୁ ମଧ୍ୟ ସେ ପ୍ରସ୍ତାବ ଦେଇଛନ୍ତି।



ଜୟରାମ ରମେଶ

ଭାରତ-ପାକିସ୍ତାନ ମଧ୍ୟରେ ୪ ଦିନ ଧରି ଯୁଦ୍ଧ ସ୍ଥିତି ଲାଗି ରହିବା ପରେ ମେ' ୧୦ ଅପରାହ୍ନ ୫ଟାରୁ ଅସ୍ତ୍ରବିରତି ପାଇଁ ଦୁଇଦେଶ ସହମତି ପ୍ରକାଶ କରିଥିଲେ। ଉଭୟ ଦେଶର ଡାଇରେକ୍ଟର ଜେନେରାଲ ଅଫ୍ ମିଲିଟାରି ଅପରେଶନ୍ (ଡିଜିଏମ୍ଓ) ସ୍ତରରେ ଆଲୋଚନା ପରେ ସିଜ୍‌ଫାୟାର ହୋଇଥିବା ଭାରତ ପକ୍ଷରୁ କୁହାଯାଉଛି। କିନ୍ତୁ ବିରୋଧୀ ଦଳଗୁଡ଼ିକ କେନ୍ଦ୍ରର ଏପରି ସଫେଇକୁ ବିଶ୍ୱାସ କରିପାରୁନାହାନ୍ତି। ଏଆଇସିସି ସାଧାରଣ ସମ୍ପାଦକ ସଚିନ ପାଇଟ୍ ବୁଧବାର ଟ୍ରମ୍ପ୍‌ଙ୍କ ମଧ୍ୟସ୍ଥତା ମନ୍ତବ୍ୟ ଉପରେ କେନ୍ଦ୍ରକୁ ସ୍ପଷ୍ଟୀକରଣ ମାଗିଛନ୍ତି। କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି, କିଛିଦିନ ପୂର୍ବରୁ ପାକିସ୍ତାନ ସହ ଟ୍ରମ୍ପ୍‌ଙ୍କ ଯୋଗୁ ସିଜ୍‌ଫାୟାର ସମ୍ଭବ ହୋଇଥିବା ଆମେ ଜାଣିବାକୁ ପାଇଥିଲୁ। ମଙ୍ଗଳବାର ସାଉଦି ଆରବରେ ଟ୍ରମ୍ପ୍ କହିଛନ୍ତି, ଅସ୍ତ୍ରବିରତି ପାଇଁ ଭାରତ ରାଜି ହୋଇ ନ ଥିଲେ ସେ ନୂଆଦିଲ୍ଲୀକୁ ବ୍ଲାକ୍‌ମେଲ୍ କରିଥାଆନ୍ତେ। ଟ୍ରମ୍ପ୍‌ଙ୍କ ନିକଟରେ କେନ୍ଦ୍ର ସରକାର ଭାରତର ସୁରକ୍ଷା ସ୍ୱାର୍ଥକୁ ବନ୍ଧା ପକାଇ ଦେଇଛନ୍ତି କି? ଆମେରିକୀୟ ବାପା ଯୁଦ୍ଧ ବନ୍ଦ କରାଇଲେ କି ବୋଲି ଏକ୍ସ'ରେ ରମେଶ ପ୍ରଶ୍ନ କରିଛନ୍ତି।

"ପ୍ରତ୍ୟେକ ବସ୍ତୁରେ, ପ୍ରତ୍ୟେକ କ୍ଷେତ୍ରରେ, ପ୍ରତିଟି ସଂପର୍କରେ ସତ୍ୟକୁ ପରିପୂର୍ଣ୍ଣ ଛନ୍ଦ ସହ ବିକଶିତ କରିବାକୁ ହେବ ଏବଂ ଜୀବନର ପ୍ରତିଟି ଗତିବୃତ୍ତି ସୌନ୍ଦର୍ଯ୍ୟ ଓ ସଂଗତିର ପ୍ରକାଶକ ହେବା ଉଚିତ। -ଶ୍ରୀମା

-ବୃଷ ସଂକ୍ରାନ୍ତି, ବୃହସ୍ପତି ସଞ୍ଚାର ଓ ହଳ ନିଷେଧ



# କ୍ଷମତା ଓ ବାଣିଜ୍ୟରେ ଘୋଡ଼ା



ଦେବଦତ୍ତ ପଟ୍ଟନାୟକ

ଶହେ ବର୍ଷ ପୂର୍ବେ ପେଟ୍ରୋଲ ବିଶ୍ୱରେ ଏକ ବଡ଼ ପରିବର୍ତ୍ତନ ଆଣିଥିଲା। ସେତେବେଳେ ଆମ ପାଖରେ ଯେଉଁ ଗାଡ଼ି ଥିଲା ତାହା ପଶୁ ଦ୍ୱାରା ନୁହେଁ, ବରଂ ପେଟ୍ରୋଲରେ ଚାଲୁଥିଲା। କିନ୍ତୁ ଏହା ପୂର୍ବରୁ ୩୦୦୦ରୁ ଊର୍ଦ୍ଧ୍ୱ ବର୍ଷଧରି ରାଜାମାନେ ଘୋଡ଼ା ଚଢୁଥିଲେ। ଯେଉଁ ରାଜାଙ୍କର ବିଶାଳ ଅଶ୍ୱବାହିନୀ ଥିଲା ସେମାନେ ରାଜ୍ୟ ଜୟ କରିପାରୁଥିଲେ। ପାର୍ସି ଶବ୍ଦ 'ସିୟାସତ୍' ଅର୍ଥ ଘୋଡ଼ା ଓ ରାଜ୍ୟକୁ ଏକସଙ୍ଗରେ ପରିଚାଳନା କରିବା। ସେହିଭଳି ଇଂଲିଶ ଶବ୍ଦ 'ମ୍ୟାନେଜ୍‌ମେଣ୍ଟ' ଇଟାଲୀୟ ଶବ୍ଦରୁ ଆସିଛି, ଯାହାର ଅର୍ଥ ହେଉଛି ଉଭୟ ଘୋଡ଼ା ଓ ରାଜ୍ୟ ପରିଚାଳନା କରିବା।

ଘୋଡ଼ା ଭାରତର ନୁହେଁ, ହାତୀ ହେଉଛି ଭାରତର। ହାତୀଗୁଡ଼ିକ ଭାରତର ଘଞ୍ଚ, ଉଷ୍ମ ତଥା ଆର୍ଦ୍ର ଜଙ୍ଗଲରେ ରହି ଜୀବନ କଟାନ୍ତି। ଏମାନଙ୍କୁ ବ୍ୟବସାୟୀ ଏବଂ ରାଜାମାନେ ନିଜର ସମୃଦ୍ଧି ଓ କ୍ଷମତା ପ୍ରତିଷ୍ଠା ପାଇଁ ବହୁଦିନଧରି ବ୍ୟବହାର କରିଆସିଛନ୍ତି। ଅନ୍ୟପଟେ ଘୋଡ଼ା ସାଧାରଣତଃ କେନ୍ଦ୍ର ଏସିଆ ଏବଂ ସମଗ୍ର ୟୁରୋପ-ଏସିଆର ଶୀତଳ ତଥା ସମତଳ ତୃଣଭୂମି ଅଞ୍ଚଳରେ ରହିବାକୁ ପସନ୍ଦ କରିଥାନ୍ତି। ପାଖାପାଖି ୫୦୦୦ ବର୍ଷ ପୂର୍ବେ ମାଂସ ଓ କ୍ଷୀର ପାଇଁ ଘୋଡ଼ା ପାଳନ କରାଯାଉଥିଲା। ସେମାନଙ୍କୁ ଗୃହପାଳିତ ପଶୁ ଭାବେ ଅଧିକ ପାଳନ କରାଯିବା ସହ ଘୋଡ଼ାଗାଡ଼ି ଟାଣିବାରେ ବ୍ୟବହାର କରାଯାଉଥିଲା। ପାଖାପାଖି ୨,୦୦୦ ବର୍ଷ ପୂର୍ବେ ଘୋଡ଼ାଙ୍କ ଆକାର ବଡ଼ ଥିଲା ଓ ସେମାନଙ୍କ ପିଠିରେ ବସି ଲୋକେ ଯିବାଆସିବା କରୁଥିଲେ। ୧,୦୦୦ ବର୍ଷ ପୂର୍ବେ ଘୋଡ଼ାପିଠିରେ କାଠ ସ୍ୟାଡେଲ(ଯେଉଁ ସିଟ୍‌ରେ ବସନ୍ତି) ଓ ଲୁହାର ଷ୍ଟିରପ୍(ଯାହା ଉପରେ ଘୋଡ଼ାଚଢ଼ାଳି ପାଦ ରଖନ୍ତି)ର ବ୍ୟବହାର କରାଗଲା। ଫଳରେ ପ୍ରଶିକ୍ଷିତ ବ୍ୟକ୍ତିମାନେ ସହଜରେ ଘୋଡ଼ା ଚଢ଼ି ବୁଲୁଥିଲେ। ଏହିପରି ତିନି ଉପାୟରେ ଘୋଡ଼ାର ବ୍ୟବହାର ସେହି ଲୋକମାନେ କରିଥିଲେ, ଯେଉଁମାନେ ଭାରତର ଇତିହାସକୁ ଗଢ଼ିଥିଲେ।

ଭାରତକୁ ପ୍ରଥମେ ଘୋଡ଼ାଗାଡ଼ିରେ ଆସିଥିବା ଲୋକମାନେ ବୈଦିକ ସଭ୍ୟତା ଗଢ଼ିଥିଲେ। ସେମାନେ ଗାଙ୍ଗେୟ ସମତଳଭୂମିରେ ଜଙ୍ଗଲ ସଫାକରି ଚାଷଜମି ବାହାର କରିଥିଲେ। ସେହି ସମୟରେ ସେମାନଙ୍କୁ ହାତୀ ସହ ଲଢ଼େଇ କରୁଥିଲେ, ଯାହା ସେମାନଙ୍କ ପ୍ରଗତିରେ ବାଧକ ସାଜିଥିଲା। ଆମେ ମହାରାଷ୍ଟ୍ରରେ ଘୋଡ଼ାଚାଳିତ ରଥ ଓ ଗଜବାହିନୀ ମଧ୍ୟରେ ଲଢ଼େଇର ବର୍ଣ୍ଣନା ସମ୍ପର୍କରେ ଶୁଣିଛେ। ବିଶେଷକରି ପଶ୍ଚିମ(ମାଦ୍ରା, କେକେୟା, ଗାନ୍ଧାର, ତ୍ରିଗର୍ତ୍ତ)ର ରାଜାଙ୍କ ନିୟନ୍ତ୍ରଣରେ ଘୋଡ଼ା ଥିଲାବେଳେ ପୂର୍ବ(କାମରୂପ, ମଗଧ)ରେ ଥିବା ରାଜାଙ୍କ ଅଧୀନରେ ହାତୀ ଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଗ୍ରୀକ୍, କେନ୍ଦ୍ର ଏସିଆରୁ ଚାଇନିଜ୍, ସ୍କିଥିଆନ(ପୁରାତନ ଇରାନୀୟ) ଓ ପାର୍ଥିଆନ(ଇଣ୍ଡୋ-ଇରାନୀୟ ଗୋଷ୍ଠୀ) ଆକ୍ରମଣକାରୀମାନେ ଭାରତରେ ପହଞ୍ଚିବା ପରେ ମୌର୍ଯ୍ୟ ସାମ୍ରାଜ୍ୟର ଉତ୍ଥାନ ଘଟିଥିଲା। ଅଶ୍ୱାରୋହୀ ହୁନ୍‌ମାନେ ଗୁପ୍ତ ସାମ୍ରାଜ୍ୟ ପତନର କାରଣ



ହୋଇଥିଲେ। ଏମାନେ ବୌଦ୍ଧ ଓ ଜୈନ ଧର୍ମ ଗ୍ରହଣକରି ତାହାର ସୁରକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ଜୈନ ସନ୍ନ୍ୟାସୀ କାଳକା ସାକ ଯୋଦ୍ଧାଙ୍କୁ ସାମ୍ନାକୁ ଆଣି ତାଙ୍କ ଭଉଣୀଙ୍କୁ ଉଦ୍ଧାର କରିଥିଲେ, ଯିଏ ଥିଲେ ଜଣେ ତପସ୍ୱିନୀ ଓ ତାଙ୍କୁ ଉଜ୍ଜୟିନୀ ରାଜା ଅପହରଣ କରିଥିଲେ। ଜଣେ ବୌଦ୍ଧ ସନ୍ନ୍ୟାସୀ ବୁଦ୍ଧଙ୍କ କାହାଣୀରେ କୁଶାଣ ଘୋଡ଼ାମାନଙ୍କର ଯାଦୁକରୀ ଶକ୍ତି ସମ୍ପର୍କରେ ବର୍ଣ୍ଣନା କରିଥିବାରୁ ତାଙ୍କୁ ଅଶ୍ୱଭାଘୋଷ କୁହାଯାଉଥିଲା। ଏହି ବିଦେଶୀ ଶାସକମାନେ ବ୍ରାହ୍ମଣଙ୍କ ଆଶ୍ରୟଦାତା ନ ଥିଲେ। ଏଣୁ ବ୍ରାହ୍ମଣମାନେ ନୂଆ ଆଶ୍ରୟଦାତା ସନ୍ଧାନରେ ଦକ୍ଷିଣଆଡ଼କୁ ଯାଇଥିଲେ। ଏଣୁ ଖ୍ରୀଷ୍ଟାବ୍ଦ ୫୦୦ ପରେ ଡେକାନ(ନର୍ମଦା ନଦୀର ଦକ୍ଷିଣରେ ଥିବା ଅଞ୍ଚଳ) ଓ ତାହାପରେ ଥିବା ଅଞ୍ଚଳରେ ଏକ ନୂଆ ହିନ୍ଦୁ ସାମ୍ରାଜ୍ୟ ଥିବା ଆମେ ଦେଖୁ।

ଶେଷ ପର୍ଯ୍ୟାୟରେ ମୁସଲମାନ ଯୋଦ୍ଧାମାନେ ଘୋଡ଼ା ଚଢ଼ି ଭାରତକୁ ଆସିଥିଲେ। ସେମାନେ ସେତେବେଳେ ଘୋଡ଼ା ଉପରେ ସ୍ୟାଡେଲ ଓ ଷ୍ଟିର୍‌ପ ଲଗାଇଥିଲେ ଏବଂ ଘୋଡ଼ାପିଠିରେ ବସି ଧନୁତୀର ଚଳାଇ ପାରୁଥିଲେ। ଅନ୍ୟପଟେ ସେହି ସମୟରେ ଭାରତର ରାଜାମାନେ ହାତୀ ଉପରେ ବସି ସେନା ପରିଚାଳନା କରୁଥିଲେ, ଯାହାଫଳରେ ସେମାନଙ୍କ ସମକକ୍ଷ ହୋଇପାରୁ ନ ଥିଲେ। କେନ୍ଦ୍ର ଏସିଆରୁ ଆସିଥିବା ତୁର୍କୀର ପତଳା ତଥା ବଳିଷ୍ଠ ଘୋଡ଼ା ହିନ୍ଦୁକୁଶ ପର୍ବତ ଅତିକ୍ରମକରି ପଞ୍ଜାବର ଲେଖି ଜଙ୍ଗଲରେ ପହଞ୍ଚିବା ପରେ ସେଠାରୁ ସେମାନଙ୍କୁ ହରଦ୍ୱାର ମାର୍କେଟକୁ ନିଆଯାଇଥିଲା। ପରେ ତେରାଇ ବାଟଦେଇ ବେଙ୍ଗଲକୁ ନିଆଯାଇଥିଲା ଏବଂ ବେଙ୍ଗଲରୁ ସେମାନଙ୍କୁ ଦକ୍ଷିଣ ପୂର୍ବ ଏସିଆକୁ ପଠାଯାଇଥିଲା କିମ୍ବା ଦକ୍ଷିଣରେ ଥିବା ରାୟାଲ ସୀମାରେ ତିରୁପତି ମାର୍କେଟକୁ ନିଆଯାଇଥିଲା। ଅନେକ ଘୋଡ଼ା ବେପାରୀ ସୁଲ୍‌ତାନ ପାଲଟି ଯାଇଥିଲେ, ଯାହା ଶେର୍ ଶାହା ସୁରିଙ୍କ କ୍ଷେତ୍ରରେ ଘଟିଥିଲା। ଘୋଡ଼ା ବ୍ୟବସାୟୀମାନେ ଯେତେବେଳେ ଘୋଡ଼ା କିଣୁଥିବା ରାଜାମାନେ ଦୁର୍ବଳ ଥିବା ଦେଖୁଥିଲେ ସେତେବେଳେ ସେମାନଙ୍କୁ ସହଜରେ ଗାଦିରୁ ହଟାଇଦେବାକୁ ସକ୍ଷମ ହେଉଥିଲେ।

ଦିଲ୍ଲୀର ସୁଲ୍‌ତାନମାନେ ଡେକାନ୍ ସୁଲ୍‌ତାନଙ୍କୁ ଘୋଡ଼ା ବିକିବାକୁ ଅନୁମତି ଦେଉ ନ ଥିଲେ। ଏଣୁ ଡେକାନ ସୁଲ୍‌ତାନମାନେ ଇରାନର ଦକ୍ଷିଣ ପଶ୍ଚିମ ଏସିଆରୁ ସମୁଦ୍ରପଥରେ ଘୋଡ଼ା ଆମଦାନୀ କରୁଥିଲେ। ଘୋଡ଼ା ପଶ୍ଚିମ ଉପକୂଳରେ ପହଞ୍ଚିବା ପରେ ସେମାନଙ୍କୁ ପାଲଘାଟ ଦେଇ କାବେରୀ ନଦୀରେ ପୂର୍ବ ଉପକୂଳକୁ ନିଆଯାଉଥିଲା ଏବଂ ଜାହାଜରେ ଦକ୍ଷିଣ ପୂର୍ବ ଏସିଆକୁ ନିଆଯାଉଥିଲା। ଏହା ଏକ ବିଶାଳ ବ୍ୟବସାୟ ଥିଲା। ଅଷ୍ଟାଦଶ ଶତାବ୍ଦୀରେ ଭାରତକୁ ବିଭିନ୍ନ ବାଟେ ପାଖାପାଖି ୧,୦୦,୦୦୦ ଘୋଡ଼ା ଆମଦାନୀ କରାଯାଇଥିଲା। ଏହି ବ୍ୟବସାୟର ପତନ ପୂର୍ବରୁ ଏହା ଥିଲା ସବୁଠୁ ବଡ଼ ବ୍ୟବସାୟ। ଯେଉଁ ସମୟରେ ମୋଗଲ ସାମ୍ରାଜ୍ୟର ପତନ ଘଟୁଥିଲା ଓ ମରାଠା ସାମ୍ରାଜ୍ୟର ଉତ୍ଥାନ ହେଉଥିଲା ସେତେବେଳେ ନାଦିର ଶାହାଙ୍କ ଭଳି ପାରସ୍ୟର ରାଜାମାନେ ଦିଲ୍ଲୀକୁ ଲୁଣ୍ଠନ କରିଥିଲେ। ଫଳରେ ଭାରତୀୟ ଦୁର୍ବଳ ବୋଲି ଇଂରେଜମାନେ ଅନୁଭବ କରିଥିଲେ। ଇଂରେଜଙ୍କ ପାଖରେ ଉନ୍ନତ ବନ୍ଧୁକ ଥିଲା ଏବଂ ଏହାକୁ ଚଳାଇପାରୁଥିବା ପ୍ରଶିକ୍ଷିତ ସେନା ରହିଥିଲେ। ଫଳରେ ସେମାନେ ସହଜରେ ଅଶ୍ୱାରୋହୀ ସେନାକୁ ପରାସ୍ତ କରିପାରୁଥିଲେ, କାରଣ ଅଶ୍ୱାରେହୀ ସେନା ଖଣ୍ଡା, ଭାଲା ଓ ନିମ୍ନମାନର ବନ୍ଧୁକରେ ଲଢୁଥିଲେ।

ଭାରତରେ ସ୍ଥାନୀୟ ଘୋଡ଼ା ପ୍ରଜନନ ବା ବଂଶବୃଦ୍ଧି କେବଳ ୧,୦୦୦ ବର୍ଷ ପୂର୍ବେ ଆରମ୍ଭ ହୋଇଥିଲା, ଯାହା ମରାଠା ଓ ରାଜପୁତର ଉତ୍ଥାନର କାରଣ ସାଜିଥିଲା। ଭାରତୀୟ ଘୋଡ଼ାଗୁଡ଼ିକ ପାହାଡ଼ିଆ ଅଞ୍ଚଳରେ ଗରିଲା ଆକ୍ରମଣ କରିବାରେ ଓ ଜିନିଷ ବୋହିବାରେ ପାରଙ୍ଗମ ଥିଲେ, କିନ୍ତୁ ବିଶାଳ ମୁହାଁମୁହିଁ ଲଢୁଥିବା ଅଶ୍ୱବାହିନୀ ପାଇଁ ଉପଯୁକ୍ତ ନ ଥିଲେ। ଗୁଜରାଟ, ରାଜସ୍ଥାନ, ଉତ୍ତରାଖଣ୍ଡ ଏବଂ ନେପାଳର ଏହି ଘୋଡ଼ା ପ୍ରଜନନ କେନ୍ଦ୍ରଗୁଡ଼ିକ ବହୁ ପୁରାତନ। ଏହିସବୁ ଅଞ୍ଚଳରେ ଘୋଡ଼ାଚଢ଼ା ଖଣ୍ଡାଧାରୀ ଲୋକଦେବତା ଯଥା ଭାଥ୍‌ଜୀ, ଭାଚ୍ଛାରଦ୍ଧା, ରାମଦେବଜୀ, ତେଜାଜୀ, ଦେବନାରାୟଣ, ଗୋଲୁ ଦେବ ଏବଂ ଧର୍ମ-ଠାକୁର ଦେଖିବାକୁ ମିଳନ୍ତି।

ଭାରତରେ ପ୍ରାୟ ୭୦୦ ଶତାବ୍ଦୀରେ ପ୍ରଥମେ ଚେସ୍ ଖେଳ ଆବିଷ୍କାର ହୋଇଥିଲା ଓ ତାହା ଆରବ ବାଟ ଦେଇ ସାରା ବିଶ୍ୱକୁ ଯାଇଥିଲା। ରାଜାମାନେ ସେମାନଙ୍କ ସାମ୍ରାଜ୍ୟକୁ ନିୟନ୍ତ୍ରଣ କରିବା ପାଇଁ କେବଳ ସୈନ୍ୟ ନୁହନ୍ତି, ବରଂ ହାତୀ (କିମ୍ବା ଓଟ), ଘୋଡ଼ାଟଣା ରଥ ବା ଗାଡ଼ି ଏବଂ ଅଶ୍ୱାରୋହୀ ବୀରଙ୍କର କିଭଳି ଆବଶ୍ୟକତା ରହିଛି ତାହା ଏହି ଚେସ୍ ଖେଳ ସ୍ମରଣ କରାଇ ଦେଇଥିଲା। ଏହିପରି ଭାବେ ବିଦେଶୀ ଆକ୍ରମଣକାରୀ ଓ ବ୍ୟବସାୟୀଙ୍କ ଦ୍ୱାରା ଭାରତକୁ ଅଣାଯାଇଥିବା ଘୋଡ଼ା ଭାରତର ଇତିହାସରେ ରହିଛି। ଏହା ସାମ୍ରାଜ୍ୟ ଓ ଯୁଦ୍ଧକୁ ପ୍ରଭାବିତ କରିଥିଲା। ବୈଦିକ ଘୋଡ଼ାଟଣା ରଥଠାରୁ ଆରମ୍ଭ କରି ଇସଲାମ ଅଶ୍ୱାରୋହୀ ସେନା ପର୍ଯ୍ୟନ୍ତ ଘୋଡ଼ାସେନା ରଣନୀତିରେ ପରିବର୍ତ୍ତନ ଆଣିପାରିଥିଲା। ଭାରତରେ ଘୋଡ଼ାବଂଶ ବୃଦ୍ଧି ଆହ୍ୱାନପୂର୍ଣ୍ଣ ଥିଲେ ମଧ୍ୟ ବାଣିଜ୍ୟ, କ୍ଷମତା ଓ ସାଂସ୍କୃତିକ କ୍ଷେତ୍ରରେ ଏହାର ଗୁରୁତ୍ୱ ରହିଥିଲା।

-devduttofficial@gmail.com

## ଏଇ ଭାରତରେ

ଆନ୍ଧ୍ରପ୍ରଦେଶର ମରୁଡ଼ିପ୍ରବଣ ଅନନ୍ତପୁର ଜିଲାରେ ପୋଖରୀ ପୁନରୁଦ୍ଧାର କରି ଏକ ଦମ୍ପତି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ଏହି ଅଭିଯାନ ଆଇଏଫ୍ଏସ୍ ବିନୀତ କୁମାର ଓ ରୂପକ ଯାଦବଙ୍କ ଦ୍ୱାରା ଚାଲିଛି। ଏହି ଦମ୍ପତି ୪୦୦ ଗ୍ରାମବାସୀ ଓ ବନ ବିଭାଗ ସହାୟତାରେ ଏବେ ସୁଦ୍ଧା ୧୧ଟି ଶୁଷ୍କ ପୁଷ୍କରିଣୀ ପୁନରୁଦ୍ଧାର କରିସାରିଲେଣି। କଲ୍ୟାଣଦୁର୍ଗମ ଓ ରାୟଦୁର୍ଗମ ସହର ଆଖପାଖ ଗାଁଗୁଡ଼ିକରେ କୌଣସି ପୋଖରୀରେ ପାଣି ନ ଥିଲା। କିନ୍ତୁ ଏବେ ସେସବୁ ଜଳପୂର୍ଣ୍ଣ। ଏହି କାର୍ଯ୍ୟ 'ଅନନ୍ତ ନିରୁ ସଂରକ୍ଷଣମ୍' ପ୍ରୋଜେକ୍ଟ ମାଧ୍ୟମରେ କରାଯାଉଛି। ଏଭଳି ସଫଳତା ପରେ ଜଳାଭାବରୁ କୃଷିକାର୍ଯ୍ୟ ଛାଡ଼ି ବାହାରକୁ ଚାଲିଯାଉଥିବା ଲୋକେ ପୁଣି ଗାଁ ଫେରି ଆସୁଛନ୍ତି। ବିନୀତ ଓ ରୂପକ ପୋଖରୀର ପୁନରୁଦ୍ଧାର କରିବା ସହ ନୂଆ ପୋଖରୀ ମଧ୍ୟ ଖନନ କରୁଛନ୍ତି। ଏହାସହ ସେମାନେ ବୃକ୍ଷଚାରା ରୋପଣ କରି ପରିସଂସ୍ଥାର ସୁରକ୍ଷା କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୫ ମେ ୧୯୭୬

- କଲିକତାର ବିଶିଷ୍ଟ ଖଣି ମାଲିକ ଗୋଏଙ୍କା ଇନ୍‌ଭେଷ୍ଟମେଣ୍ଟ କମ୍ପାନୀ ତାଳଚେର ହାଣ୍ଡିଧୁଆ କୋଇଲା ଖଣି ଚଳାଇବା ସମ୍ପର୍କରେ ଓଡ଼ିଶା ସରକାର ବିରୁଦ୍ଧରେ ଦାଏର କରିଥିବା ମୋକଦ୍ଦମାକୁ କଲିକତା ହାଇକୋର୍ଟ ଖର୍ଚ୍ଚା ସହିତ ଡିସ୍‌ମିସ୍ କରିଛନ୍ତି।
- ଦାନପୁରଠାରେ ଥିବା ଜାତୀୟ ଚିନି ପ୍ରତିଷ୍ଠାନ ଅଧିକ ଚିନି ଉତ୍ପାଦନ ପାଇଁ ଗୋଟିଏ ଆଧୁନିକ 'ଆୟନ ଏକ୍ସଚେଞ୍ଜ ପ୍ରଣାଳୀ' ଆବିଷ୍କାର କରିଛି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 7 | 4 | | 9 | |
| | | | | 8 | | 7 | 3 | |
| 9 | 1 | | | 2 | | | | |
| | | | | 3 | | | 4 | |
| | 7 | 3 | | | | | | |
| | | | | | 6 | 8 | | |
| | | 1 | 5 | | | 9 | 7 | |
| | | | | | 2 | 1 | | |
| | 4 | | | 6 | | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 8 | 6 | 3 | 9 | 5 | 1 | 2 | 7 |
| 2 | 7 | 5 | 6 | 1 | 4 | 3 | 9 | 8 |
| 9 | 1 | 3 | 2 | 8 | 7 | 5 | 6 | 4 |
| 5 | 2 | 1 | 4 | 7 | 9 | 6 | 8 | 3 |
| 8 | 9 | 7 | 5 | 3 | 6 | 4 | 1 | 2 |
| 3 | 6 | 4 | 1 | 2 | 8 | 9 | 7 | 5 |
| 1 | 5 | 9 | 8 | 4 | 2 | 7 | 3 | 6 |
| 7 | 4 | 2 | 9 | 6 | 3 | 8 | 5 | 1 |
| 6 | 3 | 8 | 7 | 5 | 1 | 2 | 4 | 9 |

ଗତକାଲିର ଉତ୍ତର

# ଯୁଗାତିକ୍ରମଣ ଓ କବି କାଳିନ୍ଦୀଚରଣ



ଡ. ହୃଷୀକେଶ ମଲ୍ଲିକ

ଜଣେ ଯୋଗଜନ୍ମା କବି ବା ଲେଖକ ଆପଣାର ସଂକଳ୍ପ ଓ ପ୍ରତିବଦ୍ଧତାରେ ସର୍ବଦା ନିଜର ସମକାଳୀନ ବା କିୟତ୍ ପ୍ରାକ୍ତନ ଯୁଗଟିକୁ ଅତିକ୍ରମ କରି ଚାଲିଥାଏ। ଯେଉଁ ସାମାଜିକ ଓ ସାଂସ୍କୃତିକ ସ୍ଥିତିରୁ ସେ ତା'ର ଲେଖା ଆରମ୍ଭ କରେ, ସେହି ସ୍ଥିତିଟିକୁ ସେ ନିଜର ପ୍ରତିଭା ଓ ଅଧ୍ୟବସାୟ ବଳରେ ବଦଳାଇଦିଏ। କେବଳ ସ୍ଥିତିଟିକୁ ନୁହେଁ, ତା' ସହିତ ସେ ପ୍ରତି ପଦକ୍ଷେପରେ ନିଜର ସାରସ୍ୱତ ଦୃଷ୍ଟିକୋଣ, ବିଚାର ଓ ଉପସ୍ଥାପନାର ତରିକାକୁ ମଧ୍ୟ ବଦଳାଏ। ଏପରି ବଦଳିବାର ପ୍ରକ୍ରିୟା ପ୍ରତିଭାର ପରାକ୍ରମ ଦ୍ୱାରା ହିଁ ସମ୍ପନ୍ନ ହୋଇଥାଏ। ଓଡ଼ିଆ ସାହିତ୍ୟରେ ୧୯୨୧ରୁ ୧୯୩୫ ମଧ୍ୟରେ 'ସବୁଜ ଗୋଷ୍ଠୀ' ବୋଲି ଯେଉଁ ଗୋଷ୍ଠୀଟି ଗଢ଼ି ଉଠିଥିଲା, ସେଇ ବଳୟର ଆଦ୍ୟବିନ୍ଦୁରେ ଥିଲେ କାଳିନ୍ଦୀଚରଣ ପାଣିଗ୍ରାହୀ। ତାରୁଣ୍ୟର ସ୍ୱପ୍ନ ସବୁଜ କବିମାନଙ୍କୁ ସ୍ୱପ୍ନାଳସିତ କରି ରଖିଥିଲାବେଳେ କାଳିନ୍ଦୀ ବି ତହିଁରୁ ବାଦ୍ ପଡ଼ି ନ ଥିଲେ, ବରଂ ସବୁଜ ବନ୍ଧୁ (ଅନ୍ନଦାଶଙ୍କର, ବୈକୁଣ୍ଠନାଥ, ହରିହର ଓ ଶରତ ଚନ୍ଦ୍ର)ଙ୍କ ମଧ୍ୟରେ ସେ ହିଁ ଥିଲେ ସବୁଠୁଁ ଗତିଶୀଳ, ନିତ୍ୟ ପରିବର୍ତ୍ତନମୁଖୀ ଆତ୍ମପ୍ରତ୍ୟୟୀ କବି।

କାଳିନ୍ଦୀଚରଣ ସବୁଜର 'ସ୍ୱପ୍ନବଳୟ' ମଧ୍ୟରେ ପେଟିକା ନିବଦ୍ଧ ଭୁଜଙ୍ଗ ପରି ଭାବବନ୍ଦୀ ହୋଇଥିଲେ ବି ସଦା ଉତ୍ଫଣ ରହିଥିଲା ତାଙ୍କ ସୃଜନବିଶ୍ୱ ନିତ୍ୟ ନିୟତ ବିବର୍ତ୍ତିତ ଆଧୁନିକ କାବ୍ୟ-ଚେତନା ପ୍ରତି। ୧୯୨୦ରୁ ୧୯୩୨ ମସିହା (ଓଡ଼ିଆ କବିତାର 'ସବୁଜ କାଳ') ପର୍ଯ୍ୟନ୍ତ ଥିଲା କାଳିନ୍ଦୀଙ୍କ 'ସବୁଜ-ପାରିଧି' ଓଡ଼ିଆ କବିତାରେ। ୧୯୩୨ ମସିହା ପରେ ତାଙ୍କ କାବ୍ୟସ୍ୱରରେ ଏକ ସଚେତନ ଭିନ୍ନ ଗତି ପରିଦୃଷ୍ଟ ହୁଏ, ଯାହା ୧୯୪୫ (ଦ୍ୱିତୀୟ ବିଶ୍ୱଯୁଦ୍ଧର ଅନ୍ତିମ ବର୍ଷ) ଯାଏ ବିକାଶପ୍ରାପ୍ତ। ନିଜର କାବ୍ୟଶିଳ୍ପକୁ ପରିଣତି ଲାଭର ଠିକ୍ ପୂର୍ବ କ୍ଷଣରେ ଛାଡ଼ିଦେଇ କାଳିନ୍ଦୀ ଗଦ୍ୟମନା ହୋଇଉଠନ୍ତି। ଏହା ସତ୍ତ୍ୱେ ସବୁଜ-ସତୀର୍ଥଙ୍କ ମଧ୍ୟରେ ସେ ହିଁ ଥିଲେ ସବୁଠାରୁ ଅଧିକ ସଚେତନ ଶିଳ୍ପୀ। ତାଙ୍କ କବିତା କେବେ ବି ଏକ ବଅରିଆ ହୋଇନାହିଁ, ବରଂ ହୋଇଉଠିଛି ଭାଷା ଓ ଭାବନାରେ ବହୁରଙ୍ଗୀ ଇନ୍ଦ୍ରଧନୁ। ଏହାର ସତ୍ୟାସତ୍ୟତାକୁ ତାଙ୍କ ରଚିତ 'ଜୟ ଭଗବାନ' (୧୯୩୬), 'ଭକ୍ତି ଓ ଚାବୁକ' (୧୯୩୮), 'ବାଜି ରାଉତ' (୧୯୩୮), 'ଯାଦୁଘର' (୧୯୩୮), 'ଛୁରୀଟିଏ ଲୋଡ଼ା' (୧୯୩୯), 'ମୋ ବାଣୀ', 'ଆଗାମୀ' (୧୯୪୨), 'କିଏ ଶଳା ଶଇତାନ' (୧୯୪୪)ରେ ଅନୁଭବ କରିହୁଏ। ପ୍ରଖ୍ୟାତ ସମାଲୋଚକ ପ୍ରଫେସର ନିତ୍ୟାନନ୍ଦ ଶତପଥୀ କହନ୍ତି: ''ଯେଉଁ କବି କାବ୍ୟ ଜୀବନର ଉନ୍ମେଷରେ ଥିଲେ ରୋମାଣ୍ଟିକ ଓ ରୂପପ୍ରାଣ, ସେଇ କବି କାବ୍ୟ ଜୀବନର ମଧ୍ୟାହ୍ନରେ ଏକ ମାନବବାଦୀ, ବୈପ୍ଲବିକ କାବ୍ୟଧାରା ଅନୁସରଣ କରିବାରେ ବିଚିତ୍ରତା ନିଶ୍ଚୟ ଅଛି। ଏହା ହିଁ କାଳିନ୍ଦୀ - କାବ୍ୟ- ସାଧନାର ଏକ ଚମତ୍କାର ଉତ୍ତରଣ।''

## ପୁଣ୍ୟତିଥି ଅବସରରେ



('ସବୁଜରୁ ସାମ୍ପ୍ରତିକ', ୧୯୭୯, ପୃ: ୧୮)

୧୯୨୦ରେ ରଚିତ 'ବିରହୀ ଯକ୍ଷ' ବା 'ରଜ' ଭଳି କବିତାରେ କାଳିନ୍ଦୀଚରଣଙ୍କ ଆଭିମୁଖ୍ୟ କେବେ ରୂପମୋହ ତ କେବେ ପରମ୍ପରାବହ ଜୀବନ ଦୃଷ୍ଟିରେ ଛନ୍ଦି ହୋଇଥିବାବେଳେ ୧୯୨୭ରେ ରଚିତ 'ପୁରୀ ମନ୍ଦିର' କବିତା କବିଙ୍କର ବ୍ୟତିକ୍ରମୀ କାବ୍ୟ ଭାବନାର ସଂକେତ ହୋଇଉଠିଛି। 'ମଧୁ ବିବାହ' (୧୯୨୫)ରେ ଲଗାମଛଡ଼ା ସବୁଜଦୃଷ୍ଟି ସଂଯତ ହୋଇଛି। 'ପ୍ରଣୟ' ଅପେକ୍ଷା 'ପରିଣୟ'ରେ ଅନୁଭବିଛି ଜୀବନର ସାର୍ଥକତା। 'କୁହୁପ୍ରାସ' (୧୯୩୧)ରେ କୋକିଳର କୂଜନ ନୁହେଁ, ଜୀବନର କୂଜନ ହିଁ ଶୁଭିଛି: ''ଧରଣୀ ହେଲା କୋମଳତମ ଆକାଶ କମନୀୟ/ ମରଣ ହେଲା ମଧୁରତର ଜୀବନ ହେଲା ପ୍ରିୟ।'' ('ଛୁରୀଟିଏ ଲୋଡ଼ା'- ପୃ: ୧୦୦) ବ୍ୟକ୍ତିଚେତନା, ସମାଜଚେତନା, ଭଗବତ୍‌ଚେତନା ଓ ଭଗବତୋତ୍ତର ଚେତନା- ଏହିପରି କ୍ରମୋତ୍ତରଣର ଶିଢ଼ି ଫଳିରେ ପାଦ ଥାପି କାଳିନ୍ଦୀଙ୍କ କବିତା ଯଦିଓ ମାଟିରୁ କ୍ରମେ ଆକାଶମୁଖୀ ହୋଇଛି, କିନ୍ତୁ ତାଙ୍କ କାବ୍ୟ ଚେତନାର କେନ୍ଦ୍ରରେ ଅଧିଷ୍ଠିତ ରହିଛି 'ମଣିଷ'। ମଣିଷର ହର୍ଷ ବିଷାଦ, ମଣିଷର ପ୍ରତିବାଦ ଓ ପ୍ରାର୍ଥନା ମଧ୍ୟଦେଇ କବିଙ୍କ କାବ୍ୟଚେତନାର ନାନା ଖାଲଢିପର ବାକ୍-ଯାତ୍ରାକୁ ଅତି କୌତୂହଳର ସହିତ ସମର୍ପିତ ପାଠକ ହିଁ କେବଳ ଉପଭୋଗ କରିପାରେ। କାନ ଡେରିଲେ କାଳିନ୍ଦୀଙ୍କ କବିତାରୁ ଶୁଭେ ଜୀବନର ମାର୍ମିକ ସ୍ୱର। କେତେବେଳେ ବଂଶୀ, କେତେବେଳେ କେନ୍ଦରା, କେତେବେଳେ ଖଞ୍ଜଣି ତ କେତେବେଳେ ମୃଦଙ୍ଗ ରହି ରହି ବାଜିଉଠେ ତାଙ୍କ ବହୁମୁଖୀ କବିତାରେ। ଏଣିକି ଜଡ଼ତା ନୁହେଁ, ଜାଗରଣ; ଏଣିକି ଆଉ ମରଣ ନୁହେଁ ଜୀବନ।

କାଳିନ୍ଦୀଚରଣ କ୍ରମାଗତ ସାଧନା ଦ୍ୱାରା ଓଡ଼ିଆ କବିତାରେ ଏପରି ଏକ ବିଶ୍ୱ-ଚେତନାର ଅଧିକାରୀ ହୋଇଛନ୍ତି, ଯେଉଁ ଚେତନା ଜୀବନର ସଙ୍କଟକାଳରେ କାନ୍ଦିବାକୁ ଲାଜ କରେ ନାହିଁ କି ଜୀବନର ଉଚ୍ଛବରେ ଓଠରୁ ହସ ଲିଭାଇବସେ ନାହିଁ। କାରଣ ଏ ଚେତନାରେ ଥରେ ପହଞ୍ଚିଗଲା ପରେ ନିଶ୍ଚିତ ହେବାକୁ ହୁଏ ଯେ ''ଜୀବନ ପରେ ନାହିଁରେ କିଛି ନାହିଁ''(ଅମର ଆଶା, 'ମୋ କବିତା' ପୃ:୧୨୭)। ୧୯୩୫ରେ ଅନୁଜ ଭଗବତୀଚରଣଙ୍କ 'ନବଯୁଗ ସାହିତ୍ୟ ସଂସଦ' ପ୍ରତିଷ୍ଠିତ ହୁଏ ଓ ପ୍ରକାଶ ପାଏ ତା'ର ମୁଖପତ୍ର 'ଆଧୁନିକ'। ଏହି ପର୍ଯ୍ୟାୟରେ ବାଣୀସାଧକ କାଳିନ୍ଦୀ ହୋଇଉଠନ୍ତି ବାଣୀକର୍ମୀ (Poet Activist) ଓ ଅନ୍ତରର ପ୍ରାର୍ଥନା ହୋଇଯାଏ ଓଠର ପ୍ରତିବାଦ। ''ଖାଲଦେଇ ଯେତେ ଗଢ଼ିଲୁ ରାଇଜ ରଜା/ଲୁହ ଦେଇ ତୋର ହତିଆର ତହିଁ ପଜା/ ବେଳ ଏହି ବେଳ ଏହି / ତୋଳିଥିଲୁ ଯା'କୁ, ତାଡ଼ିବୁ ତାହାକୁ, ନ ଶୁଅରେ ଆଉ ଚେଇଁ।''(ବାଜି ରାଉତ, ୧୯୩୮)। କାଳିନ୍ଦୀଙ୍କ କବିତାର ଅନାସକ୍ତ ଅନୁସରଣ କଲେ ମନେହୁଏ ଯେ, ଅତୀତର ହୋଇ ବି ସେ ଥିଲେ ବାସ୍ତବରେ 'ଆଗାମୀ'ର କବି। ମମତା ଓ ସମତା-ଉଭୟରେ ସମଭାବେ ଲାଳିତ ତାଙ୍କ କବିତା। ତେଣୁ କବି ତାଙ୍କ କବିତାର ଚୂଡ଼ାନ୍ତ ଇସ୍ତାହାର ଶୁଣାନ୍ତି ଅତି ସ୍ପଷ୍ଟ ବାକ୍ୟରେ ଏହିପରି: ''କବିତା ଗଢ଼େ ଏକ ବିରାଟ ସମାଜର/ ସବୁରି ପାଇଁ ଯହିଁ ବଖୁରେ ହେଲେ ଘର / x x କହିବା ପାଇଁ କଥା ସବୁରି ଦାବି ଅଛି / ମୁଁ ସେଇ ସମାଜର କବିତା ବସେଁ ରଚି।'' ('ଆଗାମୀ', ୧୯୪୨)। ଆଜି ତାଙ୍କ ପୁଣ୍ୟ ତିଥି, ପୁଣି ଏ ବର୍ଷ ହେଉଛି କବିଙ୍କର ୧୨୫ତମ ଜୟନ୍ତୀ ବର୍ଷ। ଏହି ମହାନ୍ ଅବକାଶରେ ଭାରତୀୟ କବିତାର ଯୁଗନ୍ଧର କବି କାଳିନ୍ଦୀଚରଣଙ୍କୁ ଏ ଜାତିର କୋଟି କୋଟି ପ୍ରଣାମ!

ମୋ: ୯୮୫୩୨୮୭୭୫୫

# ଦାସତ୍ୱର ଅନ୍ତ କେବେ



ରାକେଶ ପଣ୍ଡା

ନିଜକୁ ସର୍ବଦା ଶ୍ରେଷ୍ଠ ମାନିବା ଏବଂ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ନ୍ୟୂନ ଚକ୍ଷୁରେ ଦେଖିବା ହେଉଛି ମଣିଷର ଏକ ସହଜାତ ପ୍ରବୃତ୍ତି। ଯାହା କରିବା ଦ୍ୱାରା ତାର ଅହଂଭାବକୁ ବଡ ସନ୍ତୁଷ୍ଟି ମିଳିଥାଏ। ଏହାର ପରିଣାମ ସ୍ୱରୂପ ସମାଜରେ ଛୋଟ-ବଡ, ଉଚ୍ଚ-ନୀଚ, ଧନୀ-ଗରିବ ଏବଂ ଶାସକ ଓ ଶାସିତ ମଧ୍ୟରେ ଏକ ବଡ ଅନ୍ତର ସୃଷ୍ଟି ଏବଂ ଯେଉଁ ଅନ୍ତରକୁ ଆଧାର କରି ଦାସତ୍ୱ ପ୍ରଥାର ଜନ୍ମ। ସଭ୍ୟତାର ଇତିହାସରେ 'ବଳପୂର୍ବକ ଶ୍ରମ'ର ସବୁଠାରୁ ସାଧାରଣ ରୂପ ହେଉଛି 'ଦାସତ୍ୱ'। ଦାସତ୍ୱ ଏକ ସାଧାରଣ ଶବ୍ଦ, ଯାହା ସମସ୍ତ ପ୍ରକାର ବାଧ୍ୟତାମୂଳକ ଶ୍ରମକୁ ବର୍ଣ୍ଣନା କରିବା ପାଇଁ ବ୍ୟବହୃତ ହୁଏ। ପ୍ରାଚୀନ ବିଶ୍ୱରେ, ଯେଉଁମାନେ ଦାସ ଭାବରେ କାମ କରୁଥିଲେ, ସେମାନଙ୍କୁ ସାଧାରଣତଃ 'ଦାସ' ବୋଲି ସମ୍ବୋଧନ କରାଯାଉଥିଲା। ଦାସତ୍ୱ, ଏକ ପରିସ୍ଥିତି ଯେଉଁଥିରେ ଜଣେ ମଣିଷ ଅନ୍ୟ ଜଣେ ମଣିଷର ମାଲିକ ଥିଲା। ସେତେବେଳେ ଆଇନ ଅନୁଯାୟୀ, ଦାସମାନଙ୍କୁ ବ୍ୟକ୍ତିଗତ ସମ୍ପତ୍ତି ଭାବରେ ବିବେଚନା କରାଯାଉଥିଲା ଏବଂ ସ୍ୱାଧୀନ ବ୍ୟକ୍ତିଙ୍କ ଅଧିକାଂଶ ଅଧିକାରରୁ ସେମାନେ ବଞ୍ଚିତ ହେଉଥିଲେ, ଯାହା କି ଭାରତରେ ପ୍ରଚଳିତ ଥିଲା। କିନ୍ତୁ ୧୮୪୩ ମସିହାରେ ଭାରତୀୟ ଦାସତ୍ୱ ଆଇନ ପ୍ରଣୀତ ହେବା ପରେ ସମଗ୍ର ଭାରତବର୍ଷରେ ଦାସତ୍ୱ ପ୍ରଥାକୁ ଅବୈଧ ଘୋଷଣା କରାଯାଇଥିଲା। ଯଦିଓ ଭାରତରେ ଦାସତ୍ୱ ବର୍ତ୍ତମାନ ନିଷିଦ୍ଧ, କିନ୍ତୁ ସତ୍ୟ ହେଉଛି ଏହି ଶିକ୍ଷିତ ଓ ଆଧୁନିକ ପରିବେଶ ମଧ୍ୟରେ ଉକ୍ତ ଅମାନବୀୟ ପ୍ରଥା ଆଜି ମଧ୍ୟ କେଉଁଠାରେ ଶାରୀରିକ ଭାବରେ ଏବଂ ପୁଣି କେଉଁଠି ମାନସିକ ସ୍ତରରେ ନିଜର ବିଦ୍ୟମାନତାକୁ ବଜାୟ ରଖିଛି! ଜାତିସଂଘର ଏକ ରିପୋର୍ଟ ଅନୁଯାୟୀ, ସାରା ବିଶ୍ୱରେ ପ୍ରାୟ ୨ କୋଟି ୭୫ ଲକ୍ଷ ଦାସ ଅଛନ୍ତି। ଏହିପରି ଲୋକଙ୍କୁ କାମ କରିବାକୁ ବାଧ୍ୟ କରାଯାଏ ଏବଂ ଅନେକ ଅକଥନୀୟ ଓ ଅମାନବୀୟ ଘଟଣା ସେମାନଙ୍କ ସହ ପ୍ରତ୍ୟହ ଘଟିଥାଏ।

ଆଜିର ସମାଜରେ ଏହିପରି ଘଟଣା ଅନେକ ସ୍ଥାନରେ ଦେଖିବାକୁ ମିଳେ। ବିଭିନ୍ନ କ୍ଷେତ୍ର, ଅନୁଷ୍ଠାନ ଓ କାର୍ଯ୍ୟାଳୟରେ ନିଜର ପଦ, କ୍ଷମତା, ସ୍ତର ଓ ଗରିମାକୁ ପ୍ରତିପାଦିତ କରିବାକୁ ଯାଇ ଅଧିକାଂଶ ବଡ଼ବାବୁମାନଙ୍କ ଦ୍ୱାରା ଜଣେ ନିମ୍ନ ତଥା ଅଧସ୍ତନ କର୍ମଚାରୀକୁ ନ୍ୟୂନ ଦୃଷ୍ଟିରେ ଦେଖିବା କିଛି ନୂଆ ଘଟଣା ନୁହେଁ। ଆଧିପତ୍ୟକୁ ସାବ୍ୟସ୍ତ କରିବା ସମାଜରେ ପ୍ରତ୍ୟହ ଏହା ଘଟି ଚାଲିଛି। ନିଜେ ଗୁଲିଖଟି କରି ସମୟ ନଷ୍ଟ କରିବା, କିନ୍ତୁ ସେମାନେ କେଉଁଠାରେ ଛିଡ଼ାହୋଇ କଥା ହେଲେ ବଡବାବୁମାନଙ୍କର ଦେହରେ ନ ଯିବା, ସେମାନଙ୍କୁ ପ୍ରାପ୍ୟ ଛୁଟି ପ୍ରଦାନ ନ କରିବା, ଯେତେ ଭଲ ତଥା ନିଷ୍ଠାର ସହ କାର୍ଯ୍ୟ କଲେ ତାଙ୍କୁ ସାବାସି ନ ଦେବା ଏକ ପ୍ରଚଳିତ ପ୍ରଥା। ଏହାର ଅସ୍ତିତ୍ୱ ବ୍ୟକ୍ତିଗତ ଘର ପରିବେଶ ପର୍ଯ୍ୟନ୍ତ ମଧ୍ୟ ଲମ୍ବିଥାଏ। ଘର କାର୍ଯ୍ୟରେ ସହଯୋଗ କରିବା ନିମନ୍ତେ ଆସୁଥିବା ପରିଚାରିକା ତଥା ରୋଷେୟା, ବ୍ୟକ୍ତିଗତ ଗାଡି ଚାଳକ, ଫାଟକ ଜଗୁଆଳି ଆଦିଙ୍କୁ ଅଧିକାଂଶ ବ୍ୟକ୍ତି ତଥା ଘର ମାଲିକ ନ୍ୟୂନ ଚକ୍ଷୁରେ ଦେଖିବା ସହ ଖରାପ ବ୍ୟବହାର ପ୍ରଦର୍ଶନ କରିଥାନ୍ତି। ଅନେକ ସମୟରେ ସେମାନଙ୍କର ଆବଶ୍ୟକତାକୁ ଅଣଦେଖା କରନ୍ତି। ବାସ୍ତବତା ହେଉଛି, ଗୋଟିଏ ଦିନ ସେମାନେ ଘରକୁ କାମ କରିବାକୁ ନ ଆସିଲେ ଘର କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ହୋଇପଡ଼ିଲା ପରି ଅନୁଭବ ହୁଏ ଏବଂ ମାଲିକଙ୍କର ମୁଣ୍ଡ କାମ କରି ନ ଥାଏ!

ଏହି ପରିପ୍ରେକ୍ଷୀରେ ସରକାରୀ କାର୍ଯ୍ୟାଳୟରେ କାମ କରୁଥିବା ୧୦ ଜଣ ପିଅନ, ବେସରକାରୀ ସଂସ୍ଥାରେ କାମ କରୁଥିବା ୧୦ ଜଣ ନିମ୍ନସ୍ତର ତଥା ଅଧସ୍ତନ କର୍ମଚାରୀ ଓ ଘରେ ପରିଚାରିକା ତଥା ରୋଷେୟା ଏବଂ ଫାଟକ ଜଗୁଆଳି ଭାବରେ କାର୍ଯ୍ୟ କରୁଥିବା ୧୦ ଜଣ ବ୍ୟକ୍ତିଙ୍କୁ ବ୍ୟକ୍ତିଗତ ଭାବରେ ସାକ୍ଷାତ କରିଥିଲି। ସେମାନଙ୍କଠାରୁ ତାଙ୍କର ଉପରିସ୍ଥ ଅଧିକାରୀ ତଥା ଘର ମାଲିକଙ୍କର ବ୍ୟବହାର, ଚିନ୍ତାଧାରା ଓ ଆଚରଣ ସମ୍ବନ୍ଧରେ କେତେକ ପ୍ରଶ୍ନ ପଚାରି ସେମାନଙ୍କର ପ୍ରତିକ୍ରିୟା ନେଇଥିଲି। ଶେଷରେ ସଂଗ୍ରହ କରିଥିବା ସୂଚନା ଆଧାରରେ ଉପନୀତ ହେଲି ଯେ ପ୍ରାୟ ୭୦ ଭାଗ ଉପରିସ୍ଥ ଅଧିକାରୀ ଓ ଘର ମାଲିକଙ୍କର ନିମ୍ନ କର୍ମଚାରୀମାନଙ୍କ ପ୍ରତି ମାନସିକତା ଅତି ନ୍ୟୂନ।

ବର୍ତ୍ତମାନ ସମାଜରେ ଔପଚାରିକ ଭାବରେ ଦାସତ୍ୱ ପ୍ରଥା ନାହିଁ। କିନ୍ତୁ ମାନସିକ ସ୍ତରରେ ପ୍ରାୟ ଅଧିକାଂଶ ମଣିଷଙ୍କ ମନରେ ଏହା ଏକ ଛାପ ତଥା ମଳିନ ଚିନ୍ତାଧାରା ହୋଇ ରହିଛି। ଏହି ପରିପ୍ରେକ୍ଷୀରେ ମନ ମଧ୍ୟରେ ଗୋଟିଏ ପ୍ରଶ୍ନ ଆନ୍ଦୋଳିତ ହୋଇଥାଏ ଯେ ଅଦୃଶ୍ୟ ଭାବରେ ଆମ ସମସ୍ତଙ୍କ ଗହଣରେ ଘର କରିଥିବା ଏହି ଦାସତ୍ୱ ପ୍ରଥା ଓ ଘୃଣ୍ୟ ମାନସିକତାର ଅନ୍ତ କେବେ ?

ବନ୍ଦାଲୋ, ଟାଙ୍ଗୀ, କଟକ
ମୋ: ୯୩୩୭୮୯୭୬୫୦

## ଚିରନ୍ତନୀ

ସପନ କବିତାର ପାଇଛି ମୂଳ ତା'ର
ହଜିନି କିଛି ମୋର ହଜିନି
ବୟସ ଅନୁରାଗ ଭିତରୁ କଳାଦାଗ
ଖୋଜିବି ନାହିଁ ଆଉ ସଜନି!
-(ବ୍ୟାଖ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କଶ୍ମୀର ସମସ୍ୟାରେ ମଧ୍ୟସ୍ଥତା ଦରକାର ନାହିଁ

ମହାଶୟ,

ପାକ୍ ଅଧିକୃତ କଶ୍ମୀରରେ ଆତଙ୍କବାଦୀମାନେ ନିରାପଦରେ ରହି ଆତଙ୍କବାଦୀ କାର୍ଯ୍ୟକଳାପ ଚଳାଇଥିବାରୁ ଦୀର୍ଘ ଦଶନ୍ଧି ଧରି ଏହି ଭୂସ୍ୱର୍ଗ ଅଶାନ୍ତ ହୋଇଛି। ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀମାନେ ନିରୀହ ପର୍ଯ୍ୟଟକଙ୍କୁ ହତ୍ୟା କରିବା ପରେ ଆତଙ୍କବାଦୀଙ୍କୁ ନିପାତ କରିବା ପାଇଁ ଭାରତ ଦୃଢ଼ ପ୍ରତିଶ୍ରୁତିବଦ୍ଧ ହୋଇ ''ଅପରେଶନ ସିନ୍ଦୂର''ରେ ପାକିସ୍ତାନ ଛାନିଆଁ ହୋଇଯାଇଛି। ଭାରତକୁ ପାକ୍ ଅଧିକୃତ କଶ୍ମୀର ନ ଫେରାଇବା ଏବଂ ଆତଙ୍କବାଦୀଙ୍କୁ ନିଜ ଦେଶରୁ ଭାରତକୁ ହସ୍ତାନ୍ତର ନ କରିବା ପର୍ଯ୍ୟନ୍ତ କଶ୍ମୀର ସମସ୍ୟାର ସମାଧାନ ହୋଇପାରିବ ନାହିଁ। ଏଣୁ ଏ କ୍ଷେତ୍ରରେ ଭାରତର କୌଣସି ମଧ୍ୟସ୍ଥତା ଦରକାର ନାହିଁ। ଯଦି ଭାରତ-ପାକିସ୍ତାନ ବିବାଦର ସମାଧାନ ପାଇଁ ଆମେରିକା ବ୍ୟଗ୍ର ତେବେ ପିଓକେ ଓ ପାକିସ୍ତାନୀ ଆତଙ୍କବାଦୀଙ୍କୁ ଫେରାଇବା ପାଇଁ ପାକିସ୍ତାନକୁ ଆମେରିକା ପ୍ରସ୍ତାବ ଦେବା ଉଚିତ। ଏହା ନ ହେଲେ ଆମେରିକାର ମଧ୍ୟସ୍ଥତା ଦରକାର ନାହିଁ।

-ବିଷ୍ଣୁ ପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବନ୍ଦ ଖଣିରୁ ପୁଣି କ୍ରୋମାଇଟ୍ ଲୁଟ୍

**ଯାଜପୁର/କାଳିଆପାଣି(ହର୍ଷବର୍ଦ୍ଧନ ବେହେରା/ଅସିତ ମହାନ୍ତ),୧୪।୫ :**

- ଖଣି ବିଭାଗର ଚଢ଼ାଉ ସତ୍ତ୍ୱେ ମାନୁନାହାନ୍ତି ଚାଲାଣକାରୀ
- ଯାଜପୁର ଜିଲାପାଳ, ଡିଏଫ୍ଓଙ୍କୁ ଚିଠି କରାଯାଇଛି: ଖଣି ଉପନିର୍ଦ୍ଦେଶକ

ଯାଜପୁର ଜିଲା ସୁକିନ୍ଦା ଖଣି ଅଞ୍ଚଳରେ ଦୀର୍ଘ ୧୫ ବର୍ଷ ପରେ ପୁଣି ବଡ଼ଧରଣର କ୍ରୋମାଇଟ୍ ଚୋରି ଆରମ୍ଭ ହୋଇଛି । ଭୀମଟାଙ୍ଗର ଗ୍ରାମ ନିକଟ ବନ୍ଦ ଖଣିରୁ ବଡ଼ ମେଶିନ ସହାୟତାରେ ଶତାଧିକ ଟ୍ରିପ୍ କ୍ରୋମାଇଟ୍ ଚୋରି ହେଉଛି । ହେଲେ ଖଣି, ପୋଲିସ ଓ ଜଙ୍ଗଲ ବିଭାଗ ନୀରବ ରହିଥିବା ଚର୍ଚ୍ଚାର ବିଷୟ ହୋଇଛି। ୨୦୧୧ ଶାହା କମିଶନଙ୍କ ତଦନ୍ତ ପରେ ଖଣି ଚୋରି ପ୍ରାୟତଃ ନିୟନ୍ତ୍ରଣକୁ ଆସିଥିଲା। ହେଲେ ଗତ କିଛି ଦିନ ହେବ ଅନେକ କୋଟି ଟଙ୍କାର କ୍ରୋମାଇଟ୍ ଚୋରା ଚାଲାଣ ହେଉଥିବା ଜଣାପଡିବା ପରେ ଖଣି ବିଭାଗର କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ସୂଚନା ଅନୁଯାୟୀ, ଗତ୨୫ ବର୍ଷ ପୂର୍ବରୁ ଭୀମଟାଙ୍ଗର କ୍ରୋମାଇଟ୍ ଖଣିକୁ ୨ ଭାଗ କରି ଏକ ଭାଗ ଫେକର କମ୍ପାନୀକୁ ଲିଜ୍‌ସୂତ୍ରରେ ଦିଆଯାଇଥିଲା। ବଳକା ଖଣିର ଅଧା ଭାଗ ସେଦିନଠାରୁ ଓଡ଼ିଶା ଖଣି ନିଗମ ଅଧୀନରେ ରହିଛି। ହେଲେ କ୍ରୋମାଇଟ୍ ଉତ୍ତୋଳନ କରାଯାଉନାହିଁ। ଯାଜପୁର ରୋଡ୍ ଖଣି ବିଭାଗ ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ ଉକ୍ତ ଖଣି ଉପରେ ମାଟି ଘୋଡାଇ ସୁରକ୍ଷିତ ରଖାଯାଇଥିଲା। ତେବେ ୨୦୧୧ରେ ଶାହା କମିଶନଙ୍କ ରିପୋର୍ଟ ଆଧାରରେ ଜରିମାନା ଆଦାୟ ନିର୍ଦ୍ଦେଶ ହେବା ପରେ ଖଣି ଲୁଟ୍ ଏକ ପ୍ରକାର ହ୍ରାସ ପାଇଥିଲା। ସୁପ୍ରିମକୋର୍ଟ ୩୧ ଅଗଷ୍ଟ ୨୦୧୭ରେ ଖଣିଜ ପଦାର୍ଥ ଲୁଟିଥିବା ୧୩୧ ଲିଜ୍‌ଧାରୀଙ୍କଠାରୁ କ୍ଷତିପୂରଣ ବାବଦକୁ ୧୯,୧୭୪ କୋଟି ଟଙ୍କା ଆଦାୟ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏଥିରେ ସମ୍ପୃକ୍ତ ଖଣି ଲିଜ୍‌ଧାରୀଙ୍କଠାରୁ ଏ ପର୍ଯ୍ୟନ୍ତ ୩,୯୬୬.୩୪ କୋଟି ଟଙ୍କା ଆଦାୟ ହୋଇନାହିଁ। ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକଙ୍କ କହିବା କଥା ଭୀମଟାଙ୍ଗର ବନ୍ଦ କ୍ରୋମାଇଟ୍ ଖଣିରୁ ବିଳମ୍ବିତ ରାତିରେ ଏକ ବଡ଼ ଚେନ ହିଟାଚି ମେଶିନକୁ ଟ୍ରେଲରରେ ଆଣି ଖଣି ଭିତରେ ପୁରାଇ ଦୈନିକ ୨୦ରୁ ୩୦ଟ୍ରିପ୍ ଉଚ୍ଚମାନର କ୍ରୋମାଇଟ୍ ଖୋଳି ରାତି ୩ଟା ସୁଦ୍ଧା ବାହାରକୁ ଚାଲାଣ କରାଯାଉଛି। ଟମକା-ମଙ୍ଗଳପୁର ମୁଖ୍ୟରାସ୍ତାରୁ ମାତ୍ର ୧୦୦ ମିଟର ଦୂରତାରେ ଏହି ଖଣି ରହିଛି। ଦୈନନ୍ଦିନ ପୋଲିସ ପାଟ୍ରୋଲିଂ କରୁଥିବାବେଳେ ଏତେ ସଂଖ୍ୟକ ଗାଡ଼ି ଓ ମେଶିନ ପଶି ରାତି ସାରା କ୍ରୋମାଇଟ୍ ଲୁଟ୍ କରୁଥିବାବେଳେ ପୋଲିସ ତା'ର ପତ୍ତା ପାଉନାହିଁ। ଏହାବାଦ୍ ଖଣି ଲୁଟ୍ ପାଇଁ ବନ ବିଭାଗର ପୂର୍ଣ୍ଣ ଦାୟିତ୍ୱ ରହି ଥିବାବେଳେ ନିକଟରେ ଗାଁଷୋଳ ଫରେଷ୍ଟରଙ୍କ କାର୍ଯ୍ୟାଳୟ ଥାଇ କେମିତି ଏହି କ୍ରୋମାଇଟ୍ ଚୋରିର ଟେର ପାଉନାହାନ୍ତି ତାହା ସ୍ଥାନୀୟ ବାସିନ୍ଦାଙ୍କୁ ଆଶ୍ଚର୍ଯ୍ୟ କରିଛି। ଫେକର ବେଦାନ୍ତ ଖଣି ବନ୍ଦ ରହୁଥିଲେ ହେଁ ଖଣିରେ ଡିୱାଟରିଂ ମେଶିନ କାର୍ଯ୍ୟକ୍ଷମ ରହିଛି। ଏହି ମେଶିନରେ ଉକ୍ତ ଖଣି ଭିତରକୁ ଯିଏ ବି ପଶିବ ତାହା ଜଣା ପଡିବ। ତେବେ ଜନଗହଳିପୂର୍ଣ୍ଣ ସ୍ଥାନ ହୋଇଥିବା ସତ୍ତ୍ୱେ ସମସ୍ତଙ୍କୁ ଚ୍ୟାଲେଞ୍ଜ ଦେଇ କିଏ ଏହି କ୍ରୋମାଇଟ ଲୁଟ କରି ଚାଲିଛି ତାହା କେହିବି ଜାଣି ପାରୁନାହାନ୍ତି। ଖଣି ଓ ପୋଲିସ ସହାୟତାରେ କୌଣସି ରାଜନୈତିକ ପ୍ରଭାବଶାଳୀ ବ୍ୟକ୍ତି ଖଣି ଚୋରି କରୁଥିବା ସନ୍ଦେହ କରାଯାଉଛି। ଏହାଦ୍ୱାରା ରାଜ୍ୟ ସରକାର ବିପୁଳ ପରିମାଣର ରାଜସ୍ୱ ହରାଉଥିବା ସହ ପୁଣି ଖଣି ଲୁଟ୍ ଆରମ୍ଭ ହେଲାଣି ବୋଲି ସାଧାରଣରେ ଆଲୋଚନା ହେଉଛି।

ଏ ସଂକ୍ରାନ୍ତରେ ଯାଜପୁର ରୋଡ୍ ଖଣି ଉପନିର୍ଦ୍ଦେଶକ ବିଭୁତି ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, ଚୋରି ଅଭିଯୋଗ ସଂକ୍ରାନ୍ତରେ ସେ ଖବର ପାଇଛନ୍ତି। ଏହି ନିକଟରେ ୨ ଥର ଚଢାଉ କରାଯାଇ ୧୧ ଟନ୍ କ୍ରୋମାଇଟ୍ ଜବତ ହୋଇଛି। ଏହାସହ ଖଣି ଚୋରି ସଂକ୍ରାନ୍ତରେ ଯାଜପୁର ଜିଲାପାଳ, କଟକ ଡିଏଫ୍ଓ, ଓଏମ୍‌ସି ଅଧିକାରୀ ପ୍ରମୁଖଙ୍କୁ ଚିଠି କରାଯାଇଛି ବୋଲି ସେ ସଫେଇ ଦେଇଛନ୍ତି।



ଖଣିରୁ ଲୁଟ୍ ହୋଇଥିବା କ୍ରୋମାଇଟ୍।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ମୁକେଶ



@ ନୀରଜ



@ ଶିବୁନୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଏସ୍‌ପିଏମ୍‌ରେ ତୈଳ ବର୍ଥିଂ ହେଲାନାହିଁ



ଏସ୍‌ପିଏମ୍‌ଠାରେ ଥିବା ସିରେନ୍-୨ ଜାହାଜ ପାଖରେ ପାରାଦୀପ ମେରାଇନ ପୋଲିସ ପକ୍ଷରୁ ପଇଁତରା ।

**ଏମ୍‌ଟି ସିରେନ ୨ ତୈଳବାହୀ ଜାହାଜରେ ୨୧ ପାକିସ୍ତାନୀ ନାବିକ ପ୍ରସଙ୍ଗ**

- ପ୍ରଶାସନିକ ସ୍ତରରେ ଖୋଳତାଡ଼ ଚାଲିଛି

**ପାରାଦୀପ, ୧୪।୫(ଶରତ ରାଉତ)**



ପୋଲିସ ଅଧିକାରୀମାନେ ଜାହାଜକୁ ନେଇ ଆଲୋଚନା କରୁଛନ୍ତି ।

ପାରାଦୀପ ବନ୍ଦର ଏସ୍‌ପିଏମ୍ (ସିଙ୍ଗଲ ପଏଣ୍ଟ ମୋରିଂ ସିଷ୍ଟମ)ରେ ବୁଧବାର ଲାଗିବାକୁ ଥିବା ଏମ୍‌ଟି (ମେରାଇନ୍ ଟ୍ୟାଙ୍କ ଜାହାଜ) ସିରେନ ୨ ବର୍ଥିଂ କରି ନ ଥିବା ଜଣାପଡିଛି। କାରଣ ସେଥିରେ ଥିବା ୨୫ ଜଣ ନାବିକଙ୍କ ମଧ୍ୟରୁ ୨୧ ଜଣ ପାକିସ୍ତାନୀ ନାବିକ ଅଛନ୍ତି। ଏହାକୁ ନେଇ ମଙ୍ଗଳବାର ଇମିଗ୍ରେଶନ ବିଭାଗ ସତର୍କତା ପାଇଁ ସ୍ଥାନୀୟ ମେରାଇନ୍ ପୋଲିସ, ସିଆଇଏସ୍ଏଫ୍, ପାରାଦୀପ ବନ୍ଦର ପ୍ରଶାସନ ଚିଠି ଲେଖି ଜଣାଇଥିଲେ। ଏହା ପରେ ପାକିସ୍ତାନୀ ନାବିକଙ୍କ ପ୍ରସଙ୍ଗକୁ ନେଇ ବୁଧବାର ଦିନତମାମ ଚର୍ଚ୍ଚା ହୋଇଥିଲା। ଏ ସମ୍ପର୍କରେ ପାରାଦୀପ ବନ୍ଦର ପ୍ରଶାସନ, ମେରାଇନ୍ ପୋଲିସ, ଇମିଗ୍ରେଶନ ବିଭାଗ ଅଧିକାରୀ କିଛି କହିବାକୁ ମନା କରି ଦେଇଛନ୍ତି। ସନ୍ଧ୍ୟା ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ, ଜାହାଜ ଏସ୍‌ପିଏମ୍‌ରେ ବର୍ଥିଂ ହୋଇନାହିଁ। ପ୍ରଶାସନିକ ସ୍ତରରେ ବର୍ଥିଂ କରିବା ନେଇ ବିଚାର ବିମର୍ଶ ଚାଲିଛି। ସରକାରୀ କ୍ଲିୟରାନ୍ସ ମିଳିଲେ ଗୁରୁବାର ଜାହାଜକୁ ବର୍ଥିଂ କରାଯିବାର ସମ୍ଭାବନା ଅଛି ବୋଲି ବନ୍ଦର ଲୋକ ସମ୍ପର୍କ ବିଭାଗ ସୂତ୍ରରୁ ସୂଚନା ମିଳିଛି।

ସୂଚନାଯୋଗ୍ୟ, ଉକ୍ତ ଜାହାଜ ଦକ୍ଷିଣ କୋରିଆରୁ ହଂକଂ ପତାକା ଲଗାଇ ୧ ଲକ୍ଷ ୯୬ ହଜାର ୫୮୦ ମେଟ୍ରିକ ଟନ୍ ଅଶୋଧିତ ତୈଳ ନେଇ ପାରାଦୀପ ବନ୍ଦରକୁ ଆସିଛି। ଉକ୍ତ ତୈଳକୁ ଇଣ୍ଡିଆନ ଅଏଲ ପାଇପ ଲାଇନ୍ ଡିଭିଜନ ଗ୍ରହଣ କରିବ। ପାରାଦୀପ ବନ୍ଦର ପୋତାଶ୍ରୟଠାରୁ ୨୫ କି.ମି. ସମୁଦ୍ର ମଧ୍ୟରେ ଭାସମାନ ଏସ୍‌ପିଏମ୍ ବର୍ଥରେ ଏହି ତୈଳ ଖଲାସ ହୋଇଥାନ୍ତା। ଯେହେତୁ ଉକ୍ତ ଜାହାଜରେ ପାକିସ୍ତାନୀ ନାବିକ ଅଛନ୍ତି ତାକୁ ନେଇ ଇମିଗ୍ରେଶନ ବିଭାଗ ତତ୍ପରତା ଦେଖାଇଥିଲା। ବୁଧବାର ମେରାଇନ୍ ପୋଲିସର ଏକ ଟିମ୍ ଏସ୍‌ପିଏମ୍ ପାଖକୁ ଯାଇ ତଦାରଖ କରିଥିବା ଜଣାପଡ଼ିଛି।

# ୨୧ରେ ମହାକାଳପଡ଼ା ବ୍ଲକ୍ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ଭୋଟ

**ମହାକାଳପଡ଼ା,୧୪।୫ (ପ୍ରତାପ ଚନ୍ଦ୍ର ସ୍ୱାଇଁ):**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧକ୍ଷା କଳ୍ପନା ରାଉତଙ୍କୁ ଗାଦିରୁ ହଟାଇବା ପାଇଁ ଆସନ୍ତା ୨୧ରେ ଅନାସ୍ଥା ଭୋଟ ଗ୍ରହଣ କରାଯିବ । ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ନୋଟିସ ଜାରି କରାଯାଇଛି । ଏନେଇ ଉଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ ମାମଲା ଯାଇଥିଲା। କେବେ ଅନାସ୍ଥା ପ୍ରସ୍ତାବ ପାଇଁ ବୈଠକ ହେବ ସେ ନେଇ ଉଭୟ ଭାଜପା, ବିରୋଧୀ ବିଜେଡି ଓ ପ୍ରଶାସନ ପକ୍ଷରୁ ଛକାପଞ୍ଝା ଲାଗିରହିଥିଲା। ହେଲେ ଜିଲା ପ୍ରଶାସନ ପକ୍ଷରୁ ଉପଜିଲାପାଳ କାର୍ଯ୍ୟାଳୟ ପତ୍ରସଂଖ୍ୟା ୫୮୦୦୫/୧୩।୫।୨୦୨୫ ଅନୁଯାୟୀ ଆସନ୍ତା ୨୧ ତାରିଖରେ ଅନାସ୍ଥା ପ୍ରସ୍ତାବ ପାଇଁ ଭୋଟ ଗ୍ରହଣ କରାଯିବ ବୋଲି ନୋଟିସ ଜାରି କରାଯାଇଛି । ଏହି ନୋଟିସ ମହାକାଳପଡ଼ା ବ୍ଲକ ସରପଞ୍ଚ, ସମିତିସଭ୍ୟମାନଙ୍କୁ ପ୍ରେରଣ କରାଯାଇଛି । ବ୍ଲକ ସଭାଗୃହରେ ତହସିଲଦାର ତଥା ଇଲେକ୍ସନ ଅଫିସର ଭାବେ ଶିବ ମଲିକଙ୍କ ସଭାପତିତ୍ୱରେ ଅନାସ୍ଥା ପ୍ରସ୍ତାବ ଉପରେ ସ୍ୱତନ୍ତ୍ର ବୈଠକ ହେବ ବୋଲି ଉକ୍ତ ନୋଟିସରେ ଉଲ୍ଲେଖ କରାଯାଇଛି। ଏଥିପାଇଁ ବ୍ଲକ ଅଫିସଠାରୁ ୨ ଶହ ମିଟର ଦୂରତା ପର୍ଯ୍ୟନ୍ତ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯିବାକୁ ନିଷ୍ପତ୍ତି ହୋଇଛି । ଏ ସଂକ୍ରାନ୍ତରେ ତହସିଲଦାର ମଲିକଙ୍କୁ ପଚାରିବାରୁ ବୈଠକ ସମ୍ପର୍କିତ ଚିଠି ସରକାରୀ ଭାବେ ମୋ ପାଖରେ ପହଞ୍ଚି ନାହିଁ । ଚିଠି ପହଞ୍ଚିଲା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଆଳି ତଟବନ୍ଧ ଡିଭିଜନରେ ତଟାଞ୍ଚଳ ଅସୁରକ୍ଷିତ

- ଚାଷବାସ ଉଜାଡୁଛି ସମୁଦ୍ର ଜୁଆର ପାଣି
- ସର୍ଭେ ସତ୍ତ୍ୱେ ପ୍ରଶାସନ ଚେତିଲା ନାହିଁ
- ପ୍ରଶାସକ, ଠିକାଦାରଙ୍କ ପ୍ରକଳ୍ପ ଅର୍ଥ ଭାଗ ଅଭିଯୋଗ

**କେନ୍ଦ୍ରାପଡ଼ା, ୧୪।୫(ଜଗନ୍ନାଥ ଧଳ)**



ରାଜନଗର ପେଣ୍ଟ ଅଞ୍ଚଳରେ ତଟବନ୍ଧ ନ ଥିବାରୁ ଖୋଲାମେଲାରେ ସମୁଦ୍ର ।

ବନ୍ୟା, ବାତ୍ୟା, ସୁନାମି ପରି ପ୍ରାକୃତିକ ବିପର୍ଯ୍ୟୟରୁ ସୁରକ୍ଷା ପାଇଁ କେନ୍ଦ୍ରାପଡ଼ା ଜିଲାର ଆଳିଠାରେ ତଟବନ୍ଧ ଡିଭିଜନ ପ୍ରତିଷ୍ଠା ହୋଇଛି। ଆଳି ସମେତ ରାଜକନିକା, ରାଜନଗର ଓ ମହାକାଳପଡ଼ାର ମୋଟ ୭୪୪.୪୭ କିଲୋମିଟର ତଟବନ୍ଧର ସୁରକ୍ଷା କରିବା କଥା। ଏ ନେଇ ୨୦୨୨ ଏପ୍ରିଲରେ ମିଳିତ ପ୍ରଶାସନିକ ସର୍ଭେ ହୋଇଥିଲା। ୨୦୨୨-୨୩ ଆର୍ଥିକ ବର୍ଷରେ ଏହି ତଟବନ୍ଧର ସର୍ଭେ ରିପୋର୍ଟରେ ବିଭାଗୀୟ ଅଧିକାରୀ ସମ୍ପୃକ୍ତ ଅଞ୍ଚଳର ବିଡିଓ, ତହସିଲଦାରଙ୍କଠାରୁ ଜିଲାପାଳ ପର୍ଯ୍ୟନ୍ତ ଦସ୍ତଖତ କରିଥିଲେ। ଏହାର ଅର୍ଥ ତଟବନ୍ଧର ଦୁର୍ବଳତା ସମ୍ପର୍କରେ ଜିଲାର ସମସ୍ତ ପ୍ରଶାସନିକ ଅଧିକାରୀ ଅବଗତ ଅଛନ୍ତି। ଏହାସତ୍ତ୍ୱେ ଜିଲାର ରାଜନଗର ବ୍ଲକ ତାଳଚୁଆଠାରୁ ରାଜନଗର ଓ ମହାକାଳପଡ଼ାର ବଟିଘର ପଞ୍ଚାୟତ ପର୍ଯ୍ୟନ୍ତ ଏହି ଜୁଆର ପାଣି ଚାଷବାସକୁ ନଷ୍ଟ କରୁଛି। ଯାତାୟାତ ପଥ ରୋକିବା ସହିତ ଶିକ୍ଷା, ସ୍ୱାସ୍ଥ୍ୟ ପରି ମୌଳିକ ସମସ୍ୟାରେ ସ୍ଥାନୀୟ ଅଞ୍ଚଳବାସୀ ରହିଛନ୍ତି। ଧନଜୀବନ ଅସୁରକ୍ଷିତ ଥିବା ବେଳେ ଗତ ୨୦ ବର୍ଷ ଧରି ଚାଲିଥିବା ଏହି କାର୍ଯ୍ୟାଳୟରେ ପ୍ରକଳ୍ପ ଅର୍ଥକୁ ପ୍ରଶାସନିକ ଅଧିକାରୀ ଓ ଠିକାଦାର ଭାଗବଣ୍ଟା କରିଛନ୍ତି ବୋଲି ତଟାଞ୍ଚଳବାସୀ ମତ ଦେଇଛନ୍ତି।

ରାଜନଗରର ବସନ୍ତ କୁମାର ହାତୀ, ରାଜକନିକାର ଶୁଭାଶିଷ ଷଡ଼ଙ୍ଗୀ, ମହାକାଳପଡ଼ାର ସୁନୀଲ କୁମାର ଗନ୍ତାୟତ, ପରିବେଶବିତ୍ ହେମନ୍ତ କୁମାର ରାଉତ, ବୁଦ୍ଧିଜୀବୀ ରାଧାକାନ୍ତ ମହାନ୍ତି ପ୍ରମୁଖ କହିଛନ୍ତି, ଏହି ଡିଭିଜନ ୨୦୦୪ ଅକ୍ଟୋବରରୁ କାର୍ଯ୍ୟକାରୀ ହେଉଛି। ଏହା ଅଧୀନରେ ଆଳି ସବ୍‌ଡିଭିଜନର ୧୧୧.୫୩ କିଲୋମିଟର, ମହାକାଳପଡ଼ାର ୨୩୭.୬୨ କିଲୋମିଟର, ରାଜନଗରର ୩୦୨.୧୨ କିଲୋମିଟର ଓ ରାଜକନିକାର ୯୩.୨୦ କିଲୋମିଟର ତଟବନ୍ଧ ଅଛି। ବନ୍ୟା, ବାତ୍ୟାରେ ସ୍ଥାନୀୟ ଅଞ୍ଚଳରେ ହେବାକୁ ଥିବା କ୍ଷୟକ୍ଷତି ରୋକିବାକୁ ମିଳିତ ପ୍ରଶାସନିକ ଅଧିକାରୀ ସର୍ଭେ କରିଛନ୍ତି। ତେବେ ମହାକାଳପଡ଼ା ସବ୍‌ଡିଭିଜନର ଜମ୍ବୁ ଲୁଣା ଘେରି, ବଟିଘର ଘେରି, ରାଜନଗର ସବ୍‌ଡିଭିଜନ ଅନ୍ତର୍ଗତ ଗଜରିଆ ତଟବନ୍ଧ, ଉଡିକଣ ଲୁଣା ଘେରି, କେରଡାଗଡ଼, ପଦନୀ ପଦ୍ମନାଭପୁର, ଗୋପାଳପୁର, ରାଜଗଡ଼ ଗଦାଧରପୁର, ବାରଗାଁ ଆଦି ଘେରିବନ୍ଧକୁ ଟପି କ୍ଷେତ ଓ ନିକଟସ୍ଥ ଗ୍ରାମକୁ ପଶିଛି। ଏହି ସବ୍‌ଡିଭିଜନ ଅନ୍ତର୍ଗତ ପେଣ୍ଟ ଜିଓ ଟ୍ୟୁବ୍‌ୱାଲକୁ ସମୁଦ୍ର ଜୁଆର ନଷ୍ଟ କରିବା ଆଶଙ୍କା ଥିବାବେଳେ ୪୦୦ ମିଟର ପର୍ଯ୍ୟନ୍ତ ତଟବନ୍ଧରେ ସମୁଦ୍ର ଛୁଇଁଛି। ସେହିପରି ଜୁଆର ପ୍ରଭାବିତ ବ୍ରାହ୍ମଣୀ, ଖରସ୍ରୋତା, ଗୋବରୀ, ହଂସୁଆ ଆଦି ନଦୀବନ୍ଧ ଏକପ୍ରକାର ଅସୁରକ୍ଷିତ ହୋଇଛି। ଗତ ପୂର୍ଣ୍ଣିମାରେ ହୋଇଥିବା ଜୁଆର ପାଣି ପାଟଶାଳା ନଦୀକୁ ଉଛୁଳାଇ ଦେଇଥିଲା। ଏହି ଲୁଣି ଜୁଆର ପାଣି ରାଜନଗର ବ୍ଲକ ରଙ୍ଗଣୀର ପଟ୍ଟାପାରିଆ, ଭେକ୍ଟା ମୌଜାକୁ ମାଡ଼ି ଯାଇଥିଲା। ସେହିପରି ମହାକାଳପଡ଼ା ବ୍ଲକ ସୁନିତି ପଞ୍ଚାୟତର ପାଞ୍ଚଗୋଛିଆ ବାଟ ଦେଇ କ୍ଷେତ ଜମିକୁ ମାଡ଼ିଯିବା ସହ ନିକଟ ଗ୍ରାମର କିଛି ଘରକୁ ଏହି ଜଳ ପ୍ରବେଶ କରିଥିଲା। ସମୁଦ୍ର ଉଛୁଳିଲେ ବଟିଘର ଅଞ୍ଚଳର ବଡ଼ଟୁବି, ସାନଟୁବି, ମହାନଦୀ ସଂଲଗ୍ନ ଆଖଡ଼ାଶାଳି ଆଦି ଅଞ୍ଚଳରେ ଜୁଆର ପାଣି ମାଡ଼ିଯାଉଛି। ଅଧିକାଂଶ ତଟାଞ୍ଚଳରେ ବନ୍ଧ ଆଦୌ ନିର୍ମାଣ କରାଯାଇନାହିଁ। ଏଠାରେ ମୌଳିକ ସୁବିଧା ବାଧାପ୍ରାପ୍ତ ହୋଇଛି। ସର୍ଭେ ସମୟରେ ଏହି ଦୁର୍ବଳତା ସତ୍ତ୍ୱେ ପ୍ରକଳ୍ପକୁ ଠିକ୍ ଭାବେ କାର୍ଯ୍ୟକାରୀ ନ କରିବା, ପୂର୍ବ ପ୍ରକଳ୍ପ ଲାଗି ଆସିଥିବା ଅର୍ଥକୁ ପ୍ରଶାସନିକ ଅଧିକାରୀ ଓ ଠିକାଦାର ଭାଗବଣ୍ଟା କରି ନେଇଥିବାର ଏହାଠାରୁ ଅଧିକ ଉଦାହରଣ କ'ଣ ହୋଇଥାଇପାରେ ବୋଲି ସେମାନେ ଅଭିଯୋଗ କରି କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ତଟବନ୍ଧ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ସମ୍ବିତ୍ ସାହୁଙ୍କୁ ପଚାରିବାରେ ବିଶ୍ୱତାପନ ଫଳରେ ପରିବେଶ ବିଗିଡ଼ିଛି। ତଟବନ୍ଧର ବହୁ ସ୍ଥାନ ଏବେ ସମୁଦ୍ର ପତ୍ତନଠାରୁ ୧ ମିଟର ଉଚ୍ଚରେ ଅଛି। ଏହାକୁ ୪ରୁ ୬ ମିଟର ଉଚ୍ଚ କରିବାକୁ ବିଭିନ୍ନ ପ୍ରକଳ୍ପ ଆରମ୍ଭ ହୋଇଛି ବୋଲି ସେ କହିଛନ୍ତି।

# ଜେଲ ଗଲେ ପୂର୍ବତନ ଜିଲା ପରିଷଦ ସଭ୍ୟ

**ଚଣ୍ଡିଖୋଲ,୧୪।୫(ପ୍ରଦୀପ୍ତ କୁମାର ପୃଷ୍ଟି):**

**ପୂର୍ବ ଗଣ୍ଡଗୋଳ ମାମଲାରେ ମିଳିଲାନି ଜାମିନ**

ଗଣ୍ଡଗୋଳ ମାମଲାରେ ଛନ୍ଦି ହୋଇଥିବା ଯାଜପୁର ଜିଲା ଧର୍ମଶାଳା ନିର୍ବାଚନମଣ୍ଡଳୀର ପୂର୍ବତନ ଜିଲା ପରିଷଦ ସଭ୍ୟ ନିରଞ୍ଜନ ରାଉତ ଓରଫ ଦିଲୁଙ୍କ ଜାମିନ ଆବେଦନକୁ ବୁଧବାର ଚଣ୍ଡିଖୋଲ କୋର୍ଟ ଖାରଜ କରିଛନ୍ତି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ରଗଡ଼ି ସବ୍‌ଜେଲକୁ ପଠାଇ ଦିଆଯାଇଛି। ଏନେଇ ଚଣ୍ଡିଖୋଲ କୋର୍ଟର ସରକାରୀ ଓକିଲ ଦେବରାଜ ବେହେରା ସୂଚନା ଦେଇଛନ୍ତି।

ତାଙ୍କ ସୂଚନା ଅନୁଯାୟୀ, ବଡ଼ଚଣା ଥାନା ଅନ୍ତର୍ଗତ ପ୍ରସିଦ୍ଧ ଶୈବପୀଠ ମହାବିନାୟକ ପୀଠରେ ଗତ ମାସ ୧୮ ତାରିଖରେ ଏକ ଭୋଜି ସମୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ନିରଞ୍ଜନ ଗୁଳିଫୁଟାଇ ଲୋକଙ୍କୁ ଭୟଭୀତ କରିଥିବା ଅଭିଯୋଗ ହୋଇଥିଲା। ପୂର୍ବରୁ ୨ଟି ଘଟଣାରେ ମଧ୍ୟ ନିରଞ୍ଜନ ସମ୍ପୃକ୍ତ ଥିଲେ। ହାଇକୋର୍ଟଙ୍କ ଆଦେଶ ମୁତାବକ ବୁଧବାର ସେ ପୁରୁଣା ମାମଲାରେ ଚଣ୍ଡିଖୋଲ କୋର୍ଟରେ ହାଜର ହେବାର ଥିଲା। ତାଙ୍କୁ ଅନ୍ତରୀଣ ଜାମିନ ମିଳିବାରଥିଲା। ପୂର୍ବ ୨ ମାମଲା ପରେ ଯଦି ସେ ଅନ୍ୟ ମାମଲାରେ ଛନ୍ଦି ହେବେ ତେବେ ତାଙ୍କୁ ପୂର୍ବ ଦୁଇ ମାମଲାରେ ଜାମିନ ମିଳିପାରିବ ନାହିଁ ବୋଲି ଉଚ୍ଚ ନ୍ୟାୟାଳୟ ସର୍ତ୍ତ ରଖିଥିଲେ। ତେବେ ପୂର୍ବ ଦୁଇ ମାମଲାରେ ସେ କୋର୍ଟକୁ ଜାମିନ ପାଇଁ ଆସିଥିବାବେଳେ ଚଣ୍ଡିଖୋଲ କୋର୍ଟର ବିଚାରପତି ତାଙ୍କ ଜାମିନ ନାମଞ୍ଜୁର କରି ଦେଇଥିଲେ ବୋଲି ଓକିଲ ବେହେରା ପ୍ରକାଶ କରିଛନ୍ତି।

# ସିବିଏସ୍‌ଇ ଦଶମ ପରୀକ୍ଷାରେ ଦେବାଂଶୀ ରାଜ୍ୟ ଟପ୍ପର

ଜଗତ୍‌ସିଂହପୁର, ୧୪।୫ (ପ୍ରମୋଦ କୁମାର ନାୟକ)



ମଙ୍ଗଳବାର ପ୍ରକାଶ ପାଇଥିବା ସିବିଏସ୍‌ଇ ପରୀକ୍ଷାରେ ଜଗତ୍‌ସିଂହପୁର ଜିଲା ବିରିଡ଼ି ବ୍ଲକ ଅଧୀନ ଶଢେଇକଣା ଗାଁର ପ୍ରକାଶ ଜେନାମଣି, ଶ୍ରଦ୍ଧାଞ୍ଜଳି ମିଶ୍ରଙ୍କ କନ୍ୟା ଦେବାଂଶୀ ରାଜ୍ୟ ଟପ୍ପର ହୋଇଛନ୍ତି। ସେ ଭୁବନେଶ୍ୱର ୟୁନିଟ୍ ୮ ଡିଏଭି ସ୍କୁଲରୁ ଦଶମ ଶ୍ରେଣୀ ସିବିଏସ୍‌ଇ ପରୀକ୍ଷାରେ ଓଡ଼ିଶାରେ ସର୍ବୋଚ୍ଚ ୯୯.୪% (୫୦୦ରୁ ୪୯୭) ନଂ. ରଖି ପ୍ରଥମ ହୋଇ ବିଦ୍ୟାଳୟ ତଥା ରାଜ୍ୟର ଗୌରବ ମଣ୍ଡନ କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ଜିଲା କଂଗ୍ରେସ କମିଟି ସଭାପତି ନଟବର ବାରିକ, ବିପ୍ଳବ ଚୌଧୁରୀ, କିଶୋର ପଟ୍ଟନାୟକ, ଶ୍ରୀକାନ୍ତ ପଣ୍ଡା ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

**ମଦ ଜବତ, ଜଣେ ଗିରଫ**

**ଖଣ୍ଡପଡା, (ଅଜଜୟ କୁମାର ମହାରଣା):** ଖଣ୍ଡପଡା ଅବକାରୀ ବିଭାଗ ପକ୍ଷରୁ ସିଧାମୂଳା ପଞ୍ଚାୟତ ଅଧୀନ କନାସିଂ ଗ୍ରାମରେ ବୁଧବାର ଅଚାନକ ଚଢ଼ାଉ କରାଯାଇ ଆର୍ତ୍ତବନ୍ଧୁ ସିଂ(୫୦)ଙ୍କ ଘରୁ ୧୮ ଲିଟର ଦେଶୀମଦ ଜବତ କରାଯିବା ସହ ଏହି କାରବାରରେ ସଂପୃକ୍ତ ଥିବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇ ଅଦାଲତ ଚାଲାଣ କରାଯାଇଛି। ଖଣ୍ଡପଡା ଅବକାରୀ ଅଧିକାରୀ ଦୀପକ କୁମାର ଜେନାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କର୍ମଚାରୀମାନେ ଚଢ଼ାଉ ଅଭିଯାନରେ ସାମିଲ ହୋଇଥିଲେ।



# କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଚାଷୀଙ୍କ କାମରେ ଲାଗୁନି




ନୟାଗଡ଼ ବିଧାନସଭାସ୍ତରୀୟ ଉନ୍ନୟନ କମିଟି ବୈଠକରେ ବିଧାୟକ ଅରୁଣ ସାହୁ ଓ ଅନ୍ୟମାନେ।

**ନୟାଗଡ଼ ବିଧାନସଭାସ୍ତରୀୟ ଉନ୍ନୟନ କମିଟି ବୈଠକ**

- ବାଲି, ଚିପ୍ସ, ପଥରର ଅଭାବରୁ ନିର୍ମାଣ କାର୍ଯ୍ୟରେ ବାଧା
- ଟୁରିଷ୍ଟର ହବ୍, ସମନ୍ୱିତ କୃଷିକୁ ଅଣଦେଖା କରନି
- ନୟାଗଡ଼ରେ ମିଳୁନି ମଧୁରମାଛ
- ଘୁଷୁରି ଚାଷ କରିବାକୁ ବିଧାୟକଙ୍କ ଆଗ୍ରହ

**ନୟାଗଡ଼,୧୪।୫ (ଲୋକନାଥ ମିଶ୍ର)**

ଜିଲା ପରିଷଦର ସୃଜନ ସମ୍ମିଳନୀ କକ୍ଷରେ ନୟାଗଡ଼ ବିଧାନସଭାସ୍ତରୀୟ ଉନ୍ନୟନ କମିଟି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ,ଅତିରିକ୍ତ ଜିଲାପାଳ ରୋଜିନା ଦାସ, ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଉପଜିଲାପାଳ କର୍ଣ୍ଣଦେବ ସମାଦ୍ଦାର, ଡିଏସ୍‌ପି ଡୋମେନ୍ ଚରଣ ଟୁଡୁ, ଜିଲା ଯୋଜନା ଅଧିକାରୀ, ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

ବୈଠକରେ ନୟାଗଡ଼ ବିଧାୟକ ମଧୁର ମାଛ ପାଇଁ ନୟାଗଡ଼ ଜିଲା ପ୍ରସିଦ୍ଧ ଥିବାବେଳେ ଏବେ ଆଉ ମଧୁର ମାଛ ମିଳୁନି ବୋଲି କହିଥିଲେ। ନୟାଗଡ଼ର ମାଛ ଭୁବନେଶ୍ୱର ଯାଉଥିଲା। ମଧୁର ମାଛ ଉତ୍ପାଦନ ୧ ହଜାର ମେଟ୍ରିକ ଟନ କମ ଥିବାବେଳେ ଜାଆଁଳା ଉତ୍ପାଦନରେ ନୟାଗଡ଼ର ସ୍ଥିତି ଭଲରେ ରହିଛି।ପିଏମ୍ କିଶାନ ଓ ସିଏମ୍ କିଶାନ ମଧ୍ୟରେ ବ୍ୟବଧାନକୁ ନେଇ ପ୍ରଶ୍ନ ଉଠାଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟର ଆଇସିୟୁ କାର୍ଯ୍ୟକ୍ଷମ ଓ ଡାକ୍ତରଙ୍କ ଅଭାବ ଉପରେ ଏକ ତାଲିକା ଜିଲାପାଳଙ୍କ ଜରିଆରେ ତ୍ୱରିତ୍ ସମାଧାନ କରିବାକୁ ପରାମର୍ଶ ଦେଇଥିଲେ । ଜିଲା ଶିକ୍ଷା ଅଧିକାରୀଙ୍କୁ ବିଦ୍ୟାଳୟମାନଙ୍କର ଜମି ପଟ୍ଟା ଏବଂ ଅନ୍ୟସବୁ ସମସ୍ୟା ଉପଜିଲାପାଳଙ୍କ ମାଧ୍ୟମରେ ସମାଧାନ କରିବାକୁ ପରାମର୍ଶ ଦେଇଥିଲେ । ନିର୍ମାଣ କାର୍ଯ୍ୟ ପାଇଁ ବାଲି, ପଥର, ଚିପସ୍ ଉପଲବ୍ଧ ହେଉ ନ ଥିବାରୁ ସରକାରୀ ଓ ବେସରକାରୀସ୍ତରରେ ଗୃହ ନିର୍ମାଣ କାଠିକର ପାଠ ହେଉଥିବାରୁ ସମାଧାନ ପାଇଁ ପଦକ୍ଷେପ ନେବାକୁ ଜିଲାପାଳଙ୍କୁ ଅବଗତ କରାଇଥିଲେ। ୧୪ ଏକର ଜମିରେ ଆଗ୍ରୋ ଟୁରିଜିମ୍ ମଡେଲ ଫାର୍ମ ପାଇଁ ୩କୋଟି ଟଙ୍କା ୩ ବର୍ଷ ହେଲା ପଡି ରହିଛି। ଉଦ୍ୟାନ, ପ୍ରାଣୀ, ମତ୍ସ୍ୟ, କୃଷି ଓ ମୃତ୍ତିକା ସଂରକ୍ଷଣ ବିଭାଗର ସମନ୍ୱିତ କୃଷି ଏଠାରେ ଉପଲବ୍ଧ ହେବାକୁ ଥିବାରୁ ଏହାକୁ ଗୁରୁତ୍ୱ ଦେବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ଓଡ଼ଗାଁ ବ୍ଲକର ରାବେରାସ୍ଥିତ ରାଜ୍ୟର ପ୍ରଥମ ଛତୁ ପ୍ରୋସେସିଂ ୟୁନିଟ୍ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପର୍ଯ୍ୟଟନ କ୍ଷେତ୍ରରେ ନୟାଗଡ଼ ଜିଲା ଟୁରିଷ୍ଟ ହବ ହୋଇ ସାରିଛି। ଫତେଗଡ଼ର ରାମମନ୍ଦିର, କଣ୍ଟିଲୋ ନୀଳମାଧବ, ଯୋଗିଯୋଗିଆଣି, ଗଣିଆ ମହାନଦୀର ସାତକୋଶିଆ ଗଣ୍ଡ, ମହାନଦୀର ସୌନ୍ଦର୍ଯ୍ୟ, କୁଆଁରିଆ, ଶରଣକୁଳ ଲଡୁବାବା, ଓଡଗାଁ ରଘୁନାଥ ଓ ଦୁତୀକେଶ୍ୱର, ବୈଷ୍ଣୋ ଦେବୀ, ବରକନ୍ୟା ଝରଣା ପରି ଅନେକ ପର୍ଯ୍ୟଟନ କେନ୍ଦ୍ରରେ ପର୍ଯ୍ୟଟକଙ୍କ ଭିଡ଼ ଲାଗି ରହିଛି। ପର୍ଯ୍ୟଟନ ପୀଠର ବିକାଶ ପାଇଁ ଟୁରିଷ୍ଟ ଅଫିସରକୁ ପ୍ରାଧାନ୍ୟ ଦେବାକୁ କହିଥିଲେ। ବୁଢ଼ାବୁଢ଼ିଆଣି ପ୍ରକଳ୍ପ ପାଇଁ ଦେଢ଼ କୋଟି ଟଙ୍କା ମଞ୍ଜୁର ହୋଇଥିବାବେଳେ ମାତ୍ର ୬୦ ଲକ୍ଷ ଖର୍ଚ୍ଚ ହୋଇଛି। ଅବଶିଷ୍ଟ ଟଙ୍କା ତୁରନ୍ତ ଖର୍ଚ୍ଚ କରିବାକୁ କୁହାଯାଇଛି।

ବରକନ୍ୟା ପର୍ଯ୍ୟଟନ ପୀଠ ଓ ବଲାଙ୍ଗୀ ପାର୍କର ଉନ୍ନୟନ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡି ରହିଛି। ମିଶନ ଶକ୍ତି କାଫେଗୁଡିକରେ ପଥପ୍ରାନ୍ତ ବା ଭ୍ରାମ୍ୟମାଣ ସୁବିଧା ଯେପରି ମିଳିବ ସେଥିପ୍ରତି ପ୍ରାଧାନ୍ୟ ଦିଅନ୍ତୁ। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନୟାଗଡ ସହରରେ ଚାଲୁ ରହିଥିବା ୪ଟି ଓ ଓଡ଼ଗାଁ ସହରରେ ୨ଟି ଏପରି ୬ଟି କଲ୍ୟାଣ ମଣ୍ଡପ କାର୍ଯ୍ୟକୁ ଶୀଘ୍ର ଶେଷ କରିବାକ କୁହାଯାଇଛି। ମହାନଦୀରୁ ପାନୀୟ ଜଳ ଯୋଗାଣ କାର୍ଯ୍ୟ ବିଳମ୍ୱ ହୋଇ ଚାଲିଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯୋଗାଣ ହେଉଥିବା ପାନୀୟ ଜଳ କୁ ମୋଟର ଯୋଗେ ଚୋରି ନେଇ ସରଗରମ ଆଲୋଚନା ହୋଇଥିଲା। ଗାଈ, ଘୁଷୁରୀ, ଛେଳି, ଠେକୁଆ, କୁକୁଡା ଚାଷ ଉପରେ ଆଲୋଚନାବେଳେ ବିଧାୟକ ଘୁଷୁରୀ ଚାଷ କରିବାକୁ ଆଗ୍ରହ ପ୍ରକାଶ କରଥିଲେ। ନୟାଗଡ଼ ସହରରେ ୩୩ କେଭି ବିଦ୍ୟୁତ୍ ସବ୍‌ଷ୍ଟେଶନ ନିର୍ମାଣ କରିବାକୁ ପ୍ରସ୍ତବା ରହିଥିବା ଜଣାପଡିଛି। ବଲାଙ୍ଗୀର ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ପଣ୍ଡୁସରଠାରୁ ମାଙ୍କପଲ୍ଲୀ ପର୍ଯ୍ୟନ୍ତ ବାଇପାସ ରାସ୍ତା କାମ ୩୧ ଡିସେମ୍ବର ୨୦୨୫ ମଧ୍ୟରେ ଶେଷ ହେବାକୁ କୁହାଯାଇଛି। ନୟାଗଡ଼ ମ୍ୟୁନିସିପାଲିଟିର ପଠାଣୀ ସାମନ୍ତ ଅଡିଟୋରିୟମରେ ବିଦ୍ୟୁତ୍ ବିଚ୍ଛିନ୍ନ ରହିଛି। ସେସୁ ନିର୍ବାହୀ ଯନ୍ତ୍ରୀ ବିଦ୍ୟୁତ୍ ବିଚ୍ଛିନ୍ନ ହୋଇ ନ ଥିବା କହୁଥିବାବେଳେ ୨୬ ଲକ୍ଷ ବକେୟା ଦେୟ ପଇଠ ସତ୍ତ୍ୱେ ଚେୟାରମ୍ୟାନ ଓ ଭାଇସ୍ ଚେୟାରମ୍ୟାନ ସେମତେ ମ୍ୟୁସିପାଲିଟି କର୍ମଚାରି ବିଦ୍ୟୁତ୍ ବିଚ୍ଛିନ୍ନ ନେଇ ଯୁକ୍ତି ଉପସ୍ଥାପନ କରିଥିଲେ। କିଛି ସମୟ ଉଭୟ ବିଭାଗ ମଧ୍ୟରେ କଥା କଟାକଟି ହୋଇଥିଲା। ପ୍ରକୃତରେ ବିଦ୍ୟୁତ୍ ନ ଥିବା ଜଣାପଡିଥିଲା।

ନୟାଗଡ଼ ଜିଲାର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଗୁଡିକରେ ପାଣି ରହୁନି। ପ୍ରକଳ୍ପ ଗୁଡିକରେ ଅମରି ଗଛ ଉଠିଗଲାଣି। କେନାଲରେ ପାଣି ଆସୁନି। ଓଡ଼ଗାଁ ଏନ୍‌ଏସିର ବିଭିନ୍ନ ୱାର୍ଡରେ ବିକାଶ ମୂଳକ ପ୍ରକଳ୍ପ ସରକାରଙ୍କ ପାଖକୁ ପଠାଯାଇଥିବାବେଳେ ନୟାଗଡ ବିଧାୟକଙ୍କୁ ଅଣଦେଖା କରାଯାଇଥିବା ବିଧାୟକ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସେହିପରି ନୟାଗଡ ମ୍ୟୁନିସିପାଲିଟି ପକ୍ଷରୁ ତଥ୍ୟ ଦିଆଯାଇଥିଲେହେଁ ଉଭୟ ସହରାଞ୍ଚଳ ପାଇଁ ଏକ ସ୍ୱତନ୍ତ୍ର ସମୀକ୍ଷା ବୈଠକ ୭ଦିନ ଭିତରେ କରାଯିବ ବୋଲି ବିଧାୟକ କହିଛନ୍ତି। ନୟାଗଡ ସହରର ଟ୍ରାଫିକ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନୟାଗଡ଼ ସହରରେ ବ୍ରାଉନସୁଗାର କାରବାର ବଢ଼ିଚାଲିଛି। ଏହା ଉପରେ ଲଗାମ ଦେବା ପାଇଁ ଅବକାରୀ ବିଭାଗକୁ କହିଥିଲେ। ଅନ୍ୟପକ୍ଷେ ଜବତ ଗଞ୍ଜେଇ ଗାଡିକୁ ଛାଡିବା ଉପରେ କ୍ଷୋଭ ପ୍ରକାଶ କରି ଏପରି ନ କରିବାକୁ ନପରାମର୍ଶ ଦେଇଥିଲେ। ୮୦ ବର୍ଷରୁ ଉର୍ଦ୍ଧ୍ୱ ଅନେକ ବୃଦ୍ଧବୃଦ୍ଧା ଭତ୍ତା ବର୍ଦ୍ଧିତ ସାଢ଼େ ୩ ହଜାର ପାଉ ନ ଥିବା ନେଇ ଆଲୋଚନା ହୋଇଥିଲା। ନୟାଗଡ଼ରେ ହେଉଥିବା ମଡେଲ ମଣ୍ଡିରେ ୩୦ ମେଟ୍ରିକ ଟନର ଶୀତଳଭଣ୍ଡାର ହେବ। ଏହାର କାର୍ଯ୍ୟ ଶୀଘ୍ର କରିବାକୁ କୁହାଯାଇଛି।ଲୁଣିଝରା ନଦୀ ଗର୍ଭର ୧୪ କିମ ପାଇଁ ୩ କୋଟି, କୁସୁମୀ ନଦୀ ଗର୍ଭର ୧୧କିମ ପାଇଁ ୧କୋଟି, ଡାହୁକା ନଦୀ ଗର୍ଭର ୧୪ କମି ସଫେଇ ପାଇଁ ୧କୋଟ ମଞ୍ଜୁର ହୋଇଛି। ନୟାଗଡ ଷ୍ଟାଡିୟମର ସୁଇମିଙ୍ଗ ପୁଲ କାର୍ଯ୍ୟ ଜୁନ୩୦ ସୁଦ୍ଧା ଶେଷ ହେବ। ବ୍ୟାଙ୍କରୁ ଋଣ ପାଇବାରେ ଚାଷୀ ଉପେକ୍ଷିତ ହେଉଥିବାରୁ ପଦକ୍ଷେପ ନେବାକୁ ଜିଲାପାଳଙ୍କୁ ଅବଗତ କରାଇଥିଲେ। ଜୁନ ମାସରେ ଶେଷ ହେବ ପିଟିଏସ୍ ରାସ୍ତା। କୁସୁମୀ ଜଳସେଚନ ପ୍ରକଳ୍ପରେ ଅଣ୍ଡର ଗ୍ରାଉଣ୍ଡ ପାଇପ ଲାଇନ କାମର ୪୦୧ କିମିରୁ ୩୧ କିମି ବାକି ଅଛି। ଇନଟେକ ପାଣି ପମ୍ପ କାମ ଚାଲୁ ରହିଛି। ସୁନାଲଟି ଠାରେ ପ୍ରକଳ୍ପ ପାଖରେ ୩କୋଟି ବ୍ୟୟରେ ହେବାକୁ ଥିବା ପାର୍କର କାମ ଶୀଘ୍ର ଶେଷ କରିବାକୁ କହିଥିଲେ। ବୁଢ଼ାବୁଢ଼ିଆଣି ପ୍ରକଳ୍ପର ଉନ୍ନତି ପାଇଁ ଏକ ସ୍ୱତନ୍ତ୍ର ବୈଠକ କରାଯିବ। ଶେଷରେ ବିଭିନ୍ନ ବିଭାଗକୁ ଦିଆଯାଇଥିବା କାର୍ଯ୍ୟଗୁଡ଼ିକୁ ଜିଲାପାଳଙ୍କ ମାଧ୍ୟମରେ ସେ ସବୁର ତ୍ୱରିତ ସମାଧାନ କରିବାକୁ ପରାମର୍ଶ ଦେଇଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ମୁକେଶ



@ ନୀରଜ



@ ଶିବୁନୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଟ୍ରେନ ଯାତ୍ରୀଙ୍କ ମୋବାଇଲ ଚୋରି, ଲୁଟେରାକୁ କାବୁ କଲେ ଷ୍ଟେଶନ କର୍ମଚାରୀ

**ନୂଆଗାଁ,୧୪।୫(ଧନେଶ୍ୱର ସାହୁ)**

ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ନୂଆଗାଁ ଥାନା ନୂଆଗାଁ ରେଳ ଷ୍ଟେଶନ ଅଞ୍ଚଳରେ ମୋବାଇଲ ଲୁଟେରା ମାତିଛନ୍ତି। ମଙ୍ଗଳବାର ରାତି ଟ୍ରେନଯାତ୍ରୀଙ୍କ ମୋବାଇଲ ଲୁଟ୍ କରି ଜଣେ ଯୁବକ ଷ୍ଟେଶନ କର୍ମଚାରୀଙ୍କ ହାତରେ ଧରାପଡିବା ପରେ ଷ୍ଟେଶନ କର୍ମଚାରୀ ଲୁଟେରାଙ୍କୁ ପୋଲିସ ଜିମା ଦେଇଥିଲେ।

ମଙ୍ଗଳବାର ଜଣେ ଟ୍ରେନଯାତ୍ରୀଙ୍କଠାରୁ ନୂଆଗାଁ ଷ୍ଟେଶନ ନିକଟରୁ ଜଣେ ଯୁବକ ମୋବାଇଲ ଛଡାଇ ନେଉଥିବା ସମୟ ଷ୍ଟେଶନ କର୍ମଚାରୀମାନେ ଲୁଟେରାକୁ କାବୁ କରି ନୂଆଗାଁ ଥାନା ପୋଲିସଙ୍କୁ ଡାକି ଜିମା ଦେଇଥିଲେ। କିନ୍ତୁ ଏହି ଖବର ଲେଖା ହେବା ସୁଦ୍ଧା ମୋବାଇଲ ଚୋରି ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲା। ପୂର୍ବରୁ ମୋବାଇଲ ଲୁଟେରାଙ୍କ ନାମରେ ଚୋରି ମାମଲା ରହିଥିବା ବେଳେ ଲୁଟେରାକୁ ନୂଆଗାଁ ଥାନା ପୋଲିସ ଅଟକ ରଖି ଅଧିକ ତଦନ୍ତ ଚଳାଇଛି। ଟ୍ରେନ ଷ୍ଟେଶନ ନିକଟତର ହେବା ପୂର୍ବରୁ ଲୁଟେରା କାହାଠାରୁ ଲୁଟ କରିବ ତାହା ନିର୍ଦ୍ଧାରଣ କରି ସାରିଥାଏ। ଷ୍ଟେଶନ ଆସିବା କ୍ଷଣି ଲୁଟ କରି ଷ୍ଟେଶନରେ ଓହ୍ଲାଇ ଆଖି ପିଛୁଳାକେ ଦୌଡି ପଳାଇ ଯାଇ ଥାଆନ୍ତି । ତେବେ ପୂର୍ବରୁ ମଧ୍ୟ ନୂଆଗାଁ ଷ୍ଟେଶନ ନିକଟବର୍ତ୍ତୀ ଅଞ୍ଚଳରୁ ଟ୍ରେନ ଯାତ୍ରୀଠାରୁ ସମାନ ଢଙ୍ଗରେ ମୋବାଇଲ ଲୁଟ ହୋଇଥିଲା। ତେଣୁ ଟ୍ରେନ ଯାତ୍ରୀମାନେ ଯାତ୍ରା କରିବା ସମୟରେ ନିଜ ଜିନିଷ , ମନିପର୍ସ , ମୋବାଇଲ ଆଦି ଦାୟିତ୍ୱରେ ରଖିବା ସହ ଯାତ୍ରୀମାନେ ନିଜେ ସଚେତନ ରୁହନ୍ତୁ ବୋଲି ନୂଆଗାଁ ଷ୍ଟେଶନ ମାଷ୍ଟର ଅଜୟ କୁମାର ମହାପାତ୍ର ଜନସାଧାରଣଙ୍କୁ ନିବେଦନ କରିଛନ୍ତି।




ଅପରେଶନ ସିନ୍ଦୂର ସଫଳତା ପରେ ନୟାଗଡ଼ ଜିଲା ରଣପୁର ନିର୍ବାଚନଙ୍ମଣ୍ଡଳୀ ଅନ୍ତର୍ଗତ ସୁନାଖଳାରେ ବୁଧବାର ଭାଜପା ତରଫରୁ ଆୟୋଜିତ ତ୍ରିରଙ୍ଗା ଶୋଭାଯାତ୍ରାରେ ସାମିଲ ହୋଇଥିବା ମହିଳା, ପୁରୁଷ ଓ ସ୍କୁଲ,କଲେଜ ଛାତ୍ରୀଛାତ୍ର ।

## ଗୋଡ଼ିପଡ଼ା ଯଜ୍ଞ ପାଇଁ କଳସ ଶୋଭାଯାତ୍ରା

**ନୟାଗଡ଼,୧୪।୫ (ଲୋକନାଥ ମିଶ୍ର)**

ଗୋଡିପଡ଼ା ଲଡୁକେଶ ମହେଶଙ୍କ ସମ୍ମୁଖ ବଡ଼ଦେଶ ଯଜ୍ଞାନୁଷ୍ଠାନ ଗୃହରେ ବିଶ୍ୱ ଶାନ୍ତି ମହାଯଜ୍ଞ ବୁଧବାରଠାରୁ ଆରମ୍ଭ ହୋଇଛି। ଏହା ୧୬ରେ ଉଦ୍‌ଯାପିତ ହେବ। ଏ ଅବସରରେ ଡିମିଶର ଦୁଆଣ୍ଟି ନଦୀରେ ପୂଜାର୍ଚ୍ଚନା କରାଯାଇ ଏକ କଳସ ଶୋଭାଯାତ୍ରା ବାହାରିଥିଲା। କଳସ ଶୋଭାଯାତ୍ରାରେ ୧୦୮ ମହିଳା ସାମିଲ ହୋଇଥିଲେ। ଶୋଭାଯାତ୍ରା ଗୋଡିପଡା ବଜାର ପରିକ୍ରମା କରି ଯଜ୍ଞ ଗୃହ ନିକଟରେ ଏକାଠି ହୋଇଥିଲେ। ବ୍ରାହ୍ମଣଙ୍କ ମନ୍ତ୍ରଧ୍ୱନିରେ ଗୋଡିପଡା ବଜାର ପ୍ରକମ୍ପିତ ହୋଇଥିଲା। ଏଥିରେ ଜିଲାର ବିଭିନ୍ନ ଅଞ୍ଚଳର ୧୧ ବ୍ରାହ୍ମଣ ସାମିଲ ହୋଇଛନ୍ତି।

## ନୂତନ ଆଇନ ଉପରେ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ନୂତନ ଆଇନ ଉପରେ ସୂଚନା ଦିଆଯାଉଛି।

**ଦଶପଲ୍ଲା,୧୪।୫ (ପ୍ରକାଶ କୁମାର ପାଣି)**

ବୁଧବାର ଦଶପଲ୍ଲା ଥାନା ପରିସରରେ ନୂତନ ଆଇନ କାର୍ଯ୍ୟକାରିତା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଦଶପଲ୍ଲା ଥାନା ଆଇଆଇସି ଅନୀତା ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୧।୭।୨୦୨୪ରୁ ଭାରତୀୟ ନୂତନ ଅପରାଧୀକ ପ୍ରମୁଖ ଆଇନ ଯଥା ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା, ଭାରତୀୟ ସାକ୍ଷ୍ୟ ଅଧିନିୟମ ସଂହିତା ପ୍ରଚଳନ ଉପରେ ସଚେତନତା କରାଯାଇଥିଲା। ଉକ୍ତ ସଚେତନତା କାର୍ଯ୍ୟକ୍ରମରେ ସରକାରୀ ଆଇନଜୀବୀ ଦିଲ୍ଲୀପ କୁମାର ପଣ୍ଡା, ବରିଷ୍ଠ ଆଇନଜୀବୀ ବେଣୁଧର ନାୟକ, କୃଷ୍ଣ ଚନ୍ଦ୍ର ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦାନ କରି ଏହି ନୂତନ ଆଇନ ଉପରେ ଉଦବୋଧନ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଦଶପଲ୍ଲାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦାନ କରିଥିଲେ। ଶେଷରେ ଆଇଆଇସି ଅନୀତା ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

## ବିଜେଡିର ବ୍ଲକ,ଏନଏସି ସଭାପତିଙ୍କ ନାମ ଘୋଷଣା

**ନୟାଗଡ଼,୧୪।୫(ଲୋକନାଥ ମିଶ୍ର)**

ବିଜୁ ଜନତା ଦଳ(ବିଜେଡି) ପକ୍ଷରୁ ବୁଧବାର ନୟାଗଡ଼ ଜିଲାର ସମସ୍ତ ବ୍ଲକ ଓ ଏନଏସିର ସଭାପତିଙ୍କ ତାଲିକା ନୟାଗଡ଼ ଜିଲା ନିର୍ବାଚନ ଅଧିକାରୀ ଗଙ୍ଗାଧର ପଣ୍ଡାଙ୍କ ଦ୍ୱାରା ପ୍ରକାଶ ପାଇଛି । ଜିଲା ସଭାପତି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ନୟାଗଡ଼ ବ୍ଲକ ସଭାପତି ଅଜିତ ପ୍ରସାଦ ସାହୁ ଅଛନ୍ତି। ବ୍ଲକ ସଭାପତି ନିତ୍ୟାନନ୍ଦ ପ୍ରଧାନ, ଖଣ୍ଡପଡ଼ ବ୍ଲକ ସଭାପତି ବିଜୟ ତ୍ରିପାଠୀ, ଭାପୁର ବ୍ଲକ ସଭାପତି ଶିବ ପ୍ରସାଦ ଷଡ଼ଙ୍ଗୀ, ଦଶପଲ୍ଲା ବ୍ଲକ ସଭାପତି ସୁଦାମ ନାୟକ, ନୂଆଗାଁ ବ୍ଲକ ସଭାପତି ଯୁଗଳକିଶୋର ସାହୁ, ଗଣିଆ ବ୍ଲକ ସଭାପତି ସଦାଶିବ ମିଶ୍ରଙ୍କୁ ଚୟନ କରାଯାଇଛି। ଓଏନ୍‌ଏସି ସଭାପତି ନୋଜ ପାତ୍ର, ରଣପୁର ଏନ୍‌ଏସି ସଭାପତି ଲିଙ୍ଗରାଜ ନାୟକ, ଖଣ୍ଡପଡ଼ା ଏନ୍‌ଏସି ସଭାପତି ମିହିର ମିଶ୍ର, ଦଶପଲ୍ଲା ଏନଏସି ସଭାପତି ଅନୀଲ ରାୟଙ୍କ ନାମ ଘୋଷଣା କରାଯାଇଛି।

## ସୂଚନା ଅଧିକାର ଆଇନ ବଳରେ ତଥ୍ୟ ଦେବାକୁ ଅମଙ୍ଗ

**ନୂଆଗାଁ,୧୪।୫(ଧନେଶ୍ୱର ସାହୁ)**

**ଅଧିକାରୀଙ୍କୁ ଘାରିଛି ଦୁର୍ନୀତି ପଦାରେ ପଡ଼ିବା ଭୟ**

ନୟାଗଡ଼ ଜିଲା ନୂଆଗାଁ ବ୍ଲକର ବିଭିନ୍ନ ବିଭାଗ ଦ୍ୱାରା ଜନ ସାଧାରଣଙ୍କ ସ୍ୱାର୍ଥ ନିମନ୍ତେ ବିକାଶ ମୂଳକ କାର୍ଯ୍ୟ କରିବା ପାଇଁ ସରକାର ଅନୁଦାନ ଯୋଗାଇ ଦେଉଛନ୍ତି । କିନ୍ତୁ ଅନେକ କାର୍ଯ୍ୟରେ ଅନିୟମିତତା ହେଉଥିବା ନେଇ ଅଭିଯୋଗ ହେଉଥିବା ବେଳେ ତାହାର ସତ୍ୟତା ଜାଣିବା ପାଇଁ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିଲେ ତାହା ମିଳୁ ନାହିଁ। ଦୁର୍ନୀତି ପଦାରେ ପଡିଯିବା ଭୟରେ ଅଧିକାରୀମାନେ ବିଭିନ୍ନ ଆଳ ଦେଖାଇ ତଥ୍ୟ ଦେଉ ନ ଥିବା ଅଭିଯୋଗ ହେଉଛି।


ନୂଆଗାଁ ବ୍ଲକର ଚାହାଳୀ ଏବଂ ଆଖପାଖ ପଞ୍ଚାୟତର ଚାଷୀମାନଙ୍କ ଜମିକୁ ଜଳସେଚିତ କରିବାପାଇଁ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଧୂଳିପାଉଁଶିଆ ଚେକ ଡ୍ୟାମ୍ ନିର୍ମାଣ କରାଯାଇଛି। ଉକ୍ତ ଡ୍ୟାମର ଉନ୍ନତିକରଣ ଓ ରକ୍ଷଣାବେକ୍ଷଣ ପାଇଁ ସଂପୃକ୍ତ ବିଭାଗ ପକ୍ଷରୁ ପ୍ରତିବର୍ଷ ଲକ୍ଷାଧିକ ଟଙ୍କା ଅନୁଦାନ ଯୋଗାଇ ଦିଆଯାଉଛି। ତେବେ ଠିକାଦାର ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ହାତ କରି ଉକ୍ତ ଅନୁଦାନରୁ ଅଳ୍ପ କିଛି ଖର୍ଚ୍ଚରେ ନିମ୍ନମାନର କାମ କରିଦେଇ ଅନୁଦାନ ହଡପ କରୁଥିବା ନେଇ ସ୍ଥାନୀୟ ଜନ ପ୍ରତିନିଧି ଓ ଚାଷୀମାନେ ଅଭିଯୋଗ କରୁଛନ୍ତି। ତାହାର ସତ୍ୟତା ଜାଣିବା ପାଇଁ ସୂଚନା କର୍ମୀ ନିରଞ୍ଜନ ସାହୁଙ୍କ ସମେତ ଅନ୍ୟ କେତେଜଣ ଖବରଦାତା ସୂଚନା ଅଧିକାର ଆଇନ ବଳରେ ନୟାଗଡ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟର ଜନ ସୂଚନା ଅଧିକାରୀଙ୍କୁ ତଥ୍ୟ ମାଗିଥିଲେ। ଉକ୍ତ ତଥ୍ୟ ଡାକ ଯୋଗେ ପଠାଇବା ପାଇଁ ସେ ଆବେଦନ ପତ୍ରରେ ଲେଖିଥିବା ବେଳେ ସେଥିପାଇଁ ଆବଶ୍ୟକ ଅର୍ଥରାଶି ପ୍ରଦାନ କରିବା ପାଇଁ ରାଜି ବୋଲି ଦର୍ଶାଇ ଥିଲେ। କିନ୍ତୁ ଜନ ସୂଚନା ଅଧିକାରୀ ଅର୍ଥରାଶି ପ୍ରଦାନ ପାଇଁ ଜଣାଇବା କିମ୍ବା ଆବଶ୍ୟକୀୟ ତଥ୍ୟ ପଠାଇବା ବଦଳରେ ସୂଚନା କର୍ମୀ ନିର୍ଦ୍ଦିଷ୍ଟ ଦିନ , ନିର୍ଦ୍ଦିଷ୍ଟ ସମୟରେ ଆସି ସଂପୃକ୍ତ ଅଫିସରୁ ତଥ୍ୟ ଦେଖିବା ସହ ଆବଶ୍ୟକ ତଥ୍ୟର ଫଟୋ ଉଠାଇ ନେବା ପାଇଁ ଚିଠି ମାଧ୍ୟମରେ ଜଣାଇଛନ୍ତି । ଜନ ସୂଚନା ଅଧିକାରୀଙ୍କ ଏପରି କାର୍ଯ୍ୟ ବାବଦରେ ଅଧୀକ୍ଷଣ ଯନ୍ତ୍ରୀ ଅରୁଣ କୁମାର ପଣ୍ଡାଙ୍କୁ ପଚାରିବାରେ ଜନ ସୂଚନା ଅଧିକାରୀମାନେ ସୂଚନା ଅଧିକାର ଗାଇଡ ଲାଇନ ପଢୁ ନାହାନ୍ତି ବୋଲି ଏପରି କାର୍ଯ୍ୟ କରୁଛନ୍ତି । ତେଣୁ ଅପିଲ କଲେ ଆମେ ତଥ୍ୟ ଦେଇଦେବୁ ବୋଲି କହିଛନ୍ତି । ସେହିଭଳି ବାହାଡାଝୋଲା ପଞ୍ଚାୟତ ଅଧିକାରୀ ପଞ୍ଚାୟତ ଅନୁଦାନ ହଡପ କରିଥିବା ନେଇ ଅଭିଯୋଗ ହେବାରେ ତାହାର ସତ୍ୟତା ଜାଣିବା ପାଇଁ ବାହାଡାଝୋଲା ପଞ୍ଚାୟତ ଅଧିକାରୀଙ୍କୁ ତଥ୍ୟ ମଗାଯାଇଥିଲା। ତେବେ ତଥ୍ୟ ନ ଦେବାର ବାହାନାରେ କେତେ ପୃଷ୍ଠାର ତଥ୍ୟ ଏବଂ ଡାକ ଖର୍ଚ୍ଚ କେତେ ତାହା ନ ଦର୍ଶାଇ ୯୮୫୫ ଟଙ୍କା ଦାଖଲ କଲେ ତଥ୍ୟ ଦିଆଯିବ ବୋଲି ସୂଚନା କର୍ମୀଙ୍କୁ ଚିଠି ମାଧ୍ୟମରେ ଜଣାଇଛନ୍ତି। ତେବେ ଦୁର୍ନୀତିରେ ସତ୍ୟତା ଥିବା ଏବଂ ଦୁର୍ନୀତି ପଦାରେ ପଡିଯିବା ଭୟରେ ଜନ ସୂଚନା ଅଧିକାରୀ ଏପରି କାର୍ଯ୍ୟ କରୁଛନ୍ତି ବୋଲି ସୂଚନାକର୍ମୀ ସାହୁ ଅଭିଯୋଗ କରିଛନ୍ତି । ଏ ବାବଦରେ ବାହାଡାଝୋଲା ପଞ୍ଚାୟତ ଅଧିକାରୀ ସୁକାନ୍ତ ପଟ୍ଟନାୟକଙ୍କୁ ପଚାରିବାରେ ସୂଚନା କର୍ମୀ ୯୮୫୫ ଟଙ୍କା ଦାଖଲ କଲା ପରେ ଆମ ହିସାବରେ ଯାହା ହେବ ସେତିକି ରଖି ତଥ୍ୟ ଦେବୁ ଏବଂ ବଳକା ଟଙ୍କା ଫେରସ୍ତ କରିଦେବୁ ବୋଲି କହିଛନ୍ତି ।

# ୮ ବର୍ଷ ହେଲା ଡିହବାରିଙ୍ଗି ସେତୁ ଅସମ୍ପୂର୍ଣ୍ଣ

**ଯାଜପୁର ପାଣିକୋଇଲି ପୂର୍ତ୍ତ ଡିଭିଜନ**

- ବର୍ଦ୍ଧିତ ଦର ଅପେକ୍ଷାରେ ଠିକାଦାର, ଯନ୍ତ୍ରୀ
- ବ୍ୟୟ ଅଟକଳ ୧୮ କୋଟିରୁ ପହଞ୍ଚିଲା ୫୪ କୋଟି
- ଆନ୍ଦୋଳନ ପାଇଁ ସଜବାଜ ବିଞ୍ଝାରପୁର, ବରୀ ଅଞ୍ଚଳବାସୀ

**ଯାଜପୁର,୧୪।୫(ହର୍ଷବର୍ଦ୍ଧନ ବେହେରା):**


ଅଧାପନ୍ତରିଆ ହୋଇ ପଡ଼ିରହିଥିବା ସେତୁ।

ଯାଜପୁର ଜିଲା ବିଞ୍ଝାରପୁର-ବରୀ ସୀମାନ୍ତରେ ପ୍ରବାହିତ ପଣ୍ଡୁଆ ନଦୀ ଉପରେ ନିର୍ମାଣାଧୀନ ଡିହବାରିଙ୍ଗି ସେତୁକୁ ସମ୍ପୂର୍ଣ୍ଣ କରିବାକୁ ପାଣିକୋଇଲି ରାସ୍ତା ଏବଂ କୋଠାବାଡ଼ି ତଥା ପୂର୍ତ୍ତ ଡିଭିଜନ ୫୪ ରୁ ୮୦ କୋଟି ଟଙ୍କା ବର୍ଦ୍ଧିତ ମୂଲ୍ୟକୁ ଅପେକ୍ଷା କରିଛନ୍ତି। ସରକାରୀ ଅର୍ଥକୁ ଲୁଟ୍ କରିବା ଉଦ୍ଦେଶ୍ୟରେ ଠିକାଦାର ଓ ବିଭାଗୀୟ ଯନ୍ତ୍ରୀମାନେ ଜାଣିଶୁଣି ୮ ବର୍ଷ ହେଲା ସେତୁ ନିର୍ମାଣକୁ ଅସମ୍ପୂର୍ଣ୍ଣ ରଖି ଅଞ୍ଚଳବାସୀଙ୍କୁ ଦୁଃଖ ଦେଇ ଆସୁଛନ୍ତି ବୋଲି ଅଭିଯୋଗ ହୋଇଛି।

ନିର୍ମାଣାଧୀନ ଉକ୍ତ ସେତୁ ଉପରେ ଯାଜପୁର ଜିଲାର ବିଞ୍ଝାରପୁର ଓ ଦଶରଥପୁର ଏବଂ କେନ୍ଦ୍ରାପଡ଼ା ଜିଲାର ରାଜକନିକା ଓ ଆଳି ବ୍ଲକର ପ୍ରାୟ ୨ ଲକ୍ଷ ଲୋକ ନିର୍ଭରଶୀଳ ହେବେ। ଏହି କ୍ରମରେ ୨୦୨୪ରୁ ଚଳିତ ମାସ ମଧ୍ୟରେ ବିଞ୍ଝାରପୁର ଓ ବରୀ ଅଞ୍ଚଳର ଜନସାଧାରଣଙ୍କ ପକ୍ଷରୁ ୩ ଥର ଆନ୍ଦୋଳନ କରାଯାଇ ସେତୁ ସମ୍ପୂର୍ଣ୍ଣ କରିବାକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ହେଁ ଲୋକଙ୍କ କଥା ଶୁଣିବାକୁ ସରକାର ନୀରବ । ଗତ ଡିସେମ୍ବରରେ ସେହି ସେତୁ ପାଖରେ ବିଞ୍ଝାରପୁର ବ୍ଲକ କଣ୍ଟିପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଅଟଳବିହାରୀ ନାୟକଙ୍କ ନେତୃତ୍ୱରେ ଏକ ବିରାଟ ଆନ୍ଦୋଳନ କରାଯାଇ ପୂର୍ତ୍ତ ବିଭଗର ମୁଖ୍ୟ ନିର୍ବାହୀ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ତଥାପି କୌଣସି ପଦକ୍ଷେପ ନିଆଗଲା ନାହିଁ। ସେତୁ ନିର୍ମାଣ ସରିବା ପରେ ତାର ଦୁଇପାର୍ଶ୍ୱରେ ଆପ୍ରୋଚ ରାସ୍ତା ନିର୍ମାଣରେ ଅଟକିଛି।

ସୂଚନାଯୋଗ୍ୟ, ଉକ୍ତ ସେତୁ ନିର୍ମାଣ ପାଇଁ ୨୦୧୭ରେ ପ୍ରଥମେ ୧୮ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିଲା। ତେବେ ନିର୍ଦ୍ଧାରିତ ସମୟରେ ସେତୁ ପୂର୍ଣ୍ଣାଙ୍ଗ ହୋଇ ନ ପାରିବାରୁ ଅଟକଳ ମୂଲ୍ୟ ୫୪ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ପଡିହାରୀ କନଷ୍ଟ୍ରକସନ ସଂସ୍ଥାଙ୍କୁ ଏହାର ନିର୍ମାଣ ଦାୟିତ୍ୱ ଦିଆଯାଇଛି। ତେବେ ବହୁ ବିଳମ୍ବରେ ସେତୁ ନିର୍ମାଣ କରିବା ପରେ ଆପ୍ରୋଚ ରାସ୍ତା ନିର୍ମାଣ ନ କରି ଠିକାଦାର ଛୁ ମାରିଥିଲେ। ଲୋକମାନଙ୍କ ବହୁ ଦାବି ଓ ଆନ୍ଦୋଳନ ପରେ ସମ୍ପୃକ୍ତ ଠିକାଦାର ପୁଣି ଆସି ନିର୍ମାଣ ନ ହୋଇଥିବା ସେତୁଟିର ଉପରିଭାଗ କାମ ସାରିଦେଇ ଚାଲିଯାଇଥିଲେ । ହେଲେ ବହୁ କଷ୍ଟରେ ଅଞ୍ଚଳବାସୀ ତାଙ୍କୁ ପାଇଥିଲେ। ସଂଯୋଗୀ ରାସ୍ତା ପାଇଁ ଜମି ମିଳୁ ନ ଥିବା ସେ ଅଭିଯୋଗ କରୁଥିବା ବେଳେ ପ୍ରକୃତରେ ଘରୋଇ ଯାଗା ଛାଡିବା ପାଇଁ ଜମି ମାଲିକ ରାଜି ଥିଲେ। କିନ୍ତୁ ସେମାନେ ସେହି କଥାକୁ ଆଳକରି ସେତୁଟିକୁ ଅଧୁରା ରଖିଥିଲେ । ଅଟକଳ ପରିମାଣ ବୃଦ୍ଧି କରିବା ସେମାନଙ୍କ ଲକ୍ଷ୍ୟ ରହିଛି ବୋଲି ସ୍ଥାନୀୟ ଉନ୍ନୟନ ପରିଷଦର ସଭାପତି ନରହରି ସାମଲ, ଗୋବିନ୍ଦ ସାମଲ, ଗୋପୀନାଥ ଦାଶ, ଅଜୟ କୁମାର ସାମଲ, ପ୍ରମୋଦ କୁମାର ସାମଲ ପ୍ରମୁଖ କହିବା ସହିତ ମଙ୍ଗଳବାର ଏଥିପାଇଁ ଏକ ବୈଠକରେ ଆନ୍ଦୋଳନର ନିଷ୍ପତ୍ତି ଗ୍ରହଣ କରାଯାଇଛି। ବର୍ଷାଋତୁ ଆସିବାକୁ ଥିଲେ ହେଁ ଯନ୍ତ୍ରୀ ଓ ଠିକାଦାରଙ୍କ ନିଦ ଭାଙ୍ଗୁନାହିଁ। ଏହି ସେତୁ ନିର୍ମାଣ ହେଲେ ବିରଜାକ୍ଷେତ୍ର ଓ ତୁଳସୀକ୍ଷେତ୍ରର ଯୋଗାଯୋଗ ବିକାଶ ହୋଇ ପାରିବ। ବିଞ୍ଝାରପୁର, ବରୀ, ରତ୍ନଗିରି, ଆଳି, ରାଜକନିକା, କେନ୍ଦ୍ରାପଡା ଓ ଯାଜପୁରର ଅଧିବାସୀ ତଥା ସରକାରୀ କର୍ମଚାରୀ ଉପକୃତ ହୋଇ ପାରିବେ। ଦୀର୍ଘ ୮ ବର୍ଷ ଧରି ଏହି ଦୁଇଟି ଜିଲାର ଲୋକମାନେ ଅପେକ୍ଷା କରି ଏବେ ଧୈର୍ଯ୍ୟ ହରାଇ ବସିଛନ୍ତି। ମଙ୍ଗଳବାର ବୈଠକରେ ଶତାଧିକ ଲୋକ ଏକ ଲିଖିତ ସ୍ମାରକପତ୍ରରେ ସ୍ୱାକ୍ଷର କରି ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ସିଦ୍ଧାନ୍ତ ନେଇଛନ୍ତି।

ଏ ସଂକ୍ରାନ୍ତରେ ପାଣିକୋଇଲି ପୂର୍ତ୍ତ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ କମଳ ଲୋଚନ ସ୍ୱାଇଁଙ୍କୁ ପଚାରିବାରେ ସେ କହିଛନ୍ତି, ଆପ୍ରୋଚ ରୋଡ଼ ନିର୍ମାଣ କରିବାକୁ ଜମି ଅଧିଗ୍ରହଣ ବାଧକ ସାଜିଛି। ଏଥିପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଖୁବ୍ ଶୀଘ୍ର ଏହି ସମସ୍ୟାର ସମାଧାନ ହୋଇଯିବାର ଆଶା ରହିଛି।

# ଅଧିକ ଯୌତୁକ ପାଇଁ ମହିଳାଙ୍କୁ ହତ୍ୟା ଅଭିଯୋଗ

**ଧର୍ମଶାଳା,୧୪।୫(ବଟକୃଷ୍ଣ ପରିଡ଼ା):**

ଯାଜପୁର ଜିଲା ଧର୍ମଶାଳା ଥାନା ନେଉଳପୁର କଣ୍ଟାବଣିଆଁ ସଂଖ୍ୟାଲଘୁ ସାହିରେ ଅଧିକ ଯୌତୁକ ଦାବିରେ ଜଣେ ମହିଳାଙ୍କୁ ହତ୍ୟା କରାଯାଇଛି। ଏନେଇ ତାଙ୍କ ପରିବାର ପକ୍ଷରୁ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ହତ୍ୟାର ଶିକାର ନବବଧୂ ହେଲେ ଚହଟା ମୁସଲିମ ସାହିର ମହମ୍ମଦ ସବିରଙ୍କ ଝିଅ ଆରଜୁ ବାନୁ। ୪ ବର୍ଷ ପୂର୍ବେ ଆରଜୁ କଣ୍ଟାବଣିଆଁ ସଂଖ୍ୟାଲଘୁ ସାହିର ମହସିମ ଖାନ୍‌ଙ୍କୁ ବିବାହ କରିଥଲେ। ବିବାହ ସମୟରେ ବର ପକ୍ଷଙ୍କ ଦାବି ମୁତାବକ ଯୌତୁକ ଓ ଅନ୍ୟ ସାମଗ୍ରୀ ଦିଆଯାଇଥିଲା। ମାତ୍ର ବିବାହ ପରଠୁ ଅଧିକ ଯୌତୁକ ଦାବିରେ ଆରଜୁଙ୍କୁ ଶାଶୁଘର ପକ୍ଷରୁ ଶାରିରୀକ ଓ ମାନସିକ ନିର୍ଯାତନା ଦିଆଯାଉଥିଲା। ଏନେଇ ସେ ତାଙ୍କ ବାପଘରକୁ ଜଣାଇଥିଲେ ବୋଲି ଅରଜୁଙ୍କ ମା' ଥାନାରେ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି।

ଅନ୍ୟପକ୍ଷରେ ମହସିନ୍ ଖାନ୍‌ଙ୍କ ପରିବାର ଲୋକେ କହିଛନ୍ତି, ପାରିବାରିକ କଳହ ଯୋଗୁ ଆରଜୁ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ। ତାଙ୍କୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ତାଙ୍କୁ କଟକ ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ଆରଜୁଙ୍କ ମା'ଙ୍କ ଅଭିଯୋଗ ଆଧାରରେ ପୋଲିସ ନଂ.୨୮୧/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଆର୍‌ଜୁଙ୍କ ଶାଶୁ ଘର ଲୋକେ ଫେରାର୍ ହୋଇଯାଇଥିବା ଥାନା ଅଧିକାରୀ ରଞ୍ଜନ କୁମାର ମାଝି ସୂଚନା ଦେଇଛନ୍ତି।

# କୃତୀ ମାଟ୍ରିକ୍ ଛାତ୍ରୀ ପ୍ରିୟଙ୍କା ଦାଶ ସମ୍ମାନିତ


ଛାତ୍ରୀଙ୍କୁ ବିଦ୍ୟାଳୟ ଶିକ୍ଷୟିତ୍ରୀଶିକ୍ଷକଙ୍କ ପକ୍ଷରୁ ସମ୍ମାନିତ କରାଯାଉଛି।

**ରସୁଲପୁର,୧୪।୫(ରଞ୍ଜିତ ରାଉତ):**

- ରସୁଲପୁର ବ୍ଲକ୍‌ରେ ସର୍ବାଧିକ ନମ୍ବର ରଖିଛନ୍ତି
- ଡାକ୍ତର ହୋଇ ଲୋକଙ୍କ ସେବା କରିବାକୁ ଲକ୍ଷ୍ୟ

ଚଳିତ ମାଟ୍ରିକ ପରୀକ୍ଷାରେ ରସୁଲପୁର ବ୍ଲକରେ ସର୍ବାଧିକ ନମ୍ବର ରଖିଥିବା ମଧୁବନ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପ୍ରିୟଙ୍କା ଦାଶଙ୍କୁ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ପକ୍ଷରୁ ପ୍ରିୟଙ୍କାଙ୍କୁ ସମ୍ମାନିତ କରାଯାଇଛି। ଯେଉଁ ବିଦ୍ୟାଳୟ ତାଙ୍କ ପାଇଁ ଶିକ୍ଷା ଗ୍ରହଣ କେନ୍ଦ୍ର ଥିଲା, ସେହି ବିଦ୍ୟାଳୟର ସୁନାମ ବଢାଇବାରେ ତାଙ୍କର ସଫଳତା ଏକ କାରଣ ହୋଇପାରିଥିବାରୁ ସେ ଆନନ୍ଦିତ ବୋଲି କହିଛନ୍ତି। ଆଗକୁ ଆହୁରି ଅଧିକ ପରିଶ୍ରମ କରିବେ, ଡାକ୍ତରୀ ସେବାକୁ ପେଷା ଭାବରେ ଗ୍ରହଣକରି ଜନସେବାରେ ମନୋନିବେଶ କରିବେ ବୋଲି ସେ ମତ ରଖିଛନ୍ତି। ପ୍ରିୟଙ୍କା ମାଟ୍ରିକ ପରୀକ୍ଷାରେ ମୋଟ ୬୦୦ ନମ୍ବରରୁ ୫୬୦ ନମ୍ବର ରଖିଛନ୍ତି। ବ୍ଲକ ଅଞ୍ଚଳରୁ ମୋଟ ୮ଜଣ ବିଦ୍ୟାର୍ଥୀ ୯୦ଶତକଡାରୁ ଅଧିକ ମାର୍କ ରଖି ଏ-ୱାନ ସ୍ଥାନ ଅର୍ଜନ କରିଥିବାବେଳେ ପ୍ରିୟଙ୍କା ୯୩.୩ଶତକଡା ମାର୍କ ହାସଲ କରିଛନ୍ତି। ଗୁରୁଜନମାନଙ୍କ କଥାକୁ ସହୃଦୟତାର ସହ ଗ୍ରହଣ କରିବା, ଶୃଙ୍ଖଳିତ ଆଚରଣ, ନିୟମିତ ପ୍ରଚେଷ୍ଟା, ଲକ୍ଷ୍ୟ ସାଧାନ ପାଇଁ ନିତି ନିର୍ଦ୍ଧାରଣ କରି ତାକୁ କାର୍ଯ୍ୟକାରୀ କରିବାରେ ସକ୍ଷମ ହୋଇପାରିଲେ ପ୍ରତ୍ୟେକ ପିଲା ତାଙ୍କ ଜୀବନରେ ସଫଳତାର ପାହାଚ ଚଢି ପାରିବେ ବୋଲି ପ୍ରିୟଙ୍କା ପ୍ରକାଶ କରିଛନ୍ତି। ତାଙ୍କର ସଫଳତା ପାଇଁ ସେ ଗୁରୁମା, ଗୁରୁଜୀ, ମାତାପିତା, ସହପାଠୀମାନଙ୍କ ସହଯୋଗକୁ ଶ୍ରେୟ ଦେଇଛନ୍ତି।

# ଡେଟୋନେଟର ଯୋଗୁ ହୋଇଥିଲା ବିସ୍ଫୋରଣ

**ଚଣ୍ଡିଖୋଲ/ଛତିଆ,୧୪।୫(ପ୍ରଦୀପ୍ତ କୁମାର ପୃଷ୍ଟି/ସୌମ୍ୟ ରଞ୍ଜନ ସାହୁ):**

ଯାଜପୁର ଜିଲା ବୈରୀ ଥାନା ଅନ୍ତର୍ଗତ ଛତିଆଠାରେ ଡେଟୋନେଟର ଯୋଗୁ ବିସ୍ଫୋରଣ ହୋଇଥିବା ବୁଧବାର ସ୍ପଷ୍ଟ ହୋଇଛି। ଥାନା ଅଧିକାରୀ ଅଂଶୁମାଳା ଦାସ କହିଛନ୍ତି, ଏହା ବୋମା ନ ଥିଲା, ଡେଟୋନେଟର ଥିଲା, ଯାହାକି ମାଛ ମାରିବା ପାଇଁ ବ୍ୟବହାର ହୋଇଥାଏ। ଏହା ଏକ ବିସ୍ଫୋରକ ଦ୍ରବ୍ୟ। ସେମାନେ ଏହାକୁ ସାଥିରେ ନେଇ ଯିବା ସମୟରେ କୌଣସି କାରଣରୁ ବିସ୍ଫୋରଣ ହୋଇଥିଲା। ଏହି ଘଟଣାକୁ ନେଇ ପୋଲିସ ନଂ.୯୮/୨୫ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ଅନ୍ୟ ସବୁ ଦିଗରୁ ତଦନ୍ତ କରାଯାଉଛି। ତଦନ୍ତ ପରେ ଆଉ କିଛି ତଥ୍ୟ ମିଳିପାରେ ବୋଲି ସେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ମଙ୍ଗଳବାର ଛତିଆଠାରେ ବିସ୍ଫୋରଣ ହୋଇଥିଲା। ଏଥିରେ ୨ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଥିଲେ। ତାଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଘଟଣାକୁ ପୋଲିସ ଗୁରୁତର ସହ ନେଇ ତଦନ୍ତ ଆରମ୍ଭ କରିଥିଲା।

# ରାସ୍ତା କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ


ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ଯୋଗଦେଇଥିବା ବିଧାୟକ ଆକାଶ ଦାସନାୟକ ଓ ଅନ୍ୟମାନେ।

**କୋରେଇ,୧୪।୫(ଚନ୍ଦ୍ରକାନ୍ତ ପତି):**

କୋରେଇ ବିଧାୟକ ଆକାଶ ଦାସନାୟକ ଗ୍ରାମାଞ୍ଚଳ ଭିତ୍ତିଭୂମିର ସୁଦୃଢ଼ୀକରଣ ନିମନ୍ତେ ବିଭିନ୍ନ ଲୋକାଭିମୁଖୀ ପ୍ରକଳ୍ପର ଶିଳାନ୍ୟାସ କରି ବିକାଶକୁ ତ୍ୱରାନ୍ୱିତ କରୁଛନ୍ତି। ରାସ୍ତା ସଂଯୋଗୀକରଣ, ପକ୍କାଘର, ପାନୀୟଜଳ ଅଭାବ ଆଦି ଦୂରୀକରଣ ନିମନ୍ତେ ବିଭିନ୍ନ ପ୍ରକାର ପଦକ୍ଷେପ ନେଉଛନ୍ତି। ଏହି ପରିପ୍ରେକ୍ଷୀରେ ବୁଧବାର ସେ କୋରେଇ ବ୍ଲକ ଅନ୍ତର୍ଗତ ଧନେଶ୍ୱର ପଞ୍ଚାୟତ କାରଗିଲ ଛକଠାରେ ପାଣିକୋଇଲି-ଅମୃତିଆ ଗ୍ରାମ୍ୟ ଉନ୍ନୟନ ରାସ୍ତାଠାରୁ ମହୁଲିଆ, ଆଲଡ଼ା, ରଣସରପୁର, କାରଗିଲ ଛକ, ମୃତ୍ୟୁଞ୍ଜୟପୁର, ବାଢା, ଚାରଦାଠାରୁ ରଗଡି-ପାଣିକୋଇଲି ପୂର୍ତ୍ତ ବିଭାଗ ରାସ୍ତା ପର୍ଯ୍ୟନ୍ତ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ପ୍ରକଳ୍ପର ଅଟକଳ ପରିମାଣ ୩ କୋଟି ୩ ଲକ୍ଷ ବୋଲି ଜଣାପଡିଛି। ଏହି କାର୍ଯ୍ୟକ୍ରମରେ ସାରସ ଦାସ, ମନୋଜ ଦାସ, ରାଜେନ୍ଦ୍ର ରାଉତ, ରଞ୍ଜନ ପ୍ରତିହାରୀ, ସୁବ୍ରତ ସେଠୀ, ପ୍ରକାଶ ଧଳ, ଉଦୟ ପରିଡା, ବରୁଣ୍ଡେଇ ସମିତିସଭ୍ୟ ରଶ୍ମିରଞ୍ଜନ ପରିଡା, ହଳଦୀଗଡିଆ ସମିତିସଭ୍ୟ ଉଦୟ ନାୟକ, ଜହ୍ନା ସରପଞ୍ଚ ସଂଯୁକ୍ତା ସାହୁ, ପ୍ରମୋଦ ସାହୁ, ଏସ୍‌କେ ଜହର ଅଲ୍ଲୀ, ବ୍ରାହ୍ମଣୀଦେବୀ ମଣ୍ଡଳ ସଭାପତି ରାକେଶ ଜେନା, ବୈତରଣୀ ମଣ୍ଡଳ ସଭାପତି ଆଲୋକ ମଲ୍ଲିକ, ବସନ୍ତ କର, ଗୟାଧର ପରିଡ଼ା, ନୀଳମାଧବ ଚକ୍ର, ଅଶୋକ ବାରିକ, ସୁବ୍ରତ ସ୍ୱାଇଁ, ଗୌରପୁର ସରପଞ୍ଚ ସତ୍ୟାନନ୍ଦ ମହାପାତ୍ର, ରଞ୍ଜନ ମହାନ୍ତି, ସତ୍ୟଜିତ ପଟ୍ଟନାୟକ, ଦୁର୍ଯ୍ୟୋଧନ ସେଠୀ, ଶରତ ସେଠୀ, ବିଶ୍ୱଜିତ ପଟ୍ଟନାୟକ, ପ୍ରଶାନ୍ତ ରାଉତ, ରାଜେନ୍ଦ୍ର ଗାହାଣ, ଗୋପାଳ ସାହୁ, ରାକେଶ ପ୍ରତିହାରୀ, ଅନିଲ ଦାସ, ଶରତ ଦାସ, ତପନ ଭାରତୀ, ଅଭିରାମ ଦାସ, ଲକ୍ଷ୍ମୀଧର କରଣ, ମନୋଜ ପାଢ଼ୀ, ଜନ୍ମେଜୟ ସାହୁ, ପ୍ରକାଶ ସାହୁ, ନିରଞ୍ଜନ ବାରିକ ଓ ବିଜୟ ଦଉଙ୍କ ସମେତ କୋରେଇ ବ୍ଲକର ଶତାଧିକ ଭାଜପା କର୍ମୀ ଉପସ୍ଥିତ ଥିଲେ।

# ନିଲାମ ହେଲା ପଞ୍ଚାୟତ କଲ୍ୟାଣ ମଣ୍ଡପ, ହାଟ

**ସୀମିତ ଲୋକଙ୍କ ଉପସ୍ଥିତିକୁ ନେଇ ପ୍ରଶ୍ନବାଚୀ**

**କାଏମା,୧୪।୫ (ଶିବପ୍ରସାଦ ମହାନ୍ତି):**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ବଡ଼କାଏମା ପଞ୍ଚାୟତରେ ଥିବା କଲ୍ୟାଣ ମଣ୍ଡପ ଓ ସାପ୍ତାହିକ ହାଟର ବୁଧବାର ନିଲାମ କରାଯାଇଛି। କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ରୋଜାଲିନ ପଣ୍ଡା, ପଞ୍ଚାୟତ ପିଇଓ ସେକ୍ ଅବଜଲ ବକ୍ସ ଓ ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ। କଲ୍ୟାଣ ମଣ୍ଡପ ନିଲାମ ପାଇଁ ସରକାରୀ ଅର୍ଥ ୬ହଜାର ଟଙ୍କାରୁ ଡାକ ଆରମ୍ଭ ହୋଇଥିଲା। ୪୯ ହଜାର ଟଙ୍କାରେ ସ୍ଥାନୀୟ ସୁମିତ କୁମାର ରାଉତଙ୍କୁ ନିଲାମ ଦିଆଯାଇଥିଲା। ସେହିପରି ସାପ୍ତାହିକ ହାଟକୁ ବାର୍ଷିକ ୨୪,୫୦୦ ଟଙ୍କାରେ କାଏମା ମେଳଣ କମିଟି ନେଇଥିବାବେଳେ ଚଳିତ ଥର ୨୫ ହଜାର ଟଙ୍କାରେ ମେଳଣ କମିଟିକୁ ଦିଆଯାଇଛି। ଅନ୍ୟପକ୍ଷରେ ଏହି ପଞ୍ଚାୟତରେ ୫ ହଜାରରୁ ଊର୍ଦ୍ଧ୍ୱ ଭୋଟର ଥିବାବେଳେ ମାତ୍ର ୨୦ରୁ ୨୫ ଜଣଙ୍କ ଉପସ୍ଥିତରେ ନିଲାମ କରାଯିବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିଲାମ ପାଇଁ ୧୫ ଦିନ ହେବ ନୋଟିସ କରାଯାଇଥିଲେ ବି ଅନେକ ଲୋକ ଅବଗତ ନଥିବା ଅଭିଯୋଗ କରିଛନ୍ତି। ଏହା ଉପରେ ବ୍ଲକ୍ ପ୍ରଶାସନ ତଦନ୍ତ କରିବାକୁ ଦାବି ହୋଇଛି।

# ବାଣ ସାମଗ୍ରୀ ଜବତ, ଜଣେ ଗିରଫ

**ଧର୍ମଶାଳା,୧୪।୫(ବଟକୃଷ୍ଣ ପରିଡ଼ା):**

ଯାଜପୁର ଜିଲା ଜେନାପୁର ଥାନା ଅନ୍ତର୍ଗତ ରେଖିଦେଇପୁର ଗ୍ରାମର ଧବଳେଶ୍ୱର ଦାସଙ୍କ ଘରୁ ପୋଲିସ ବିପୁଳ ପରିମାଣର ବାଣ ସାମଗ୍ରୀ ଜବତ କରିବା ସହ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ଘରେ ବାଣ ତିଆରି କରିବା ପାଇଁ ବାରୁଦ ଓ ଅନ୍ୟ ସାମଗ୍ରୀ ଆଜି ମହଜୁଦ୍ ରଖିଥିଲେ। ଖବରପାଇ ବୁଧବାର ଭୋର୍ ସମୟରେ ପୋଲିସ ଚଢ଼ାଉ କରିଥିଲା। ଚଢ଼ାଉବେଳେ ତାଙ୍କ ଘରୁ ୫୦ହଜାର ଟଙ୍କାର ବାରୁଦ ସହ ବାଣ ସାମଗ୍ରୀକୁ ଜବତ କରାଯାଇଥିଲା। ଏନେଇ ଥାନାରେ ନଂ.୧୭୬/୨୫ରେ ଏକ ମାମଲା ରୁଜୁ କରାଯାଇଛି। ଥାନା ଅଧିକାରୀ ନିରୁପମା ଜେନା, ଏସ୍‌ଆଇ ଶଶୀଭୂଷଣ ପରିଡ଼ା ଓ ଅନ୍ୟ କର୍ମଚାରୀମାନେ ଚଢ଼ାଉରେ ସାମିଲ ହୋଇଥିଲେ।

# ବେଆଇନ ମାଟି ଚୋରି: ୩ ଟ୍ରାକ୍ଟର, ଜେସିବି ଜବତ


ଜବତ ହୋଇଥିବା ଟ୍ରାକ୍ଟର ଓ ଜେସିବି।

**ପାଣିକୋଇଲି,୧୪।୫ (ବିକାଶ ମଲ୍ଲିକ):**

ପାଣିକୋଇଲି ଅଞ୍ଚଳରେ ମାଟି ମାଫିଆଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି। ସରକାରୀ ଜମି, ଘରୋଇ ଜମି, ନାଳ, ଅନାବାଦି, ଗୋଚର, ପତିତ ସବୁଠୁ ପ୍ରତିଦିନ ମାଟି ଚୋରି ହେଉଛି। ବୁଧବାର ପଥରପଦା ପଞ୍ଚାୟତରେ ନିର୍ମାଣାଧୀନ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ମାଟି ଚୋରା ଚାଲାଣବେଳେ ଯାଜପୁର ଖଣି ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଜୁନିୟର ମାଇନିଂ ଅଧିକାରୀ ବିଶ୍ୱଜିତ ସ୍ୱାଇଁ ଓ ଚୟକାନ୍ତ ମହନ୍ତ ପ୍ରମୁଖ ପାଣିକୋଇଲି ପୋଲିସ ସହାୟତାରେ ନିର୍ମାଣାଧୀନ ରାଜସ୍ୱ କାର୍ଯ୍ୟାଳୟ ନିକଟରେ ଚଢ଼ାଉ କରି ୩ ଟ୍ରାକ୍ଟର ଓ ଗୋଟିଏ ଜେସିବି ଜବତ କରିଛନ୍ତି। ଚଢ଼ାଉ ସମୟରେ ଜେସିବି ଚାଳକ ଦୌଡ଼ି ପଳାଇଥିଲେ। ଅଧିକାରୀମାନେ ଜେସିବି(ଓଡି୦୪ଏମ୯୯୬୧) ସହ ଏକ ନମ୍ବର ବିହୀନ ଟ୍ରାକ୍ଟର ଓ ୨ (ଓଡି୩୪ଜେ ୮୨୬୦ ଏବଂ ଓଡି୩୪ଜେ ୮୨୫୯)ଟ୍ରାକ୍ଟରକୁ ଜବତ କରିଥିଲେ। ଜବତ ଜେସିବି ଓ ଟ୍ରାକ୍ଟରଗୁଡ଼ିକୁ ପାଣିକୋଇଲି ପୋଲିସକୁ ହସ୍ତାନ୍ତର କରାଯାଇଛି। ଏଭଳି ବେଆଇନ ଭାବେ ବାରମ୍ବାର ମାଟି ଚୋରି ହେଉଥିବା ସାଧାରଣ ଲୋକେ ଖଣି ବିଭାଗ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ବାରମ୍ବାର ଚଢ଼ାଉ ହେଲେ ମାଟି ଚୋରି ବନ୍ଦ ହୋଇପାରିବ ବୋଲି ମତପ୍ରକାଶ ପାଇଛି।

# କିଡ୍‌ନୀ ରୋଗରେ ଆକ୍ରାନ୍ତଙ୍କ ଚିକିତ୍ସାରେ ଅର୍ଥ ବାଧକ

**ସହାୟତା ପାଇଁ ସ୍ତ୍ରୀଙ୍କ ନିବେଦନ**

**କାଏମା,୧୪।୫(ଶିବପ୍ରସାଦ ମହାନ୍ତି):**


ପରିବାର ସହ ମାନସ ଦଳାଇ।

ଯାଜପୁର ଜିଲା ଧର୍ମଶାଳା ବ୍ଲକ କୋତପୁର ପଞ୍ଚାୟତ ମୁରତପୁର ଗାଁର ମାନସ ଦଳାଇ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ହେଲେ ଅର୍ଥ ନ ଥିବାରୁ ତାଙ୍କର ଚିକିତ୍ସା ହୋଇ ପାରୁନାହିଁ। ୩୫ ବର୍ଷୀୟ ମାନସଙ୍କ ସ୍ତ୍ରୀ ଓ ଚାରି ଝିଅଙ୍କୁ ନେଇ ପରିବାର। ବଡ଼ ଝିଅଙ୍କୁ ୯ବର୍ଷ ବୟସ ହୋଇଥିବାବେଳେ ସାନଙ୍କୁ ମାତ୍ର ୫ ବର୍ଷ। ମାନସ ଦିନ ମଜୁରିଆ ଭାବେ କାମ କରି ପରିବାର ଚଳାନ୍ତି। ପିଲାଙ୍କ ପାଠ ପଢ଼ା ମଧ୍ୟହୁଏ। ଏପରି ସବୁ ଠିକ୍‌ଠାକ୍ ଚାଲିଥିବାବେଳେ ହଠାତ୍ ମାନସଙ୍କ ଗୋଡ଼ ଫୁଲିବା ଆରମ୍ଭ ହୋଇଥିଲା। ସେ ଡାକ୍ତରଙ୍କ ପରାମର୍ଶ କରିବା ପରେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଥିବା ଜାଣିବାକୁ ପାଇଥିଲେ। ତାଙ୍କର ଦୁଇଟି କିଡ୍‌ନୀ ନଷ୍ଟ ହୋଇଯାଇଛି। ୪ ମାସ ହେଲା ମାନସ ବିଛଣାରେ ପଡ଼ି ଛଟପଟ ହେଉଛନ୍ତି। ତାଙ୍କର ଚିକିତ୍ସା ପାଇଁ ଜମି, ସୁନାଗହଣା ବିକ୍ରି ହୋଇ ସାରିଲାଣି। ହେଲେ ରୋଗ ଭଲ ହେଉନି।

ସ୍ୱାମୀଙ୍କ ଏଭଳି ଅବସ୍ଥାରେ ଦେଖି ତାଙ୍କ ସ୍ତ୍ରୀ ଜ୍ୟୋତି ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ସେ କୌଣସିମତେ ସ୍ୱାମୀଙ୍କୁ ବଞ୍ଚାଇବାକୁ ଚେଷ୍ଟା କରୁଛନ୍ତି। ଏପରି କି ତାଙ୍କର ଗୋଟିଏ କିଡ୍‌ନୀ ଦେବାକୁ ମଧ ପ୍ରସ୍ତୁତ ଅଛନ୍ତି। ହେଲେ ଟଙ୍କା ଅଭାବରୁ ତାହା ହୋଇପାରୁନାହିଁ। ସ୍ୱାମୀଙ୍କୁ ସେ ନିଜେ କାନ୍ଧରେ ବୋହି ଡାକ୍ତରଖାନା ନେଉଛନ୍ତି। ଘର ଚଳାଇବାକୁ ବାର ଦୁଆର ଯାଇ ଭିକ ମାଗୁଛନ୍ତି। ଆବଶ୍ୟକ ଔଷଧ ଯୋଗାଡ଼ କରିବା ପାଇଁ ଜ୍ୟୋତି ନିତିଦିନ ସଂଘର୍ଷ କରୁଛନ୍ତି। ମାନସଙ୍କ ଦେହରେ ଜ୍ୟୋତି ଓ ମାନସଙ୍କ ଭଉଣୀଙ୍କ କିଡ୍‌ନୀ ଲାଗି ପାରିବ ବୋଲି ଡାକ୍ତର କହିଥିବାବେଳେ ବିଭିନ୍ନ ପରୀକ୍ଷା ବି ସରିଛି। ହେଲେ ଏଥିପାଇଁ ଆବଶ୍ୟକ ଥିବା ଟଙ୍କା ଯୋଗାଡ଼ ଜ୍ୟୋତିଙ୍କ ପକ୍ଷେ ସମ୍ଭବ ହୋଇପାରୁନାହିଁ। ତେଣୁ ଜ୍ୟୋତି ସରକାର ଓ ବିଭିନ୍ନ ସଙ୍ଗଠନକୁ ସାହାଯ୍ୟ ପାଇଁ ନେହୁରା ହୋଇଛନ୍ତି। ରାଜ୍ୟ ସରକାର କିଛି ଆର୍ଥିକ ସହାୟତା ଯୋଗାଇଦେଲେ ମାନସଙ୍କ ଜୀବନ ବଞ୍ଚିପାରିବ ବୋଲି ଜ୍ୟୋତି କହିଛନ୍ତି। ଅନ୍ୟପକ୍ଷରେ ଏହି ଗାଁରେ ପାଖାପାଖି ୨୦୦ରୁ ଊର୍ଦ୍ଧ୍ୱ ଲୋକ ରହୁଥିବାବେଳେ ଗୋଟାଏ ନଳକୂପ ଉପରେ ନିର୍ଭର କରିଥାନ୍ତି। ଏହି ପାଣି ପିଇବା ଦ୍ୱାରା ଗାଁର ପାଞ୍ଚରୁ ଅଧିକ ଲୋକ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଜୀବନ ହରାଇଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

**କଲେଜ ଜମି ଜବରଦଖଲକୁ ରୋକ୍**
କେନ୍ଦ୍ରାପଡ଼ା, (ଜଗନ୍ନାଥ ଧଳ) କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର କିଛି ଅଂଶକୁ ବାଲି ପକାଇ ଜବରଦଖଲ କରାଯାଉଥିଲା । ଏହାକୁ ଉପଜିଲାପାଳ ତଥା ଏସ୍‌ଡିଏମ୍ ଅରୁଣ କୁମାର ନାୟକ ବୁଧବାର ରୋକ ଲଗାଇଛନ୍ତି । ଜବରଦଖଲ ଘଟଣା ସମ୍ପର୍କରେ ଅଧ୍ୟକ୍ଷ ଡ. ସଞ୍ଜୀବ ମହାନ୍ତି ପ୍ରଥମେ ଟାଉନ ଥାନାରେ ଓ ପରେ ଏସ୍‌ଡିଏମ୍‌ଙ୍କୁ ଅଭିଯୋଗ ପତ୍ର (କେସ ନଂ- ୧୪୮/ ୨୫) ଦେଇଥିଲେ । ଏହାକୁ ଶୁଣାଣୀ କରି ଏସ୍‌ଡିଏମ୍ ସଂପୃକ୍ତ ଜମି ଉପରେ ଭାରତୀୟ ନ୍ୟାୟ ସଂହିତାର ୧୬୩ ଧାରା ଜାରି କରିଛନ୍ତି ।

# ଛପୋଲିଆ ସେତୁ ମରାମତି ଦାବି ଜୋର ଧରିଲା

**ଆଳି,୧୪।୫(ବନମାଳୀ ସେନାପତି)**


ଛପୋଲିଆ ସେତୁ ଦଳରେ ଭର୍ତ୍ତି ।


ଗ୍ରାମବାସୀ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ।

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକର ଚାଷୀମାନଙ୍କୁ ଜଳସେଚନର ସୁବିଧା ନିମନ୍ତେ ଥିବା ଆହାର ନାଳି ଓ ଛତର ନାଳି ଏବେ ଦଳ ଭର୍ତ୍ତି ଅବସ୍ଥାରେ ଥିବାରୁ ସେହି ଅଞ୍ଚଳର ଚାଷ ସମ୍ପୂର୍ଣ୍ଣ ଭାବେ ଉଜୁଡ଼ିଯିବାକୁ ବସିଛି । ଏହି ନାଳି ଉପରେ ଥିବା ଛ ପୋଲିଆ ସେତୁର ପୁନଃରୁଦ୍ଧାର ଓ ରମ୍ଭିଲା ସେତୁ ନିମ୍ନ ଭାଗରେ ଥିବା ପାଚେରୀ ଭାଙ୍ଗିବା ନିମନ୍ତେ ଦାବି କରିଛନ୍ତି ୪ ପଞ୍ଚାୟତର ଶତାଧିକ ଚାଷୀ ।

ଚାଷୀମାନଙ୍କ ଅଭିଯୋଗ ଅନୁଯାୟୀ ଆଳି ଅଞ୍ଚଳରେ ପ୍ରବାହିତ ବ୍ରାହ୍ମଣୀ ନଦୀରୁ ଏକ ଶାଖା ପାଣିନାଳ ଆଳି ଭେଡାର ମଧ୍ୟ ଭାଗ ପର୍ଯ୍ୟନ୍ତ ପ୍ରାୟ ୮ କିଲୋମିଟର ପର୍ଯ୍ୟନ୍ତ ଯାଇଛି । ଏହି ପାଣି ନାଳ ଉପରେ କଟକ -ଚାନ୍ଦବାଲି ରାସ୍ତାର ଛପୋଲିଆ ନିକଟରେ ଏକ ୧୨ ଟି ଗେଟ ଥିବା ଫାଟକ ବିଶିଷ୍ଟ ଏକ ସେତୁ ନିର୍ମାଣ କରାଯାଇଥିଲା। ଏହି ଫାଟକ ଦ୍ୱାରା ହଜାରରୁ ଊର୍ଦ୍ଧ୍ୱ ଏକର ଚାଷ ଜମିର ଆବଶ୍ୟକତା ଅନୁଯାୟୀ ଜଳଧାରଣ ଓ ନିଷ୍କାସନ କରାଯାଏ । ଏହାଦ୍ୱାରା ଏହି ପାଣିନାଳ ମାଧ୍ୟମରେ ଚାଷ କାର୍ଯ୍ୟ ଠିକ ଭାବେ ହେବା ସହିତ ପାଣି ନାଳଟି ସଫା ରହୁଥିବାରୁ ସାଧାରଣ ଲୋକମାନେ ନିତ୍ୟ ବ୍ୟବହାର କରିବା ଶହ ଶତାଧିକ ମାଛ ବ୍ୟବସାୟୀ ମାନେ ସେହି ପାଣି ନାଳରୁ ପ୍ରତିଦିନ ମାଛମାରି ପରିବାର ପ୍ରତିପୋଷଣ କରିଥାନ୍ତି । କିନ୍ତୁ ୨୦୧୩-୧୪ ମସିହାରେ ରମ୍ଭିଳାଠାରେ ଏକ ସେତୁ ନିର୍ମାଣ କରାଗଲା। ରମ୍ଭିଳାଠାରୁ ଆଳି ଭେଡା ପର୍ଯ୍ୟନ୍ତ ପାଣିନାଳକୁ ପୁନଃରୁଦ୍ଧାର କରା ଯାଇଥିଲା। କିନ୍ତୁ ସେତୁର ଯେଉଁ ୬ଟି କବାଟ ଲଗାଯାଇଛି । ତାର ନିମ୍ନ ଭାଗରେ ପ୍ରାୟ ପାଞ୍ଚ ଫୁଟ ଉଚ୍ଚର ପାଚେରୀ ନିର୍ମାଣ କରାଯାଇ ତାର ଉପର ଅଂଶରେ ଏକ ଲୁହା ଫାଟକ ଲଗାଯାଇଛି । କିନ୍ତୁ ଏହାଦ୍ୱାରା ୪ ରୁ ୫ ଫୁଟର ପାଣି ସବୁ ସମୟ ପାଇଁ ଆବଦ୍ଧ ହୋଇ ରହିଯାଉଛି । ଜୁଆର ପାଣି ସବୁ ସମୟରେ ଆବଦ୍ଧ ପାଣି ଶହ ମିଶିପାରୁନାହିଁ । ତେଣୁ ସେହି ଆବଦ୍ଧ ପାଣିରେ ନୀଳ ଜମି ରହି ଦଳ ପୂର୍ଣ୍ଣ ଗାଡ଼ିଆ ସଦୃଶ ହୋଇଗଲାଣି । ରମ୍ଭିଳା ଠାରୁ ପ୍ରାୟ ୮ କିଲୋମିଟର କଳସପୁର ପର୍ଯ୍ୟନ୍ତ ଯାଇଥିବା ଏହି ପାଣିନାଳରେ ଏବେ ଦଳ ଭର୍ତ୍ତି ହୋଇ ରହିଛି । ପାଣିନାଳରେ ଦଳ ଭର୍ତ୍ତି ହୋଇ ରହିବା କାରଣରୁ ଜଳ ନିଷ୍କାସନ ଠିକ ଭାବେ ହୋଇ ପାରୁନାହିଁ । ଜଳ ନିଷ୍କାସନ ହୋଇ ନପାରିବାରୁ ଚାଷ ଜମି ଜଳମଗ୍ନ ହୋଇ ଯାଉଛି । ସାଧାରଣ ଲୋକ କିମ୍ବା ଗୃହ ପାଳିତ ପଶୁ ଦଳଭର୍ତ୍ତୀ ପାଣିନାଳକୁ ଗଡୁ ନାହାଁନ୍ତି । ଏହି ପାଣି ନାଳ କୂଳରେ ବସବାସ କରୁଥିବା ସିଙ୍ଗିରି, ଚଣ୍ଡିଆଗଡ଼ି, ଅରେହିକଣା, ମାଣିକପାଟଣା ଅଞ୍ଚଳରେ ହଜାର ହଜାର ଲୋକ ଭୟବିତ ଅବସ୍ଥାରେ ଏବେ କାଳାତିପାତ କରୁଛନ୍ତି । ଦୀର୍ଘବର୍ଷ ଧରି ଦଳ ସଫେଇ ହେଉ ନ ଥିବାରୁ ସେଥିରେ ବିଭିନ୍ନ ପ୍ରକାର ବିଷାକ୍ତ ସର୍ପ ବାହାରୁଥିବା ନେଇ ଚାଷୀମାନେ ପ୍ରକାଶ କରିଛନ୍ତି । ଅନେକ ସମୟରେ ଅଞ୍ଚଳର କେତେଜଣ ଚାଷୀ ମଧ୍ୟ ଚାଷ ଜମିରେ ସର୍ପ ଦଂଶନରେ ପ୍ରାଣହରାଇ ଥିବା ନଜିର ରହିଛି । କୌଣସି ବ୍ୟକ୍ତିର ମୃତ୍ୟୁ ଘଟିଲେ ପୂର୍ବରୁ ଏହି ପାଣିନାଳ ବ୍ୟବହୃତ ହେଉଥିବା ବେଳେ ଏବେ ୫ କିଲୋମିଟର ଦୂର ବ୍ରାହ୍ମଣୀ ନଦୀକୁ ଯିବାକୁ ପଡୁଛି । ଦଳଭର୍ତ୍ତୀ ପାଣିନାଳ ଯୋଗୁ ଚାଷୀମାନେ ଚାଷ କାର୍ଯ୍ୟ କରିବାକୁ ପଛଘୁଞ୍ଚା ଦେଉଛନ୍ତି । ଏପରିକି ଅନେକ ଚାଷୀ ଚାଷ କାର୍ଯ୍ୟ ବନ୍ଦ କରି ଜମି ବିକ୍ରି କରି ଦେଉଥିବା ମଧ୍ୟ ଦେଖିବାକୁ ମିଳିଲାଣି । ଅପରପକ୍ଷେ ଛପୋଲିଆ ସେତୁ ନିମ୍ନ ଭାଗରେ ଥିବା ୧୨ଟି ଫାଟକ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ମଧ୍ୟ ଅଞ୍ଚଳର ଚାଷୀମାନେ ଅଭିଯୋଗ କରିଛନ୍ତି । ରମ୍ଭିଳା ସେତୁ ନିମ୍ନଭାଗରେ ଥିବା କଂକ୍ରିଟ ପାଚେରୀକୁ ଭାଙ୍ଗି ଦେଇ କବାଟକୁ ସେତୁର ନିମ୍ନ ଚଟାଣ ସହିତ ସଂଯୋଗ କରାଗଲେ ଜୁଆର ପାଣି ଠିକ ଭାବେ ପ୍ରବାହିତ ହେବା ସହିତ ଦଳ ଗୁଡ଼ିକ ସିଧା ସଳଖ ନଦୀକୁ ଚାଲିଯିବ । ଫଳରେ ଚାଷୀ, ସାଧାରଣ ଲୋକ ଓ ଗୃହ ପାଳିତ ପଶୁ ଉପକୃତ ହେବେ ଓ ଛପୋଲିଆ ସେତୁର ୧୨ ଗୋଟି ଗେଟକୁ ମରାମତି ସହିତ ପୁନଃରୁଦ୍ଧାର ନିମନ୍ତେ ସିଙ୍ଗିରି ସରପଞ୍ଚ ଅକ୍ଷୟ ଦାସ, ସମିତିସଭ୍ୟ ପ୍ରତାପ ବାରିକ, ଚଣ୍ଡିଆଗଡ଼ି ସରପଞ୍ଚ ସନାତନ ସାହୁ,ମାଣିକପାଟଣା ସମିତିସଭ୍ୟ ଅକ୍ଷୟ କୁମାର ତରାଇ,ନୀଳମଣି ସେଠୀ, ଆଲୋକ ପଣ୍ଡା, ବିଜୟ ରାଉତ, ବସନ୍ତ ସେଠୀ, ହଳଧର ସାହୁ,ହରେକୃଷ୍ଣ ସାହାଣୀ ପ୍ରମୁଖଙ୍କ ସମେତ ଶତାଧିକ ଚାଷୀ ମୁଖମନ୍ତ୍ରୀଙ୍କ ସମେତ କେନ୍ଦ୍ରାପଡ଼ା ଜିଲାପାଳ, ଆଳି ତହସିଲଦାର, ଆଳି ତଟ ବନ୍ଧ ବିଭାଗ, ଡ୍ରେନେଜ ବିଭାଗ ନିକଟରେ ଦାବି ଜଣାଇଛନ୍ତି । ଯଦି ପ୍ରଶାସନିକ ଅଧିକାରୀଙ୍କ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯାଏ ତେବେ ରାଜରାସ୍ତା ଅବରୋଧ ନିମନ୍ତେ ଚାଷୀମାନେ ଚେତାବନୀ ଦେଇଛନ୍ତି ।

- ରମ୍ଭିଳା ସେତୁ ପାଚେରି ଭାଙ୍ଗିବାକୁ ଚାଷୀଙ୍କ ଜିଦ୍
- ରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଲେ ଚାଷୀ

# ଦେଶୀ,ବିଦେଶୀ ମଦ ଜବତ, ୬ ଗିରଫ

**ପଟ୍ଟାମୁଣ୍ଡାଇ,୧୪।୫(କଳ୍ପତରୁ ନାୟକ)**



କେନ୍ଦ୍ରାପଡ଼ା ଜିଲା ଅବକାରୀ ବିଭାଗ ପକ୍ଷରୁ ବୁଧବାର କେନ୍ଦ୍ରାପଡା, ଆଳି ଓ ନିକିରାଇ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୧୫୫ ଲିଟର ଦେଶୀ, ବିଦେଶୀ ମଦ ଜବତ କରିଛି । ଏହି ଘଟଣାରେ ଜଣେ ମହିଳା ସମେତ ୫ ଜଣଙ୍କୁ ଗିରଫ କରାଯାଇଛି । କେନ୍ଦ୍ରାପଡା ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧୀକ୍ଷକ ବିପ୍ର ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅବକାରୀ ନୀରିକ୍ଷକ ହିତାଂଶୁ ଶେଖର ମଲିକ, ଅବକାରୀ ଉପନୀରିକ୍ଷକ ଧର୍ମପଦ ଦାସ, ନରେଶ କୁମାର ପଣ୍ଡା ଏବଂ ଅନ୍ୟ କର୍ମଚାରୀମାନେ ତ୍ରିଲୋଚନପୁର ଗ୍ରାମର ଶଶିକାନ୍ତ ରାଉତଙ୍କଠାରୁ ୨୦ ଲିଟର ଦେଶୀ ମଦ, ଜମଧର ଗ୍ରାମର ଅନାମ ଚରଣ ବାରିକଙ୍କଠାରୁ ୩୦ ଲିଟର ଦେଶୀ ମଦ, ଆଳି ବାଲକଟୀ ଗ୍ରାମର ସୁଶାନ୍ତ ମଲିକଙ୍କଠାରୁ ୪୦ ଲିଟର ଦେଶୀ ମଦ, ପଡିନିପାଳ ଗ୍ରାମର ପ୍ରଭାକର ମଲିକଙ୍କଠାରୁ ୩୫ ଲିଟର ବିଦେଶୀ ମଦ ଓ ଆରତୀ ମଲିକଙ୍କ ଠାରୁ ୨୫ ଲିଟର ଦେଶୀ ମଦ ଏବଂ ବଡ଼ଙ୍କ ଗ୍ରାମର ମାନସ ଦାସଙ୍କଠାରୁ ୪୫ ଲିଟର ଦେଶୀ ମଦ ଜବତ କରି ସେମାନଙ୍କୁ ଗିରଫ କରିଛି । ସମସ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି ବୋଲି କେନ୍ଦ୍ରାପଡା ଅବକାରୀ ଅଧୀକ୍ଷକ ମଣ୍ଡଳ କହିଛନ୍ତି ।

# କବିତା ପାଠୋତ୍ସବରେ ମାତୃ ବନ୍ଦନା

**ଅଖିଳ ଭାରତ ପ୍ରଗତିଶୀଳ ମହିଳା ସମିତି ପକ୍ଷରୁ ମାତୃ ଦିବସ ପାଳିତ**


ମାତୃ ଦିବସ ପାଳନ ସଭାରେ ଯୋଗଦେଇଥିବା ଅତିଥି ।

**ରାଜକନିକା,୧୪।୫(ସଞ୍ଜୟ କୁମାର ଦାଶ)**

ରାଜକନିକା ବ୍ଲକ ଚରପଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅଖିଳ ଭାରତ ପ୍ରଗତିଶୀଳ ମହିଳା ସମିତି ପକ୍ଷରୁ ବିଶ୍ୱ ମାତୃ ଦିବସ ପାଳିତ ହୋଇଯାଇଛି । ସମିତିର ରାଜ୍ୟ ସଭାନେତ୍ରୀ ସବିତା ବରଜଙ୍କ ସଂଯୋଜନା ଏବଂ ହାଟସାହି ପଞ୍ଚାୟତ ମହିଳା ସରପଞ୍ଚ ସୀତାରାଣୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଆଳି ମହାବିଦ୍ୟାଳୟର ଅଧ୍ୟକ୍ଷ ବିକ୍ରମ କୁମାର ବେହେରା ଯୋଗଦେଇ ମାତୃ ଦିବସର ଇତିହାସ, ମହିଳାମାନଙ୍କ ସମସ୍ୟା ଓ ମାତୃପୂଜନର ସଂସ୍କୃତି ଉପରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଭାବେ ଶିକ୍ଷକ ନିରଞ୍ଜନ ବେହେରା ଯୋଗଦେଇ ମାତୃ ଦିବସ ପାଳନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ସିଆରସିସି ସବ୍ୟସାଚୀ ଶତପଥୀ ଯୋଗ ଦେଇଥିଲେ । ସମିତିର ରାଜ୍ୟ ସଭାନେତ୍ରୀଙ୍କ ସଂଯୋଜନାରେ ମାତୃ ଦିବସ ଉଦ୍ଦେଶ୍ୟରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଅନସୂୟା ଖଟୁଆ, ଅନିତା ସାମଲ, ଆୟୁଷ ବରଜ, ସରପଞ୍ଚ ସୀତାରାଣୀ ଦାସ, ଯୋଗେଶ୍ୱର ପ୍ରଧାନ ଓ ସବିତା ବରଜ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ଏହି କାର୍ଯ୍ୟକ୍ରମରେ ଚଳିତବର୍ଷ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ୧ଏରେ କୃତକାର୍ଯ୍ୟ ହାସଲ କରିଥିବା ବ୍ଲକର ବୈଭବ ବେହୁରା, ଆଦ୍ୟାଶା ବେହେରା, ରୁଦ୍ରମାଧବ ଶତପଥୀ ଓ ଭାଗ୍ୟଲକ୍ଷ୍ମୀ ସାହୁଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ଅତିଥିମାନେ ସମ୍ମାନିତ କରିଥିଲେ । ସିପିଆଇ(ଏମଏଲ) ଜିଲା ସମ୍ପାଦକ ବିଧାନ ଦାସ, ବ୍ଲକ କଳାକାର ସଂଘର ସମ୍ପାଦକ ଯୋଗେଶ୍ୱର ପ୍ରଧାନ, ବୈଜୟନ୍ତୀ ପଡିଆରୀଙ୍କ ସମେତ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର ପ୍ରତିଭାମାନେ ମାତୃ ଦିବସ ସମ୍ପର୍କୀତ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଜଳବାୟୁ ପରିବର୍ତ୍ତନକୁ ରୋକ ଲଗାଇବାକୁ ସରକାରୀ ଜମି ବ୍ୟବହୃତ କରି ମା' ବାଟିକା କରାଯାଇ ସେଥିରେ ଚାରା ରୋପଣ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରଯାଇଥିଲା । ଆଗାମୀ ଦିନରେ ଗାଁରେ ମଦ ବିକ୍ରି ବନ୍ଦ ଓ ଭ୍ରଷ୍ଟାଚାର ବିରୋଧରେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଆସନ୍ତାବର୍ଷ ମାତୃ ଦିବସରେ ଏକ ସ୍ମରଣିକା ପ୍ରକାଶ ପାଇବ ବୋଲି ସର୍ବସମ୍ମତିକ୍ରମେ ମତ ପ୍ରକାଶ ପାଇଥିଲା ।

# ପଟ୍ଟାମୁଣ୍ଡାଇ ଛାତ୍ର ସିବିଏସ୍‌ଇ ଦିଲ୍ଲୀ ଟପ୍ପର

**ପଟ୍ଟାମୁଣ୍ଡାଇ,୧୪।୫(କଳ୍ପତରୁ ନାୟକ)**

ସଦ୍ୟ ପ୍ରକାଶିତ ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାରେ କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଅଣ୍ଡିରା ଗ୍ରାମର ନାରାୟଣ ମଲ୍ଲିକଙ୍କ ନାତି ସୁଧାଂଶୁ ମଲିକ ୯୮. ୮% ମାର୍କ ରଖି ଏ ୧ ଗ୍ରେଡ଼ ପାଇ ସମଗ୍ର ଦିଲ୍ଲୀ ଅଞ୍ଚଳ(ଏନସିଆର) ପ୍ରଥମ ସ୍ଥାନ ହାସଲ କରି ସମଗ୍ର ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି । ଗୁଡ଼ଗାଁ ଆସସେଣ୍ଟ ପବ୍ଲିକ ସ୍କୁଲରେ ଅଧ୍ୟୟନ କରୁଥିବା ସୁଧାଂଶୁ ପିଲାଦିନରୁ ମେଧାବୀ ଛାତ୍ର ଭାବେ ବିଭିନ୍ନ ପରୀକ୍ଷାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି । ତାଙ୍କ ସଫଳତାର ଶ୍ରେୟ ବାପା ସମ୍ବିତ ମଲିକ, ମା' ମଧୁସ୍ମିତା ଓ ଓ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଦେଇଛନ୍ତି । ଏହି ଖବର ପଟ୍ଟାମୁଣ୍ଡାଇ ବ୍ଲକ ଅଣ୍ଡରା ଗ୍ରାମରେ ପ୍ରସାରିତ ହେବାପରେ ଖୁସିର ଲହରୀ ଖେଳିଯାଇଛି ।

# ରାଜକନିକା ପାଇଁ ଗୌରବ ଆଣିଲେ ସାଇସ୍ମୃତି

**ରାଜକନିକା,୧୪।୫ (ରବୀନ୍ଦ୍ର ଦାସ)**



ରାଜକନିକା ବ୍ଲକ ବାଘବୁଦା ପଞ୍ଚାୟତ ନୂଆସାହି ଗାଁର ସୌମ୍ୟକାନ୍ତ ନାୟକ ଓ ରତ୍ନମଞ୍ଜରୀ ନାୟକଙ୍କ ଝିଅ ସାଇସ୍ମୃତି ଚଳିତ ବର୍ଷ ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାରେ ୯୬. ୪ପ୍ରତିଶତ ନମ୍ବର ରଖି ଟପ୍ପର ହୋଇ ରାଜକନିକା ବ୍ଲକ୍ ପାଇଁ ଗୌରବ ଆଣିଛନ୍ତି । ସାଇସ୍ମୃତି ସାଲେପୁର ଫ୍ରିଡମ୍ ଇଣ୍ଟରନ୍ୟାଶନାଲ ସ୍କୁଲର ଛାତ୍ରୀ । ଏଥିପାଇଁ ତାଙ୍କୁ ସ୍କୁଲ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ସେ ଜଣେ ଡାକ୍ତର ହୋଇ ରୋଗୀସେବା କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି । ଏହି ସଫଳତାର ଶ୍ରେୟ ସେ ନିଜ ପିତାମାତା, ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଦେଇଛନ୍ତି ।

# ବଣିକ ସଂଘ ପକ୍ଷରୁ ସତ୍ୟନାରାୟଣ ପୂଜା

**ରାଜକନିକା,୧୪।୫(ସଞ୍ଜୟ କୁମାର ଦାଶ)**

ରାଜକନିକା ବ୍ଲକ ସଦର କଣ୍ଟପଡା ପଞ୍ଚାୟତର ବାଣିଜ୍ୟ ଅନୁଷ୍ଠାନ ଭାବେ ଜଣାଶୁଣା ସତ୍ୟନାରାୟଣ ବଣିକ ସଂଘ, କଣ୍ଟପଡା ବଜାର ଆନୁକୂଲ୍ୟରେ ସତ୍ୟନାରାୟଣ ପୂଜା ଅନୁଷ୍ଠିତ ହୋଇଯାଇଛି । ଏହି ପୂଜାରେ ପଞ୍ଚଦେବାଦେବୀମାନେ ମଧ୍ୟ ପୂଜା ପାଇଥାନ୍ତି । ପୂଜାରେ ସତ୍ୟନାରାୟଣଙ୍କ ସହ ଶିବ, ଦୁର୍ଗା, ସୂର୍ଯ୍ୟ ଓ ଗଣେଶଙ୍କ ପୂଜା ଅନୁଷ୍ଠିତ ହୋଇଥାଏ । ପ୍ରାୟ ପଞ୍ଚଦଶକରୁ ଆରମ୍ଭ ହୋଇଥିବା ଏହି ପୂଜା ପ୍ରତିବର୍ଷ ଚନ୍ଦନ ପୂର୍ଣ୍ଣିମାରୁ ଆରମ୍ଭ ହୋଇ ୩ ଦିନ ଧରି ଚାଲିଥାଏ । ପ୍ରତ୍ୟହ ସନ୍ଧ୍ୟାରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ଏଥିରେ ସମସ୍ତେ ସହଯୋଗ କରିଥାଆନ୍ତି ବୋଲି ସଭାପତି ଅଜୟ ଦାଶ, ସମ୍ପାଦକ ଜ୍ଞାନରଞ୍ଜନ ସାହୁ, ଉପସଭାପତି ସୁଶାନ୍ତ ପରିଡା, ସହ ସମ୍ପାଦକ ଭରତ ଚନ୍ଦ୍ର ବାରିକ, କୋଷାଧ୍ୟକ୍ଷ ଦୟାନିଧି ଦାଶ ସୂଚନା ଦେଇଛନ୍ତି ।

# ସାମୁଦ୍ରିକ ଥାନା ପକ୍ଷରୁ ଜନ ସଚେତନତା


ଛାତ୍ରୀମାନେ ନୃତ୍ୟ ମାଧ୍ୟମରେ ସଚେତନତା ସୃଷ୍ଟି କରୁଛନ୍ତି ।

**ମହାକାଳପଡ଼ା,୧୪।୫(ପ୍ରତାପ ଚନ୍ଦ୍ର ସ୍ୱାଇଁ)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଜମ୍ବୁ ସାମୁଦ୍ରିକ ଥାନା ପକ୍ଷରୁ ମା'ରାମଚଣ୍ଡୀ ପୀଠରେ ଜନ ସଚେତନତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପୋଲିସ ଓ ଲୋକମାନଙ୍କ ମଧ୍ୟରେ ସହଯୋଗ ବଢ଼ିବ ବୋଲି ମତ ପ୍ରକାଶ ପାଇଛି । ବିଭିନ୍ନ ସମୟରେ ସମ୍ବେଦନଶୀଳ ଘଟଣା କିପରି ସମାଧାନ ହେବା ସେଥିପ୍ରତି ଗୁରୁତ୍ୱାରୋପ କରାଯାଇଥିଲା । ବିଶେଷ କରି ବାଲ୍ୟ ବିବାହ ରୋକିବା ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯିବା ସହିତ ଜନସଚେତନତା ସୃଷ୍ଟି କରାଯାଇଛି । ଏହି ଅବସରରେ ସ୍ଥାନୀୟ ଶିଶୁ ମାନେ ନୃତ୍ୟ ସଙ୍ଗୀତ ତାଳେ ତାଳେ ଝୁମିଥିଲେ । ଆଦିବାସୀ ନାଚ , ସଂକୀର୍ତ୍ତନ ମଣ୍ଡଳୀ , ଖଜଣି ବାଦ୍ୟ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଥାନା ଅଧିକାରୀ ସୌମ୍ୟ ରଞ୍ଜନ ବିଶ୍ୱାଳ , ବ୍ଲକ ଉପାଧ୍ୟକ୍ଷ ବିଜୟ କୁମାର ଶୁକ୍ଳା , ସରପଞ୍ଚ ପ୍ରସନ୍ନ ବେହେରା ପ୍ରମୁଖ ଜନ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀମାନଙ୍କୁ ଥାନା ପକ୍ଷରୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

# ଜମିବାଡ଼ି ବିବାଦ, ଦାଦାର ଛୁରା ମାଡ଼ରେ ପୁତୁରା ଓ ଭାଉଜ ଗୁରୁତର

**ରାଜକନିକା,୧୪।୫(ରବୀନ୍ଦ୍ର କୁମାର ଦାସ)**

ରାଜକନିକା ଥାନା ଅନ୍ତର୍ଗତ ଦେଉଳସାହି ଗାଁର ସୀତାରାଣୀ ସାମଲ ଓ ପ୍ରବୀର ସାମଲଙ୍କ ପରିବାର ମଧ୍ୟରେ ଦୀର୍ଘ ଦିନ ହେବ ଜମିବାଡ଼ି ବିବାଦ ଲାଗି ରହିଥିଲା । ମଙ୍ଗଳବାର ରାତିରେ ବାଇକ୍ ରଖିବାକୁ କେନ୍ଦ୍ର କରି ୨ ପରିବାର ସଦସ୍ୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ହେଲେ ଏହା ଉଗ୍ରରୂପ ଧାରଣ କରିଥିଲା । ଦାଦା ପ୍ରବୀର ସାମଲ ଏକ ଛୁରୀରେ ପୁତୁରା ଶୁଭେନ୍ଦୁ ସାମଲଙ୍କୁ ଆକ୍ରମଣ କରିଥିଲେ । ଭାଉଜ ସୀତାରାଣୀ ପୁଅକୁ ରକ୍ଷା କରିବାକୁ ଦୌଡ଼ି ଆସିବାରୁ ତାଙ୍କୁ ମଧ୍ୟ ପ୍ରବୀର ଛାଡ଼ି ନ ଥିଲେ । ଫଳରେ ଉଭୟ ଆହତ ହୋଇଛନ୍ତି । ସୀତାରାଣୀଙ୍କ ଅଭିଯୋଗକୁ ଭିତ୍ତି କରି ରାଜକନିକା ଥାନାରେ ଏକ ମାମଲା(ନଂ.୨୯୧/୨୫) ରୁଜୁ ହୋଇଛି । ଅଭିଯୁକ୍ତ ପ୍ରବୀର ସାମଲଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି ।

# ଜୟନଗର ପଞ୍ଚାୟତରେ କଂଗ୍ରେସର ମିଶ୍ରଣ ପର୍ବ


କଂଗ୍ରେସର ମିଶ୍ରଣ ପର୍ବରେ ଉପସ୍ଥିତ ନେତା ଓ କର୍ମୀ ।

**ରାଜକନିକା,୧୪।୫(ସଞ୍ଜୟ କୁମାର ଦାଶ)**

ରାଜକନିକା ବ୍ଲକ ଜୟନଗର ପଞ୍ଚାୟତରେ ଉପନିର୍ବାଚନକୁ ନେଇ ପ୍ରଶାସନ ପକ୍ଷରୁ ତାରିଖ ଘୋଷଣା କରାଯାଇନାହିଁ । ହେଲେ ବ୍ଲକର ସମସ୍ତ ରାଜନୈତିକ ଦଳ ନିଜ ନିଜର ଗୋଟି ଚାଳନା ଆରମ୍ଭ କରି ଦେଇଛନ୍ତି । ଏହି କ୍ରମରେ ରାଜକନିକା ବ୍ଲକ କଂଗ୍ରେସ ପକ୍ଷରୁ ଜୟନଗର ପଞ୍ଚାୟତରେ ମଙ୍ଗଳବାର ସନ୍ଧ୍ୟାରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତର ରାଉଳିଆ କୋହ୍ଲାର ୨୧ନମର ୱାର୍ଡରେ ସୁଶାନ୍ତ ମଲିକଙ୍କ ସଂଯୋଜନାରେ ଅନୁଷ୍ଠିତ ମିଶ୍ରଣ ପର୍ବାରେ ମୁଖ୍ୟ ଅତିଥିଭାବେ କଂଗ୍ରେସ ଦଳର ନେତ୍ରୀ ତଥା ଆଳି ନିର୍ବାଚନ ମଣ୍ଡଳୀର ବିଧାୟିକା ପ୍ରାର୍ଥୀନୀ ଡାକ୍ତର ଦେବସ୍ମିତା ଶର୍ମା ଯୋଗଦେଇ ଅନ୍ୟ ଦଳ ଛାଡ଼ି କଂଗ୍ରେସରେ ଯୋଗ ଦେଇଥିବା ୪୦ରୁ ଊର୍ଦ୍ଧ୍ୱ ପରିବାର ସଦସ୍ୟଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଏମାନଙ୍କ ଯୋଗଦାନ ପଞ୍ଚାୟତ ଉପ ନିର୍ବାଚନରେ କଂଗ୍ରେସକୁ ଆହୁରି ମଜଭୁତ କରିବ ବୋଲି ସେ କହିବା ସହିତ ଭାଜପା ଓ ବିଜେଡି ଉପରେ ବର୍ଷିଥିଲେ । କଂଗ୍ରେସର ନୀତି ଆଦର୍ଶ ଓ ଦଳୀୟ ନେତ୍ରୀ ଡାକ୍ତର ଶର୍ମାଙ୍କ ଦୃଢ଼ ନେତୃତ୍ୱ ପାଇଁ ସେମାନେ କଂଗ୍ରେସରେ ସାମିଲ ହୋଇଥିବା କର୍ମୀମାନେ କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ରାଜକନିକା ବ୍ଲକ କଂଗ୍ରେସ ସଭାପତି ମଙ୍ଗୁଳି ଚରଣ ବେହେରା, ଆଳି ବ୍ଲକ କଂଗ୍ରେସ ସଭାପତି ରବିନାରାୟଣ ବେହେରା, ଭାରିଗଦା ସମିତି ସଭ୍ୟ ଶରତ ରାଉତ, ଯୁବ ସଙ୍ଗଠକ ସତ୍ୟବ୍ରତ ପରିଡା ଓ ମାନଗୋବିନ୍ଦ ଦାସଙ୍କ ସମେତ କଂଗ୍ରେସ ନେତା ଓ ଶତାଧିକ କର୍ମୀ ଉପସ୍ଥିତ ଥିଲେ ।

# ଆମ ବସ୍ ଧକ୍କାରେ ବାଇକ୍ ଚାଳକ ମୃତ, ଜଣେ ଗୁରୁତର

**ବାଲିଅନ୍ତା,୧୪।୫(ନୀଳମାଧବ ସାହୁ)**

ବାଲିଅନ୍ତା ଥାନା ଅଧୀନ ଭିଙ୍ଗାରପୁର ପଞ୍ଚାୟତର ଜିତିକାରସୁଆଲୋ ନିକଟ ମାଣିଆ ପାଟଣାଠାରେ ବୁଧବାର ଅପରାହ୍ନରେ ଆମ ବସ୍ ଧକ୍କାରେ ଜଣେ ବାଇକ୍‌ଚାଳକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି । ମୃତକ ହେଲେ ଭୁବନେଶ୍ୱର ମୈତ୍ରୀ ବିହାର ଥାନା ଅଧୀନ ସାଲିଆସାହିର ନୀଳଚକ୍ର ନଗରରେ ରହୁଥିବା ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଅଞ୍ଚଳର ଅଶୋକ ବଳ (୫୪) । ସେହିପରି ଗୁରୁତର ଆହତ ହେଲେ ଜଗତ୍‌ସିଂହପୁର ଜିଲା ରଘୁନାଥପୁର ଥାନା ଅଞ୍ଚଳର ନରେଶ ସ୍ୱାଇଁ । ତାଙ୍କୁ ଚିକିତ୍ସା ନିମନ୍ତେ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ଓ ପରେ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ପୋଲିସ ସମ୍ପୃକ୍ତ ବସ୍ (ଓଡି ୩୩ ୟୁ ୭୩୬୨)କୁ ଜବତ କରିବା ସହ ଚାଳକଙ୍କୁ ଅଟକ ରଖି ପଚରାଉଚରା କରୁଛି । ସୂଚନା ଅନୁଯାୟୀ, ଅଶୋକ ଏବଂ ନରେଶ ଗାଁରୁ ବାଇକ୍ ଯୋଗେ ହଂସପାଳ-ବନମାଳୀପୁର ଅଭୟମୁଖୀ ପୂର୍ତ୍ତ ବିଭାଗ ରାସ୍ତା ଦେଇ ଭୁବନେଶ୍ୱର ଅଭିମୁଖେ ଆସୁଥିଲେ । ଏହି ସମୟରେ ଯାତ୍ରୀଙ୍କୁ ନେଇ ବସ୍‌ଟି ଭୁବନେଶ୍ୱରରୁ ଅଡ଼ଶପୁର ଯାଉଥିଲା । ମାଣିଆ ପାଟଣାଠାରେ ବସ୍ ସହ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା ।

# ଗ୍ଲୋବାଲ ବ୍ରିଲିଆଣ୍ଟ ସ୍କୁଲ ଛାତ୍ରୀଛାତ୍ରଙ୍କ ସଫଳତା

**ପଟ୍ଟାମୁଣ୍ଡାଇ,୧୪।୫(କଳ୍ପତରୁ ନାୟକ)**


ଗୋରଖ ଶର୍ମା ତିଥିତନ୍ମୟା ନାୟକ ଧର୍ମଜିତ ଲେଙ୍କା ଆୟୁଷ ଖୁଣ୍ଟିଆ ରାଜଦୀପ ଗୁପ୍ତା

ଚଳିତ ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାରେ ପଟ୍ଟାମୁଣ୍ଡାଇ ଗ୍ଲୋବାଲ ବ୍ରିଲିଆଣ୍ଟ ସ୍କୁଲର ଛାତ୍ରୀଛାତ୍ରମାନେ ସଫଳତା ହାସଲ କରିଛନ୍ତି । ସେମାନଙ୍କ ମଧ୍ୟରେ ପଟ୍ଟାମୁଣ୍ଡାଇ ବ୍ଲକ ତରଡ଼ିପାଳ ଗ୍ରାମର ଗୋରଖ ପ୍ରସାଦ ଶର୍ମା ୯୩% ମାର୍କ ରଖି ଥିବା ବେଳେ ତିଥିତନ୍ମୟା ନାୟକ ୮୯%, ଧର୍ମଜିତ ଲେଙ୍କା ୮୮%, ଆୟୁଷ ଧଳ ୮୬%, ଆୟୁଷ ଖୁଣ୍ଟିଆ ୮୪% ରାଜଦୀପ ଗୁପ୍ତା ୮୩% ମାର୍କ ରଖି ସଫଳତା ହାସଲ କରିଛନ୍ତି । ଏଥି ପାଇଁ ଗ୍ଲୋବାଲ ବ୍ରିଲିଆଣ୍ଟ ସ୍କୁଲର ସମସ୍ତ ସଫଳ ଛାତ୍ରୀଛାତ୍ରଙ୍କୁ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଓ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ଗ୍ଲୋବାଲ ବ୍ରିଲିଆଣ୍ଟ ସ୍କୁଲ ଅଧ୍ୟକ୍ଷ ଡ଼ ଅଭୟ କୁମାର ସାହୁ ଓ ଉପାଧ୍ୟକ୍ଷ ମନୋଜିତ ନାୟକ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।

# କେନାଲ ବନ୍ଧରୁ ମାଟିଉଠାକୁ ନେଇ ଉତ୍ତେଜନା

**ଡେରାବିଶ,୧୪।୫(ବେବର୍ତ୍ତା ଅଜୟ ଦାସ)**


କେନାଲ ବନ୍ଧରୁ ମାଟି ଉଠାଯାଉଛି ।

ଡେରାବିଶ ବ୍ଲକ ବସୁପୁର ପଞ୍ଚାୟତ ଅନ୍ତର୍ଗତ ଭାଣ୍ଡିଲୋ ଗ୍ରାମ ନିକଟସ୍ଥ କେନାଲ ବନ୍ଧରୁ ମାଟି ଉଠାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଛି । ଏନେଇ ଗ୍ରାମବାସୀ ଜଳସମ୍ପଦ ବିଭାଗ ଅଧୀକ୍ଷଣଯନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଅଭିଯୋଗରୁ ପ୍ରକାଶ ଯେ ଏହି କେନାଲ ବନ୍ଧ କଡ଼ରେ ଥିବା ଜଣେ ବ୍ୟକ୍ତିଙ୍କ ଜାଗାରୁ ପ୍ରଥମେ ମାଟିଉଠାଯାଉଥିବା ବେଳେ ପରେ ଏହି କେନାଲ ବନ୍ଧରୁ ଅର୍ଦ୍ଧାଧିକ ମାଟି ଉଠାଇ ସମ୍ପୃକ୍ତ ବ୍ୟକ୍ତି ନେଇଯାଇଛନ୍ତି । ଏହି କେନାଲ ବନ୍ଧ ରାସ୍ତା ଦେଇ ଗ୍ରାମବାସୀ ଗ୍ରାମଦେବତୀଙ୍କ ନିକଟକୁ ଯାଇଥାନ୍ତି । ଏଥିପାଇଁ ଗ୍ରାମବାସୀ ମଧ୍ୟ ବହୁବାର ନିଜ ଉଦ୍ୟମରେ ଯାତାୟାତ ଉପଯୋଗୀ କରିଥିବା ବେଳେ ସମ୍ପୃକ୍ତ ବ୍ୟକ୍ତି ମାଟି ଉଠାଇବା ଦ୍ୱାରା ଏହି କେନାଲ ବନ୍ଧଟି ଯାତାୟାତ ଉପଯୋଗୀ ରହିବା ସମ୍ଭବ ନୁହେଁ ବୋଲି ଗ୍ରାମବାସୀ କ୍ଷୋଭର ସହ ପ୍ରକାଶ କରିଛନ୍ତି । ଏହି ଘଟଣାକୁ ନେଇ ଗ୍ରାମର ଶତାଧିକ ବ୍ୟକ୍ତି ଜଳସମ୍ପଦ ବିଭାଗକୁ ଲିଖିତ ଭାବେ ଅବଗତ କରାଇବା ସହିତ କେନ୍ଦ୍ରାପଡ଼ା ଜିଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି ।

## ସଂକ୍ଷେପରେ

### ଗଞ୍ଜାମ ଜିଲାରେ ତ୍ରିରଙ୍ଗା ଶୋଭାଯାତ୍ରା ଆଜି

ଛତ୍ରପୁର,୧୪।୫(ସନ୍ତୋଷ ପାଢ଼ୀ) : ଭାରତର ସୈନିକମାନଙ୍କ ସାହସିକ ପଦକ୍ଷେପକୁ ଉତ୍ସାହିତ କରିବା ପାଇଁ ଗୁରୁବାର ଜନ ଶୋଭାଯାତ୍ରା ହେବ। ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲାରେ ମଧ୍ୟ ମଟରସାଇକେଲ ଶୋଭାଯାତ୍ରା ହେବ। ଶୋଭାଯାତ୍ରା ସକାଳ ୮ରୁ ଆରମ୍ଭ ହେବ । ଏଥିରେ ଛାତ୍ରୀଛାତ୍ର, ଏନସିସି କ୍ୟାଡେଟ, କ୍ରୀଡାବିତ୍ ପୋଲିସ, ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ସାଧାରଣ ଲୋକେ ଯୋଗ ଦେଇପାରିବେ। ସମସ୍ତେ ତ୍ରିରଙ୍ଗା ପତାକା ଧରିବେ। ହେଲମେଟ ପରିଧାନ ପୂର୍ବକ ମଟରସାଇକେଲ ରାଲିରେ ଯୋଗ ଦେବାକୁ ପ୍ରଶାସନ ତରଫରୁ ଅନୁରୋଧ କରାଯାଇଛି। ବ୍ରହ୍ମପୁର ସହରରେ ରାମ ଲିଙ୍ଗେଶ୍ୱର ପୋଖରୀଠାରୁ ସକାଳ ୮ଟାରେ ରାଲି ବାହାରି ଗାନ୍ଧି ନଗର ଛକ ଦେଇ ଟାଉନ ହଲ, ଗିରି ରୋଡ଼, ଦେଇ ଇଞ୍ଜିନିୟରିଂ ସ୍କୁଲ ପର୍ଯ୍ୟନ୍ତ ଯିବ। ସେହିଭଳି ଛତ୍ରପୁରଠାରେ ପୁତୀଗୋପାଳପୁର ଠାରୁ ସକାଳ ୮ଟାରେ ରାଲି ବାହାରିବ। ଏହି କାର୍ଯ୍ୟକ୍ରମ ସମସ୍ତ ବ୍ଲକ ଓ ସହରାଞ୍ଚଳରେ ଆୟୋଜନ ହେବ।

### ବିଷ ଖାଇ ଦମ୍ପତି ଗୁରୁତର

ବୁଗୁଡ଼ା,୧୪।୫ (କାଳିଚରଣ ଦାଶ) ବୁଗୁଡ଼ା ବ୍ଲକ୍ କରଚୁଲି ପଞ୍ଚାୟତ କଣ୍ଟାବଣି ଗ୍ରାମରେ ଏକ ଦମ୍ପତି ବିଷଖାଇ ଗୁରୁତର ହୋଇଛନ୍ତି। ସେମାନେ ହେଲେ ନାରାୟଣ ସାହୁ (୩୬) ଓ ସ୍ତ୍ରୀ କାଜଲ ସାହୁ (୩୦)। ପ୍ରକାଶ ଯେ, ସୁରତରେ କାମ କରୁଥିବା ନାରାୟଣ ଅପ୍ରେଲ ମାସରେ ଘରକୁ ଆସିଥିଲେ। ପାରିବାରିକ ଅଶାନ୍ତି କାରଣରୁ ସ୍ତ୍ରୀ ବୁଧବାର ସକାଳେ ସ୍ୱାମୀଙ୍କୁ ଖାଦ୍ୟରେ ବିଷ ମିଶାଇ ଖାଇବାକୁ ଦେଇ ନିଜେ ବିଷଖାଇ ଦେଇଥିଲେ। ସ୍ୱାମୀ ଖାଇସାରି ଉଠିବା ବେଳକୁ ସ୍ତ୍ରୀ ବାନ୍ତି କରିଥିଲେ। ପରିବାର ଲୋକେ ଏହା ଜାଣିବା ପରେ ସେ ଦୁହିଁଙ୍କୁ ଆମ୍ବୁଲାନ୍ସ ଯୋଗେ ବୁଗୁଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଛି।

### ନାରଦ ଜୟନ୍ତୀ ପାଳିତ

ଆସିକା, ୧୪।୫ (ସୁରେନ୍ଦ୍ର ନାଥ ସାହୁ) ଆସିକା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ମଙ୍ଗଳବାର ଟାଉନ୍ ହଲ୍ ପରିସରରେ ଦେବର୍ଷି ଠନାରଦଙ୍କ ଜୟନ୍ତୀ ପାଳିତ ହୋଇଛି। ଏଥିରେ ନଗର କାର୍ଯ୍ୟବାହ ଶ୍ରୀନିବାସ ପାତ୍ର ଅଧକ୍ଷତା କରିଥିବା ବେଳେ ପ୍ରଶାନ୍ତ ଭଞ୍ଜ, ପ୍ରହଲାଦ ପାଣିଗ୍ରାହୀ, ନାଗେଶ୍ୱର ପାତ୍ର ପ୍ରମୁଖ ମଞ୍ଚାସିନ ଥିଲେ। ଏହି ଅବସରରେ ନାରଦଙ୍କ ଜନ୍ମ ବୃତ୍ତାନ୍ତ ଓ କାର୍ଯ୍ୟକଳାପ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଦେବଲୋକର ପ୍ରଥମ ସାମ୍ବାଦିକ ନାରଦଙ୍କ କାର୍ଯ୍ୟ ଶୈଳୀ ଏବଂ ଦେବତା ଓ ଦାନବଙ୍କ ମଧ୍ୟରେ ସୃଷ୍ଟିର ସନ୍ତୁଳନ ପାଇଁ ତାଙ୍କର ପ୍ରୟାସ ସମ୍ପର୍କରେ ଆଲୋଚନା କରାଯାଇଥିଲା।

### ୧୨ ବର୍ଷ ପରେ ୱାରେଣ୍ଟି ଗିରଫ

ବୁଗୁଡ଼ା,୧୪।୫ (କାଳିଚରଣଦାଶ) ବୁଗୁଡ଼ା ଥାନା ଅନ୍ତର୍ଗତ ରାବଗଡ଼ ଗାଁ କନ୍ଧସାହିର ୧୨ ବର୍ଷ ହେଲା ଜଣେ ଫେରାର ଆସାମୀଙ୍କୁ ପୋଲିସ ୱାରେଣ୍ଟ ନଂ. ଜିଆର୍ ୪୩/୨୦୧୩ ବଳରେ ଗିରଫ କରି ବୁଧବାର କୋର୍ଟଚାଲାଣ କରିଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା କହିଛନ୍ତି। ସେ ହେଲେ ଗଣେଶ ପ୍ରଧାନ (୬୦) ଓରଫ ଗଣିଆ। ୨୦୧୩ ମସିହାରେ ରାବଗଡ଼ ଗାଁରେ ସଂଘଠିତ ଏକ ଗଣ୍ଡଗୋଳ ମାମଲାରେ ଗଣେଶ ଜଡ଼ିତ ରହିଥିବାର ଅଭିଯୋଗ ହୋଇଥିଲା। ୧୨ ଧରି ଫେରାର ଥିବା ଗଣେଶକୁ ପୋଲିସ ଗିରଫ କରିପାରିଛି।

# ପ୍ରସ୍ତାବିତ ବାରୁଦ କାରଖାନାକୁ ବିରୋଧ

ଭଞ୍ଜନଗର,୧୪।୫(ବାବୁଲା ପ୍ରଧାନ): ଜଗନ୍ନାଥପ୍ରସାଦ ବ୍ଲକ କୁଡୁତାଇ ପଞ୍ଚାୟତ ନେଡେରେଇ ପାହାଡ଼ ତଳେ ଏକ ଘରୋଇ କମ୍ପାନୀ ପକ୍ଷରୁ ବାରୁଦ କାରଖାନା ନିର୍ମାଣ ପାଇଁ ଯୋଜନା ଚାଲିଛି। ତେବେ ଏହାକୁ ବିରୋଧ କରି ନେଡେରେଇ ପାହାଡ ତଳେ ବୁଧବାର ପ୍ରତିବାଦ ସଭା ହୋଇଥିଲା। ଗୋଳାବାରୁଦ କାରଖାନା ପ୍ରସ୍ତାବକୁ ତୁରନ୍ତ ପ୍ରତ୍ୟାହାର ନ କଲେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର କରାଯିବ। ଦଳମତ ନିର୍ବିଶେଷରେ ଉକ୍ତ ପ୍ରକଳ୍ପ ବିରୋରେ ସମସ୍ତେ ଏକାଠି ହେବାକୁ ସଭାରେ ଉପସ୍ଥିତ ଥିବା ନେତାମାନେ ଲୋକଙ୍କୁ ଆହ୍ୱାନ ଦେଇଥିଲେ। ଚାଷୀ ମୂଲିଆ ସଂଘ, ଓଡିଶା (ଏଆଇକେଏମକେଏସ)ର ବ୍ଲକ କମିଟି ସାଥୀ ସଞ୍ଜୟ ନାୟକଙ୍କ ଆବାହକତ୍ୱରେ ମାନବାଧିକାର ସୁରକ୍ଷା ମଞ୍ଚର ଆବାହକ ଅବନୀ କୁମାର ଗୟା, ଅଲ ଇଣ୍ଡିଆ କ୍ଷେତ ମଜଦୂର କିଷାନ ସଭାର ରାଜ୍ୟ ନେତା ନିରାକାର ନାୟକ, ବ୍ଲକ ସମ୍ପାଦକ ଶିବରାମ ନାଇକ, ଲଡୁ ନାଇକ, ବସନ୍ତ କୁମାର ନାଇକ, ଶମ୍ଭୁ ନାୟକ, ଚିତ୍ରସେନ ପଲ୍ଲାଇ, ପୀତବାସ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବାରୁଦ କାରଖାନା ବିରୋଧରେ ବକ୍ତବ୍ୟ ରଖିଥିଲେ। ସୂଚନାଯୋଗ୍ୟ, ପାହାଡ ତଳେ ବାରୁଦ କାରଖାନା ହେଲେ ସମ୍ପୃକ୍ତ ଅଞ୍ଚଳର ୨୭ ଖଣ୍ଡ ରାଜସ୍ୱ ଓ ଜଙ୍ଗଲ ଗ୍ରାମବାସୀ ପ୍ରଭାବିତ ହେବେ। ପରିବେଶ ପ୍ରଦୂଷଣ ବଢ଼ିବ। ଦୀର୍ଘ ବର୍ଷ ଧରି ଚାଷ କରି ଆସୁଥିବା ଲୋକେ ଜୀବନ ଜୀବିକା ହରାଇବେ। ବହୁତ ଗ୍ରାମର ଶତାଧିକ ପରିବାର ବାସହରା ହୋଇଯିବେ। ଅନ୍ୟପଟେ ପୁରୁଷ ପୁରୁଷ ଧରି ନିଜ ଦଖଲରେ ଚାଷ କରି ଆସୁଥିବା ଗୋଷ୍ଠିଗତ ଅଧିକାରରେ ଥିବା କିଛି ବେସରକାରୀ ଜମି ସହିତ ଜଙ୍ଗଲ ଜମି ଚାଲିଯିବ। କାରଖାନା ହେଲେ ପିଇବା ପାଣି, ପରିବା ଚାଷ ଆଦି ବିଷାକ୍ତ ହେବାର ସମ୍ଭାବନା ରହିଛି ବୋଲି ବକ୍ତାମାନେ କହିଥିଲେ।



ସଭାରେ ଉପସ୍ଥିତ ଜନସାଧାରଣ।

# ଏକତରଫା ପ୍ରେମରୁ ବୋମାମାଡ଼, ୨ ଗୁରୁତର

ଶେରଗଡ଼,୧୪।୫(ସୂର୍ଯ୍ୟ ନାରାୟଣ ଦାଶ): ଶେରଗଡ଼ ବ୍ଲକ ଆମୁଆବାଡି ଗ୍ରାମରେ ଏକତରଫା ପ୍ରେମକୁ କେନ୍ଦ୍ର କରି ମଙ୍ଗଳାର ରାତିରେ ବୋମାମାଡ଼ ହୋଇଛି। ଯୁବକଙ୍କ ବୋମାମାଡ଼ରେ ନାବାଳିକାଙ୍କ ବାପା ଓ ଖୁଡ଼ୀ ଗୁରୁତର ଆହତ ହୋଇଛନ୍ତି। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଚଳାଇଛି। ଅଭିଯୁକ୍ତ ଫେରାର୍ ଅଛନ୍ତି।

ପ୍ରକାଶ ଯେ, ଅଭିଯୁକ୍ତ ତାଙ୍କ ଗ୍ରାମର ଜଣେ ନାବାଳିକାଙ୍କୁ କିଛି ଦିନ ହେଲା ଏକତରଫା ଭଲ ପାଉଥିଲେ। ନାବାଳିକାଙ୍କ ବାପା ସୁରଟ ରହି କାମ କରନ୍ତି। ତେଣୁ ସେ ତାଙ୍କ ଝିଅକୁ ନୂଆପଡାରେ ରଖି ପାଠ ପଢ଼ାଉଥିଲେ। ଅଭିଯୁକ୍ତ ଯୁବକ ସବୁବେଳେ ନାବାଳିକାଙ୍କ ପରିବାର ଲୋକଙ୍କୁ ଧମକ ଦେଇ ଆସୁଥିଲେ। ଏହାକୁ ନେଇ ଉଭୟ ପରିବାର ମଧ୍ୟରେ ମଧ୍ୟରେ ତିକ୍ତତା ଲାଗି ରହିଥିଲା। ନାବାଳିକାଙ୍କ ବାପା କିଛିଦିନ ହେଲା ଗାଁକୁ ଆସିଛନ୍ତି। ମଙ୍ଗଳବାର ରାତି ପ୍ରାୟ ୧୨ଟାରେ ଗରମ ଗୁଳୁଗୁଳି ଯୋଗୁ ନାବାଳିକାଙ୍କ ପରିବାର ଲୋକେ ଦାଣ୍ଡରେ ବସିଥିବା ବେଳେ ଯୁବକ ଜଣକ ସେଠାକୁ ଯାଇ ଧମକ ଦେଇଥିଲେ। ଏହାକୁ ନେଇ ଉଭୟ ପକ୍ଷ ମଧ୍ୟରେ ବଚସା ଓ ମାରପିଟ ହୋଇଥିଲା। ପରେ ଯୁବକ ଜଣକ ବୋମାମାଡ଼ କରିବାରୁ ନାବାଳିକାଙ୍କ ମା' ଓ ଖୁଡୀ ଗୁରୁତର ଆହତ ହୋଇଥିଲେ। ଉଭୟେ ଶେରଗଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଅଭିଯୁକ୍ତ ବୋମାମାଡ କରି ହତ୍ୟା ଧମକ ଦେଇଥିବା ନାବାଳିକାଙ୍କ ବାପା ଥାନାରେ ଏତଲା ଦେଇଛନ୍ତି। ପୋଲିସ ନଂ ୨୩୧/୨୫ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ମେଡିକାଲ ଟିମ୍‌ର ତଦନ୍ତ, କାର୍ଯ୍ୟାନୁଷ୍ଠାନ ପାଇଁ ହେବ ସୁପାରିଶ

## ନନ୍ଦପଣ୍ଡାପଲ୍ଲୀ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ଅବ୍ୟବସ୍ଥା

ଛତ୍ରପୁର,୧୪।୫(ସନ୍ତୋଷ ପାଢ଼ୀ ): ଛତ୍ରପୁର ବ୍ଲକ ଅନ୍ତର୍ଗତ ବଡଲଗାଁ ପଞ୍ଚାୟତର ନନ୍ଦପଣ୍ଡାପଲ୍ଲୀ ଗାଁରେ ଥିବା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ଅବ୍ୟବସ୍ଥା ଲାଗି ରହିଛି। ଏ ନେଇ ପଞ୍ଚାୟତ ପ୍ରତିନିଧି, ଜନସାଧାରଣ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ଏଠାରେ କାର୍ଯ୍ୟ କରୁଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଠିକ ସମୟରେ ଆସୁ ନ ଥିବା, ରୋଗୀଙ୍କୁ ଦୁର୍ବ୍ୟବହାର କରିବା, ମାଗଣାରେ ଔଷଧ ନ ଦେବା ଆଦି ଅନେକ ଅଭିଯୋଗ ଗ୍ରାମବାସୀ ଓ ଜନପ୍ରତିନିଧି ଆଣିଛନ୍ତି। ବର୍ତ୍ତମାନ ସକାଳ ୮ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ମେଡିକାଲ ଖୋଲିବା ପାଇଁ ନିୟମ ରହିଥିବା ବେଳେ ଅଧିକାରୀ ଜଣକ ଦିନ ୧୦ଟାରେ ଆସି ୧୧ଟାରେ ଚାଲି ଯାଉଛନ୍ତି। ସେହିପରି ସେ କ୍ୱାର୍ଟର୍ସରେ ନ ରହି ଭୁବନେଶ୍ୱରରୁ ଆସୁଥିବା ଅଭିଯୋଗ ହେଉଛି। ଏସବୁ ନେଇ ସ୍ଥାନୀୟ ଜନପ୍ରତିନିଧି ଓ ଲୋକଙ୍କ ପକ୍ଷରୁ ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଡା. ସ୍ୱାଧୀନ ରଥଙ୍କ ଠାରେ ଅଭିଯୋଗ ହୋଇଥିଲା। ଏହାର ତଦନ୍ତ ପାଇଁ ସୁପରିଣ୍ଟେଣ୍ଡେଣ୍ଟ ରଥଙ୍କ ନେତୃତ୍ୱରେ ଏକ ଟିମ ଅଚାନକ ନନ୍ଦପଣ୍ଡାପଲ୍ଲୀ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ପହଞ୍ଚିଥିଲେ। ଲୋକଙ୍କ ଅଭିଯୋଗରେ ସତ୍ୟତା ଥିବା ଓ ବହୁ ଔଷଧ ଏକସ୍ପାଏରି ହୋଇଯାଇଥିବା, ରେଜିଷ୍ଟର ଠିକ ନ ଥିବା ଟିମର ତଦନ୍ତ ବେଳେ ଜଣାପଡିଥିଲା। ଏ ସଂପର୍କରେ କାର୍ଯ୍ୟାନୁଷ୍ଠାନ ଓ ଆଗାମୀ ପଦକ୍ଷେପ ନେବା ପାଇଁ ଉପରିସ୍ଥ ଅଧିକାରୀଙ୍କୁ ଚିଠି କରିବେ ବୋଲି ଡା. ରଥ କହିଛନ୍ତି। ସୂଚନାଯୋଗ୍ୟ, ୨୦୨୪ରେ ନୂତନ କରି ନନ୍ଦପଣ୍ଡାପଲ୍ଲୀ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଆରମ୍ଭ ହୋଇଥିଲା । ଜଣେ କମ୍ୟୁନିଟି ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ମହିଳା ସ୍ୱାସ୍ଥ୍ୟକର୍ମୀ, ହାଉସ କିପିଂ ଷ୍ଟାଫ ଓ ୫ ଜଣ ଆଶା କର୍ମୀଙ୍କୁ ନେଇ ଏହି କେନ୍ଦ୍ର ଚାଲିଛି।


ମେଡିକାଲ ଟିମ୍ ତଦନ୍ତ କରୁଛନ୍ତି।

### ଦାରିଙ୍ଗବାଡ଼ି: ଖୋଲିବ ୭ ନୂଆ ବହୁମୁଖୀ ସମବାୟ ସମିତି

ଦାରିଙ୍ଗବାଡ଼ି,୧୪।୫(ଅରୁଣ ସାହୁ) କୃଷିଋଣ ବ୍ୟାପକ କରିବା ସହ ସାଧାରଣ ବଣ୍ଟନ ସାମଗ୍ରୀକୁ ଲୋକଙ୍କ ନିକଟରେ ପହଞ୍ଚାଇବା, କୃଷି ଉପକରଣ, ବିହନ ବଣ୍ଟନ ଭଳି କାର୍ଯ୍ୟକୁ ତ୍ୱରାନ୍ୱିତ କରାଇବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ସମିତିଗୁଡ଼ିକର ସମ୍ପ୍ରସାରଣକୁ ଗୁରୁତ୍ୱ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଦାରିଙ୍ଗବାଡ଼ିଠାରେ ଥିବା ବୃହଦାକାର ବହୁମୁଖୀ ସମବାୟ ସମିତି ଲିଃର ଆହୁରି ୭ ସମିତି ଖୋଲିବାକୁ ନିର୍ଦ୍ଦେଶ ରହିଥିଲା। ଏହାସହ ଦାରିଙ୍ଗବାଡ଼ି ସମବାୟ ସମିତି ପକ୍ଷରୁ ଏହାର କାର୍ଯ୍ୟ ଚାଲିଥିବା ପରିଚାଳନା ନିର୍ଦ୍ଦେଶିକା ବିଷ୍ଣୁପ୍ରିୟା ପ୍ରଧାନ କହିଛନ୍ତ। ସେ ଆହୁରି ମଧ୍ୟ କହିଛନ୍ତି ଯେ, ବାଡ଼ାବାଙ୍ଗା ଓ ସିମନବାଡ଼ି ପଞ୍ଚାୟତକୁ ନେଇ ସିମନବାଡ଼ିଠାରେ ଏକ ନୂତନ ବହୁମୁଖୀ ସମବାୟ ସମିତି ଲିଃ ଖୋଲାଯିବାକୁ ରହିଥିବା ବେଳେ ଗୁମିକିଆ ଏବଂ ବୁଢ଼ାଗୁଡ଼ାକୁରେ ସମିତି ଖୋଲିବ। ସେହିପରି ତିଲୋରୀ, ସିଆଙ୍ଗବାଲି, ଦନେକବାଡ଼ି ଏବଂ ପର୍ତ୍ତମାହାରେ ମଧ୍ୟ ନୂତନ ସମବାୟ ସମିତି ଖୋଲାଯିବ।

### ମନ୍ଦିର ପ୍ରତିଷ୍ଠା ମହୋତ୍ସବ

ଦିଗପହଣ୍ଡି,୧୪।୫ (ଅଶେଷ ନାଥ ମିଶ୍ର) ଦିଗପହଣ୍ଡି ବ୍ଲକ୍ ବିଜୟଲକ୍ଷ୍ମୀ ନାରାୟଣପୁର ଗ୍ରାମସ୍ଥିତ ଶ୍ରୀଚନ୍ଦ୍ରଶେଖର ମହାଦେବ ମନ୍ଦିର ଏବଂ ଶ୍ରୀହନୁମାନ ଗୁମ୍ଫା ପ୍ରତିଷ୍ଠା ମହୋତ୍ସବ ବୁଧବାର ଅନୁଷ୍ଠିତ ହୋଇଛି। ପଣ୍ଡିତ ଅଶୋକ କୁମାର ପାଢୀଙ୍କ ପୌରୋହିତ୍ୟରେ ଅଙ୍କୁରାରୋପଣ ଓ ଦୀକ୍ଷାଗ୍ରହଣ ହୋଇଥିଲା। ପ୍ରାୟ ୨ ଶହରୁ ଉର୍ଦ୍ଧ୍ୱ ମହିଳା ଶ୍ରଦ୍ଧାଳୁ ନିକଟସ୍ଥ ବାହୁଦା ନଦୀରୁ କଳସ ଶୋଭାଯାତ୍ରାରେ ମହାଯଜ୍ଞ ସ୍ଥଳରେ ପହଞ୍ଚିବାପରେ ଘୃତଯଜ୍ଞ ନାମଯଜ୍ଞ ଆରମ୍ଭ ହୋଇଥିଲା। ଏହି ଆଧାତ୍ମିକ ମହୋତ୍ସବ ପାଇଁ ସମଗ୍ର ଗାଁ ଉତ୍ସବ ମୁଖର ହୋଇଛି। ଗ୍ରାମବାସୀ ଓ ମହାଯଜ୍ଞ ପରିଚାଳନା କମିଟି କର୍ମକର୍ତ୍ତା ଓ ସଦସ୍ୟ ମାନେ ସହଯୋଗ କରିଛନ୍ତି। ଏହା ରବିବାର ପର୍ଯ୍ୟନ୍ତ ଚାଲିବ।

# କାଳବୈଶାଖୀରେ ଉଡ଼ିଲା ଛପର
# ଖୋଲା ଆକାଶ ତଳେ ପରିବାର


କାଳବୈଶାଖୀରେ ଭାଙ୍ଗିଯାଇଥିବା ଘର।

ଦାରିଙ୍ଗବାଡ଼ି,୧୪।୫(ଅରୁଣ ସାହୁ) କାଳବୈଶାଖୀ ପ୍ରଭାବରେ ଦାରିଙ୍ଗବାଡ଼ି ବ୍ଲକ୍‌ରେ ଅନେକ ଘରର ଛପର ଉଡ଼ିଯାଇଛି। ମଙ୍ଗଳବାର ଅପରାହ୍ନରେ ସିଆଙ୍ଗବାଲି ପଞ୍ଚାୟତ ମାଲେବାଡ଼ି ଗ୍ରାମର ଶିକଲା ପ୍ରଧାନଙ୍କ ଘର ଛପର ଉଡ଼ିଯିବା ପରେ ତାଙ୍କ ପରିବାର ଖୋଲା ଆକାଶ ତଳେ ଜୀବନ ବିତାଉଛନ୍ତି। ଶିକଲାଙ୍କ ପରିବାରରେ ୨ ଶିଶୁ ରହିଥିବା ବେଳେ ତାଙ୍କ ବାପା ଓ ଭାଇ ସମସ୍ତେ ଏକାଠି ରହୁଥିଲେ। ତାଙ୍କୁ କୌଣସି ପକ୍କାଘର ମିଳି ନ ଥିବାରୁ ଝଟିମାଟିରେ ଘର କରି ସେଥିରେ ଟିଣ ଛପର କରିଥିଲେ। ଏବେ ଟିଣ ଉଡ଼ିଯିବା ସହ ଘର ଭାଙ୍ଗିଯାଇଥିବାରୁ ତାଙ୍କ ପରିବାର ଖୋଲା ଆକାଶ ତଳେ ଆଶ୍ରୟ ନେଇଛନ୍ତି ଗ୍ରାମର ପ୍ରମୋଦ ଦିଗାଲ କହିଛନ୍ତି। ତାଙ୍କୁ ସରକାରୀ ସହାୟତା ନିହାତି ଜରୁରୀ ବୋଲି ସେ କହିଛନ୍ତି।

# ଗାଡ଼ିମୋଟର ଯାଞ୍ଚ ବେଳେ ଦଣ୍ଡ ଗଣିଲେ ମାଲିକ


ଜଣେ ଗାଡିଚାଳକଙ୍କୁ ଯାଞ୍ଚ କରାଯାଉଛି।

ଦାରିଙ୍ଗବାଡ଼ି,୧୪।୫(ଅରୁଣ ସାହୁ) ଦାରିଙ୍ଗବାଡ଼ି ହିଲ୍‌ଭିୟୁ ଛକ ନିକଟରେ ପୋଲିସ ଏବଂ ଜିଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଗାଡ଼ିମୋଟର ଯାଞ୍ଚ କରାଯାଇଛି। ଏଥିରେ ବିନା ହେଲ୍‌ମେଟରେ ଯାତ୍ରା ସହ ସିଟ୍ ବେଲ୍ଟ, ବାଇକ୍‌ରେ ୨ରୁ ଅଧିକ ଯାତ୍ରୀ, ଗାଡ଼ି କାଗଜପତ୍ର ଆଦି ଯାଞ୍ଚ କରାଯାଇଥିଲା। ଏହି ଯାଞ୍ଚରେ ୩୪ଟି ଚାଲାଣ କଟାଯାଇ ମୋଟ ୨ ଲକ୍ଷ ୧୯ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା କନ୍ଧମାଳ ଟ୍ରାଫିକ୍ ସବ୍‌ଇନ୍ସପେକ୍ଟର ଶିବାନୀ ମାଝୀ କହିଛନ୍ତି। ସେ କହିଛନ୍ତି ଯେ, ମେଶିନ ଦ୍ୱାରା ଯାଞ୍ଚ କରାଯାଇ ୩ ମଦ୍ୟପ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ୩ ମାସ ପାଇଁ ରଦ୍ଦ କରାଯିବା ସହ ଜରିମାନା ଆଦାୟ କରାଯାଇଛି। ସେହିପରି ବିନା ହେଲ୍‌ମେଟରେ ଯାତ୍ରା ସହ ଗାଡ଼ି ରେଜିଷ୍ଟ୍ରେଶନ କାଗଜପତ୍ର, ଇନ୍ସୁରାନ୍ସ, ସିଟ୍‌ବେଲ୍ଟ ଆଦି ଅନିୟମିତତା ନେଇ ୩୧ଟି ମାମଲା ରୁଜୁ କରାଯାଇ ଜରିମାନା ଆଦାୟ କରାଯାଇଛି। ଦାରିଙ୍ଗବାଡ଼ି ଥାନା ଏଏସ୍‌ଆଇ ଅର୍ଜୁନ ଶବର, ଆଇଆର୍‌ବି ଯବାନ ଓ ପରିବହନ ବିଭାଗର କର୍ମଚାରୀ ଏହି ଯାଞ୍ଚ କରିଥିଲେ।

## ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପୈତୃକ ଗ୍ରାମକୁ ଅଣଦେଖା

# ୪ ଦିନ ହେଲା ପାଣି ପମ୍ପ ଅଚଳ

ଭଞ୍ଜନଗର,୧୪।୫(ବାବୁଲା ପ୍ରଧାନ): ଭଞ୍ଜନଗର ଗ୍ରାମ୍ୟ ପାଇପ ଜଳ ଯୋଗାଣ ଅଧୀକ୍ଷଣ ଯନ୍ତ୍ରୀଙ୍କ ଅଧୀନରେ ଥିବା ବେଲଗୁଣ୍ଠା ବ୍ଲକ ନୂଆଗାଁ ପାଇପ ଜଳ ଯୋଗାଣ ପ୍ରକଳ୍ପ ୪ ଦିନ ହେଲା ଅଚଳ ହୋଇପଡିଛି। ଯାହାଫଳରେ ବିଶୁଦ୍ଧ ପାଣି ଟୋପାଏ ପାଇଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପମ୍ପ ହାଉସ ମୋଟରଟି ଅଚଳ ଯୋଗୁ ଏହି ସମସ୍ୟା ଦେଖାଦେଇଛି।

ଭଞ୍ଜନଗର ସହରଠାରୁ ମାତ୍ର ୪ କି.ମି. ଦୂରରେ ନୂଆଗାଁ ଗ୍ରାମ। ଏହା ହେଉଛି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପୈତୃକ ଗ୍ରାମ। ନବୀନ ଦୀର୍ଘବର୍ଷ ଧରି ଶାସନ କ୍ଷମତାରେ ରହିବା ସମୟରେ ପୈତୃକ ଗ୍ରାମର ବିକାଶ ପ୍ରତି ଯେତିକି ଦୃଷ୍ଟି ଦେବା କଥା ଦେଇନାହାନ୍ତି। ବର୍ତ୍ତମାନ କ୍ଷମତା ଚାଲିଯିବା ପରେ ପ୍ରଶାସନ ମଧ୍ୟ ଗ୍ରାମବାସୀଙ୍କ ସମସ୍ୟାକୁ ତୁରନ୍ତ ସମାଧାନ ଦିଗରେ ଆଉ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହୋଇଛି। ଗ୍ରାମରେ ୧ ହଜାରରୁ ଉର୍ଦ୍ଧ ପରିବାର ବସବାସ କରୁଛନ୍ତି । ଗ୍ରାମବାସୀଙ୍କୁ ବଡ ନଦୀରୁ ପାଇପ ଯୋଗେ ଆଣି ଯୋଗାଇ ଦିଆଯାଉଛି । ୪ ଦିନ ପୂର୍ବେ ନଦୀକୂଳରେ ଥିବା ପମ୍ପ ହାଉସ ମୋଟର ଅଚଳ ହୋଇପଡ଼ିଲା। ବିଭାଗୀୟ କର୍ମଚାରୀମାନେ ମରାମତି କରିଥିଲେ ମଧ୍ୟ ତାହ ସଚଳ ହୋଇପାରିନାହିଁ। ମରାମତି ପରେ ପାଣି କାଳେ ଆସିବ ଲୋକେ ଅପେକ୍ଷା କରି ରହୁଛନ୍ତି। ନଳକୂଅରୁ ଖାରି ପାଣି ବାହାରୁଥିବା ଯୋଗୁ ତାହା ବ୍ୟବହାର ଯୋଗ୍ୟ ହେଉନି। ଲୋକେ ଷ୍ଟାଣ୍ଡ ପୋଷ୍ଟରେ ପାଣି ନେବାକୁ ଦୈନନ୍ଦିନ ଅପେକ୍ଷା କରିଛନ୍ତି କିନ୍ତୁ ପାଣି ଆସୁନାହିଁ। ଏନେଇ ଅଧୀକ୍ଷଣ ଯନ୍ତ୍ରୀଙ୍କ ସହ ଯୋଗାଯୋଗ ଉଦ୍ୟମ କରାଯାଇଥିଲେ ମଧ୍ୟ ତାହା ସମ୍ଭବପର ହୋଇପାରିନାହିଁ। ପୂର୍ବତନ ଗଞ୍ଜାମ ଜିଲା କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ସନ୍ତୋଷ ନାୟକ ତୁରନ୍ତ ଗ୍ରାମକୁ ପାଣି ଯୋଗାଣ କରିବା ପାଇଁ ଦାବି କରିଛନ୍ତି।


ଲୋକେ ଷ୍ଟାଣ୍ଡପୋଷ୍ଟରୁ ପାଣି ନେବାକୁ ଅପେକ୍ଷା କରିଛନ୍ତି।

# ଜଳ ସମସ୍ୟା ଦୂର କରିବାରେ ବିଫଳ ବିଭାଗ

ଖଜୁରିପଡ଼ା,୧୪।୫(ବିଦୁର ବେହେରା) ଅସହ୍ୟ ଖରା ସାଙ୍ଗକୁ ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ଦଳପଡ଼ା ପଞ୍ଚାୟତରେ ପାନୀୟଜଳ ସମସ୍ୟା ଦାଉ ସାଧୁଛି। ପାଣି ଟୋପାଏ ପାଇଁ ଡହଳବିକଳ ପଞ୍ଚାୟତବାସୀ। ଏନେଇ ଜଳ ଓ ପରିମଳ ବିଭାଗ, ଖଜୁରିପଡ଼ା କନିଷ୍ଠ ଯନ୍ତ୍ରୀଙ୍କୁ ବାରମ୍ବାର ଅଭିଯୋଗ କଲାପରେ ପାନୀୟଜଳ ଯୋଗାଣ ସମସ୍ୟାର ସମାଧାନ ପାଇଁ ମରାମତି କାମ କରାଗଲା। କିନ୍ତୁ ଠିକାଦାର କାମ କଲେ। ହେଲେ ପିଇବା ପାଣି ପାଇବା ତ ଦୂରର କଥା, ଟାଙ୍କିରେ ପାଣି ନ ଥିବା ଦେଖି ଚିନ୍ତାରେ ପଡ଼ିଯାଇଛନ୍ତି ଲୋକେ। ଖରାଦିନେ ପାଣି ପାଇଁ ପଞ୍ଚାୟତବାସୀ ଡହଳବିକଳ। ନାଳ ଓ ଚୁଆ ପାଣି ସଂଗ୍ରହ କରିବା ମଧ୍ୟ କଷ୍ଟସାଧ୍ୟ ବୋଲି ସାମାଜିକ କର୍ମୀ ତଥା ପୂର୍ବତନ ସମିତିସଭ୍ୟ ଗୌର ଚରଣ ବେହେରା କହିଛନ୍ତି। ଏ ନେଇ ଜିଲାପାଳ ତୁରନ୍ତ ଦୃଷ୍ଟି ଦେବା ଆବଶ୍ୟକ ରହିଛି।

# ବିକାଶ ପାଇଁ ଆଦିବାସୀଙ୍କ ମେଳି

ଭଞ୍ଜନଗର,୧୪।୫ (ବାବୁଲା ପ୍ରଧାନ) ମାଳ ବିକାଶ ମଞ୍ଚ ଓ ଜିରୋ ପ୍ରୋ ଗ୍ରୁପ ପକ୍ଷରୁ ମିଳିତ ଭାବେ ବୁଧବାର ଆଦିବାସୀଙ୍କ ବିକାଶ ପାଇଁ ସୋରିଷମୂଳି ଜଳସମ୍ପଦ ବିଭାଗ ଡାକ ବଙ୍ଗଳାରେ ଅନୁଷ୍ଠିତ ହୋଇଛି। ଏଥିରେ ମାଳ ବିକାଶ ମଞ୍ଚ ସଭାପତି ଶତ୍ରୁଘ୍ନ ଗୌଡ, ଉପ ସଭାପତି ଉଦୟ ଜାନି, ସମ୍ପାଦକ ଯୁବରାଜ ଜାନି, ସଙ୍ଗଠକ ସୁଶାନ୍ତ ସାହୁ ପ୍ରମୁଖ ଯୋଗଦେଇ ଏବେବି ଭଞ୍ଜନଗର ଉପଖଣ୍ଡର ଅନେକ ଆଦିବାସୀ ଗ୍ରାମକୁ ପକ୍କା ରାସ୍ତା, ବିଜୁଳି, ପାଣି ସୁବିଧା ନ ଥିବା ଅଭିଯୋଗ କରିଥିଲେ। ତେଣୁ ସରକାର ଆଦିବାସୀଙ୍କ ବିକାଶ ପ୍ରତି ଧ୍ୟାନ ଦେବାପାଇଁ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ଯଦି ଏହାକ କରା ନ ଯାଏ ତେବେ ଆଗାମୀ ଦିନରେ ଆଦିବାସୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସଭାପତି ଶତ୍ରୁଘ୍ନ କହିଛନ୍ତି। ଏହାସହ ତାରସିଂ ମେଡିକାଲକୁ ୧୦୦ ଶଯ୍ୟା ବିଶିଷ୍ଟ କରାଯାଉ। ହାତୀଗଡ଼ା, ସଲପଡାଇଲା, ଗାୟଗଣ୍ଡା ପ୍ରମୁଖ ଅଞ୍ଚଳର ବିକାଶ ପାଇଁ ସରକାର ଦୃଷ୍ଟି ଦିଅନ୍ତୁ ବୋଲି ଖବରଦାତା ସମ୍ମିଳନୀରେ ଶତ୍ରୁଘ୍ନ କହିଛନ୍ତି ।


ସଭାରେ ଉପସ୍ଥିତ ଲୋକ।

# ପାନୀୟ ଜଳ ଅଭାବ, ରାସ୍ତା ଅବରୋଧ କଲେ ଗ୍ରାମବାସୀ

ଆର. ଉଦୟଗିରି,୧୪।୫ (ମନୋଜ କୁମାର ପାଢୀ): ଗଜପତି ଜିଲା ଆର. ଉଦୟଗିରିରେ ପ୍ରାୟ ୬ ମାସ ହେଲା ପାନୀୟ ଜଳ ସଙ୍କଟ ଦେଖାଦେଇଛି। ଏହି ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀ ବାରମ୍ବାର ବ୍ଲକ ପ୍ରଶାସନକୁ ଅବଗତ କରିଥିଲେ ସୁଦ୍ଧା ସୁଫଳ ମିଳିନାହିଁ। ଏହାର ପ୍ରତିବାଦରେ ବୁଧବାର ଗ୍ରାମବାସୀ ଗ୍ରାମ ନିକଟରେ ବ୍ରହ୍ମପୁରଠାରୁ ପାରଳାଖେମୁଣ୍ଡିକୁ ସଂଲଗ୍ନ କରୁଥିବା ୩୨୬ ନଂ. ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ପ୍ରାୟ ୫ ଘଣ୍ଟା ଧରି ରାସ୍ତା ଅବରୋଧ ଯୋଗୁ ଗାଡ଼ିମୋଟର ଚଳାଚଳ ସମ୍ପୂର୍ଣ୍ଣ ଠପ ହୋଇପଡ଼ିଥିଲା। ପାରଳାଖେମଣ୍ଡି, ମୋହନା ଓ ବ୍ରହ୍ମପୁର ବସ ଯାତ୍ରୀମାନେ ବହୁ ହଟହଟା ହୋଇଥିଲେ। ପରେ ବ୍ଲକ ପ୍ରଶାସନ, ପାନୀୟଜଳ ଯୋଗାଣ ଅଧିକାରୀ ଓ ପୋଲିସ ପ୍ରଶାସନ ପହଞ୍ଚି ପ୍ରତିଶ୍ରୁତି ଦେବାର ପରେ ରାସ୍ତା ଅବରୋଧ ହଟିଛି। ଜଳ ଯୋଗାଣ ପୁରୁଣା ମୋଟର ବାହାର କରି ନୂତନ ଲଗାଇବା, ଲୋକେ ମୋଟର ଲଗାଇ ଘରକୁ ପାଣି ନେଇଯାଉଥିବାରୁ ଉପର ଅଞ୍ଚଳକୁ ଠିକ ଭାବେ ପାଣି ଆସୁନି। ତେଣୁ ପାଣି ଛାଡିବା ସମୟରେ ବିଦ୍ୟୁତ ବିଭାଗର ଉଚ୍ଚ ଅଧିକାରୀଙ୍କ ସହ କଥାହୋଇ ବିଦ୍ୟୁତ କାଟିବା, ବେଆଇନ ଭାବେ ଘର ମୋଟର ବ୍ୟବହାର ପାଣି ନେଉଥିବା ଲୋକଙ୍କ ମୋଟର ବାହାର କରାଯିବା ଓ ଟ୍ୟାଙ୍କର ଦ୍ୱାରା ପାଣି ଯୋଗାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ଯଥାଶୀଘ୍ର ପ୍ରଶାସନ ସମସ୍ୟାର ସମାଧାନ ନ କଲେ ପୁଣି ଧାରଣା ଦିଆଯିବ ବୋଲି ଗ୍ରାମବାସୀ କହିଛନ୍ତି ।


ଆର୍. ଉଦୟଗିରିରେ ରାସ୍ତାରୋକୋ କରିଛନ୍ତି ଗ୍ରାମବାସୀ।

# ଫଟୋ ଉଠାଇବାକୁ ଡାକି କ୍ୟାମେରା ଲୁଟ୍

**ଦଶରଥପୁର,୧୪।୫ (ସୁଶାନ୍ତ କୁମାର ବେହୁରିଆ):**

ଏକ ଏନଜିଓ କାର୍ଯ୍ୟକ୍ରମରେ ଫଟୋ ଉଠାଇବାକୁ ଯାଇଥିବା କ୍ୟାମେରା ମ୍ୟାନ୍ ଲୁଟ୍‌ର ଶିକାର ହୋଇଛନ୍ତି। ଫଟୋ ଉଠାଇବାକୁ ଡକାଇ ଥିବା ସଂସ୍ଥାର କର୍ମଚାରୀ କ୍ୟାମେରା ମ୍ୟାନଙ୍କୁ ନିଶାଯୁକ୍ତ ଥଣ୍ଡା ପିଆଇ ତାଙ୍କ କ୍ୟାମେରା ଲୁଟି ନେଇଛନ୍ତି। ଏପରି ଏକ ଘଟଣା ଦେଖିବାକୁ ମିଳିଛି ମଙ୍ଗଳପୁର ଥାନା ଅଧୀନ କୟାଁ ପଞ୍ଚାୟତ ଅନ୍ତର୍ଗତ ଗୁଣ୍ଠୁଣିପଡ଼ାଠାରେ। ଏନେଇ ମଙ୍ଗଳବାର ଥାନାରେ ଅଭିଯୋଗହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ମୁତାବକ, ଦଶରଥପୁର ଥାନା ଅଧୀନ ଉଦୟପୁର ଗ୍ରାମର ପ୍ରଦୀପ କୁମାର ନାୟକଙ୍କ ନିକଟକୁ ମଙ୍ଗଳବାର ଏକ ଫୋନ କଲ ଆସିଥିଲା। ଫୋନ୍ କରିଥିବା ବ୍ୟକ୍ତି ଗୁଣ୍ଠୁଣିପଡ଼ା ବିଦ୍ୟାଳୟରେ ଏକ ଏନଜିଓ ପ୍ରୋଜେକ୍ଟ କାର୍ଯ୍ୟକ୍ରମ ଲାଗି ଫଟୋ ଉଠାଇବାକୁ ଡାକିଥିଲେ। ଏଥିସହିତ ଏକ ଫୋନ ନମ୍ବରରେ ୫୦୦ ଟଙ୍କା ଅଗ୍ରୀମ ଆକାରରେ ପ୍ରଦାନ କରିଥିଲେ। ଏହାପରେ ୨ଜଣ ବ୍ୟକ୍ତି ପ୍ରଦୀପଙ୍କ ଝୁମ୍ପୁରୀ ସ୍ଥିତ ଦୋକାନ ନିକଟରେ ପହଞ୍ଚି ତାଙ୍କୁ ଯିବା ପାଇଁ ଡାକିଥିଲେ। ବାଟରେ ଗଲାବେଳେ ମଲ୍ଲିପୁର ଛକ ନିକଟରେ ସେମାନେ ପ୍ରଦୀପଙ୍କୁ ଥଣ୍ଡା ପିଇବା ପାଇଁ ଦେଇଥିଲେ। ଏହାପରେ ସେମାନେ ସାଙ୍ଗ ହୋଇ ଗୁଣ୍ଠୁଣିପଡା ପ୍ରାଥମିକ ବିଦ୍ୟାଳୟ ଅଭିମୁଖେ ଯାଇଥିଲେ। ସେଠାରେ ପହଞ୍ଚିବାର କିଛି ସମୟ ପରେ ପ୍ରଦୀପ ବେହୋସ ହୋଇଯାଇଥିଲେ। ସ୍ଥାନୀୟ ଗ୍ରାମବାସୀଙ୍କ ସହାୟତାରେ ଦୀର୍ଘ ସମୟପରେ ପ୍ରଦୀପଙ୍କ ହୋସ ଫେରିଥିଲା। ଏହାପରେ ପ୍ରଦୀପଙ୍କ କ୍ୟାମେରା ଓ ପକେଟରେ ଥିବା ୧୨୫୦ ଟଙ୍କା ଚୋରି ହୋଇଥିବା ସେ ଜାଣିବାକୁ ପାଇଥିଲେ। ଖବରପାଇ ତାଙ୍କ ପରିବାର ଲୋକେ ସେଠାରେ ପହଞ୍ଚି ପ୍ରଦୀପଙ୍କୁ ଉଦ୍ଧାର କରି ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଚୋରି ହୋଇଥିବା କ୍ୟାମେରାର ମୂଲ୍ୟ ୪ ଲକ୍ଷ ଟଙ୍କା ହେବ ବୋଲି ଅଭିଯୋଗରେ ଦର୍ଶାଯାଇଛି।

# ଶାଖାନାଳ ଉନ୍ନତୀକରଣ ପାଇଁ ଶିଳାନ୍ୟାସ



ଶିଳାନ୍ୟାସ କାର୍ଯ୍ୟକ୍ରମରେ ବିଧାୟକ ଓ ଅନ୍ୟମାନେ।

**ଚଣ୍ଡିଖୋଲ,୧୪।୫(ପ୍ରଦୀପ୍ତ କୁମାର ପୃଷ୍ଟି):**

ଜାରକା ଜଳସମ୍ପଦ ଡିଭିଜନର ଚଣ୍ଡିଖୋଲ ଉପଖଣ୍ଡ କାର୍ଯ୍ୟାଳୟ ଅଧୀନ ୧୦ ନମ୍ବର ଶାଖା ନାଳ ଉନ୍ନତୀକରଣ କାର୍ଯ୍ୟ ପାଇଁ ବୁଧବାର ଶିଳାନ୍ୟାସ କରାଯାଇଛି। ବଡ଼ଚଣା ବିଧାୟକ ଅମର କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୩ କୋଟି କୋଡିଏ ଲକ୍ଷ ଟଙ୍କାର ବ୍ୟୟବରାଦରେ ହେବାକୁ ଥିବା ଏହି କାର୍ଯ୍ୟର ଶିଳାନ୍ୟାସ କରିଥିଲେ। ଏହି ଅବସରରେ ସେ କହିଥିଲେ, ନିମ୍ନଭାଗରେ ରହୁଥିବା ଚାଷ ଜମିକୁ ସୂଚାରୁରୂପେ ଜଳ ଯୋଗାଣ ପାଇଁ ସରକାର ପ୍ରୟାସ କରିଛନ୍ତି। ତେଣୁ ଏହି କାର୍ଯ୍ୟକୁ ଠିକ ଭାବେ ସମ୍ପାଦନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ବିଧାୟକ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଜାରକା ଅଧୀକ୍ଷଣ ଯନ୍ତ୍ରୀ ଶିଶିର କୁମାର ଦାଶ, ଚଣ୍ଡିଖୋଲ ସହକାରୀ ଅଧୀକ୍ଷଣ ଯନ୍ତ୍ରୀ ଭାଗବତ ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ତୁଷାରକାନ୍ତ ମହାପାତ୍ର ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ମଣ୍ଡଳ ସଭାପତି ବିମଳ ପ୍ରସନ୍ନ ପ୍ରଧାନ, ଭାଜପା ଜିଲା ସମ୍ପାଦକ ପ୍ରମୋଦ ଜେନା, ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ପ୍ରୀତମ ନାୟକ, ସାମାଜିକ କର୍ମୀ ପ୍ରକାଶ ସାହୁ, ଶରତ ରାଉତ, ମିହିର ଦାଶ, ସମ୍ବିତ ଜେନା, ବିନୟ ମିଶ୍ର, ଦେବ ପ୍ରକାଶ ରାଉତ, ଦୀପକ ଦାଶ, ଚିନ୍ମୟ ରାଉତ, ମହିଳା ମୋର୍ଚ୍ଚାର ବିନୋଦିନ ଦାଶ, ଗାୟତ୍ରୀ ରାଉତ ଓ ଅହଲ୍ୟା ବେହେରାଙ୍କ ସହ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଦଶମରେ ଶ୍ୱେତା ପଣ୍ଡା, ଦ୍ୱାଦଶରେ ଜୟଜିତ ଧଳ ଟପ୍ପର

## ଜେମ୍ସ ହାୟର ସେକେଣ୍ଡାରି ସ୍କୁଲର ଶତପ୍ରତିଶତ ସଫଳତା

**ଯାଜପୁରରୋଡ୍,୧୪।୫ (ପବିତ୍ର ରଞ୍ଜନ ମହାନ୍ତି):**

ଯାଜପୁର ରୋଡ୍ ଗ୍ରେରିୟସ ଇଂଲିଶ ମିଡିୟମ ସ୍କୁଲ(ଜେମ୍ସ):ର ଚଳିତବର୍ଷ ସିବିଏସଇ ଦଶମ ଓ ଦ୍ୱାଦଶ ପରୀକ୍ଷା ଫଳ ଉଲ୍ଲେଖଯୋଗ୍ୟ ହୋଇଛି। ଦଶମରେ ୯୮.୪ ପ୍ରତିଶତ ମାର୍କ ରଖି ଶ୍ୱେତା ପଣ୍ଡା ଟପ୍ପର ହୋଇଥିବାବେଳେ,୯୪.୮% ରଖି ଅନୁପ ସାହୁ ଦ୍ୱିତୀୟ ଏବଂ ୯୪.୨% ରଖି ତ୍ରିପୁରୁପ୍ରୀତା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଦଶମରେ ସମୁଦାୟ ୮୪ ଜଣ ପରୀକ୍ଷା ଦେଇଥିବା ବେଳେ ୧୧ ଜଣ ୯୦ ପ୍ରତିଶତରୁ ଅଧିକ, ୧୬ ଜଣ ୮୦ ପ୍ରତିଶତରୁ ଅଧିକ ଏବଂ ବାକି ସମସ୍ତେ ୭୦ ପ୍ରତିଶତରୁ ଅଧିକ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ଦ୍ୱାଦଶରେ ୯୭.୨% ମାର୍କ ରଖି ଜୟଜିତ ଧଳ ଟପ୍ପର ହୋଇଥିବାବେଳେ ୯୭.୨% ରଖି ଓମକାର ପ୍ରିୟରଞ୍ଜନ ଦ୍ୱିତୀୟ ଏବଂ ୯୪.୮% ରଖି ଉତ୍ସାତରୁ ରାଉତ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଦ୍ୱାଦଶରେ ମୋଟ ୧୦୩ ଜଣ ପରୀକ୍ଷା ଦେଇଥିବାବେଳେ ୧୩ ଜଣ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ, ୪୪ ଜଣ ୮୫ ପ୍ରତିଶତରୁ ଉର୍ଦ୍ଧ୍ୱ ଏବଂ ଅନ୍ୟମାନେ ୭୦ ପ୍ରତିଶତରୁ ଅଧିକ ମାର୍କରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଜେମ୍ସର ଏହି ସଫଳତା ପାଇଁ ଚେୟାରମ୍ୟାନ ଦେବେନ୍ଦ୍ର ନାଥ ପତି, ସଭାପତି ଅସ୍ମିତା ପତି ସମସ୍ତ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ଧନ୍ୟବାଦ ଦେଇଛନ୍ତି। ଜେମ୍ସର ପ୍ରିନ୍ସିପାଲ ନିରଞ୍ଜନ ପାଣିଗ୍ରାହୀ ଏବଂ ସମ୍ପାଦକ ଡ. ଅଭୟ ପତି ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସେମାନଙ୍କ ପ୍ରଚେଷ୍ଟା ପାଇଁ ସାଧୁବାଦ ଜଣାଇଛନ୍ତି।


ଶ୍ୱେତା ପଣ୍ଡା


ଜୟଜିତ ଧଳ

# ଯାଜପୁର ଭାଜପା ନଗର ସଭାପତି ହେଲେ ତପନ ନାୟକ

**ଯାଜପୁର ଟାଉନ,୧୪।୫ (ପ୍ରଜ୍ଞା ପ୍ରିୟଦର୍ଶିନୀ ମହାନ୍ତି):**



ଯାଜପୁର ଭାଜପା ନଗର ସଭାପତି ଭାବେ ଇଂ.ତପନ କୁମାର ନାୟକ ଦ୍ୱିତୀୟଥର ପାଇଁ ମନୋନୀତ ହୋଇଛନ୍ତି। ଗତ ୯ତାରିଖ ଶୁକ୍ରବାର ଯାଜପୁର ସର୍କିଟ ହାଉସଠାରେ ଜିଲା ଭାଜପା ସଭାନେତ୍ରୀ ଦେବକାନୀ ପ୍ରଧାନଙ୍କ ନେତୃତ୍ୱରେ ଏକ ମିଳିତ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସର୍ବସମ୍ମତିକ୍ରମେ ଜିଲା ଭାଜପା ସଭାନେତ୍ରୀ ଦେବକାନୀ ପ୍ରଧାନ ତପନଙ୍କ ନାମ ସୁପାରିସ କରିଥିଲେ। ଏହି ସୁପାରିସ କ୍ରମେ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ତପନଙ୍କୁ ନିଯୁକ୍ତି ଦେଇଛନ୍ତି। ତପନ ଜଣେ ଦୃଢ଼ ସଂଗଠକ ଭାବରେ ସାଧାରଣରେ ପରିଚିତ। ତାଙ୍କୁ ପୁଣି ଥରେ ଯାଜପୁର ନଗର ଭାଜପା ସଭାପତି ଦାୟିତ୍ୱ ମିଳିଥିବାରୁ ସେ ରାଜ୍ୟ ସଭାପତି ସାମଲ, ରାଜ୍ୟ ସଂଗଠନ ମହାମନ୍ତ୍ରୀ ମାନସ ମହାନ୍ତି, ଜିଲା ସଭାନେତ୍ରୀ ପ୍ରଧାନ, ସୁକିନ୍ଦା ବିଧାୟକ ତଥା ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ବଡ଼ଚଣା ବିଧାୟକ ଅମର ନାୟକ, କୋରେଇ ବିଧାୟକ ଆକାଶ ଦାସ ନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ସାହୁ, ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରାଙ୍କ ସମେତ ବରିଷ୍ଠ ନେତୃମଣ୍ଡଳୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# କୋରେଇ ବିଧାୟକଙ୍କୁ ସମ୍ବର୍ଦ୍ଧନା

**ଯାଜପୁରରୋଡ୍,୧୪।୫(ପବିତ୍ର ରଞ୍ଜନ ମହାନ୍ତି):**


ଯାଜପୁର ଜିଲା ଆଥ୍‌ଲେଟିକ ଆସୋସିଏଶନ ତରଫରୁ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

ବ୍ୟାସନଗର ରାଜୀବ ଗାନ୍ଧୀ ଷ୍ଟାଡିୟମର ଉନ୍ନତୀକରଣ ଓ ଆଧୁନିକୀକରଣ ଦାବି ପୂରଣ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ବୁଧବାର ଯାଜପୁର ଜିଲା ଆଥ୍‌ଲେଟିକ ଆସୋସିଏଶନ ତରଫରୁ କାର୍ଯ୍ୟକାରୀ ସଭାପତି ରସାନନ୍ଦ ମହାନ୍ତି, ସମ୍ପାଦକ ମନୀନ୍ଦ୍ର ଧଳ, ଉପସଭାପତି ଅଜୟ ନାୟକ, ସହସମ୍ପାଦକ ନିରଞ୍ଜନ ରାଉତ ପ୍ରମୁଖ କୋରେଇ ବିଧାୟକ ଆକାଶ ଦାସନାୟକଙ୍କୁ ତାଙ୍କ ବ୍ୟାସନଗର ସ୍ଥିତ ବାସଭବନରେ ଭେଟି ସମ୍ବର୍ଦ୍ଧିତ କରିଛନ୍ତି।

ସୂଚନାଯୋଗ୍ୟ, ଜନସାଧାରଣଙ୍କ ଦୀର୍ଘଦିନର ସ୍ୱପ୍ନକୁ ସାକାର କରିବା ପାଇଁ ବିଧାୟକଙ୍କ ଅନୁରୋଧକ୍ରମେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରଠାରେ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବ୍ୟାସନଗର ପୌରପରିଷଦରେ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ ସହ ବ୍ୟାସନଗର ଷ୍ଟାଡିୟମର ଉନ୍ନତୀକରଣ ଓ ଆଧୁନିକୀକରଣ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହାଦ୍ୱାରା କେବଳ ବ୍ୟାସନଗର ନୁହେଁ ବରଂ ସମଗ୍ର ଯାଜପୁର ଜିଲାର କ୍ରୀଡ଼ା ଭିତ୍ତିଭୂମି ଆହୁରି ସୁଦୃଢ଼ ହେବ ବୋଲି ମତ ପ୍ରକାଶ ପାଇଥିଲା। ଏହି ବୈଠକରେ ବିଧାୟକ ଦାସନାୟକ, କ୍ରୀଡ଼ା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ପୂର୍ତ୍ତ ବିଭାଗ ଓ ଜିଲା ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ ବୋଲି ଆସୋସିଏଶନ ପକ୍ଷରୁ କୁହାଯାଇଛି।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ରାଇରଙ୍ଗପୁର,୧୪।୫(ମାନବ ମହାନ୍ତି)**

ମୟୂରଭଞ୍ଜ ଜିଲା ବହଲଦା ଥାନା କୁମାରଡା ଗ୍ରାମରେ ମଙ୍ଗଳବାର ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ ପାରାୟୁ ମାରାଣ୍ଡି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।


**ଦ.ପୂ. ରେଳପଥ – ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ: ଡିଆରଏମ୍(ଇଏନ୍‌ଜି)/ଚକ୍ରଧରପୁର/ଇ-ଟେଣ୍ଡର-୨୦୨୫, ତାରିଖ: ୧୪।୦୫।୨୦୨୫ ... କାର୍ଯ୍ୟର ନାମ: ରାଞ୍ଚି ମଣ୍ଡଳ ... ଟେଣ୍ଡର ମୂଲ୍ୟ: ... ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ ... ୧୫.୦୦ ... www.ireps.gov.in ପରିଦର୍ଶନ କରାଯାଇପାରେ। (PR-159)

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIIBBS 2025018, ତା.06.05.2025ରିଖ

| | |
|---|---|
| କାର୍ଯ୍ୟର ନାମ: | ପୂର୍ବ ତଟ ରେଳପଥ ... |
| କାର୍ଯ୍ୟର ଆନୁମାନିକ ମୂଲ୍ୟ : | ₹ 1007.60 ଲକ୍ଷ |
| EMD : | ₹ 6,53,800.00, କାର୍ଯ୍ୟ ଶେଷ ହେବା ଅବଧି : 05 (ପାଞ୍ଚ) ମାସ |
| ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : | ତା.06.06.2025ରିଖ 1200 ଘଣ୍ଟାରେ |

... www.ireps.gov.in ...
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-22/CI/25-26

**ଦ.ପୂ. ରେଳପଥ – ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ: ... ତାରିଖ: ... ଟେଣ୍ଡର ମୂଲ୍ୟ: ₹ ... ଇଏମ୍‌ଡି: ... ଟେଣ୍ଡର ଖୋଲିବା ତାରିଖ: ... www.ireps.gov.in ... (PR-153)

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER, EASTERN CIRCLE - II, CHANDIKHOLE**
No.A-158
Email ID : seec2chandikhole@gmail.com

**"e" Procurement Notice No. ACE, EC-II 02 of 2025-26 (On-line)**

| | | |
|---|---|---|
| 1 | Name of Work | Work list attached in the Technical Bid Document |
| 2 | Total No. of Package | 32 nos. individual package |
| 3 | Tender Cost of Packages varies from | Rs. 227.73 Lakhs to Rs. 466.49 Lakhs |
| 4 | Cost of Bid Document | Rs. 10,000/- (On-line Payment) |
| 5 | Bid Security varies from | Rs. 2,27,800/- to Rs. 4,66,500/- |
| 6 | Class of Contractor | "A" Class for Sl. No. 1 & "B" & "A" Class for Sl.No.2 to 32 of Work list attached in the Bid Document |
| 7 | Period of completion | 06 (Six) Calendar months for all packages |

8. Other details are as follows

| Procurement Officer | Availability of Tender On-line for bidding From | To | Date of Opening of Technical Bid (Cover-I) |
|---|---|---|---|
| Additional Chief Engineer, Eastern Circle-II, Chandikhole | 16.05.2025 at 10 A.M. | 30.05.2025 up to 5.00 P.M. | 31.05.2025 at 11.30 A.M. |

9. e-mail id : seec2chandikhole@gmail.com
10. Further detailed conditions can be seen from the Govt. website www.tendersorissa.gov.in
11. Any corrigendum/addendum/cancellation of tender to the above notice if any can be seen from the above website.

Sd./- Additional Chief Engineer
Eastern Circle-II, Chandikhole
OIPR-32322/11/0016/2526

**जिला अभियंता का कार्यालय , जिला परिषद, रामगढ़**

**अति अल्पकालीन निविदा आमंत्रण सूचना**

ई–निविदा सं० :– ZP/RAMGARH/01/2025-26
मद :– पर्यटन
कार्य की विस्तृत विवरणी :–

| क्र. | प्रखण्ड | योजना का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य (रु०) | कार्य पूर्ण करने की अवधि |
|---|---|---|---|---|---|---|
| 1 | पतरातु | BEAUTIFICATION OF PATRATU LAKE | 3,91,99,600.00 | 7,84,000.00 | 10000.00 | 09 (नौ) माह |

1. वेबसाईट में निविदा प्रकाशन की तिथि – दिनांक 17.05.2025
2. ई–निविदा डालने / प्राप्ति की तिथि एवं समय – दिनांक 17.05.2025 से दिनांक 23.05.2025 अपराह्न 04:00 बजे तक।
3. निविदा खोलने की तिथि एवं समय – दिनांक 24.05.2025 को अपराह्न 04:00 बजे।
4. निविदा आमंत्रित करने वाले पदाधिकारी का पदनाम एवं पता – जिला अभियंता, जिला परिषद, रामगढ़।
5. ई–निविदा प्रकोष्ट का दुरभाष नं०– 9801557645
6. निविदा शुल्क एवं अग्रधन की राशि केवल Online mode द्वारा स्वीकार्य होगी।
7. निविदा शुल्क एवं अग्रधन की राशि का ई– भुगतान संवेदक द्वारा जिस बैंक खाता से किया जायेगा, उसी खाते में अग्रधन की राशि वापस होगी। अगर बैंक खाता को बंद कर दिया जाता है। तो उसकी सारी जवाबदेही संवेदक की होगी।
8. निविदा Double Bid पद्धति से होगा।
9. इस निविदा में जिला परिषद, रामगढ़ के अंतर्गत पंजीकृत समुचित श्रेणी के संवेदक भाग ले सकेंगे।

विस्तृत जानकारी के लिए वेबसाईट Jharkhandtenders.gov.in एवं कार्यालय के सूचनापट पर देखा जा सकता है।

ह०/–
जिला अभियंता,
जिला परिषद, रामगढ़
PR 352355 District(25-26)#D

**ରାଷ୍ଟ୍ରୀୟ ସହକାରୀ ବିକାଶ ନିଗମ**
**NCDC**
Assisting Cooperatives. Always!
International Year of Cooperatives 2025

ରାଷ୍ଟ୍ରୀୟ ସମବାୟ ବିକାଶ ନିଗମ
**ସହକାର ଟ୍ୟାକ୍ସି ପ୍ରୋଜେକ୍ଟ ପାଇଁ ଏକ ଅନ୍‌ଲାଇନ୍ କ୍ୟାବ୍ ଆଗ୍ରିଗେସନ୍ ସମାଧାନର ଡିଜାଇନ୍, ବିକାଶ, କାର୍ଯ୍ୟାନ୍ୱୟନ ଓ ସଞ୍ଚାଳନ ଲାଗି ଟେକ୍ନୋଲୋଜି ପାର୍ଟନରଙ୍କ ଅନ୍‌ବୋର୍ଡିଂ**
ନିମନ୍ତେ ଟେଣ୍ଡର ଆହ୍ୱାନ କରୁଛନ୍ତି
ପ୍ରାକ୍ ବିଡ୍ ବୈଠକ: ୨୩ ମେ, ୨୦୨୫ ଦାଖଲର ଶେଷ ତାରିଖ: ୨୫ ଜୁନ୍, ୨୦୨୫
ଅଧିକ ବିବରଣୀ ପାଇଁ ପରିଦର୍ଶନ କରନ୍ତୁ: https://ncdc.in

**OFFICE OF THE KARABAR PACS LTD., KARABAR**
At/Po. - Karabar, Ps - Fategarh, Dist- Nayagarh, Odisha, 752063
Regd. No 107PU, Dt.25.06.1952

**ADVERTISEMENT**

Advertisement No.: 01 Date. 15/05/2025

One post of Secretary of Karabar PACS Ltd. is to be filled up by way of direct recruitment purely on mark basis. Application forms can be obtained in person from the office of the Karabar PACS Ltd., At- Karabar on payment of Rs. 100.00 from Dt. 16/05/2025 to Dt. 30/05/2025 during 10.00 A.M. TO 1.30 P.M. (except holidays). The duly filled in application form along with required documents (self- attested) as per application form and money receipt should be submitted in the Office of Karabar PACS Ltd., At/Po- Karabar, in person and obtain the acknowledgement receipt Dt.16/05/2025 to Dt. 30/05/2025 (except holidays) during 10.00 A.M. to 1.30 P.M. In no case, application will be received after 1.30 P.M. of Dt.30/05/2025.

**ELIGIBILITY AND EDUCATIONAL QUALIFICATION :**
1. The candidate must be a permanent resident of the area of operation of Karabar PACS Ltd.
2. The candidate outside the area of operation of the Society but within the area of the Block/ District concerned may apply for the post, but their candidature can only be considered if no eligible candidate is found from the area of operation of the society.
3. The Candidate must be a graduate in any discipline from any recognized university with computer proficiency.
4. Preference / additional points shall be given to the candidate having HDCM,/M.A./M.Sc./M.Com./M.C.A./ M.B.A./L.L.M./B.B.A./B.C.A./L.L.B./Diploma in Cooperative Management and knowledge in Computer Application from a recognized university/ Institution.
N.B: No written test or viva voce will be conducted. Selection will be made purely on career mark basis starting from HSC onwards.
**AGE** : A candidate must not be less than 21 years or more than 32 years of age as 01.04.2025. The upper age limit shall be 37 years in respect of person belonging S.C/S.T/O.B.C including S.E.B.C/Physically Handicapped person/Ex- Serviceman. The upper age limit shall be 45 years in respect of the person employed in any cooperative society (PACS) in an approved post.
**SCALE OF PAY** : Rs.5200.00 - Rs.20200.00 with Grade pay 1900.00 as well as D.A and other allowances as admissible subject to capacity to pay of the society as laid down in the order No. 18672 dt.31.07.2010 of R.C.S(O), Bhubaneswar.
**N.B: - (i) An affidavit regarding genuineness of all testimonials / certificates submitted by the candidate must be attached with the application.**
**(ii) All other service conditions for the post of Secretary are available in the society office.**
**(iii) The Management reserves all rights to cancel/alter/modify the Advt. at any time without assigning any reason thereof.**

By order of the Management in Charge
Sd./- Secretary
Karabar PACS Ltd, Karabar

**कार्यालय कार्यपालन अभियंता, ग्रामीण यांत्रिकी सेवा संभाग जशपुर, जिला-जशपुर, (छत्तीसगढ़)**
Phone: 9424242409, e-mail ID: ee-res.jashpur@nic.in

**''निविदा आमंत्रण सूचना''**

क्रमांक/195/वलेलि/ग्रा.यां.से/2025-26 जशपुर, दिनांक: 09.05.2025

छत्तीसगढ़ के राज्यपाल की ओर से लोक निर्माण विभाग छत्तीसगढ़ में एकीकृत पंजीयन प्रणाली के अंतर्गत ''बी'' एवं उच्च श्रेणी में पंजीकृत सिविल ठेकेदारों से ग्रामीण यांत्रिकी सेवा के निम्नलिखित निर्माण कार्य हेतु प्रतिशत दर पर ऑनलाइन निविदा आमंत्रित की जाती है:-

| क्र. | कार्य का विवरण | अनुमानित लागत (रुपए लाख में) | निविदा डाउनलोड करने की अंतिम तिथि | अमानत राशि सत्यनिष्ठा संधि एवं तकनीकी दस्तावेज स्पीड पोस्ट से जमा करने की तिथि |
|---|---|---|---|---|
| 1 | 2 | 3 | 4 | 5 |
| 1 | Construction of 200 MT Godown, Covered shed with Platform, Boundary Wall, Common Toilet, approach concrete road and Kisan Bhavan at New Paddy purchasing centre Gala/Pathalgaon/Kilkila, Dist.: Jashpur (2nd Call) | 243.366 | 19.05.2025 | 20.05.2025 17.30 P.M. |
| 2 | ------------------ do ------------------ Kerakachhar / Tamta / Gharjiyabathan, Dist.: Jashpur (2nd Call) | 227.723 | 19.05.2025 | 20.05.2025 17.30 P.M. |
| 3 | ------------------ do ------------------ Kotba / Bagbahar / Jamjhor / Surangpani, Dist.: Jashpur (2nd Call) | 314.405 | 19.05.2025 | 20.05.2025 17.30 P.M. |
| 4 | ------------------ do ------------------ Dumarbahar / Ludeg / Kodri / Pangsua, Dist.: Jashpur (2nd Call) | 261.599 | 19.05.2025 | 20.05.2025 17.30 P.M. |
| | TOTAL | 1047.093 | | |

उपरोक्त निर्माण कार्य की निविदा की सामान्य शर्तें, धरोहर राशि, विस्तृत निविदा विज्ञप्ति, निविदा दस्तावेज व अन्य जानकारी दिनांक 09.05.2025 से कार्यालयीन समय में उपस्थित होकर एवं विभागीय वेबसाईट https://eproc.cgstate.gov.in/ से प्राप्त की जा सकती है।

स्वा. /- कार्यपालन अभियंता, ग्रामीण यांत्रिकी सेवा संभाग, जिला: जशपुर
G-252600814/1

**ଟେଣ୍ଡର ନୋଟିସ**
**ଶ୍ରୀ ମା' ମଙ୍ଗଳା ଠାକୁରାଣୀ ମନ୍ଦିର, କାକଟପୁର, ଜିଲ୍ଲା-ପୁରୀ, ୧୦୬୩ ପି.**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ସନ ୨୦୨୫-୨୬ ମସିହା ... ଶ୍ରୀ ମା' ମଙ୍ଗଳା ଠାକୁରାଣୀଙ୍କ ... ଦୀପ ଦୋକାନ ପାଇଁ ଟେଣ୍ଡର ... ଟେଣ୍ଡର ଫର୍ମ ଓ ଟେଣ୍ଡର ସର୍ତ୍ତାବଳୀ ... ଅଧିକ ବିବରଣୀ ମନ୍ଦିର କାର୍ଯ୍ୟାଳୟରେ ଯୋଗାଯୋଗ କରିବା ଲାଗି ଅନୁରୋଧ।

ଉପଜିଲ ନଂ-୧
ନିଲାମ ପାଇଁ ଥିବା ଦୋକାନର ବିବରଣୀ

| କ୍ର.ସଂ. | ଦୋକାନର ନାମ | ୨୦୨୫-୨୬ ପାଇଁ ସର୍ବନିମ୍ନ ଆଧାର ମୂଲ୍ୟ | ନିଲାମରେ ଭାଗ ନେବା ପାଇଁ ଅମାନତ ରାଶି |
|---|---|---|---|
| ୧. | ଘିଅ ଦୀପ ଦୋକାନ | ଟ.୮,୭୧,୩୪୩/- | ଟ.୮,୭୧,୩୪୩/- |

କାର୍ଯ୍ୟାଳୟ ତରଫରୁ ସ୍ଥିରୀକୃତ ଦର/ମୂଲ୍ୟ
୧. ଘିଅ ଦୀପ ଦୋକାନ ... ନିର୍ଦ୍ଧାରିତ ମୂଲ୍ୟ ଟ.୧୦/- ...
ବି.ଦ୍ର.: ...
ସ୍ୱାକ୍ଷର – ...
କାର୍ଯ୍ୟନିର୍ବାହୀ ଅଧିକାରୀ
ମା' ମଙ୍ଗଳା ଠାକୁରାଣୀ ମନ୍ଦିର, କାକଟପୁର, ପୁରୀ

# ଫେଷ୍ଟିଭାଲ କେବଳ ମନୋରଞ୍ଜନ ନୁହେଁ, ଭାଇଚାରାର ମାଧ୍ୟମ

## ତୃତୀୟ ନାଉଗାଁ ଫେଷ୍ଟିଭାଲ ଉଦ୍‌ଘାଟିତ

ନାଉଗାଁ,୧୪।୫(ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ ଗୋବରୀ ନଦୀ ପଠାର ମଣିକର୍ଣ୍ଣିକା ଘାଟ ନିକଟରେ ତୃତୀୟ ନାଉଗାଁ ଫେଷ୍ଟିଭାଲ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ସନ୍ଧ୍ୟାରେ ଉକ୍ତ କାର୍ଯ୍ୟକ୍ରମକୁ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ନାଉଗାଁ ଫେଷ୍ଟିଭାଲର ସଭାପତି ଡ. ଚୌଧୁରୀ ସତ୍ୟ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟକ ଦାସ, ମୁଖ୍ୟବକ୍ତା ଶାରଳା ସାହିତ୍ୟ ସଂସଦର ସଭାପତି ତଥା ପ୍ରତିଷ୍ଠାତା ଇଂ. ପ୍ରଭାକର ସ୍ୱାଇଁ, ଗ୍ଲୋବାଲ ଇଣ୍ଡିଆନ ମଡେଲ ସ୍କୁଲର ଅଧ୍ୟକ୍ଷା ଡ. ମଞ୍ଜୁଶ୍ରୀ ଶାସ୍ତ୍ରୀ, ଲଳିତ ସାହାଣି, ଶଶାଙ୍କ ଶେଖର ସ୍ୱାଇଁ, ସୁକାନ୍ତ କୁମାର ଲେଙ୍କା, ସରୋଜ ଲେଙ୍କା ଯୋଗଦେଇଥିଲେ। ଏହି ଫେଷ୍ଟିଭାଲ ଦ୍ୱାରା କେବଳ ମନୋରଞ୍ଜନ ନୁହେଁ ନିଜ ଅଞ୍ଚଳ ମଧ୍ୟରେ ଭାଇଚାରା ସୁଦୃଢ଼ ହୋଇପାରେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଯେଉଁମାନେ ଏପରି ମହତ ଚିନ୍ତାଧାରା ନେଇ ଏହି ଫେଷ୍ଟିଭାଲକୁ ଆୟୋଜନ କରିଛନ୍ତି ସେମାନଙ୍କ ଉଦ୍ୟମ ଓ ଚେଷ୍ଟାକୁ ଅତିଥିମାନେ ଭୂୟସୀ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଫେଷ୍ଟିଭାଲର ସମ୍ପାଦକ ଧନଞ୍ଜୟ ପରିଡା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶେଷରେ ଶୈଳବାଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଡ. ଗାୟତ୍ରୀ ବିଶ୍ୱାଳଙ୍କୁ ନାଉଗାଁ ଫେଷ୍ଟିଭାଲ ସମ୍ମାନ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ବୁଧବାରଠାରୁ ମେ ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତ୍ୟେକ ସନ୍ଧ୍ୟାରେ ସଭା କାର୍ଯ୍ୟ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜିତ ହେବ ବୋଲି ସଭାପତି ଦାସ ସୂଚନା ଦେଇଛନ୍ତି।



ଫେଷ୍ଟିଭାଲର ଉଦ୍‌ଘାଟନୀ ଉତ୍ସବରେ ବିଧାୟକ ଅମରେନ୍ଦ୍ର ଦାସ ଓ ଅନ୍ୟମାନେ।

# ସ୍କୁଟି ଦେବୁ କହି ୨ ମହିଳାଙ୍କଠାରୁ ଟଙ୍କା ଠକେଇ, ୩ ଗିରଫ



ଗିରଫ ୩ ଅଭିଯୁକ୍ତ।

କୋରୁକୋଣ୍ଡା, ୧୪।୫(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ଓର୍କେଲ ଥାନା ଅଞ୍ଚଳର ୨ ମହିଳାଙ୍କଠାରୁ ସ୍କୁଟି ଦେବେ କହି ଟଙ୍କା ଠକେଇ ଅଭିଯୋଗରେ ୩ ସାଇବର ଲୁଟେରାଙ୍କୁ ପୋଲିସ ବୁଧବାର ଗିରଫ କରିଛି। ସେମାନେ ହେଲେ ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ବୋରିକିନା ଅଞ୍ଚଳର ନୀହାର ରଞ୍ଜନ ସାହୁ, ସୁଶୀଲ ମହାନ୍ତି ଏବଂ ନାରାୟଣ ସେନାପତି । ଏମାନେ ବାଲିମେଳା ସହରର ଡ୍ରଗ୍ ଲାଇନ୍‌ରେ ରହୁଥିବା ସତ୍ୟବାଦୀ ଦଣ୍ଡପାଟ(୬୦)ଙ୍କ ମୋବାଇଲକୁ ଏକ ଅଜଣା ନମ୍ବରରୁ ବିଏସ୍‌ଏନ୍‌ଏଲ୍ ବିଭାଗ କର୍ତ୍ତୃପକ୍ଷ ବୋଲି ପରିଚୟ ଦେଇ ଲଟେରିରେ ତୁମର ଏକ ସ୍କୁଟି ଉଠିଥିବା ଫୋନ ଆସିଥିଲା। ଡେଲିଭରି ଚାର୍ଜ ବାବଦକୁ ଆମକୁ ୧୦,୫୦୦ ଟଙ୍କା ଦେଲେ ଜଣେ ଚାଳକ ସ୍କୁଟି ନେଇ ଘରେ ପହଞ୍ଚାଇ ଦେବେ ବୋଲି କହିବା ସହ ଫୋନ୍ ପେ ନମ୍ବର ଦେଇଥିଲେ। ତାଙ୍କ କଥାକୁ ସତ୍ୟବାଦୀ ବିଶ୍ୱାସକରି ଉକ୍ତ ଫୋନ ପେ ନମ୍ବରରେ ଟଙ୍କା ପଠାଇଥିଲେ। ପରେ ଉକ୍ତ ବ୍ୟକ୍ତିଙ୍କ ଫୋନ ଦୀର୍ଘ ଦିନଧରି ବନ୍ଦ ରହିଥିଲା। ସନ୍ଦେହ ହେବାରୁ ସତ୍ୟବାଦୀ ୨୪।୪।୨୫ରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୧୨୭/୨୫ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରିଥିଲା। ସେହିପରି ପୁନର୍ବାର ଉକ୍ତ ବ୍ୟକ୍ତିମାନେ ସମାନ କଥାକହି ଆଉ ଜଣେ ମହିଳା ସୌଦାମିନୀ ଭୂୟାଁଙ୍କୁ ସ୍କୁଟି ଦେବେ କହି ତାଙ୍କଠାରୁ ମଧ୍ୟ ଟଙ୍କା ଲୁଟି ନେଇଥିଲେ। ଏହି ଅଭିଯୋଗକୁ ନେଇ ଥାନାରେ ୯।୫।୨୫ ରେ ନଂ.୧୪୦/୨୫ରେ ପୋଲିସ ଆଉ ଏକ ମାମଲା ରୁଜୁ କରିଥିଲା। ଏହି ସାଇବର ଠକେଇ ଘଟଣାରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କୁ ଧରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଜଗତ୍‌ସିଂହପୁର ଜିଲାରେ ପହଞ୍ଚି ୩ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନଙ୍କ ନିକଟରୁ ଦୁଇଟି ମୋବାଇଲ ସହ ନଗଦ ୧୫ ହଜାର ଟଙ୍କା ଜବତ କରାଯାଇଥିବା ଥାନା ଅଧିକାରୀ ପଟ୍ଟନାୟକ କହିଛନ୍ତି।

# ଦୋକାନ ପୋଡ଼ିଦେଲେ ଦୁର୍ବୃତ୍ତ



ରଘୁନାଥପୁର,୧୪।୫(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ତଥା ତିର୍ତ୍ତୋଲ ଥାନା ଅନ୍ତର୍ଗତ କଟକ-ପାରାଦୀପ ରାସ୍ତାର ଜଇପୁର ପେଟ୍ରୋଲ ପମ୍ପ ନିକଟରେ ଥିବା ଏକ ଫଳ ଓ ବିସ୍କୁଟ ଦୋକାନରେ ମଙ୍ଗଳାବର ମଧ୍ୟରାତ୍ରରେ ନିଆଁ ଲାଗି ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଛି। ଏଥିରେ ଥିବା ଲକ୍ଷାଧିକ ଟଙ୍କାର ଫଳ ଓ ବିସ୍କୁଟ, ମିକ୍ସଚର ସହ ଅନ୍ୟ ସାମଗ୍ରୀ ପୋଡି ଯାଇଛି। ୨ଜଣ ବ୍ୟକ୍ତି ନିଆଁ ଲଗାଇ ପୋଡ଼ି ଦେଇଥିବା ଦୋକାନ ମାଲିକ ତପନ ଓଝା ତିର୍ତ୍ତୋଲ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ସୂଚନାଯୋଗ୍ୟ, ତପନଙ୍କ ଜଣେ ସମ୍ପର୍କୀୟ କୁଆଡ଼େ ତାଙ୍କ ପରିବାରକୁ ବରବାଦ କରି ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏଣୁ ସେ ଏକୁଟିଆ ଦୋକାନରେ ଶୋଉ ନ ଥିଲେ ବୋଲି ଅଭିଯୋଗରେ ଉଲ୍ଲେଖ କରିଛନ୍ତି।

# ସିଦ୍ଧଳ ରଥଯାତ୍ରା ନିମନ୍ତେ କାର୍ଯ୍ୟ ସମୀକ୍ଷା ବୈଠକ

ଜଗତ୍‌ସିଂହପୁର, ୧୪।୫ (ପ୍ରମୋଦ କୁମାର ନାୟକ)

ସିଦ୍ଧଳଠାରେ ଚଳିତବର୍ଷ ରଥଯାତ୍ରା ନିମନ୍ତେ ବିଭିନ୍ନ କାର୍ଯ୍ୟର ସମୀକ୍ଷା ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଧ୍ୟକ୍ଷତା କରି ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ କହିଥିଲେ, ଚଳିତ ବର୍ଷ ରଥଯାତ୍ରା ଶାନ୍ତି ଶୃଙ୍ଖଳା ଓ ଆଡ଼ମ୍ବରର ସହ ପାଳନ କରାଯିବ। ରଥ ନିର୍ମାଣ ପାଇଁ ଆବଶ୍ୟକ କାଠର ଆକଳନ କରି ତୁରନ୍ତ ବନ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ କାର୍ଯ୍ୟ ଆରମ୍ଭ କରିବାକୁ ସେ ଉପଦେଶ ଦେଇଥିଲେ। ନାଟ ମଣ୍ଡପ ଉପରେ ଛାତ ନିର୍ମାଣ ଏବଂ ବାଲି ପୋଖରୀର ଉନ୍ନତିକରଣର ଦାୟିତ୍ୱ ବ୍ଲକ୍ ଉନ୍ନୟନ ଅଧିକାରୀଙ୍କୁ ଦିଆଯାଇଥିଲା। ରାସ୍ତା ମରାମତି କାର୍ଯ୍ୟ ଯଥା ଶୀଘ୍ର ଆରମ୍ଭ କରିବାକୁ ସେ ଗ୍ରାମ୍ୟ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୁନଶ୍ଚ ୧୫ ଦିନ ପରେ କାର୍ଯ୍ୟ ଅଗ୍ରଗତିର ସମୀକ୍ଷା କରାଯିବ ବୋଲି ସେ କହିଥିଲେ। ରଥଯାତ୍ରାକୁ ସଫଳ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ନିଜ ନିଜ ଦାୟିତ୍ୱ ସୂଚାରୁ ରୂପେ ତୁଲାଇବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଏଥିରେ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଟୀ ତନୟା ମହାନ୍ତି, ଜିଲା ସଂସ୍କୃତି ଅଧିକାରୀ ଦିଲୀପ କୁମାର ଜେନା, ବିଭିନ୍ନ ବିଭାଗୀୟ ଅଧିକାରୀ, ବଳଦେବଜୀଉ ମନ୍ଦିର ପରିଚାଳନା କମିଟିର ସଦସ୍ୟ, କର୍ମକର୍ତ୍ତା ଓ ଗ୍ରାମବାସୀ ପ୍ରମୁଖ ଉପସ୍ଥିତ ଥିଲେ।



ଇଫ୍‌କୋ ଡିଏଭି ସ୍କୁଲର ସିବିଏସ୍‌ଇ ପରୀକ୍ଷାରେ ପିଲାଙ୍କ ଶତପ୍ରତିଶତ ସଫଳତା ପରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଏକାଠି ହୋଇଛନ୍ତି।

# ପଡ଼ୋଶୀଙ୍କ ସହ ସୁସମ୍ପର୍କ, ମାନବିକ ମୂଲ୍ୟବୋଧ ଅକ୍ଷୁଣ୍ଣ ପାଇଁ ଆହ୍ୱାନ

## ଆର୍ଟ ଅଫ୍ ଗିଭିଂ ଦ୍ୱାଦଶ ବାର୍ଷିକ ଉତ୍ସବ ପାଳିତ

ରଘୁନାଥପୁର, ୧୪।୫(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ପୂରଣଓଡ଼ପଡ଼ା ଆଦିବାସୀସାହିରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ପ୍ରତିଷ୍ଠିତ ଆର୍ଟ ଅଫ ଗିଭିଂର ଦ୍ୱାଦଶ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହାର ଜିଲା ସଂଯୋଜକ ତଥା ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ଭିତ୍ତିକ ଅନୁଷ୍ଠାନ ଆଗାମୀ ଓଡ଼ିଶାର ପ୍ରତିଷ୍ଠାତା ବିଜୟ କୁମାର ସ୍ୱାଇଁ ଆୟୋଜିତ ସଭାରେ ପୌରୋହିତ୍ୟ କରିଥିଲେ। ଏଥିରେ ପୂର୍ବତନ ମଣ୍ଡଳ ଶିକ୍ଷାଧିକାରୀ ବିଜୟ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ପଡୋଶୀଙ୍କ ସହିତ ସୁସମ୍ପର୍କ ସ୍ଥାପନ ଓ ମାନବିକ ମୂଲ୍ୟବୋଧକୁ ଅକ୍ଷୁର୍ଣ୍ଣ ରଖିବାକୁ ଆହ୍ୱାନ ଦେଇଥିଲେ। ପ୍ରଫେସର ଶରତ କୁମାର ରାଉତରାୟ ମୁଖ୍ୟବକ୍ତା ଭାବେ ଯୋଗଦେଇ ପରସ୍ପର ମଧ୍ୟରେ ବିଶ୍ୱଭାତୃତ୍ୱ ବଜାଇ ରଖିବାକୁ ପରାମର୍ଶ ଦେଇଥିଲେ। ସେହିପରି ଶିକ୍ଷାବିତ୍ ଜ୍ୟୋତ୍ସ୍ନାରାଣୀ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ତାଙ୍କ ବକ୍ତବ୍ୟରେ ପ୍ରଫେସର ସାମନ୍ତଙ୍କ ଦ୍ୱାରା ପ୍ରତିଷ୍ଠିତ ଆର୍ଟ ଅଫ ଗିଭିଂ ସାରା ବିଶ୍ୱରେ ଏକ ଆନ୍ଦୋଳନରେ ପରିଣତ ହୋଇଛି ବୋଲି ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ୍ ପ୍ରଦୀପ୍ତ କୁମାର ଆଚାର୍ଯ୍ୟ, ପ୍ରଧାନ ଶିକ୍ଷକ ନିକୁଞ୍ଜ କିଶୋର ଦାଶ, ସଦାଶିବ ବିଶ୍ୱାଳ, ସରପଞ୍ଚ ଶିବରାମ ସାହୁ, ମାଧ୍ୟମିକ ଶିକ୍ଷା ପରିଷଦର ପୂର୍ବତନ ଡେପୁଟି ସେକ୍ରେଟାରୀ ରବୀନ୍ଦ୍ର କୁମାର ମହାପାତ୍ର, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକ ବାବାଜୀ ଚରଣ ସାହୁ, ଶୁଭଙ୍କର ଜେନା, ସାମାଜିକ କର୍ମୀ ବିଜନ ମହାପାତ୍ର ପ୍ରମୁଖ ଯୋଗଦେଇ ପରସ୍ପର ସୁଖଦୁଃଖର ସାଥୀ ସହ ବିପଦ ଆପଦ ସମୟରେ ହାତ ବଢ଼ାଇ ନୈତିକ ମୂଲ୍ୟବୋଧ ବଜାଇ ରଖିବାକୁ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଆଦିବାସୀ ଜନଜାତିର ମହିଳାମାନଙ୍କୁ ଶାଢ଼ି ଓ ପିଲାମାନଙ୍କୁ ଶୁଖିଲା ଖାଦ୍ୟ, ପାଠ୍ୟ ପୁସ୍ତକ, କଲମ, ପେନସିଲ ଓ ଚକଲେଟ ଆଦି ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ଆଦିବାସୀ ମହିଳାମାନେ ପାରମ୍ପରିକ ନୃତ୍ୟଗୀତରେ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ। ଶିକ୍ଷକ ଉମାକାନ୍ତ ସିଂ, ନନ୍ଦୁ ସିଂ, ୱାର୍ଡ ସଭ୍ୟା ଶିବାନୀ ସିଂ ଓ ଅଶୋକ କୁମାର ଦାସ ଏଥିରେ ସହଯୋଗ କରିଥିଲେ। ସଭାପତି ସ୍ୱାଇଁ ସୁସ୍ଥ ସମାଜ ଗଠନ ସହ ବିଶ୍ୱରେ ଶାନ୍ତି ପ୍ରତିଷ୍ଠାର ବାର୍ତ୍ତା ଦେଇଥିଲେ। ଶେଷରେ କିଟ୍ ଶିକ୍ଷା କର୍ମଚାରୀ ଗଣେଶ୍ୱର ଓଝା ଧନ୍ୟବାଦ ଦେଇଥିଲେ।




ଆର୍ଟ ଅଫ ଗିଭିଂ ଦ୍ୱାଦଶ ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି।


## ଦ.ପୂ. ରେଳପଥ – ଟେଣ୍ଡର

ଟେଣ୍ଡର ବିଜ୍ଞପ୍ତି ନଂ.: ଡିଆର୍‌ଏମ୍‌ଇଏନ୍‌ଜିଆର୍‌ଏନ୍‌ସି-୨୮-୨୦୨୫, ତାରିଖ: ୧୪।୦୫।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଇଏନ୍‌ଜିଜି), ଦକ୍ଷିଣ ପୂର୍ବ ରେଳପଥ, ରାଞ୍ଚି–୮୩୪୦୦୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ଟେଣ୍ଡର ଆହ୍ୱାନ କରୁଛନ୍ତି: **କାର୍ଯ୍ୟର ନାମ:** ରାଞ୍ଚି ମଣ୍ଡଳର ବିଭିନ୍ନ ସେତୁର ଫିଟିଙ୍ଗସ୍ ସମେତ ଏଚ୍–ବିମ୍ ସ୍ଲିପର ସହ ବିଦ୍ୟମାନ ଷ୍ଟିଲ୍ ଚ୍ୟାନେଲ ସ୍ଲିପରର ନବୀକରଣ। **ଟେଣ୍ଡର ମୂଲ୍ୟ:** ₹୫,୨୩,୪୧,୨୨୯.୫୨ । **ଇଏମ୍‌ଡି ମୂଲ୍ୟ:** ₹୪,୧୧,୭୦୦/–। **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୦୯।୦୬।୨୦୨୫ରିଖ ୧୫.୦୦ ଘଟିକା । ଟେଣ୍ଡରଦାତାମାନେ ଅନ୍‌ଲାଇନ୍ ଟେଣ୍ଡରିଂ ପାଇଁ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରିବେ।

(PR-159)

## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIIBBS 2025018, ତା.06.05.2025ରିଖ

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳ ଅଧୀନରେ ପୁରୀ ଷ୍ଟେସନ ୟାର୍ଡରେ ପ୍ଲାଟଫର୍ମ ସଂଖ୍ୟା 7 ଏବଂ 8 ପାଇଁ ବାଲାଷ୍ଟ ରହିତ ଟ୍ରାକ କାର୍ଯ୍ୟ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 1007.60 ଲକ୍ଷ, EMD : ₹ 6,53,800.00, କାର୍ଯ୍ୟ ଶେଷ ହେବା ଅବଧି : 05 (ପାଞ୍ଚ) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.06.06.2025ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/ କୋରିୟର/ ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଋଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-Bର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଋପ୍ଟର 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-22/CI/25-26

## ଦ.ପୂ. ରେଳପଥ – ଟେଣ୍ଡର

ଏକକ ଟେଣ୍ଡର ବିଜ୍ଞପ୍ତି ନଂ.: ଆର୍‌ଏସ୍-ଟିପିକେଆର୍-ସିଏମ୍‌ସି-ଏମ୍‌ଇଏମ୍‌ୟୁ-୨୬୧୮୧୧, ତାରିଖ: ୧୩।୦୫।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (ଟିଆର୍‌ଏସ୍)/ଇଏମ୍‌ୟୁ କାର୍‌ଶେଡ୍, ଟିକିଆପଡ଼ା, ଦକ୍ଷିଣପୂର୍ବ ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶିତ ତାରିଖର **୧୫.୦୦ ଘଟିକା ସୁଦ୍ଧା** ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହାକୁ **୧୫.୩୦** ଘଟିକାରେ ଖୋଲାଯିବ । **କାର୍ଯ୍ୟର ବର୍ଣ୍ଣନା:** ୦୫ ବର୍ଷ ଅବଧି ପାଇଁ ଅଲ୍‌ଷ୍ଟୋମ୍ ଟ୍ରାନ୍ସପୋର୍ଟେଶନ୍ ଲିମିଟେଡ୍, ବେଙ୍ଗାଲୁରୁ ସହିତ ଏମ୍‌ଇଏମ୍‌ୟୁର ୩ ଫେଜ୍ ପ୍ରପଲ୍‌ସନ୍ ସିଷ୍ଟମ୍‌ର ବ୍ୟାପକ ବାର୍ଷିକ ରକ୍ଷାବେକ୍ଷଣ ଠିକା (ସିଏଏମ୍‌ସି) । **ଟେଣ୍ଡର ମୂଲ୍ୟ:** ₹୧୪,୬୬,୨୭,୯୨୩ । **ଇଏମ୍‌ଡି:** ₹୮,୮୩,୧୦୦ । **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ₹୧୦,୦୦୦/– । **ଖୋଲାଯିବା ତାରିଖ:** ତା୦୭।୦୬।୨୦୨୫ରିଖ । **ସମାପ୍ତି ଅବଧି:** ୬୦ ମାସ । **ଦାଖଲର ତାରିଖ:** ତା୦୭।୦୬।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ ।

(PR-153)

## GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE ADDITIONAL CHIEF ENGINEER, EASTERN CIRCLE - II, CHANDIKHOLE

No.A-158

Email ID : seec2chandikhole@gmail.com

**"e" Procurement Notice No. ACE, EC-II 02 of 2025-26 (On-line)**

| | | | |
|---|---|---|---|
| 1 | Name of Work | : | Work list attached in the Technical Bid Document |
| 2 | Total No. of Package | : | 32 nos. individual package |
| 3 | Tender Cost of Packages varies from | : | Rs. 227.73 Lakhs to Rs. 466.49 Lakhs |
| 4 | Cost of Bid Document | : | Rs. 10,000/- (On-line Payment) |
| 5 | Bid Security varies from | : | Rs. 2,27,800/- to Rs. 4,66,500/- |
| 6 | Class of Contractor | : | "A" Class for Sl. No. 1 & "B" & "A" Class for Sl.No.2 to 32 of Work list attached in the Bid Document |
| 7 | Period of completion | : | 06 (Six) Calendar months for all packages |

8. Other details are as follows

| Procurement Officer | Availability of Tender On-line for bidding | | Date of Opening of Technical Bid (Cover-I) |
|---|---|---|---|
| | From | To | |
| Additional Chief Engineer, Eastern Circle-II. Chandikhole | 16.05.2025 at 10 A.M. | 30.05.2025 up to 5.00 P.M. | 31.05.2025 at 11.30 A.M. |

9. e-mail id : seec2chandikhole@gmail.com
10. Further detailed conditions can be seen from the Govt. website www.tendersorissa.gov.in
11. Any corrigendum/addendum/cancellation of tender to the above notice if any can be seen from the above website.

Sd./- Additional Chief Engineer
Eastern Circle-II, Chandikhole

OIPR-32322/11/0016/2526

## जिला अभियंता का कार्यालय , जिला परिषद, रामगढ़

**अति अल्पकालीन निविदा आमंत्रण सूचना**

ई–निविदा सं० :– ZP/RAMGARH/01/2025-26
मद :– पर्यटन
कार्य की विस्तृत विवरणी :–

| क्र. | प्रखण्ड | योजना का नाम | प्राक्कलित राशि | अग्रधन की राशि | परिमाण विपत्र का मुल्य (रु०) | कार्य पुर्ण करने की अवधि |
|---|---|---|---|---|---|---|
| 1 | पतरातु | BEAUTIFICATION OF PATRATU LAKE | 3,91,99,600.00 | 7,84,000.00 | 10000.00 | 09 (नौ) माह |

1. वेबसाईट में निविदा प्रकाशन की तिथि – दिनांक 17.05.2025
2. ई–निविदा डालने / प्राप्ति की तिथि एवं समय – दिनांक 17.05.2025 से दिनांक 23.05.2025 अपराह्न 04:00 बजे तक।
3. निविदा खोलने की तिथि एवं समय – दिनांक 24.05.2025 को अपराह्न 04:00 बजे।
4. निविदा आमंत्रित करने वाले पदाधिकारी का पदनाम एवं पता– जिला अभियंता, जिला परिशद, रामगढ़।
5. ई–निविदा प्रकोष्ट का दुरभाष नं०– 9801557645
6. निविदा शुल्क एवं अग्रधन की राशि केवल Online mode द्वारा स्वीकार्य होगी।
7. निविदा शुल्क एवं अग्रधन की राशि का ई– भुगतान संवेदक द्वारा जिस बैंक खाता से किया जायेगा, उसी खाते मे अग्रधन की राशि वापस होगी। अगर बैंक खाता को बंद कर दिया जाता है। तो उसकी सारी जवाबदेही संवेदक की होगी।
8. निविदा Double Bid पद्धति से होगा।
9. इस निविदा में जिला परिशद, रामगढ़ के अंतर्गत पंजीकृत समुचित श्रेणी के संवेदक भाग ले सकेंगे।

विस्तृत जानकारी के लिए वेबसाईट Jharkhandtenders.gov.in एवं कार्यालय के सूचनापट्ट पर देखा जा सकता है।

ह०/–
जिला अभियंता,
जिला परिषद, रामगढ़

PR 352355 District(25-26)#D

## राष्ट्रीय सहकारी विकास निगम
NCDC
Assisting Cooperatives. Always!
सहकारिताओं की सहायता में सदैव तत्पर!

International Year of Cooperatives 2025 — Cooperatives Build a Better World

ରାଷ୍ଟ୍ରୀୟ ସମବାୟ ବିକାଶ ନିଗମ

**ସହକାର ଟ୍ୟାକ୍ସି ପ୍ରୋଜେକ୍ଟ ପାଇଁ ଏକ ଅନ୍‌ଲାଇନ୍ କ୍ୟାବ୍ ଆଗ୍ରିଗେସନ୍ ସମାଧାନର ଡିଜାଇନ୍, ବିକାଶ, କାର୍ଯ୍ୟାନ୍ୱୟନ ଓ ସଞ୍ଚାଳନ ଲାଗି ଟେକ୍ନୋଲୋଜି ପାର୍ଟନରଙ୍କ ଅନ୍‌ବୋର୍ଡିଂ**

ନିମନ୍ତେ ଟେଣ୍ଡର ଆହ୍ୱାନ କରୁଛି

ପ୍ରାକ୍ ବିଡ୍ ବୈଠକ: ୨୩ ମେ, ୨୦୨୫ ଦାଖଲର ଶେଷ ତାରିଖ: ୨୫ ଜୁନ୍, ୨୦୨୫

ଅଧିକ ବିବରଣୀ ପାଇଁ ପରିଦର୍ଶନ କରନ୍ତୁ: https://ncdc.in

## OFFICE OF THE KARABAR PACS LTD., KARABAR

At/Po. - Karabar, Ps - Fategarh, Dist- Nayagarh, Odisha, 752063
Regd. No 107PU, Dt.25.06.1952

**ADVERTISEMENT**

**Advertisement No.: 01** **Date. 15/05/2025**

One post of Secretary of Karabar PACS Ltd. is to be filled up by way of direct recruitment purely on mark basis. Application forms can be obtained in person from the office of the Karabar PACS Ltd., At- Karabar on payment of Rs. 100.00 from Dt. 16/05/2025 to Dt. 30/05/2025 during 10.00 A.M. TO 1.30 P.M. (except holidays). The duly filled in application form along with required documents (self- attested) as per application form and money receipt should be submitted in the Office of Karabar PACS Ltd., At/Po- Karabar, in person and obtain the acknowledgement receipt Dt.16/05/2025 to Dt. 30/05/2025 (except holidays) during 10.00 A.M. to 1.30 P.M. In no case, application will be received after 1.30 P.M. of Dt.30/05/2025.

**ELIGIBILITY AND EDUCATIONAL QUALIFICATION :**

1. The candidate must be a permanent resident of the area of operation of Karabar PACS Ltd.
2. The candidate outside the area of operation of the Society but within the area of the Block/ District concerned may apply for the post, but their candidature can only be considered if no eligible candidate is found from the area of operation of the society.
3. The Candidate must be a graduate in any discipline from any recognized university with computer proficiency.
4. Preference / additional points shall be given to the candidate having HDCM,/M.A,/M.Sc,/M.Com,/M.C.A,/ M.B.A,/L.L.M,/B.B.A,/B.C.A,/L.L.B,/Diploma in Cooperative Management and knowledge in Computer Application from a recognized university/ Institution.

N.B: No written test or viva voce will be conducted. Selection will be made purely on career mark basis starting from HSC onwards.

**AGE** : A candidate must not be less than 21 years or more than 32 years of age as 01.04.2025. The upper age limit shall be 37 years in respect of person belonging S.C/S.T/O.B.C including S.E.B.C/Physically Handicapped person/Ex- Serviceman. The upper age limit shall be 45 years in respect of the person employed in any cooperative society (PACS) in an approved post.

**SCALE OF PAY** : Rs.5200.00 - Rs.20200.00 with Grade pay 1900.00 as well as D.A and other allowances as admissible subject to capacity to pay of the society as laid down in the order No. 18672 dt.31.07.2010 of R.C.S(O), Bhubaneswar.

**N.B: - (i) An affidavit regarding genuineness of all testimonials / certificates submitted by the candidate must be attached with the application.**
**(ii) All other service conditions for the post of Secretary are available in the society office.**
**(iii) The Management reserves all rights to cancel/alter/modify the Advt. at any time without assigning any reason thereof.**

By order of the Management in Charge
Sd./- Secretary
Karabar PACS Ltd, Karabar

## कार्यालय कार्यपालन अभियंता, ग्रामीण यांत्रिकी सेवा संभाग जशपुर, जिला-जशपुर, (छत्तीसगढ़)

Phone: 9424242409, e-mail ID: ee-res.jashpur@nic.in

**"निविदा आमंत्रण सूचना"**

क्रमांक/195/वलेलि/ग्रा.यां.से/2025-26 जशपुर, दिनांक: 09.05.2025

छत्तीसगढ़ के राज्यपाल की ओर से लोक निर्माण बिभाग छत्तीसगढ़ में एकीकृत पंजीयन प्रणाली के अंतर्गत "बी" एवं उच्च श्रेणी में पंजीकृत सिविल ठेकेदारों से ग्रामीण यांत्रिकी सेवा के निम्नलिखित निर्माण कार्य हेतु प्रतिशत दर पर ऑनलाईन निविदा आमंत्रित की जाती है:-

| क्र. | कार्य का विवरण | अनुमानित लागत (रूपए लाख में) | निविदा डाउनलोड करने की अंतिम तिथि | अमानत राशि सत्यनिष्ठा संधि एवं तकनीकी दस्तावेज स्पीड पोस्ट से जमा करने की तिथि |
|---|---|---|---|---|
| 1 | 2 | 3 | 4 | 5 |
| 1 | Construction of 200 MT Godown, Covered shed with Platform, Boundary Wall, Common Toilet, approach concrete road and Kisan Bhavan at New Paddy purchasing centre Gala/Pathalgaon/Kilkila, Dist.: Jashpur (2nd Call) | 243.366 | 19.05.2025 | 20.05.2025 17.30 P.M. |
| 2 | ------------------- do ------------------- Kerakachhar / Tamta / Gharjiyabathan, Dist.: Jashpur (2nd Call) | 227.723 | 19.05.2025 | 20.05.2025 17.30 P.M. |
| 3 | ------------------- do ------------------- Kotba / Bagbahar / Jamjhor / Surangpani, Dist.: Jashpur (2nd Call) | 314.405 | 19.05.2025 | 20.05.2025 17.30 P.M. |
| 4 | ------------------- do ------------------- Dumarbahar / Ludeg / Kodri / Pangsua, Dist.: Jashpur (2nd Call) | 261.599 | 19.05.2025 | 20.05.2025 17.30 P.M. |
| | TOTAL | 1047.093 | | |

उपरोक्त निर्माण कार्य की निविदा की सामान्य शर्तें, धरोहर राशि, विस्तृत निविदा विज्ञपित, निविदा दस्तावेज व अन्य जानकारी दिनांक 09.05.2025 से कार्यालयीन समय में उपस्थित होकर एवं विभागीय वेबसाईट https://eproc.cgstate.gov.in/ से प्राप्त की जा सकती है।

स्वा./- कार्यपालन अभियंता, ग्रामीण यांत्रिकी सेवा संभाग, जिला: जशपुर

G-252600814/1

## ଟେଣ୍ଡର ନୋଟିସ
**ଶ୍ରୀ ମା' ମଙ୍ଗଳା ଠାକୁରାଣୀ ମନ୍ଦିର, କାକଟପୁର, ଜିଲ୍ଲା-ପୁରୀ, ୧୦୬୩ ପି.**

ଏତଦ୍ୱାରା ସର୍ବସାଧାରଣମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ସନ ୨୦୨୫–୨୬ ମସିହା (ତା୦୧.୦୬.୨୦୨୫ ଠାରୁ ତା୩୧.୦୩.୨୦୨୬) ନିମନ୍ତେ ମା' ମଙ୍ଗଳା ଠାକୁରାଣୀ, କାକଟପୁରଙ୍କର ଦୀପ ଦୋକାନ ପାଇଁ ଟେଣ୍ଡର, ଆସନ୍ତା ତା୨୮.୦୫.୨୦୨୫ରିଖ ଦିନ ମାନ୍ୟବର ଦେବୋତ୍ତର କମିଶନର, ଓଡ଼ିଶା, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟଠାରେ ନିଲାମ କରାଯିବ। ନିଲାମ ନେବାକୁ ଇଚ୍ଛୁକ ବ୍ୟକ୍ତିମାନେ ଟେଣ୍ଡର ଫର୍ମ ଓ ଟେଣ୍ଡର ସମ୍ପର୍କୀୟ ନିୟମାବଳୀ ମନ୍ଦିର କାର୍ଯ୍ୟାଳୟରୁ ଟ.୧୦୦୦.୦୦ (ଏକ ହଜାର ଟଙ୍କା) ମୂଲ୍ୟରେ ତା୧୬.୦୫.୨୦୨୫ରିଖଠାରୁ ତା୨୦.୦୫.୨୦୨୫ରିଖ ପର୍ଯ୍ୟନ୍ତ ଦିବା ୧୦ ଘଟିକାଠାରୁ ଅପରାହ୍ନ ୪ ଘଟିକା ମଧ୍ୟରେ ମନ୍ଦିର କାର୍ଯ୍ୟାଳୟରେ ପାଇପାରିବେ। ନେଇଥିବା ଟେଣ୍ଡର ଫର୍ମ ବିକ୍ରୟ ଦିନଠାରୁ ତା୨୬.୦୫.୨୦୨୫ରିଖ ଅପରାହ୍ନ ୫ ଘଟିକା ସମୟ ମଧ୍ୟରେ ପୂରଣ କରି ଦେବୋତ୍ତର କମିଶନର, ଓଡ଼ିଶା, ଭୁବନେଶ୍ୱର ସା–ଦେବୋତ୍ତର ଭବନ (ଦେୱାନୀ ଅଦାଲତ ନିକଟବର୍ତ୍ତୀ) ପୋ–ବିଜେବି ନଗର, ଭୁବନେଶ୍ୱର, ଜି–ଖୋର୍ଦ୍ଧା, ପିନ୍–୭୫୧୦୧୪ଙ୍କ କାର୍ଯ୍ୟାଳୟ ଠିକଣାରେ କେବଳ ରେଜିଷ୍ଟ୍ରି ଡାକଦ୍ୱାରା ପହଞ୍ଚିବା ଆବଶ୍ୟକ। ନିର୍ଦ୍ଧାରିତ ସମୟ ଗତେ କୌଣସି ଟେଣ୍ଡର ଗ୍ରହଣ କରାଯିବ ନାହିଁ। ଅର୍ଥାତ୍ ସେହି ଟେଣ୍ଡର ଗ୍ରହଣଯୋଗ୍ୟ ହେବ ନାହିଁ। ତା୨୮.୦୫.୨୦୨୫ରିଖ ଦିବା ୧୨(ବାର) ଘଟିକା ସମୟରେ ଚେୟାରମ୍ୟାନ୍ ଟେଣ୍ଡର କମିଟିଙ୍କ (ଦେବୋତ୍ତର କମିଶନର କାର୍ଯ୍ୟାଳୟ, ଓଡ଼ିଶା, ଭୁବନେଶ୍ୱର) ଉପସ୍ଥିତିରେ ଟେଣ୍ଡର ଖୋଲାଯିବ।

ସବିଶେଷ ବିବରଣୀ ପାଇଁ ମନ୍ଦିର କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରିବା ଲାଗି ଅନୁରୋଧ।

ତଫସିଲ ନଂ–୧
ନିଲାମ ପାଇଁ ଥିବା ଦୋକାନର ବିବରଣୀ

| କ୍ର.ସଂ. ଦୋକାନର ନାମ | ୨୦୨୫–୨୬ ପାଇଁ ସର୍ବନିମ୍ନ ଧାର୍ଯ୍ୟ ମୂଲ୍ୟ | ନିଲାମରେ ଭାଗ ନେବା ପାଇଁ ଅମାନତ ଟଙ୍କାର ପରିମାଣ |
|---|---|---|
| ୧. ଘିଅ ଦୀପ ଦୋକାନ | ଟ.୮୭,୧୩,୮୩୩/– | ଟ.୮,୭୧,୩୮୩/– |

**କାର୍ଯ୍ୟାଳୟ ତରଫରୁ ସ୍ଥିରୀକୃତ ଦର/ମୂଲ୍ୟ**

୧. ଘିଅ ଦୀପ ଦୋକାନ ପାଇଁ ଦୀପର ସର୍ବନିମ୍ନ ମୂଲ୍ୟ ଟ.୧୦/– (ଦଶ ଟଙ୍କା ମାତ୍ର) ରଖିବାକୁ ହେବ।
ବି.ଦ୍ର. : ଦୀପରେ ବ୍ୟବହୃତ ଘିଅ କେବଳ ଅମୁଲ/ଓମ୍ଫେଡ୍ ବ୍ରାଣ୍ଡ ଘିଅରେ ପ୍ରସ୍ତୁତ ହୋଇଥିବା ଆବଶ୍ୟକ।

ସ୍ୱାକ୍ଷର – କୈଳାସ ଚନ୍ଦ୍ର ଦାଶ
କାର୍ଯ୍ୟନିର୍ବାହୀ ଅଧିକାରୀ
ମା' ମଙ୍ଗଳା ଠାକୁରାଣୀ ମନ୍ଦିର, କାକଟପୁର, ପୁରୀ

# ଖଣ୍ଡପଡ଼ାର ଅମ୍ଳାନ ଜ୍ୟୋତି ସିଦ୍ଧାନ୍ତ ଦର୍ପଣ, ସୂର୍ଯ୍ୟଘଡ଼ି

ଖଣ୍ଡପଡ଼ା,୧୪।୫
(ଅଜୟ କୁମାର ମହାରଣା)

ଜ୍ୟୋତିର୍ବିଦ୍ ପଠାଣି ସାମନ୍ତ ଓଡ଼ିଶାରେ କାହିଁକି ସାରା ଭାରତ ବର୍ଷରେ ବହୁ ପରିଚିତ ନାମ। ଖଣ୍ଡପଡ଼ା ରାଜ ବଂଶରେ ଖଣ୍ଡପଡ଼ା ରାମେଶ୍ୱର ଦେବଙ୍କ ଅପାର ଜୁରଣାରୁ ଶ୍ୟାମ ବନ୍ଧୁ ସିଂ ସାମନ୍ତ ଓ ବିଷ୍ଣୁମାଳି ଦେବୀଙ୍କ କୋଳରେ ୧୮୩୫ ମସିହା ପୌଷ ମାସ କୃଷ୍ଣ ପକ୍ଷ ଅଷ୍ଟମୀ ତିଥିରେ ଏକ ମହାନ ଜ୍ୟୋତି ଆବିର୍ଭାବ ହୋଇଥିଲେ , ଯାହାଙ୍କର ନାମ ପଠାଣି ସାମନ୍ତ। ସେ ଥିଲେ ଜଣେ ପ୍ରଖ୍ୟାତ ଜ୍ୟୋତିର୍ବିଦ୍ ଓ ସଂସ୍କୃତ ପଣ୍ଡିତ। ନିଜର ସାଧନା, ପ୍ରଗାଢ଼ ଜ୍ଞାନ ଚିନ୍ତା ଓ ବିଚକ୍ଷଣ ବୁଦ୍ଧିରେ ଗଣିତ ଏବଂ ଜ୍ୟୋତିଷ ବିଦ୍ୟାକୁ ଆଧାର କରି ରାତିରେ ଗ୍ରହ ନକ୍ଷତ୍ରଙ୍କର ଗତି ବିଧି ଅନୁଧ୍ୟାନ କରୁଥିଲେ। ବ୍ରିଟିଶ ଶାସନ କାଳରେ ଦାମ୍ଭିକତାର ସହିତ ଗୋଟିଏ ବାଉଁଶ ନଳୀ ଓ ଦୁଇଟି କାଠି ସାହାଯ୍ୟରେ ପାହାଡ଼ର ଉଚ୍ଚତା ନିର୍ଣ୍ଣୟ କରିପାରିଥିଲେ। ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ର ଶେଖର ସିଂହ ହରଚନ୍ଦନ ମହାପାତ୍ର ଗଣିତ ଓ ଜ୍ୟୋତିଷ ବିଦ୍ୟାରେ ପାରଦର୍ଶିତା ଅର୍ଜନ କରିଥିଲେ। ତାଙ୍କ ରଚିତ 'ସିଦ୍ଧାନ୍ତ ଦର୍ପଣ' କେବଳ ଓଡ଼ିଶା ନୁହେଁ ସାରା ଭାରତ ବର୍ଷ ପାଇଁ ଏକ ମୂଲ୍ୟବାନ ସମ୍ପଦ କହିଲେ ଅତ୍ୟୁକ୍ତି ହେବ ନାହିଁ। ଗ୍ରହ ନକ୍ଷତ୍ରଙ୍କୁ ଗଣନା କରି ସେ ରଚନା କରିଛନ୍ତି ଏହି ମହାନ ଗ୍ରନ୍ଥ ଏବଂ ଏହି ଗ୍ରନ୍ଥ ବିଶ୍ୱ ଦରବାରରେ ଜ୍ୟୋତି ବିଦ୍ୟାର ମୂଲ୍ୟ ବୃଦ୍ଧି କରିଛି। ଏହି ସିଦ୍ଧାନ୍ତ ଦର୍ପଣ ଗଣନା ଅନୁସାରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ମୁକ୍ତି ମଣ୍ଡପ ପଣ୍ଡିତଙ୍କ ସ୍ୱୀକୃତିପ୍ରାପ୍ତ ସମସ୍ତ ପଞ୍ଜିକା ଦୈନନ୍ଦିନ ଜୀବନ,ଚଳଣି ଓ ପର୍ବ ପର୍ବାଣି ପାଇଁ ପ୍ରତ୍ୟେକ ମୁହୂର୍ତ୍ତରେ ଆବଶ୍ୟକ ହେଉଛି। ତାଙ୍କର ଅନ୍ୟ ଏକ କୃତି ହେଉଛି ସୂର୍ଯ୍ୟ ଘଡ଼ି। ତାଙ୍କ ଦ୍ୱାରା ନିର୍ମିତ ସୂର୍ଯ୍ୟ ଘଡ଼ିଟି କଟକ ରେଭେନ୍ସା କଲେଜଠାରେ ସ୍ଥାପିତ ହୋଇଥିବା ବେଳେ ତାଙ୍କ ପୁତ୍ର ଗଦାଧର ସିଂହ ସାମନ୍ତଙ୍କ ହସ୍ତ ନିର୍ମିତ ସୂର୍ଯ୍ୟ ଘଡ଼ିଟି ଖଣ୍ଡପଡ଼ା ଦେୱାନୀ କୋର୍ଟ ଓ ତହସିଲ କାର୍ଯ୍ୟାଳୟ ସାମନାରେ ଅବସ୍ଥିତ। ବହୁ ଜ୍ଞାନୀ ଓ ବିଜ୍ଞ ବ୍ୟକ୍ତିମାନେ ଏହି ସୂର୍ଯ୍ୟ ଘଡ଼ିଟିକୁ ଦେଖିବାକୁ ଆସିଥାନ୍ତି ଏବଂ ଏହାର ଅବସ୍ଥିତିକୁ ଦେଖି ମଧ୍ୟ ଆଶ୍ଚର୍ଯ୍ୟ ହୋଇଥାଆନ୍ତି। ଆହୁରି ମଧ୍ୟ ଜଣା ପଡ଼ିଛି ଯେ, ପଠାଣୀ ସାମନ୍ତ ଜ୍ୟୋତି ବିଦ୍ୟାରେ ଏମିତି ପାରଙ୍ଗମ ଥିଲେ ଯେ, ପୃଥିବୀର ଅକ୍ଷାଂଶ, ଦ୍ରାଘିମା ଏବଂ ପୃଥିବୀ ଢଳି ରହିଥିବା ୬୬.୫ ଡିଗ୍ରୀ ଅନୁସାରେ ସୂର୍ଯ୍ୟ ଘଡ଼ିଟି ନିର୍ମାଣ ହୋଇ ଥିବାରୁ ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଠିକ ଭାବେ ସମୟ ଜଣାଯାଏ। ଏହି ସିଦ୍ଧାନ୍ତ ଦର୍ପଣ ଓ ବୈଜ୍ଞାନିକ ପଦ୍ଧତିରେ ସ୍ଥାପିତ ସୂର୍ଯ୍ୟ ଘଡ଼ି ଖଣ୍ଡପଡ଼ାର ଦୁଇଟି ଅମୂଲ୍ୟ ରତ୍ନ। ଏହି ଦୁଇଟି ରତ୍ନ ବିଶ୍ୱ ଦରବାରରେ ଭାରତର ଗର୍ବ ଓ ସମ୍ମାନକୁ ଅକ୍ଷୁର୍ଣ୍ଣ ରଖିଛି।




ଖଣ୍ଡପଡ଼ା କଚେରି ନିକଟରେ ଥିବା ସୂର୍ଯ୍ୟଘଡ଼ି ଓ ପଠାଣିସାମନ୍ତଙ୍କ ପ୍ରତିମୂର୍ତ୍ତି।

# ନୂଆ ଅପରାଧ ଆଇନ ଉପରେ ସଚେତନତା




ସଦର ଥାନାରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ପୋଲିସ ଅଧିକାରୀ ଓ ଅନ୍ୟମାନେ।

ନୟାଗଡ଼,୧୪।୫(ଲୋକନାଥ ମିଶ୍ର)

## ନ୍ୟାୟ ବ୍ୟବସ୍ଥାର ନୂଆ ରୂପ

୨୦୨୪ ଜୁଲାଇ ମାସରେ ଦେଶରେ ଲାଗୁ ହୋଇଥିଲା ନୂଆ ଅପରାଧ ଆଇନ। ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସହିଂତା ଓ ଭାରତୀୟ ସାକ୍ଷ ଅଧିନିୟମ ଆଦି ୩ଟି ଆଇନ ଲାଗୁ ହେବାର ଇତି ମଧ୍ୟରେ ବିତି ଯିବାକୁ ବସିଛି ୧୦ ମାସ। ନ୍ୟାୟ ବ୍ୟବସ୍ଥାର ନୂଆ ରୂପ ନୂଆ ଆଇନ ଉପରେ ସଚେତନତା ପାଇଁ ନୟାଗଡ଼ ସଦର ଥାନା ପରିସରରେ ସଚେତନତା କାର୍ଯ୍ୟକ୍ରମ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇ ଯାଇଛି। ନୟାଗଡ଼ ସଦର ଥାନା ଆଇଆଇସି ଶରତ ଚନ୍ଦ୍ର ସେଠୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଚେତନତା ସଭାରେ ଡିଆଇବି ଡିଏସ୍‌ପି ତଥା ନୟାଗଡ଼ ଭାରପ୍ରାପ୍ତ ଏସଡିପିଓ ଦିନେଶ କୁମାର ନାୟକ, କ୍ରୀଦାଶପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ ଦୂତି ବାମନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଥାନା ଅଞ୍ଚଳର ବିଭିନ୍ନ ଗାଁ ମୁଖିଆ, ଖବରଦାତା, ବରିଷ୍ଠ ନାଗରିକ ମଧ୍ୟ ଯୋଗ ଦେଇଥିଲେ। ନୂଆ ଆଇନରେ ଶୁଣାଣୀ ଶେଷ ହେବାର ୪୫ ଦିନ ଭିତରେ ରାୟ ପ୍ରକାଶ ପାଇବା, ପ୍ରଥମ ଶୁଣାଣୀର ୬୦ ଦିନ ଭିତରେ ଚାର୍ଜଫ୍ରେମ ହେବା, ବ୍ୟକ୍ତିଗତ ଭାବେ ହାଜର ନହୋଇ ଇଲୋକ୍ଟୋନିକ୍ସ ମାଧ୍ୟମରେ ଏଫ୍‌ଆଇଆର କରିହେବା ନେଇ ଆଲୋଚନାରେ ସ୍ଥାନ ପାଇଥିଲା। ସେହିପରି ଜିରୋ ଏଫ୍‌ଆଇଆର, ନାଗରିକ ସୁରକ୍ଷା ଓ ଅଧିକାର ଉପରେ ମଧ ଅନୁରୂପ ସଚେତନତା କରାଯାଇଛି। ଦଣ୍ଡ ନୁହେଁ ଲୋକଙ୍କୁ ନ୍ୟାୟ ଦେବା ଉପରେ କାର୍ଯ୍ୟ ନ୍ୟାୟ ବ୍ୟବସ୍ଥା କାର୍ଯ୍ୟ କରୁଥିବା କୁହାଯାଇଥିଲା। ସେହିଭଳି ପ୍ରତ୍ୟେକ ପୀଡ଼ିତାଙ୍କୁ ସୁନିଶ୍ଚିତ ନ୍ୟାୟ ପ୍ରଦାନ, ମହିଳା ଓ ଶିଶୁଙ୍କ ସୁରକ୍ଷାକୁ ପ୍ରାଧାନ୍ୟ, ତ୍ୱରିତ୍ ନ୍ୟାୟ ପାଇଁ ଠିକ୍ ସମୟରେ ମାମଲାର ବିଚାର, ଅନଲାଇନ୍‌ରେ ଏଫ୍‌ଆଇଆର କରିବାର ସୁବିଧା, ଡିଜିଟାଲ ପ୍ରମାଣର ବ୍ୟବହାର ଏବଂ ସଙ୍ଗଠିତ ଅପରାଧ ଇତ୍ୟାଦି ଅପରାଧିକ ଆଇନ୍ ଉପରେ ସଚେତନତା କରାଯାଇଛି। ଏସ୍‌ଆଇ ଦୁର୍ଯୋଧନ ପଲେଇ, ପ୍ରଭାତ ଶବର ଓ ସନ୍ତୋଷ ପ୍ରଧାନ ପ୍ରମୁଖ ସଚେତନତା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଘୋଷଣାରେ ସୀମିତ ଆଦର୍ଶ ଗ୍ରାମ ଯୋଜନା

ଖଣ୍ଡପଡ଼ା,୧୪।୫
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ପଞ୍ଚାୟତ ସମିତି ସଭାଗୃହରେ ବୁଧବାର ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ ଜନ ଶୁଣାଣି ଶିବିରରେ ପ୍ରଧନମନ୍ତ୍ରୀ ଆଦର୍ଶ ଗ୍ରାମ ବାହାଡାର ତ୍ୱରିତ ବିକାଶ ନିମନ୍ତେ ଗ୍ରାମବାସୀଙ୍କ ତରଫରୁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ସୂଚନା ଯୋଗ୍ୟ ବ୍ଲକ ଅଧିନ ବନମାଳୀପୁର ପଞ୍ଚାୟତ ଅଧୀନ ବାହାଡା ଗ୍ରାମକୁ କେନ୍ଦ୍ର ସରକାର ଆଦର୍ଶ ଗ୍ରାମ ଭାବରେ ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ହେଉଛି ଭାରତ ସରକାରଙ୍କ ଏକ ପ୍ରୟାସ। ଗ୍ରାମର ପ୍ରାସଙ୍ଗିକତା ଅନସାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନାଗୁଡିକୁ ମିଶାଇ ସମନ୍ୱିତ ବିକାଶ କରି ବଞ୍ଚିତ ବର୍ଗର ସଶକ୍ତିକରଣ ହେଉଛି ଏହି ଯୋଜନାର ଲକ୍ଷ୍ୟ। ତେବେ ଗ୍ରାମରେ ୫୦ ପ୍ରତିଶତରୁ ଉର୍ଦ୍ଧ୍ୱ ଅନୁସୂଚିତ ଜାତି ଜନସଂଖ୍ୟା ବିଶିଷ୍ଟ ଉକ୍ତ ଗ୍ରାମର ସମନ୍ୱିତ ବିକାଶ ପାଇଁ ଏହି ପ୍ରକଳ୍ପ ମାର୍ଗରେ ପାଇଲଟ ପ୍ରକଳ୍ପ ଭାବେ ଆରମ୍ଭ ଏହ ଯୋଜନରେ ଗତ ବର୍ଷ ବାହାଡା ଗ୍ରାମକୁ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଭାବେ ଘୋଷଣାକରାଯାଇଛି। ଗ୍ରାମର ଡ୍ରେନେଜ ବ୍ୟବସ୍ଥା, ଆଲୋକୀକରଣ, ଶୁଦ୍ଧ ପାନୀୟ ଜଳ ଯୋଗାଣ, ଆବାସ ଗୃହ, ବିଦ୍ୟାଳୟ ଓ ଅଙ୍ଗନୱାଡ଼ିର ମୌଳିକ ସୁବିଧା, ପରିମଳ ବ୍ୟବସ୍ଥା, ରାସ୍ତା ଘାଟର ପୁନରୁଦ୍ଧାର ସହିତ ଅନୁସୂଚିତ ଜାତିଙ୍କ ନିମନ୍ତେ ସ୍ୱତନ୍ତ୍ର ସହାୟତା ପ୍ରଦାନ କରାଯିବ ବୋଲି ଏ ବୈଠକରେ ଆଲୋଚନା ହୋଇଥିଲା।

ଉକ୍ତ ବୈଠକରେ ଗ୍ରାମର ୱାର୍ଡ ସଭ୍ୟ ସୁମିତ୍ରା ବହେରା, ସୁବାସିନୀ ଦଳାଇ, ସୀତା ଖଟୁଆଙ୍କ ସମେତ ବ୍ଲକର ଏପିଓ ଜୟନ୍ତୀ ମିଶ୍ର, ବିଏସ୍‌ଏସ୍‌ଓ ସୁନୀଲ କୁମାର ନିଶଙ୍କ, କନିଷ୍ଠଯନ୍ତ୍ରୀ ମନୋଜ କୁମାର ବେହେରା, ପ୍ରତିଭା ମଞ୍ଜରୀ ବାରିକ, ଇଓ ବିରଞ୍ଚି ନାରାୟଣ ନାୟକ, ଜିଆରଏସ ପୁଷ୍ପଲତା ମହାରଣା, ବିପିଏମ୍ ରଞ୍ଜିତ ରାଣୀ ପଟ୍ଟନାୟକ, ବାହାଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସଂଯୁକ୍ତା ସେନାପତି, ଆଶାକର୍ମୀ ଗୌରୀ ଖଟୁଆ, ଅଙ୍ଗନୱାଡ଼ି ଶିକ୍ଷୟିତ୍ରୀ ସ୍ୱପ୍ନଲତା ମିଶ୍ରଙ୍କ ସମେତ ବାହାଡା ଗ୍ରାମବାସୀ ଉପସ୍ଥିତ ରହିଥିଲେ। ବୈଠକର ଆଲୋଚନା ମୁତାବକ ବ୍ଲକ ପ୍ରଶାସନ ପ୍ରଥମେ ଏକ କମିଟି ଗଠନ କରି ଆଦର୍ଶ ଗ୍ରାମର କାର୍ଯ୍ୟ ନିର୍ଦ୍ଧାରଣ ପାଇଁ ନିଷ୍ପତ୍ତି ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା କୌଣସି କମିଟି ଗଠନ କରାଯାଇ ନାହିଁ। କେବଳ ବ୍ଲକ ପ୍ରଶାସନ ପକ୍ଷର ଗ୍ରାମର ସ୍ଥିତି ଅନୁଧ୍ୟାନ କରାଯାଇଛି। ତେବେ ଖୁବ୍‌ଶୀଘ୍ର ବ୍ଲକ୍ ପ୍ରଶାସନ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଗଠନ କରି ଗ୍ରାମର ତ୍ୱରିତ ବିକାଶ ନିମନ୍ତେ ଗ୍ରାମବାସୀ ଦାବି କରିଛନ୍ତି।

# ବିଧାୟକଙ୍କ ଜନଶୁଣାଣି ଶିବିର

ନୟାଗଡ଼,୧୪।୫(ଲୋକନାଥ ମିଶ୍ର)

ବୁଧବାର ସକାଳେ ଭାପୁର ବ୍ଲକ ସଦରମହକୁମାରେ ଅବସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଖଣ୍ଡପଡା ବିଧାୟକ ଇଂ. ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଭାପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶାରଦା ପ୍ରସନ୍ନ ପଣ୍ଡା, ତହସିଲଦାର ଅର୍ଜୁନ କୁମାର ପ୍ରଧାନ, ଜିଲା ପରିଷଦ ସଭ୍ୟ ବିଜୟ କୁମାର ସାମନ୍ତରାୟ, ସୁଶାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ଶୁଣାଣିରେ ସହଯୋଗ ଜାରିଥିଲେ। ଭାପୁର ବ୍ଲକର ୨୦ ପଞ୍ଚାୟତରୁ ଆସିଥିବା ମହିଳା ଓ ପୁରୁଷ ସାମୁହିକ ଓ ବ୍ୟକ୍ତିଗତ ଭାବେ ୪୭୨ଟି ବିଭିନ୍ନ ପ୍ରକାରର ଅଭିଯୋଗ କରିଥିଲେ। ଅଭିଯୋଗର ସମାଧାନ ପାଇଁ ବିଧାୟକ ସ୍ୱାଇଁ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଜନଶୁଣାଣୀ ଶିବିରରେ ଭାପୁର କ୍ରୀୟାନୁଷ୍ଠାନ କମିଟିର ସଭାପତି ରବିନ୍ଦ୍ର କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୦ଦଫା ଦାବି ନେଇ ଏକ ସ୍ମାରକପତ୍ର ଦିଆଯାଇଛି। ଏଥିରେ ଭାପୁର ଅଞ୍ଚଳର ବିଭିନ୍ନ ସମସ୍ୟା ସମାଧାନ କରିବାକୁ ଅନୁରୋଧ ରହିଛି।

# ଗାୟତ୍ରୀ ବିଦ୍ୟାମନ୍ଦିର ପୁରସ୍କାର ବିତରଣ ଉତ୍ସବ



ଅତିଥି ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଗହଣରେ ପୁରସ୍କୃତ ହୋଇଥିବା ଛାତ୍ରୀମାନେ।

ଓଡ଼ଗାଁ,୧୪।୫
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ପନ୍ତିଖାରୀ ଗ୍ରାମ ପଞ୍ଚାୟତ ମଶାବାରୀ ଗାୟତ୍ରୀ ବିଦ୍ୟାମନ୍ଦିରର ପୁରସ୍କାର ବିତରଣ ଉତ୍ସବ ବୁଧବାର ପୂର୍ବାହ୍ନରେ ପାଳିତ ହୋଇଯାଇଛି। ପ୍ରତିଷ୍ଠାତା ସଭାପତି ଅଶୋକ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଓଡ଼ଗାଁ ଅତିରିକ୍ତ ତହସିଲଦାର ଜି ଶ୍ରୀନୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତ୍ୟେକ ଶିଶୁଙ୍କ ପିଲାଦିନ ସରଳ ନିଷ୍କପଟ ହୋଇଥାଏ। ପର ଆପଣାର ପାର୍ଥକ୍ୟ ସେମାନେ ଜାଣନ୍ତି ନାହିଁ। ଯେଉଁଠାରୁ ସ୍ନେହ ଆଦର ପାଇଥାନ୍ତି ସେହିଠାରେ ଲାଖିରହିଥାନ୍ତି ବୋଲି କହିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବ୍ଲକସ୍ତରୀୟ ପ୍ରତିଯୋଗିତା ମାଧ୍ୟମରେ ବିଦ୍ୟାଳୟ ପାଇଁ ଓ ନିଜ ପାଇଁ ସୁନାମ ଅର୍ଜନ କରନ୍ତି ବୋଲି ରଙ୍ଗଣୀପାଟଣା ସରପଞ୍ଚ ସସ୍ମିତା ପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ। ପନ୍ତିଖାରୀ ଗ୍ରାମ ପଞ୍ଚାୟତ ସମିତି ସଭ୍ୟ ବୁଲୁ ଜେନା,ସାଧନ କେନ୍ଦ୍ର ସଂଯୋଜକ ଯଶୋବନ୍ତ ପଟ୍ଟନାୟକ ଏବଂ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ସୁପରଭାଇଜର ସୁଭଦ୍ରା ଖିଲାର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶୃଙ୍ଖଳା,ସମୟାନୁବର୍ତ୍ତିତା, କର୍ତ୍ତବ୍ୟ ପରାଣୟତା ଏବଂ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ରହିବା ନିମନ୍ତେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପହଲଗାଁଓଠାରେ ଆତଙ୍କବାଦୀଙ୍କ ଗୁଳି ମାଡ଼ରେ ପ୍ରାଣ ହରାଇଥିବା ପର୍ଯ୍ୟଟକ ଏବଂ ଅପରେଶନ ସିନ୍ଦୂର ଶହୀଦ ସୈନିକ ମାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ମୋ ପାଇଁ ଗଛଟିଏ ଚିନ୍ତା ଧାରାକୁ ପ୍ରଚାର ପ୍ରସାର କରିବା ନିମନ୍ତେ ଗାୟତ୍ରୀ ବିଦ୍ୟାମନ୍ଦିର ଆରମ୍ଭ କରିଥିବା ମିଶନ ଅନୁସାରେ ମଞ୍ଚରେ ସ୍ଥାପିତ ତୁଳସୀ ଗଛ ମୂଳରେ ଅତିଥିମାନେ ପାଣି ଦେଇ ମଞ୍ଚାସୀନ ହୋଇଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାର ସଫଳ ୧୧୦ଜଣ ପ୍ରତିଯୋଗୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।


## ଦ.ପୂ. ରେଳପଥ – ଟେଣ୍ଡର

ଟେଣ୍ଡର ବିଜ୍ଞପ୍ତି ନଂ.: ଡିଆର୍‌ଏମ୍‌ଇଏନ୍‌ଜିଆର୍‌ଏନ୍‌ସି-୨୮-୨୦୨୫, ତାରିଖ: ୧୪।୦୫।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଇଏନ୍‌ଜି), ଦକ୍ଷିଣ ପୂର୍ବ ରେଳପଥ, ରାଞ୍ଚି–୮୩୪୦୦୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ଟେଣ୍ଡର ଆହ୍ୱାନ କରୁଛନ୍ତି: **କାର୍ଯ୍ୟର ନାମ:** ରାଞ୍ଚି ମଣ୍ଡଳର ବିଭିନ୍ନ ସେତୁର ଫିଟିଙ୍ଗ୍‌ସ ସମେତ ଏଚ୍–ବିମ୍ ସ୍ଲିପର ସହ ବିଦ୍ୟମାନ ଷ୍ଟିଲ୍ ଚ୍ୟାନେଲ ସ୍ଲିପରର ନବୀକରଣ। **ଟେଣ୍ଡର ମୂଲ୍ୟ:** ₹୫,୨୩,୪୧,୨୨୯.୫୨ । **ଇଏମ୍‌ଡି ମୂଲ୍ୟ:** ₹୪,୧୧,୭୦୦/–। **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୦୯।୦୬।୨୦୨୫ରିଖ ୧୫.୦୦ ଘଟିକା । ଟେଣ୍ଡରଦାତାମାନେ ଅନ୍‌ଲାଇନ୍ ଟେଣ୍ଡରିଂ ପାଇଁ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରିବେ ।
(PR-159)

## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIIBBS 2025018, ତା.06.05.2025ରିଖ

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳ ଅଧିନରେ ପୁରୀ ଷ୍ଟେସନ ୟାର୍ଡରେ ପ୍ଲାଟଫର୍ମ ସଂଖ୍ୟା 7 ଏବଂ 8 ପାଇଁ ବାଲାଷ୍ଟ ରହିତ ଟ୍ରାକ କାର୍ଯ୍ୟ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 1007.60 ଲକ୍ଷ, EMD : ₹ 6,53,800.00, କାର୍ଯ୍ୟ ଶେଷ ହେବା ଅବଧି : 05 (ପାଞ୍ଚ) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.06.06.2025ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/ କୋରିୟର/ ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-Bର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପୁର 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-22/CI/25-26

## ଦ.ପୂ. ରେଳପଥ – ଟେଣ୍ଡର

ଏକକ ଟେଣ୍ଡର ବିଜ୍ଞପ୍ତି ନଂ.: ଆର୍‌ଏସ୍–ଟିପିକେଆର୍–ସିଏମ୍‌ସି–ଏମ୍‌ଇଏମ୍‌ୟୁ–୨୬୧୮୧୧, ତାରିଖ: ୧୩।୦୫।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (ଟିଆର୍‌ଏସ୍)/ଇଏମ୍ୟୁ କାର୍‌ଶେଡ୍, ଟିକିଆପଡ଼ା, ଦକ୍ଷିଣପୂର୍ବ ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶିତ ତାରିଖର ୧୫.୦୦ ଘଟିକା ସୁଦ୍ଧା ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହାକୁ ୧୫.୩୦ ଘଟିକାରେ ଖୋଲାଯିବ । **କାର୍ଯ୍ୟର ବର୍ଣ୍ଣନା:** ୦୫ ବର୍ଷ ଅବଧି ପାଇଁ ଅଲ୍‌ଷ୍ଟୋମ୍ ଟ୍ରାନ୍ସପୋର୍ଟେଶନ୍ ଲିମିଟେଡ୍, ବେଙ୍ଗାଲୁରୁ ସହିତ ଏମ୍‌ଇଏମ୍ୟୁର ୩ ଫେଜ୍ ପ୍ରପଲ୍‌ସନ୍ ସିଷ୍ଟମ୍‌ର ବ୍ୟାପକ ବାର୍ଷିକ ରକ୍ଷାବେକ୍ଷଣ ଠିକା (ସିଏମ୍‌ସି) । **ଟେଣ୍ଡର ମୂଲ୍ୟ:** ₹୧୪,୬୬,୨୭,୯୨୩ । **ଇଏମ୍‌ଡି:** ₹୮,୮୩,୧୦୦ । **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ₹୧୦,୦୦୦/– । **ଖୋଲାଯିବା ତାରିଖ:** ତା୦୭।୦୬।୨୦୨୫ରିଖ । **ସମାପ୍ତି ଅବଧି:** ୬୦ ମାସ । **ଦାଖଲର ତାରିଖ:** ତା୦୭।୦୬।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ ।
(PR-153)

## GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE ADDITIONAL CHIEF ENGINEER, EASTERN CIRCLE - II, CHANDIKHOLE

No.A-158

Email ID : seec2chandikhole@gmail.com

**"e" Procurement Notice No. ACE, EC-II 02 of 2025-26 (On-line)**

| | | | |
|---|---|---|---|
| 1 | Name of Work | : | Work list attached in the Technical Bid Document |
| 2 | Total No. of Package | : | 32 nos. individual package |
| 3 | Tender Cost of Packages varies from | : | Rs. 227.73 Lakhs to Rs. 466.49 Lakhs |
| 4 | Cost of Bid Document | : | Rs. 10,000/- (On-line Payment) |
| 5 | Bid Security varies from | : | Rs. 2,27,800/- to Rs. 4,66,500/- |
| 6 | Class of Contractor | : | "A" Class for Sl. No. 1 & "B" & "A" Class for Sl.No.2 to 32 of Work list attached in the Bid Document |
| 7 | Period of completion | : | 06 (Six) Calendar months for all packages |

8. Other details are as follows

| Procurement Officer | Availability of Tender On-line for bidding | | Date of Opening of Technical Bid (Cover-I) |
|---|---|---|---|
| | From | To | |
| Additional Chief Engineer, Eastern Circle-II. Chandikhole | 16.05.2025 at 10 A.M. | 30.05.2025 up to 5.00 P.M. | 31.05.2025 at 11.30 A.M. |

9. e-mail id : seec2chandikhole@gmail.com
10. Further detailed conditions can be seen from the Govt. website www.tendersorissa.gov.in
11. Any corrigendum/addendum/cancellation of tender to the above notice if any can be seen from the above website.

Sd./- Additional Chief Engineer
Eastern Circle-II, Chandikhole
OIPR-32322/11/0016/2526

## जिला अभियंता का कार्यालय , जिला परिषद, रामगढ़

**अति अल्पकालीन निविदा आमंत्रण सूचना**

ई–निविदा सं० :– *ZP/RAMGARH/01/2025-26*
मद :– पर्यटन
कार्य की विस्तृत विवरणी :–

| क्र. | प्रखण्ड | योजना का नाम | प्राक्कलित राशि | अग्रधन की राशि | परिमाण विपत्र का मुल्य (रु०) | कार्य पुर्ण करने की अवधि |
|---|---|---|---|---|---|---|
| 1 | पतरातु | BEAUTIFICATION OF PATRATU LAKE | 3,91,99,600.00 | 7,84,000.00 | 10000.00 | 09 (नौ) माह |

1. वेबसाईट में निविदा प्रकाशन की तिथि – दिनांक 17.05.2025
2. ई–निविदा डालने / प्राप्ति की तिथि एवं समय – दिनांक 17.05.2025 से दिनांक 23.05.2025 अपराह्न 04:00 बजे तक।
3. निविदा खोलने की तिथि एवं समय – दिनांक 24.05.2025 को अपराह्न 04:00 बजे।
4. निविदा आमंत्रित करने वाले पदाधिकारी का पदनाम एवं पता– जिला अभियंता, जिला परिशद, रामगढ़।
5. ई–निविदा प्रकोष्ट का दुरभाष नं०– 9801557645
6. निविदा शुल्क एवं अग्रधन की राशि केवल *Online mode* द्वारा स्वीकार्य होगी।
7. निविदा शुल्क एवं अग्रधन की राशि का ई– भुगतान संवेदक द्वारा जिस बैंक खाता से किया जायेगा, उसी खाते मे अग्रधन की राशि वापस होगी। अगर बैंक खाता को बंद कर दिया जाता है। तो उसकी सारी जवाबदेही संवेदक की होगी।
8. निविदा *Double Bid* पद्धति से होगा।
9. इस निविदा में जिला परिशद, रामगढ़ के अंतर्गत पंजीकृत समुचित श्रेणी के संवेदक भाग ले सकेंगे।

विस्तृत जानकारी के लिए वेबसाईट *Jharkhandtenders.gov.in* एवं कार्यालय के सूचनापट्ट पर देखा जा सकता है।

ह०/–
जिला अभियंता,
जिला परिषद, रामगढ़
PR 352355 District(25-26)#D

## राष्ट्रीय सहकारी विकास निगम
NCDC
Assisting Cooperatives. Always!
सहकारिताओं की सहायता में सदैव तत्पर
International Year of Cooperatives 2025 – Cooperatives Build a Better World

### ରାଷ୍ଟ୍ରୀୟ ସମବାୟ ବିକାଶ ନିଗମ
**ସହକାର ଟ୍ୟାକ୍ସି ପ୍ରୋଜେକ୍ଟ ପାଇଁ ଏକ ଅନ୍‌ଲାଇନ୍ କ୍ୟାବ୍ ଆଗ୍ରିଗେସନ୍ ସମାଧାନର ଡିଜାଇନ୍, ବିକାଶ, କାର୍ଯ୍ୟାନ୍ୱୟନ ଓ ସଞ୍ଚାଳନ ଲାଗି ଟେକ୍ନୋଲୋଜି ପାର୍ଟନରଙ୍କ ଅନ୍‌ବୋର୍ଡିଂ**
ନିମନ୍ତେ ଟେଣ୍ଡର ଆହ୍ୱାନ କରୁଛି
ପ୍ରାକ୍ ବିଡ୍ ବୈଠକ: ୨୩ ମେ, ୨୦୨୫ ଦାଖଲର ଶେଷ ତାରିଖ: ୨୫ ଜୁନ୍, ୨୦୨୫
ଅଧିକ ବିବରଣୀ ପାଇଁ ପରିଦର୍ଶନ କରନ୍ତୁ: https://ncdc.in

## OFFICE OF THE KARABAR PACS LTD., KARABAR
At/Po. - Karabar, Ps - Fategarh, Dist- Nayagarh, Odisha, 752063
Regd. No 107PU, Dt.25.06.1952

### ADVERTISEMENT

**Advertisement No.: 01** **Date. 15/05/2025**

One post of Secretary of Karabar PACS Ltd. is to be filled up by way of direct recruitment purely on mark basis. Application forms can be obtained in person from the office of the Karabar PACS Ltd., At- Karabar on payment of Rs. 100.00 from Dt. 16/05/2025 to Dt. 30/05/2025 during 10.00 A.M. TO 1.30 P.M. (except holidays). The duly filled in application form along with required documents (self- attested) as per application form and money receipt should be submitted in the Office of Karabar PACS Ltd., At/Po- Karabar, in person and obtain the acknowledgement receipt Dt.16/05/2025 to Dt. 30/05/2025 (except holidays) during 10.00 A.M. to 1.30 P.M. In no case, application will be received after 1.30 P.M. of Dt.30/05/2025.

**ELIGIBILITY AND EDUCATIONAL QUALIFICATION :**
1. The candidate must be a permanent resident of the area of operation of Karabar PACS Ltd.
2. The candidate outside the area of operation of the Society but within the area of the Block/ District concerned may apply for the post, but their candidature can only be considered if no eligible candidate is found from the area of operation of the society.
3. The Candidate must be a graduate in any discipline from any recognized university with computer proficiency.
4. Preference / additional points shall be given to the candidate having HDCM,/M.A,/M.Sc,/M.Com,/M.C.A,/ M.B.A,/L.L.M,/B.B.A,/B.C.A,/L.L.B,/Diploma in Cooperative Management and knowledge in Computer Application from a recognized university/ Institution.

N.B: No written test or viva voce will be conducted. Selection will be made purely on career mark basis starting from HSC onwards.

**AGE** : A candidate must not be less than 21 years or more than 32 years of age as 01.04.2025. The upper age limit shall be 37 years in respect of person belonging S.C/S.T/O.B.C including S.E.B.C/Physically Handicapped person/Ex- Serviceman. The upper age limit shall be 45 years in respect of the person employed in any cooperative society (PACS) in an approved post.

**SCALE OF PAY** : Rs.5200.00 - Rs.20200.00 with Grade pay 1900.00 as well as D.A and other allowances as admissible subject to capacity to pay of the society as laid down in the order No. 18672 dt.31.07.2010 of R.C.S(O), Bhubaneswar.

**N.B: - (i) An affidavit regarding genuineness of all testimonials / certificates submitted by the candidate must be attached with the application.**
**(ii) All other service conditions for the post of Secretary are available in the society office.**
**(iii) The Management reserves all rights to cancel/alter/modify the Advt. at any time without assigning any reason thereof.**

By order of the Management in Charge
Sd./- Secretary
Karabar PACS Ltd, Karabar

## कार्यालय कार्यपालन अभियंता, ग्रामीण यांत्रिकी सेवा संभाग जशपुर, जिला-जशपुर, (छत्तीसगढ़)
Phone: 9424242409, e-mail ID: ee-res.jashpur@nic.in

**"निविदा आमंत्रण सूचना"**

क्रमांक/195/वलेलि/ग्रा.यां.से/2025-26 जशपुर, दिनाँक: 09.05.2025

छत्तीसगढ़ के राज्यपाल की ओर से लोक निर्माण बिभाग छत्तीसगढ़ में एकीकृत पंजीयन प्रणाली के अंतर्गत "बी" एवं उच्च श्रेणी में पंजीकृत सिविल ठेकेदारों से ग्रामीण यांत्रिकी सेवा के निम्नलिखित निर्माण कार्य हेतु प्रतिशत दर पर ऑनलाईन निविदा आमंत्रित की जाती है:-

| क्र. | कार्य का विवरण | अनुमानित लागत (रूपए लाख में) | निविदा डाउनलोड करने की अंतिम तिथि | अमानत राशि सत्यनिष्ठा संधि एवं तकनीकी दस्तावेज स्पीड पोस्ट से जमा करने की तिथि |
|---|---|---|---|---|
| 1 | 2 | 3 | 4 | 5 |
| 1 | Construction of 200 MT Godown, Covered shed with Platform, Boundary Wall, Common Toilet, approach concrete road and Kisan Bhavan at New Paddy purchasing centre Gala/Pathalgaon/Kilkila, Dist.: Jashpur (2nd Call) | 243.366 | 19.05.2025 | 20.05.2025 17.30 P.M. |
| 2 | ------------------- do ------------------- Kerakachhar / Tamta / Gharjiyabathan, Dist.: Jashpur (2nd Call) | 227.723 | 19.05.2025 | 20.05.2025 17.30 P.M. |
| 3 | ------------------- do ------------------- Kotba / Bagbahar / Jamjhor / Surangpani, Dist.: Jashpur (2nd Call) | 314.405 | 19.05.2025 | 20.05.2025 17.30 P.M. |
| 4 | ------------------- do ------------------- Dumarbahar / Ludeg / Kodri / Pangsua, Dist.: Jashpur (2nd Call) | 261.599 | 19.05.2025 | 20.05.2025 17.30 P.M. |
| | TOTAL | 1047.093 | | |

उपरोक्त निर्माण कार्य की निविदा की सामान्य शर्तें, धरोहर राशि, विस्तृत निविदा विज्ञपित, निविदा दस्तावेज व अन्य जानकारी दिनांक 09.05.2025 से कार्यालयीन समय में उपस्थित होकर एवं विभागीय वेबसाईट https://eproc.cgstate.gov.in/ से प्राप्त की जा सकती है।

स्वा./- कार्यपालन अभियंता, ग्रामीण यांत्रिकी सेवा संभाग, जिला: जशपुर
G-252600814/1

## ଟେଣ୍ଡର ନୋଟିସ
**ଶ୍ରୀ ମା' ମଙ୍ଗଳା ଠାକୁରାଣୀ ମନ୍ଦିର, କାକଟପୁର, ଜିଲ୍ଲା-ପୁରୀ, ୧୦୬୩ ପି.**

ଏତଦ୍ୱାରା ସର୍ବସାଧାରଣମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ସନ ୨୦୨୫–୨୬ ମସିହା (ତା୦୧.୦୬.୨୦୨୫ ଠାରୁ ତା୩୧.୦୩.୨୦୨୬) ନିମନ୍ତେ ମା' ମଙ୍ଗଳା ଠାକୁରାଣୀ, କାକଟପୁରଙ୍କର ଦୀପ ଦୋକାନ ପାଇଁ ଟେଣ୍ଡର, ଆସନ୍ତା ତା୨୮.୦୫.୨୦୨୫ରିଖ ଦିନ ମାନ୍ୟବର ଦେବୋତ୍ତର କମିଶନର, ଓଡ଼ିଶା, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟଠାରେ ନିଲାମ କରାଯିବ। ନିଲାମ ନେବାକୁ ଇଚ୍ଛୁକ ବ୍ୟକ୍ତିମାନେ ଟେଣ୍ଡର ଫର୍ମ ଓ ଟେଣ୍ଡର ସମ୍ପର୍କୀୟ ନିୟମାବଳୀ ମନ୍ଦିର କାର୍ଯ୍ୟାଳୟରୁ ଟ.୧୦୦୦.୦୦ (ଏକ ହଜାର ଟଙ୍କା) ମୂଲ୍ୟରେ ତା୧୬.୦୫.୨୦୨୫ରିଖଠାରୁ ତା୨୦.୦୫.୨୦୨୫ରିଖ ପର୍ଯ୍ୟନ୍ତ ଦିବା ୧୦ ଘଟିକାଠାରୁ ଅପରାହ୍ନ ୪ ଘଟିକା ମଧ୍ୟରେ ମନ୍ଦିର କାର୍ଯ୍ୟାଳୟରେ ପାଇପାରିବେ। ନେଇଥିବା ଟେଣ୍ଡର ଫର୍ମ ବିକ୍ରୟ ଦିନଠାରୁ ତା୨୬.୦୫.୨୦୨୫ରିଖ ଅପରାହ୍ନ ୫ ଘଟିକା ସମୟ ମଧ୍ୟରେ ପୂରଣ କରି ଦେବୋତ୍ତର କମିଶନର, ଓଡ଼ିଶା, ଭୁବନେଶ୍ୱର ସା–ଦେବୋତ୍ତର ଭବନ (ଦେୱାନୀ ଅଦାଲତ ନିକଟବର୍ତ୍ତୀ) ପୋ–ବିଜେବି ନଗର, ଭୁବନେଶ୍ୱର, ଜି–ଖୋର୍ଦ୍ଧା, ପିନ୍–୭୫୧୦୧୪ଙ୍କ କାର୍ଯ୍ୟାଳୟ ଠିକଣାରେ କେବଳ ରେଜିଷ୍ଟ୍ରି ଡାକଦ୍ୱାରା ପହଞ୍ଚିବା ଆବଶ୍ୟକ। ନିର୍ଦ୍ଧାରିତ ସମୟ ଗତେ କୌଣସି ଟେଣ୍ଡର ଗ୍ରହଣ କରାଯିବ ନାହିଁ। ଅର୍ଥାତ୍ ସେହି ଟେଣ୍ଡର ଗ୍ରହଣଯୋଗ୍ୟ ହେବ ନାହିଁ। ତା୨୮.୦୫.୨୦୨୫ରିଖ ଦିବା ୧୨(ବାର) ଘଟିକା ସମୟରେ ଚେୟାରମ୍ୟାନ୍ ଟେଣ୍ଡର କମିଟିଙ୍କ (ଦେବୋତ୍ତର କମିଶନର କାର୍ଯ୍ୟାଳୟ, ଓଡ଼ିଶା, ଭୁବନେଶ୍ୱର) ଉପସ୍ଥିତିରେ ଟେଣ୍ଡର ଖୋଲାଯିବ।
ସବିଶେଷ ବିବରଣୀ ପାଇଁ ମନ୍ଦିର କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରିବା ଲାଗି ଅନୁରୋଧ।

ତଫସିଲ ନଂ–୧
ନିଲାମ ପାଇଁ ଥିବା ଦୋକାନର ବିବରଣୀ

| କ୍ର.ସଂ. ଦୋକାନର ନାମ | ୨୦୨୫–୨୬ ପାଇଁ ସର୍ବନିମ୍ନ ଧାର୍ଯ୍ୟ ମୂଲ୍ୟ | ନିଲାମରେ ଭାଗ ନେବା ପାଇଁ ଅମାନତ ଟଙ୍କାର ପରିମାଣ |
|---|---|---|
| ୧. ଘିଅ ଦୀପ ଦୋକାନ | ଟ.୮୭,୧୩,୮୩୩/– | ଟ.୮,୭୧,୩୮୩/– |

**କାର୍ଯ୍ୟାଳୟ ତରଫରୁ ସ୍ଥିରୀକୃତ ଦର/ମୂଲ୍ୟ**
୧. ଘିଅ ଦୀପ ଦୋକାନ ପାଇଁ ଦୀପର ସର୍ବନିମ୍ନ ମୂଲ୍ୟ ଟ.୧୦/– (ଦଶ ଟଙ୍କା ମାତ୍ର) ରଖିବାକୁ ହେବ।
ବି.ଦ୍ର. : ଦୀପରେ ବ୍ୟବହୃତ ଘିଅ କେବଳ ଅମୁଲ/ଓମ୍ଫେଡ୍ ବ୍ରାଣ୍ଡ ଘିଅରେ ପ୍ରସ୍ତୁତ ହୋଇଥିବା ଆବଶ୍ୟକ।

ସ୍ୱାକ୍ଷର – କୈଳାସ ଚନ୍ଦ୍ର ଦାଶ
କାର୍ଯ୍ୟନିର୍ବାହୀ ଅଧିକାରୀ
ମା' ମଙ୍ଗଳା ଠାକୁରାଣୀ ମନ୍ଦିର, କାକଟପୁର, ପୁରୀ

# ବିଶ୍ୱଜିତ ନାଏକ ହତ୍ୟା ମାମଲା

# ରାସ୍ତାରେ ଶୁଆଇ ଟ୍ରକ୍ ଚଢ଼ାଇ ଦେଇଥିଲେ



ତାଳଚେର ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଏବଂ ଅଭିଯୁକ୍ତ ଆନନ୍ଦ ନାଏକ।

## ପ୍ରେମ ସମ୍ପର୍କକୁ କେନ୍ଦ୍ରକରି ହତ୍ୟା

ତାଳଚେର,୧୪।୫ (ମନୋଜ ନନ୍ଦ)

ପ୍ରେମ ସମ୍ପର୍କକୁ କେନ୍ଦ୍ରକରି ସୃଷ୍ଟ ଶତ୍ରୁତାରୁ ଅନୁଗୋଳ ଜିଲା ତାଳଚେର ବ୍ଲକ କଲିଆରୀ ଥାନା ଲାଙ୍ଗିଯୋଡ଼ା ଗ୍ରାମର ବିଶ୍ୱଜିତ ନାଏକ (୨୫)ଙ୍କୁ ରାସ୍ତାରେ ଶୁଆଇ ଟ୍ରକ୍ ଚଢ଼ାଇ ହତ୍ୟା କରାଯାଇଥିଲା। ଗତ ଏପ୍ରିଲ ୨୭ ତାରିଖରେ ତାଳଚେର ଥାନା ଶିବରାମପୁର ଗ୍ରାମ ନିକଟରେ ଏହି ହତ୍ୟାକାଣ୍ଡ ଘଟିଥିବାବେଳେ ଏହାକୁ ଦୁର୍ଘଟଣାର ରୂପ ଦେବାକୁ ଉଦ୍ୟମ ହୋଇଥିଲା। ତେବେ ଘଟଣାର ତଦନ୍ତ ପରେ ୫ ଅଭିଯୁକ୍ତଙ୍କ ମଧ୍ୟରୁ ବୁଧବାର ଜଣେ ଅଭିଯୁକ୍ତ ଆନନ୍ଦ ନାଏକଙ୍କୁ ତାଳଚେର ପୋଲିସ ଗିରଫ କରିବା ସହ ଏହି ହତ୍ୟା ମାମଲା ଉପରୁ ପରଦା ହଟାଇଛି।

ତାଳଚେର ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅନୁଗୋଳ ଏସ୍‌ପି ରାହୁଲ ଜୈନ କହିଛନ୍ତି, ଏପ୍ରିଲ ୨୭ ଅପରାହ୍ନ ୧ଟା ୩୦ରେ ଲାଙ୍ଗିଯୋଡ଼ା ଗ୍ରାମର ବିଶ୍ୱଜିତ ଘରେ ଖାଉଥିବା ସମୟରେ ଏକ ଫୋନ କଲ୍ ପାଇଥିଲେ। ଏହାପରେ ସେ ହାଟଡୋଟା ଯାଉଥିବା କହି ସ୍କୁଟି (ନଂ. ଓଡି୩୫ଜି-



ବିଶ୍ୱଜିତ ନାଏକ

୯୫୨୩)ରେ ଘରୁ ବାହାରି ଯାଇଥିଲେ। ସେ ଘରକୁ ନ ଫେରିବାରୁ ପରିବାର ଲୋକେ ବାରମ୍ବାର ଫୋନ କରି ଉତ୍ତର ପାଇ ନ ଥିଲେ। ଫଳରେ ବିଶ୍ୱଜିତଙ୍କ ବାପା ବିମଳ ନାଏକ କଲିଆରୀ ଥାନାରେ ନିଖୋଜ ଏତଲା ଦେଇଥିଲେ। ପୋଲିସ ଏକ ମାମଲା(ନଂ. ୧୯/୨୦୨୫) ରୁଜୁ କରି ତଦନ୍ତ ଚଳାଇଥିବାବେଳେ ଗତ ୫ ତାରିଖରେ ଶିବରାମପୁର ଗ୍ରାମ ପାଖ ରାସ୍ତା କଡ଼ ନାଳ ଭିତରେ ଏକ ଗଳିତ ମୃତଦେହ ସହ ସ୍କୁଟି ପଡ଼ିଥିବା ଖବର ମିଳିଥିଲା। ପୋଲିସଠାରୁ ସୂଚନା ପାଇ ବିମଳ ସେଠାରେ ପହଞ୍ଚି ମୃତଦେହ ପୁଅ ବିଶ୍ୱଜିତଙ୍କର ବୋଲି ଚିହ୍ନଟ କରିବା ସହ ତାଳଚେର ଥାନାରେ ଅଭିଯୋଗ କରିଥିଲେ। ତାଳଚେର ପୋଲିସ ନଂ.୧୬/୨୦୨୫ରେ ଏକ ମାମଲା ରୁଜୁ କରି ଅନୁସନ୍ଧାନ ଚଳାଇଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ତାଳଚେର ଏସ୍‌ଡିପିଓଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଖବରଦାତା ସମ୍ମିଳନୀରେ ଏସ୍‌ପିଙ୍କ ସହ ଏସ୍‌ଡିପିଓ ଭରତ ସାହୁ, ତାଳଚେର ଥାନା ଆଇଆଇସି ଦିଗ୍‌ବିଜୟ ବିଶ୍ୱାଳ, ଏସ୍‌ଆଇ ତୁଷାରକାନ୍ତ ମହାନ୍ତି, ଏସ୍‌ଆଇ ଦେବବ୍ରତ ନାୟକ. ଏସ୍‌ଆଇ ସତ୍ୟବ୍ରତ ରାଉତ, ଏସ୍‌ଆଇ ପୁଲିନିକୁମାର ପ୍ରଧାନ, ଏସ୍‌ଆଇ ସରୋଜିନୀ ବେହେରା ଉପସ୍ଥିତ ଥିଲେ।

### ହତ୍ୟାକୁ ଦୁର୍ଘଟଣା ରୂପ ଦେବାକୁ ହୋଇଥିଲା ଯୋଜନା

ପ୍ରେମ ସମ୍ପର୍କକୁ କେନ୍ଦ୍ରକରି ଅଭିଯୁକ୍ତ ଆନନ୍ଦ ନାଏକ ଓ ସତ୍ୟପ୍ରକାଶ ନାଏକଙ୍କ ସହିତ ବିଶ୍ୱଜିତଙ୍କ ପୂର୍ବ ଶତ୍ରୁତା ଥିଲା। ତେଣୁ ଆନନ୍ଦ ଓ ସତ୍ୟପ୍ରକାଶ ମିଶି ବିଶ୍ୱଜିତଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ। ସେମାନେ ଏକ ବେନାମୀ ସିମ୍ ଓ ନୂଆ ମୋବାଇଲ କିଣି ଏପ୍ରିଲ ୨୫ରୁ ବିଶ୍ୱଜିତଙ୍କ ସହିତ କଥା ହେଉଥିଲେ। ୨୭ ତାରିଖରେ ଆନନ୍ଦ ଓ ସତ୍ୟପ୍ରକାଶ ବିଶ୍ୱଜିତଙ୍କୁ ଫୋନ କରି ଦେଉଳବେଡ଼ା ଗ୍ରୀନ ଗ୍ରାସ୍ ଷ୍ଟାଡିୟମ ପାଖକୁ ଡାକିଥିଲେ। ସେଠାରେ ଆନନ୍ଦ, ସତ୍ୟପ୍ରକାଶ ଓ ସତ୍ୟପ୍ରକାଶଙ୍କ ଜଣେ ସାଙ୍ଗ କାର୍ (ନଂ. ଓଡି ୩୩ କ୍ୟୁ ୮୯୮୯)ରେ ଅପେକ୍ଷା କରିଥିଲେ। ବିଶ୍ୱଜିତ ସ୍କୁଟିରେ ପହଞ୍ଚିବା ପରେ ତାଙ୍କୁ ଆନନ୍ଦ ଓ ସତ୍ୟପ୍ରକାଶ କାର୍‌ରେ ନେଇ ଏକଡାଳ ଗ୍ରାମ ଜଙ୍ଗଲକୁ ଯାଇଥିଲେ। ବିଶ୍ୱଜିତଙ୍କ ସ୍କୁଟି ସତ୍ୟପ୍ରକାଶଙ୍କ ଜଣେ ସାଙ୍ଗ ଚଲାଉଥିଲେ। ଏକଡାଳ ଜଙ୍ଗଲରେ ସେମାନଙ୍କ ସହ ସତ୍ୟପ୍ରକାଶଙ୍କ ଆଉ ୨ ସାଙ୍ଗ ଏକତ୍ରିତ ହୋଇଥିଲେ। ସନ୍ଧ୍ୟାରେ ସେମାନେ ବିଶ୍ୱଜିତଙ୍କୁ ଶିବରାମପୁର ଗ୍ରାମ ପାଖକୁ ନେଇ ରାସ୍ତା ପାର୍ଶ୍ୱରେ ଠିଆ ହୋଇଥିବା ଏକ କୋଇଲା ବୋଝେଇ ଟ୍ରକ୍ ପଛ ଚକା ତଳେ ଶୁଆଇ ଚାଳକଙ୍କୁ ଧମକ ଦେଇ ଗାଡ଼ି ନେଇ ପଳାଇବାକୁ କହିଥିଲେ। ଫଳରେ ଟ୍ରକ୍‌ର ପଛ ଚକା ବିଶ୍ୱଜିତଙ୍କ ଉପରେ ଚଢ଼ିଯିବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ଏହାପରେ ଅଭିଯୁକ୍ତମାନେ ଏହାକୁ ଦୁର୍ଘଟଣା ରୂପ ଦେବାକୁ ରାସ୍ତାକଡ଼ ନାଳ ଭିତରକୁ ବିଶ୍ୱଜିତଙ୍କ ମୃତଦେହ ସହ ସ୍କୁଟି ଫୋପାଡ଼ି ଦେଇଥିଲେ। ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ପୁଲିନ କୁମାର ପ୍ରଧାନ ଏ ସମ୍ପର୍କରେ ତାଳଚେର ଥାନା ଅଧିକାରୀଙ୍କୁ ବୁଧବାର ଲିଖିତ ଭାବେ ଜଣାଇବା ପରେ ତାଳଚେର ଥାନାରେ ନଂ. ୩୮୭/୨୦୨୫ରେ ଏକ ମାମଲା ରୁଜୁ କରାଯାଇ ଆଇଆଇସି ଦିଗ୍‌ବିଜୟ ବିଶ୍ୱାଳ ତଦନ୍ତ ଭାର ନେଇଥିଲେ। ଯଥେଷ୍ଟ ପ୍ରମାଣ ସଂଗ୍ରହ ପରେ ଅଭିଯୁକ୍ତ ଆନନ୍ଦଙ୍କୁ ଗିରଫ କରାଯିବା ସହ କାର୍‌କୁ ଜବତ କରାଯାଇଥିଲା।

# ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ୨୮ରେ ରାୟ

ପାଟଣାଗଡ଼/ବଲାଙ୍ଗୀର, ୧୪।୫ (ସଚ୍ଚିଦାନନ୍ଦ ମହାକୁର/ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ପାଟଣାଗଡ଼ ଅତିରିକ୍ତ ଦୌରାଜଜ୍‌ଙ୍କ(ଏଡିଜେ)କୋର୍ଟରେ ଚାଲିଥିବା ବହୁଚର୍ଚ୍ଚିତ ୨୦୧୮ ଫେବୃଆରୀ ୨୩ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ବିତର୍କ ପ୍ରକ୍ରିୟା ବୁଧବାର ଶେଷ ହୋଇଛି। ଆସନ୍ତା ୨୮ତାରିଖରେ ଏହି ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇବ ବୋଲି ଜଣାପଡ଼ିଛି। ବୁଧବାର ବିତର୍କ ପ୍ରକ୍ରିୟା ଶେଷ ହେବା ପରେ ପାଟଣାଗଡ଼ ଏଡିଜେ ଏହି ମାମଲାର ରାୟକୁ ସଂରକ୍ଷିତ ରଖିଥିବା ଜଣାପଡ଼ିଛି। ଉକ୍ତ ମାମଲାର ଏକମାତ୍ର ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କୁ କଠୋର ଦଣ୍ଡବିଧାନ ହେବ ନା ସେ ଅଭିଯୋଗରୁ ମୁକୁଳିଯିବେ ତାକୁନେଇ ଚର୍ଚ୍ଚା ଆରମ୍ଭ ହୋଇଛି।

ଗତ ୯ ତାରିଖରୁ ଆରମ୍ଭ ହୋଇଥିବା ବିତର୍କ ବୁଧବାର ଶେଷ ହୋଇଛି। କୋର୍ଟରେ ଉଭୟ ପକ୍ଷର ଓକିଲ ନିଜ ନିଜର ଯୁକ୍ତି ଉପସ୍ଥାପନ କରିଥିଲେ। ସରକାରୀ ଓକିଲ ଚିତ୍ତରଞ୍ଜନ କାନୁନ୍‌ଗୋ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ପାଇଁ ଯାହା ସବୁ ତଥ୍ୟ ପ୍ରମାଣ ମିଳିଥିଲା ତାକୁ ନେଇ ବିତର୍କ ଉପସ୍ଥାପନ କରିଥିଲେ। ପୀଡ଼ିତ ପରିବାର ନ୍ୟାୟ ପାଇବେ ବୋଲି ସେ ଦୃଢ଼ତାର ସହ କହିଛନ୍ତି। ଅଭିଯୁକ୍ତଙ୍କ ଓକିଲ ପ୍ରମୋଦ ମିଶ୍ର ମଧ୍ୟ କୋର୍ଟରେ ଦିଆଯାଇଥିବା ତଥ୍ୟ ଓ ପ୍ରମାଣକୁ ଚ୍ୟାଲେଞ୍ଜକରି ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିବାକୁ ଯୁକ୍ତି ଉପସ୍ଥାପନ କରିଥିଲେ। କ୍ରାଇମବ୍ରାଞ୍ଚ ପକ୍ଷରୁ ଦିଆଯାଇଥିବା ତଥ୍ୟ ଓ ପ୍ରମାଣକୁ ସେ ଚ୍ୟାଲେଞ୍ଜ କରିଥିଲେ। କୋର୍ଟରେ ଅଭିଯୁକ୍ତ ପୁଞ୍ଜିଲାଲଙ୍କ ପରିବାର ସଦସ୍ୟ ଉପସ୍ଥିତ ଥିବା ଦେଖାଯାଇଥିଲା।

# ଏସ୍‌ପିଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ ଆଣିଲେ ଏସ୍‌ଡିପିଓ

ଜଳେଶ୍ୱର, ୧୪।୫ (ନବୀନ ସାହୁ)

ଜଣେ ପୋଲିସ ଅଧିକାରୀଙ୍କୁ ଉପରିସ୍ଥ ଅଧିକାରୀ ମାନସିକ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ଏପରି କି ତାଙ୍କୁ ଯଦି ନ୍ୟାୟ ନ ମିଳିବ ତେବେ ସେ ଆତ୍ମହତ୍ୟା କରିବେ ବୋଲି ଚେତାବନୀ ଦେଇଛନ୍ତି। ବାଲେଶ୍ୱର ଏସ୍‌ପି ରାଜପ୍ରସାଦଙ୍କ ବିରୋଧରେ ଏଭଳି ଅଭିଯୋଗ ଆଣିଛନ୍ତି ଜଳେଶ୍ୱର ଏସ୍‌ଡିପିଓ ବ୍ରଜମୋହନ ପ୍ରଧାନ। ତାଙ୍କ ପ୍ରତି ବାରମ୍ବାର ଆକ୍ଷେପମୂଳକ ଓ ଅପମାନଜନକ ବ୍ୟବହାର ପ୍ରଦର୍ଶନ ସହ ବିଭାଗୀୟ କାର୍ଯ୍ୟାନୁଷ୍ଠାନ, ଚାକିରିରୁ ନିଲମ୍ବନ ଧମକ ଦିଆଯାଉଛି ବୋଲି ବ୍ରଜମୋହନ ଉପରିସ୍ଥ ଅଧିକାରୀଙ୍କୁ ଚିଠି ଲେଖି ଅଭିଯୋଗ କରିଛନ୍ତି। ଏନେଇ ତୁରନ୍ତ ସମାଧାନ କରା ନ ଗଲେ ସେ ଆତ୍ମହତ୍ୟା ଭଳି ଚରମପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ସମଗ୍ର ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଛି।

ଏସ୍‌ଡିପିଓ ବ୍ରଜମୋହନଙ୍କ ଅଭିଯୋଗ ଅନୁଯାୟୀ, ଏସ୍‌ପି ତାଙ୍କ ଉପରେ ଅଧିକ ଦାୟିତ୍ୱ ଲଦି ଦେବା ସହ ବିଭିନ୍ନ ବୈଠକରେ ଅନ୍ୟ ଅଧସ୍ତନ କର୍ମଚାରୀଙ୍କ ଆଗରେ ବାରମ୍ବାର ଅପମାନିତ କରୁଛନ୍ତି। ସେ ଏବେ ବାଲେଶ୍ୱର ହେଡକ୍ୱାର୍ଟରରେ ଡିଏସ୍‌ପି ଦାୟିତ୍ୱ ତୁଲାଉଥିବା ବେଳେ ପୁଣି ଜଳେଶ୍ୱରରେ ଏସ୍‌ଡିପିଓ ଦାୟିତ୍ୱରେ ଅଛନ୍ତି। ସେ ବାରମ୍ବାର ମନା କରିବା ସତ୍ତ୍ୱେ ତାଙ୍କୁ ଏସ୍‌ଡିପିଓ ଦାୟିତ୍ୱ ଦିଆଯାଇଛି। ୫୮ବର୍ଷ ବୟସରେ ସେ ଜଳେଶ୍ୱରରୁ ବାଲେଶ୍ୱର ଯିବା ଏବଂ ହେଡକ୍ୱାର୍ଟର କାର୍ଯ୍ୟରେ ଯୋଗଦେବା ପାଇଁ ଅସୁବିଧା ହେଉଛି।



ଚିକିତ୍ସାଧୀନ ଏସ୍‌ଡିପିଓ ବ୍ରଜ ମୋହନ ପ୍ରଧାନ।

## ଆତ୍ମହତ୍ୟା ପାଇଁ ଉପରିସ୍ଥ ଅଧିକାରୀଙ୍କୁ ଚିଠି ଲେଖିଲେ

### ମେଡିକାଲରେ ଭେଟିଲେ ଡିଆଇଜି

ଗତ ମାସ ୪ ତାରିଖରେ ସେ ଜଳେଶ୍ୱର ଏସ୍‌ଡିପିଓ ଦାୟିତ୍ୱରେ ରହିବା ପାଇଁ ଅସମର୍ଥତା ପ୍ରକାଶ କରିଥିଲେ। କାରଣ ତାଙ୍କୁ ମୁଖ୍ୟାଳୟ କାର୍ଯ୍ୟ ପାଇଁ କୌଣସି କମ୍ପ୍ୟୁଟର ଟାଇପିଷ୍ଟ ନିୟୋଜିତ କରାଯାଇ ନ ଥିଲା। ଏସ୍‌ପି କମ୍ପ୍ୟୁଟର ଟାଇପିଷ୍ଟ ନିୟୋଜନ କରିବା ବଦଳରେ ତାଙ୍କୁ ଚାକିରି ଛାଡ଼ିବାକୁ ଧମକ ଦେଇଥିଲେ, ଯାହାକି ତାଙ୍କ ପ୍ରତି ପକ୍ଷପାତିତା ହୋଇଥିଲା। ତାଙ୍କ ପାଖରୁ ଯଦି ଏସ୍‌ଡିପିଓ ଦାୟିତ୍ୱ ପ୍ରତ୍ୟାହାର କରି ନିଆ ନ ଯାଏ ତା'ହେଲେ ସେ ଜୀବନ ହାରିଦେବେ। ତାଙ୍କର ମାନସିକ ସ୍ଥିତି ଭଲ ନାହିଁ ବୋଲି ଚିଠିରେ ପୂର୍ବାଞ୍ଚଳ ଡିଆଇଜିଙ୍କୁ ଜଣାଇଛନ୍ତି। ଏନେଇ ସେ ଗତ ୭ ତାରିଖରେ ପୂର୍ବାଞ୍ଚଳ ଡିଆଇଜି ସତ୍ୟଜିତ ନାୟକଙ୍କ ନିକଟରେ ଅଭିଯୋଗ କରିଥିଲେ।

ଅନ୍ୟପକ୍ଷରେ ଏସ୍‌ଡିପିଓ ବ୍ରଜମୋହନ ଜଳେଶ୍ୱର ଥାନାରେ ଥିବାବେଳେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ଜଳେଶ୍ୱରସ୍ଥିତ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଖବରପାଇ ଡିଆଇଜି ନାୟକ ଡାକ୍ତରଖାନାରେ ପହଞ୍ଚି ଏସ୍‌ଡିପିଓ ବ୍ରଜମୋହନଙ୍କୁ ସାକ୍ଷାତ କରି ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ଏସମ୍ପର୍କରେ ଡିଆଇଜି ନାୟକ ଅଭିଯୋଗ ଆଧାରରେ ତଦନ୍ତ ହୋଇ ସମାଧାନ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଡାକ୍ତରଖାନାରେ ଜଳେଶ୍ୱର ଆଇଆଇସି ଜୟନ୍ତ ବେହେରା ଏବଂ ଏଏସ୍‌ଆଇ ମଧୁମିତା ସିଂ ଏବଂ ଅନ୍ୟ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ଏଭଳି ଅଭିଯୋଗ ସମ୍ପର୍କରେ ଏସ୍‌ପି ରାଜପ୍ରସାଦଙ୍କ ମତ ନେବାକୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରି ନାହିଁ।

## ଭୁବନେଶ୍ୱରରେ ଶିଶୁ ଅପହରଣ ଘଟଣା

# ଜେଲ ଗଲେ ଧରମ ମାମୁ

ଭୁବନେଶ୍ୱର,୧୪।୫(ସତ୍ୟଜିତ ରାଉତ)

ଭୁବନେଶ୍ୱର ୟୁନିଟ-୯ ଭୋଇନଗରରୁ ୪ବର୍ଷର ଶିଶୁପୁତ୍ର ଅପହରଣ ଘଟଣାରେ ଶହୀଦନଗର ଥାନା ପୋଲିସ ଗିରଫ କରିଥିବା ଅଭିଯୁକ୍ତ ଧରମ ମାମୁ ସୋନୁ ନାୟକ ଓରଫ ଅଭିଷେକ ଦିଗଲ (୨୫)ଙ୍କୁ ବୁଧବାର କୋର୍ଟ ଚାଲାଣ କରିବା ପରେ ସେ ଜେଲ ଯାଇଛନ୍ତି। ସୋନୁଙ୍କ ଘର କନ୍ଧମାଳ ଜିଲା ରାଇକିଆ ଅଞ୍ଚଳରେ। ତେବେ ସେ କାହିଁକି ଶିଶୁପୁତ୍ରକୁ ଅପହରଣ କରିଥିଲେ ତାହା ଜାଣିବାକୁ ପୋଲିସ ଅଧିକ ତଦନ୍ତ ଚଳାଇଛି। ଅପରପକ୍ଷରେ ସୋନୁ ୧୫ବର୍ଷ ହେବ ପରିବାର ସହ ସମ୍ପର୍କ ରଖି ନ ଥିଲେ ବୋଲି ଜଣାପଡ଼ିଛି।

ପୋଲିସ ସୂଚନା ଅନୁଯାୟୀ, ସ୍ୱାମୀ ରାକେଶ କୁମାର ମଲ୍ଲିକଙ୍କ ସହ ଝଗଡା କାରଣରୁ ଶିଶୁର ମା' ଗୋରିତା ସିଂ କିଛିବର୍ଷ ତଳେ ବେଙ୍ଗାଲୁରୁରେ ରହୁଥିବା ସାନ ଭଉଣୀଙ୍କ ପାଖକୁ ପଳାଇ ଯାଇଥିଲେ। ୯ ମାସ ରହିବା ପରେ ଦୁଇ ମାସ ତଳେ ସ୍ୱାମୀଙ୍କ ପାଖକୁ ଫେରିଥିଲେ। ତେବେ ବେଙ୍ଗାଲୁରୁରେ ରହିବା ଭିତରେ ସୋନୁଙ୍କ ସହ ତାଙ୍କର ସମ୍ପର୍କ ହୋଇଥିଲା। ସୋନୁଙ୍କୁ ଧରମ ଭାଇ କରିଥିଲେ ଗୋରିତା। ସୋମବାର ସୋନୁ ଭୋଇନଗରସ୍ଥିତ ଗୋରିତାଙ୍କ ଘରକୁ ଯାଇତାଙ୍କ ପୁଅକୁ ଅପହରଣ କରିବାକୁ ସୋନୁ ଯୋଜନା କରିଥିଲେ। ମଙ୍ଗଳବାର ସକାଳେ ଗୋରିତାଙ୍କ ୪ବର୍ଷର ସାନ ପୁଅ ଘର ବାହାରେ ଖେଳୁଥିବାବେଳେ ସୋନୁ ତାଙ୍କୁ ଅପହରଣ କରିନେଇଥିଲେ। ଏପଟେ ପୁଅକୁ ନ ପାଇ ସନ୍ଧ୍ୟାରେ ଗୋରିତା ଥାନାରେ ଏତଲା ଦେଇଥିଲେ।

## Business

# ପାଇକାରୀ ମୂଲ୍ୟଭିତ୍ତିକ ମୁଦ୍ରାସ୍ଫୀତି ୦.୮୫%କୁ ହ୍ରାସ

ଭୁବନେଶ୍ୱର, ୧୪।୫(ଅନୁରାଧା ମହାରଣା)

ଖାଦ୍ୟ ସାମଗ୍ରୀ, ନିର୍ମିତ ଉତ୍ପାଦ ଏବଂ ଇନ୍ଧନର ମୂଲ୍ୟ ହ୍ରାସ ଯୋଗୁ ଏପ୍ରିଲରେ ପାଇକାରୀ ମୂଲ୍ୟଭିତ୍ତିକ ମୁଦ୍ରାସ୍ଫୀତି ୦.୮୫ ପ୍ରତିଶତକୁ ହ୍ରାସ ପାଇଛି। ବୁଧବାର ପ୍ରକାଶିତ ସରକାରୀ ତଥ୍ୟରୁ ଏହି ସୂଚନା ମିଳିଛି। ପାଇକାରୀ ମୂଲ୍ୟ ସୂଚକାଙ୍କ(ଡବ୍ଲ୍ୟୁପିଆଇ) ଆଧାରିତ ମୁଦ୍ରାସ୍ଫୀତି ମାର୍ଚ୍ଚ ମାସରେ ୨.୦୫ ପ୍ରତିଶତ ଏବଂ ଏପ୍ରିଲ ୨୦୨୪ ରେ ୧.୧୯ ପ୍ରତିଶତ ଥିଲା। ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତି ଅନୁଯାୟୀ, ଖାଦ୍ୟ ଉତ୍ପାଦ, ଉତ୍ପାଦନ, ରାସାୟନିକ ଏବଂ ରାସାୟନିକ ଉତ୍ପାଦ, ଅନ୍ୟାନ୍ୟ ପରିବହନ ଉପକରଣର ଉତ୍ପାଦନ ଏବଂ ଯନ୍ତ୍ରପାତି ଏବଂ ଉପକରଣର ଉତ୍ପାଦନ ଇତ୍ୟାଦିର ମୂଲ୍ୟ ବୃଦ୍ଧି ଏହାର ମୁଖ୍ୟ କାରଣ ଥିଲା। ପାଇକାରୀ ମୂଲ୍ୟ ସୂଚକାଙ୍କ ତଥ୍ୟ ଅନୁଯାୟୀ, ଏପ୍ରିଲରେ ଖାଦ୍ୟ ସାମଗ୍ରୀର ମୁଦ୍ରାସ୍ଫୀତି ୦.୮୬ ପ୍ରତିଶତ ରହିଛି,



ଯାହା ମାର୍ଚ୍ଚରେ ୧.୫୭ ପ୍ରତିଶତ ଥିଲା। ପନିପରିବାର ମୁଦ୍ରାସ୍ଫୀତି ହାର ଏପ୍ରିଲରେ ୧୮.୨୬ ପ୍ରତିଶତ ଥିବାବେଳେ ମାର୍ଚ୍ଚରେ ଏହା ୧୫.୮୮ ପ୍ରତିଶତ ଥିଲା। ପିଆଜ ମୁଦ୍ରାସ୍ଫୀତି ଏପ୍ରିଲରେ ୦.୨୦ ପ୍ରତିଶତକୁ ହ୍ରାସ ପାଇଛି, ଯାହା ମାର୍ଚ୍ଚରେ ୨୬.୬୫ ପ୍ରତିଶତ ଥିଲା। ତେବେ ଏପ୍ରିଲରେ ଉତ୍ପାଦିତ ଉତ୍ପାଦର ମୁଦ୍ରାସ୍ଫୀତି ୨.୬୨ ପ୍ରତିଶତ ଥିଲା, ଯାହା ମାର୍ଚ୍ଚରେ ୩.୦୭ ପ୍ରତିଶତ ଥିଲା। ସେହିପରି ଏପ୍ରିଲରେ ଇନ୍ଧନ ଏବଂ ବିଦ୍ୟୁତ୍ ମୂଲ୍ୟରେ ମୁଦ୍ରାସ୍ଫୀତି ୨.୧୮ ପ୍ରତିଶତ ଥିଲା, ଯାହାକି ମାର୍ଚ୍ଚରେ ୦.୨୦ ପ୍ରତିଶତ ଥିଲା। ସୂଚନାଥାଉକି, ମୁଦ୍ରା ନୀତି ପ୍ରସ୍ତୁତ କରିବା ସମୟରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ମୁଖ୍ୟତଃ ଖୁଚୁରା ମୁଦ୍ରାସ୍ଫୀତିକୁ ଦେଖେ। ପନିପରିବା, ଫଳ ଏବଂ ଡାଲିର ମୂଲ୍ୟ ହ୍ରାସ ଯୋଗୁ ଏପ୍ରିଲରେ ଖୁଚୁରା ମୁଦ୍ରାସ୍ଫୀତି ହାର ଛଅ ବର୍ଷର ସର୍ବନିମ୍ନ ୩.୧୬ ପ୍ରତିଶତକୁ ହ୍ରାସ ପାଇଛି। ଏହା ଭାରତୀୟ ରିଜର୍ଭ ବ୍ୟାଙ୍କ ପାଇଁ ଜୁନ୍‌ର ମୁଦ୍ରାନୀତି ସମୀକ୍ଷାରେ ରେପୋ ହାରରେ ପୁଣି ଥରେ ହ୍ରାସ ହେବ ବୋଲି ଆଶା କରାଯାଉଛି। ମଙ୍ଗଳବାର ପ୍ରକାଶିତ ସରକାରୀ ତଥ୍ୟ ଅନୁଯାୟୀ, ଉପଭୋକ୍ତା ମୂଲ୍ୟ ସୂଚକାଙ୍କ (ସିପିଆଇ) ଉପରେ ଆଧାରିତ ମୁଦ୍ରାସ୍ଫୀତି ଏପ୍ରିଲରେ ୩.୧୬ ପ୍ରତିଶତ ଥିଲା, ଯାହା ଜୁଲାଇ ୨୦୧୯ ପରଠାରୁ ସର୍ବନିମ୍ନ ସ୍ତରରେ ରହିଛି। ଜୁଲାଇ ୨୦୧୯ରେ ଏହା ୩.୧୫ ପ୍ରତିଶତ ଥିଲା। ୨୦୨୫ ମାର୍ଚ୍ଚରେ ଖୁଚୁରା ମୁଦ୍ରାସ୍ଫୀତି ୩.୩୪ ପ୍ରତିଶତ ଏବଂ ୨୦୨୪ ଏପ୍ରିଲରେ ୪.୮୩ ପ୍ରତିଶତ ଥିଲା। ଗତ ମୁଦ୍ରା ନୀତି ବୈଠକରେ, ଆର୍‌ବିଆଇ ପ୍ରମୁଖ ନୀତି ହାର ରେପୋକୁ ୦.୨୫ ପ୍ରତିଶତ ହ୍ରାସକରି ୬ ପ୍ରତିଶତ କରିଥିଲା।

# ଶେୟାର ବଜାରରେ ଉତ୍ସାହ


ମୁମ୍ବାଇ,୧୪।୫

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ତୃତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିପାରିଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୮୨ (୧୮୨.୩୪) ପଏଣ୍ଟ ବୃଦ୍ଧି ଘଟି ୮୧,୩୩୧ (୮୧,୩୩୦.୫୬) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ ରେ ମଧ୍ୟ ୮୮ (୮୮.୫୫) ପଏଣ୍ଟ ବଢି ୨୪,୬୬୭ (୨୪,୬୬୬.୯୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ଜେଏସ୍‌ଏଲ୍‌ରେ ପ୍ରକଳ୍ପ 'ପ୍ରଗତି'ର ଶୁଭାରମ୍ଭ

ଭୁବନେଶ୍ୱର,୧୪।୫

ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍)ର ବହୁ ପ୍ରତୀକ୍ଷିତ ପ୍ରକଳ୍ପ ତଥା ଅତ୍ୟାଧୁନିକ ସୁବିଧା ଏବଂ ନୂତନ ପଦକ୍ଷେପ 'ପ୍ରଗତି'ର ଶୁଭାରମ୍ଭ କରାଯାଇଛି। ଏହି ପ୍ରକଳ୍ପ କମ୍ପାନୀର ହିସାର ୟୁନିଟ୍‌ରେ କାଷ୍ଟିଂରୁ ଆରମ୍ଭ କରି ଫିନିସିଂ ପର୍ଯ୍ୟନ୍ତ ସମସ୍ତ ଉତ୍ପାଦନ ପ୍ରକ୍ରିୟାର ଅଟୋମେସନ୍ କରାଯିବା ନେଇ ଲକ୍ଷ୍ୟ ରହିଛି। ଏହି ପଦକ୍ଷେପ ଷ୍ଟିଲ ଓ ଷ୍ଟେନ୍‌ଲେସ ଶିଳ୍ପରେ ସର୍ବପ୍ରଥମ ସୁବିଧା ବୋଲି କୁହାଯାଉଛି। ସେହିଭଳି ପ୍ରକଳ୍ପ ପ୍ରଗତି ଜରିଆରେ କମ୍ପାନୀ ନୂଆ କାର୍ଯ୍ୟକ୍ରମ ଆରମ୍ଭ କରିବ। ଡାସଲ୍ଟ ସିଷ୍ଟମର ଡେଲମିଆ ପ୍ଲାଟ୍‌ଫର୍ମର କାର୍ଯ୍ୟକାରୀ ପାର୍ଟନର କ୍ୟାପ୍‌ଜେମିନି ସହଯୋଗରେ ଉନ୍ନତ ପ୍ଲାନିଂ ଏବଂ ଟେକ୍ନୋଲୋଜିକୁ ସାମିଲ କରାଯିବ। ଫଳରେ ଉତ୍ପାଦକତା ଏବଂ ଗ୍ରାହକ ସନ୍ତୁଷ୍ଟି ବୃଦ୍ଧି ପାଇବ। ପ୍ରଗତି କାର୍ଯ୍ୟକାରୀ ହେବା ସହ ଗ୍ରାହକ ଲିଡ ଟାଇମ୍ ୧୦ରୁ ୧୫% ହ୍ରାସ ହେବ ବୋଲି ଆଶା କରାଯାଉଛି। ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ଏମ୍‌ଡି



ଅଭ୍ୟୁଦୟ ଜିନ୍ଦଲ

ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଆମର ହିସାର ୟୁନିଟ୍‌ରେ ପ୍ରଗତି ପ୍ରକଳ୍ପ ଆରମ୍ଭ ହେବା ଡିଜିଟାଲ ଅଭିନବତା ମାଧ୍ୟମରେ ମୂଲ୍ୟ ଶୃଙ୍ଖଳାକୁ ଉନ୍ନତ କରିବା ଦିଗରେ ଏକ ମାଇଲଖୁଣ୍ଟ । ବିଭିନ୍ନ ପର୍ଯ୍ୟାୟରେ ଏହି ପଦକ୍ଷେପ କାର୍ଯ୍ୟକାରୀ ହେବାକୁ ଯାଉଛି। ଦ୍ୱିତୀୟ ପର୍ଯ୍ୟାୟରେ ଆମେ ଏହାକୁ ଲେବଲ (ସ୍ତର) ୨ ସମନ୍ୱୟ ସହିତ ଆମର ଯାଜପୁର ପ୍ଲାଣ୍ଟ ସୁବିଧାରେ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖିଛୁ, ଯାହା ଦ୍ୱାରା ଆମର ଉତ୍ପାଦନ ପ୍ରଣାଳୀ ଏବଂ ମେଶିନରୁ ସିଧାସଳଖ ରିଅଲ ଟାଇମ୍ ପ୍ରକ୍ରିୟା ପାରାମିଟରଗୁଡ଼ିକ ସଂଗ୍ରହ ହୋଇପାରିବ।

# ଦିଶା ଗୃହରଣର ଶୁଭାରମ୍ଭ

ଭୁବନେଶ୍ୱର,୧୪।୫

ଆକ୍ସିସ୍ ଫାଇନାନ୍ସ ଲିମିଟେଡ୍ (ଏଏଫ୍‌ଏଲ୍)ର ବହୁ ପ୍ରତୀକ୍ଷିତ ଯୋଜନା ତଥା ଆକ୍ସିସ୍ ଫାଇନାନ୍ସ 'ଦିଶା ଗୃହ ଋଣ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ଉତ୍ପାଦର ଲକ୍ଷ୍ୟ ହେଉଛି, ଅର୍ଥନୈତିକ ଦୁର୍ବଳ ଶ୍ରେଣୀ (ଇଡବ୍ଲ୍ୟୁଏସ୍) ଓ ନିମ୍ନ ଆୟ ବର୍ଗ (ଏଲ୍‌ଆଇଜି) ବର୍ଗର ଅଭିଳାଷୀ ଗ୍ରାହକଙ୍କ ଆବଶ୍ୟକତା ପୂରଣ କରିବା। ଦିଶା ଗୃହ ଋଣର ଲକ୍ଷ୍ୟ ହେଉଛି, ବିଭିନ୍ନ ସ୍ଥାନର ସୁହାଇବା ଭଳି ଗୃହ ଋଣ ସମାଧାନ ପ୍ରଦାନ କରିବା ସହିତ ଋଣ ଜୀବନଚକ୍ରରେ ଏକ ନିରବଚ୍ଛିନ୍ନ ଅନୁଭୂତି ପ୍ରଦାନ କରିବା। ଏଥିରେ ଶ୍ରେଷ୍ଠ ମାନର ପ୍ରତିଭା ଏବଂ ଉନ୍ନତ ବ୍ୟବସ୍ଥା ଜରିଆରେ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିବା ଓ ଦ୍ରୁତ କାର୍ଯ୍ୟକାରୀ କରିବା। ଏହି ଉତ୍ପାଦ ବିଭିନ୍ନ ପ୍ରକାର ନିଯୁକ୍ତି ଯଥା ଆବାସିକ ଓ ପ୍ରବାସୀ ଭାରତୀୟ ବେତନଭୋଗୀ ଏବଂ ସ୍ୱାବଲମ୍ବୀ ଗ୍ରାହକଙ୍କ ଆବଶ୍ୟକତା ପୂରଣ କରିବା। ସେହିଭଳି ସଂଗଠିତ, ଅର୍ଦ୍ଧସଂଗଠିତ ଓ ଅଣସଂଗଠିତ ଆୟ କାଗଜପତ୍ର ରଖିଥିବା ବ୍ୟକ୍ତିବିଶେଷ ଓ ଆର୍ଥିକ ସହାୟତା ଚାହୁଁଥିବା ଲୋକଙ୍କ ଆବଶ୍ୟକତାକୁ ଏହା ପୂରଣ କରିବ। ଏହି ଋଣ କିଣିବା ପାଇଁ ପ୍ରସ୍ତୁତ, ଅର୍ଦ୍ଧନିର୍ମିତ, ପୁନଃବିକ୍ରି ସମ୍ପତ୍ତି, ଜମି ସହ ନିର୍ମାଣ, ନିଜସ୍ୱ ନିର୍ମାଣ, ଗୃହ ମରାମତି ଓ ସମ୍ପ୍ରସାରଣ ମିଳିପାରିବ। ଏ ସମ୍ପର୍କରେ ଆକ୍ସିସ୍ ଫାଇନାନ୍ସର ଏମ୍‌ଡି ତଥା ସିଇଓ ସାଇ ଗିରିଧର କହିଛନ୍ତି, ଆମେ ଆମର ନୂତନ ଯୋଜନା 'ଆକ୍ସିସ୍ ଫାଇନାନ୍ସ ଦିଶା ଗୃହ ଋଣ'କୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଘର ମାଲିକାନାକୁ ଲୋକଙ୍କ ନିକଟତର କରିବାରେ ଏହା ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏହି ବର୍ଗର ଲୋକମାନଙ୍କ ପାଖରେ ହାଉସିଂ ଫାଇନାନ୍ସ ପହଞ୍ଚାଇବାରେ ଉନ୍ନତି ଆଣିବା ପାଇଁ ସରକାରଙ୍କ ନିରନ୍ତର ଉଦ୍ୟମ ଅନୁସାରେ ଦିଶା ଗୃହ ଋଣ ବିଭିନ୍ନ ଅଞ୍ଚଳର ଗ୍ରାହକମାନଙ୍କ ବିବିଧ ଆବଶ୍ୟକତା ପୂରଣ କରିବା ଲାଗି ବ୍ୟାପକ ସମାଧାନ ପ୍ରଦାନ କରିବ।

# ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ନୂତନ ସେଣ୍ଟର ଉଦ୍‌ଘାଟିତ

ଭୁବନେଶ୍ୱର,୧୪।୫ (ଅଭୟ ଦାଶ)

ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ବହୁ ପ୍ରତୀକ୍ଷିତ ତଥା ନୂତନ ସେଣ୍ଟର 'ଶ୍ରୀ ଶ୍ରୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫ୍ୟୁଚର ଇଣ୍ଟେଲିଜେନ୍ସ ଆଣ୍ଡ୍ ଇନୋଭେଶନ୍' ବିଶ୍ୱବିଦ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ବିଶେଷକରି ଶ୍ରୀ ଶ୍ରୀ ରବିଶଙ୍କରଙ୍କ ଜନ୍ମ ଦିବସ ଅବସରରେ ଏହି କେନ୍ଦ୍ରର ଶୁଭାରମ୍ଭ ନେଇ ବେଙ୍ଗାଲୁରୁସ୍ଥିତ ଆନ୍ତର୍ଜାତିକ ଆର୍ଟ୍ ଅଫ୍ ଲିଭିଂ କେନ୍ଦ୍ରଠାରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଘୋଷଣା କରିଛନ୍ତି। ସେହିଭଳି ଏହି ଇନ୍‌ଷ୍ଟିଚ୍ୟୁଟ ବା ସେଣ୍ଟର ଖୋଲିବା ଦ୍ୱାରା ଏଥିକାଲ୍ ଏଆଇ ଓ ଡିଜିଟାଲ୍ ଟ୍ରାନ୍ସଫର୍ମେସନ୍ ସହାୟତାରେ ଉତ୍ତମ ବିଦ୍ୟାର୍ଥୀ ସୃଷ୍ଟି ହୋଇପାରିବେ। ଏଥିକାଲ୍ ଏଆଇ ବା ନୈତିକ କୃତ୍ରିମ ବୁଦ୍ଧିମତ୍ତା ଦ୍ୱାରା କେବଳ ବୈଷୟିକ ଜ୍ଞାନକୌଶଳଯୁକ୍ତ ଶିକ୍ଷା ଦିଆ ନ ଯାଇ ସ୍ୱଚ୍ଛତା, ମାନବିକ ମୂଲ୍ୟବୋଧ ଏବଂ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ତା'ର ପୂରଣ ନିମନ୍ତେ ମଧ୍ୟ ଆବଶ୍ୟକ ଶିକ୍ଷା ଦିଆଯିବ। ସେହିପରି ଇନ୍‌ଷ୍ଟିଚ୍ୟୁଟର ଉଦ୍‌ଘାଟନ ଅବସରରେ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି, ଏଠାରେ ମାନବବାଦ ଟେକ୍ନୋଲଜିର ନୁହେଁ ବରଂ ଟେକ୍ନୋଲଜି ମାନବବାଦର ସେବା କରିବ। ଏହି ଇନ୍‌ଷ୍ଟିଚ୍ୟୁଟ୍ କୃତ୍ରିମ ବୁଦ୍ଧିମତ୍ତା ଉପରେ ପର୍ଯ୍ୟବସିତ ଡିଗ୍ରୀ ପାଠ୍ୟକ୍ରମ ପ୍ରଦାନ କରିବ। ଏଠାରୁ ଉତ୍ତୀର୍ଣ୍ଣ ବିଦ୍ୟାର୍ଥୀମାନେ ଉଦ୍ୟୋଗ ଜଗତରେ କୃତ୍ରିମ ବୁଦ୍ଧିମତ୍ତାର କ୍ରମବର୍ଦ୍ଧିଷ୍ଣୁ ଚାହିଦା ପୂରଣରେ ସକ୍ଷମ ହେବେ। ଏପରିକି ଉନ୍ନତମାନର କୃତ୍ରିମ ବୁଦ୍ଧିମତ୍ତା ନିମନ୍ତେ ଏଠାରେ ଉପଯୁକ୍ତ




ପ୍ରୟୋଗଶାଳା ଓ ଗବେଷଣା ସୁବିଧା ଉପଲବ୍ଧ ରହିବ। ଏହି ଇନ୍‌ଷ୍ଟିଚ୍ୟୁଟ୍ ଷ୍ଟାର୍ଟ ଅପ୍ ଇନ୍‌କ୍ୟୁବେଟର ପୃଷ୍ଠପୋଷକତାରେ ସାମାଜିକ ଉଦ୍ୟମିତାକୁ ପ୍ରୋତ୍ସାହନ ଦେବ ଏବଂ ପ୍ରମୁଖ ପ୍ରଯୁକ୍ତି ବିଦ୍ୟା ଶିକ୍ଷାନୁଷ୍ଠାନ ଓ ଏକାଡେମିକ୍ ଇନଷ୍ଟିଚ୍ୟୁଟ୍‌ଗୁଡ଼ିକ ସହ ସଂଯୋଗ ରକ୍ଷାକରିବ। ଏହାବ୍ୟତୀତ ବିଭିନ୍ନ ଆଲୋଚନାଚକ୍ର ଏବଂ ସମ୍ମିଳନୀ ଜରିଆରେ କୃତ୍ରିମ ବୁଦ୍ଧିମତ୍ତାର ପ୍ରଚାରପ୍ରସାର ସହ ତାକୁ ଏକ ଅପ୍ରତିଦ୍ୱନ୍ଦ୍ୱୀ ଉଚ୍ଚତାରେ ନେଇ ପହଞ୍ଚାଇବ। ଏହି ଦୂରଦୃଷ୍ଟିସମ୍ପନ୍ନ ଉଦ୍ୟମ ସାହାଯ୍ୟରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଏପରି ଏକ ଭବିଷ୍ୟତ ନିର୍ମାଣ କରିବାକୁ ଯାଉଛି। ଯେଉଁଠାରେ ବୁଦ୍ଧିମତ୍ତା କେବଳ କୃତ୍ରିମ ନୁହେଁ,ସଚେତନ ଓ ନୈତିକତାସମ୍ପନ୍ନ ହେବା ସହ ଏଥିରେ ଡିଗ୍ରୀ କୋର୍ସ କରୁଥିବା ବିଦ୍ୟାର୍ଥୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବ।

# ଆର୍‌ଏନ୍‌ଏଲ୍‌ଆଇସିର ବାର୍ଷିକ ଫଳାଫଳ

ଭୁବନେଶ୍ୱର,୧୪।୫

ରିଲାଏନ୍ସ ନିପନ୍ ଲାଇଫ୍ ଇନ୍‌ସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍(ଆର୍‌ଏନ୍‌ଏଲ୍‌ଆଇସି)ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କମ୍ପାନୀର କାରବାର ଓ ଆଗାମୀ କାର୍ଯ୍ୟପନ୍ଥା ସହିତ ୨୦୨୪-୨୫ ଆର୍ଥିକ ବର୍ଷର ବାର୍ଷିକ ଫଳାଫଳକୁ ମଧ୍ୟ ଘୋଷଣା କରାଯାଇଛି। ୨୦୨୪-୨୫ ଆର୍ଥିକ ବର୍ଷରେ କମ୍ପାନିର ଟିକସ ପୂର୍ବବର୍ତ୍ତୀ ଲାଭ ୨୪୭ କୋଟି ଟଙ୍କା ହୋଇଛି। ଯାହା ୨୦୨୩-୨୪ ଆର୍ଥିକ ବର୍ଷର ୧୯୮ କୋଟି ଟଙ୍କା ତୁଳନାରେ ୨୫% ଅଧିକ ବୋଲି କୁହାଯାଉଛି। କମ୍ପାନୀର ପରିଚାଳନା ଅଧୀନ ସଂପତି (ଏୟୁଏମ୍) ୯% ବୃଦ୍ଧି ସହ ୩୮,୭୨୫ କୋଟି ଟଙ୍କା ହୋଇଛି। ଏହାର ନୂଆ ବ୍ୟବସାୟ ପ୍ରିମିୟମ୍ ୧୨୪୫ କୋଟି ଟଙ୍କା ହୋଇଥିବାବେଳେ ମୋଟ୍ ପ୍ରିମିୟମ୍ ପରିମାଣ ୫୭୧୧ କୋଟି ଟଙ୍କା ରହିଛି। କମ୍ପାନୀ ୨୩୫%ର ସୋଲ୍‌ଭେନ୍ସି ଅନୁପାତ ବଜାୟ ରଖିଛି,ଯାହା ନିୟାମକ ଆବଶ୍ୟକତାଠାରୁ ଯଥେଷ୍ଟ ଅଧିକ ବୋଲି କୁହାଯାଉଛି। ଯାହା କମ୍ପାନୀର ଦୃଢ଼ ବାଲାନ୍ସ ସିଟ୍ ଓ ପୁଞ୍ଜି ପରିଚାଳନାକୁ ଦର୍ଶାଉଛି। ୨୦୨୫ ମାର୍ଚ୍ଚ ୩୧ ସୁଦ୍ଧା କମ୍ପାନୀର ଦାବି ସମାଧାନ ଅନୁପାତ ୯୮.୯% ରହିଛି। ଏହି ବର୍ଷ ୫.୪ ଲକ୍ଷ ଗ୍ରାହକଙ୍କୁ କମ୍ପାନୀ ୩୫୨୩ କୋଟି ଟଙ୍କା ପ୍ରଦାନ କରିଛି, ଯାହା ପୂର୍ବ ବର୍ଷ ତୁଳନାରେ ୮% ଅଧିକ ବୋଲି କୁହାଯାଉଛି। ଏ ସମ୍ପର୍କରେ ରିଲାଏନ୍ସ ନିପନ୍ ଲାଇଫ୍ ଇନ୍‌ସ୍ୟୁରାନ୍ସ କମ୍ପାନୀର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଓ ସିଇଓ ଆଶିଷ ବୋହରା କହିଛନ୍ତି, ଶୃଙ୍ଖଳିତ ଯୋଜନା କାର୍ଯ୍ୟକାରିତା, ପ୍ରଥମେ ଗ୍ରାହକ ଭାବନା ଓ ଦୃଢ଼ ମୂଳଦୁଆ ଆଧାରରେ ଦୃଢ଼ ପ୍ରଦର୍ଶନ ଓ ଉନ୍ନତ ଲାଭର ଏକ ବିଷୟରେ ଜଣାଇ ଆମେ ଆନନ୍ଦିତ। ବଣ୍ଟନ ବ୍ୟବସ୍ଥାକୁ ଦୃଢ କରିବା, ଗ୍ରାହକ ଅନୁଭୂତିରେ ଉନ୍ନତି ଆଣିବା ଏବଂ ଆର୍ଥିକ ଶୃଙ୍ଖଳା ବଜାୟ ରଖିବା ଉପରେ ନିରନ୍ତର ଗୁରୁତ୍ୱ ଆମକୁ ଏହି ଚମତ୍କାର ପରିବେଶରେ ଆଗକୁ ବଢ଼ିବାରେ ସହାୟକ ହୋଇଛି।

# ପାର୍କରେ ବିବାହ ବଜାର

## ପିଲାଙ୍କ ପାଇଁ ଜୀବନସାଥୀ ଖୋଜନ୍ତି ଅଭିଭାବକ

ବେଜିଂ



ପୂର୍ବରୁ ଲୋକମାନେ ନିଜର ବନ୍ଧୁବାନ୍ଧବ, ସମ୍ପର୍କୀୟଙ୍କ ସହ କଥା ହୋଇ ଦୂର ଦୂରାନ୍ତରେ ବିଭିନ୍ନ ନେଟ୍‌ୱର୍କ ଲଗାଇ ପିଲାମାନଙ୍କ ପାଇଁ ଜୀବନସାଥୀ ଖୋଜୁଥିଲେ। ତେବେ ସମ୍ପ୍ରତି ଲୋକଙ୍କ ଜୀବନଶୈଳୀ ଧୀରେ ଧୀରେ ବ୍ୟସ୍ତ ବହୁଳ ହୋଇଥିବାରୁ ଚାକିରି ବ୍ୟତୀତ ସେମାନଙ୍କ ନିକଟରେ ଅନ୍ୟ କୌଣସି କାର୍ଯ୍ୟ ପାଇଁ ସମୟ ରହୁନାହିଁ। ଫଳରେ ଜୀବନସାଥୀ ଖୋଜିବା ପାଇଁ ବିଭିନ୍ନ ଡେଟିଂ ଆପ୍ସ କିମ୍ବା ମାଟ୍ରିମୋନିଆଲ ସାଇଟ୍ସ ଏବେ ଉପଯୁକ୍ତ ମାଧ୍ୟମ ପାଲଟିଛି। ତେବେ ଚାଇନାର ଶାଘାଂଇରେ ଲୋକେ ଏକ ନିଆରା ଉପାୟରେ ନିଜ ପିଲାଙ୍କ ବିବାହ ପାଇଁ ଜୀବନସାଥୀ ଖୋଜିଥାନ୍ତି। ସହରର ଚେଙ୍ଗଡୁସ୍ଥିତ ରେନ୍‌ମିନ୍ ଗୋଗୋୟୁଆନ୍ ପାର୍କରେ ସପ୍ତାହକୁ ୨ ଦିନ ଏକ ନିଆରା ବିବାହ ବଜାର ବସିଥାଏ। ଶାଘାଂଇ ବିବାହ ବଜାର ଭାବେ ସ୍ଥାନୀୟ ଅଞ୍ଚଳରେ ଏହି ବଜାର ବେଶ୍ ପ୍ରସିଦ୍ଧି ପାଇଛି। ପ୍ରତି ଶନିବାର ଏବଂ ରବିବାର ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୫ଟା ଯାଏ ଏହି ବଜାର ବସିଥାଏ। ଲୋକମାନେ ନିଜ ପିଲାଙ୍କ ପାଇଁ ଉପଯୁକ୍ତ ଜୀବନସାଥୀ ଖୋଜିବାକୁ ଏହି ବଜାରକୁ ଆସିଥାନ୍ତି।

ଏହି ବିବାହ ବଜାରରେ ପ୍ରବେଶ ମାତ୍ରେ ସୁନ୍ଦର ଭାବେ ଧାଡ଼ି ହୋଇ ବିଭିନ୍ନ ରଙ୍ଗିନ ଛତା ରଖାଯାଇଥିବାର ଦେଖିବାକୁ ମିଳିଥାଏ। ଅଭିଭାବକମାନେ ବୋହୂ କିମ୍ବା ଜ୍ୱାଇଁ ପାଇବା ଆଶାରେ ସେମାନଙ୍କ ପିଲାଙ୍କ ହସ୍ତଲିଖିତ ବାୟୋଡେଟାକୁ ନିଜ ଛତା ଉପରେ ପ୍ରଦର୍ଶିତ କରିଥାନ୍ତି। ଫଳରେ ଏହି ବଜାରରେ ଏକସଙ୍ଗେ ବିବାହ ଯୋଗ୍ୟ ଅନେକ ଯୁବତୀ ଏବଂ ଯୁବକଙ୍କ ବାୟୋଡେଟା ଦେଖିବାକୁ ମିଳିଥାଏ। ବାୟୋଡେଟାରେ ବିବାହ ପାଇଁ ଇଚ୍ଛୁକ ପ୍ରାର୍ଥୀଙ୍କ ପ୍ରତ୍ୟେକ ବିବରଣୀ ଦିଆଯିବା ସହ ସେମାନଙ୍କ ଫଟୋ ମଧ୍ୟ ରହିଥାଏ। ଲୋକେ ଏଠାକୁ ଆସି ଆବଶ୍ୟକତା ଅନୁଯାୟୀ, ନିଜ ପିଲାଙ୍କ ପାଇଁ ଜୀବନସାଥୀ ବାଛିଥାନ୍ତି। ଯଦି କୌଣସି ବାୟୋଡେଟା ପସନ୍ଦ ଆସିଯାଏ, ତେବେ ସେଥିରେ ଲେଖାଥିବା ନମ୍ବର ଯୋଗେ ବିବାହ ପାଇଁ କଥା ଆଗକୁ ବଢ଼ିଥାଏ। ବର୍ତ୍ତମାନ ସୁଦ୍ଧା ଶାଘାଂଇ ବିବାହ ବଜାରରୁ ଅନେକେ ନିଜ ପିଲାଙ୍କ ପାଇଁ ଉପଯୁକ୍ତ ଜୀବନସାଥୀଙ୍କୁ ଖୋଜି ସେମାନଙ୍କର ବିବାହ କରାଇଛନ୍ତି। ଧୀରେ ଧୀରେ ଏହି ବିବାହ ବଜାରର କ୍ରେଜ୍ ବଢ଼ିବାରେ ଲାଗିଛି ଏବଂ ଏଠାରେ ଭିଡ଼ ମଧ୍ୟ ଆଗ ଅପେକ୍ଷା ବୃଦ୍ଧି ପାଇଛି। ଉଲ୍ଲେଖଯୋଗ୍ୟ, ସମ୍ପ୍ରତି ଚାଇନାର ଯୁବପିଢ଼ି ନିଜ ଚାକିରି ଏବଂ କ୍ୟାରିୟରରେ ଅତ୍ୟଧିକ ବ୍ୟସ୍ତ ରହୁଥିବାରୁ ବିବାହ ପାଇଁ ଜୀବନସାଥୀ ଖୋଜିବାକୁ ସେମାନଙ୍କ ପାଖେ ସମୟ ନ ଥାଏ। ଫଳରେ ଅଭିଭାବକମାନେ ବିଭିନ୍ନ ଉପାୟରେ ସେମାନଙ୍କ ପାଇଁ ଜୀବନସାଥୀ ଖୋଜିଥାନ୍ତି।

# ଆମୀରଙ୍କ ଫିଲ୍ମକୁ ଟ୍ରୋଲ୍

ମୁମ୍ବାଇ



ବଲିଉଡ୍ ଅଭିନେତା ଆମୀର ଖାନ୍‌ଙ୍କ ଆଗାମୀ ଫିଲ୍ମ 'ସୀତାରେ ଜମିନ ପର୍'ର ଟ୍ରେଲର ମଙ୍ଗଳବାର ରାତିରେ ରିଲିଜ୍ ହୋଇଛି। ଆସନ୍ତା ମେ' ୨୦ରେ ଏହି ଫିଲ୍ମ ରିଲିଜ୍ ହେବ। ଟ୍ରେଲରରେ ଆମୀରଙ୍କୁ ଜଣେ ଚିଡ଼ଚିଡ଼ା ଏବଂ ଅହଙ୍କାରୀ ସ୍ୱଭାବର ବାସ୍କେଟବଲ୍ କୋଚ୍ ଭୂମିକାରେ ଦେଖିବାକୁ ମିଳିଛି। ତାଙ୍କୁ ଦଣ୍ଡ ସ୍ୱରୂପ କେତେଜଣ ମାନସିକ ଅନଗ୍ରସର ପିଲାଙ୍କୁ ବାସ୍କେଟବଲ୍ କୋଚିଂ ଦେବାପାଇଁ କୋର୍ଟ ନିର୍ଦ୍ଦେଶ ଦେଉଛନ୍ତି। କୋଚିଂ ଦେବା ସମୟରେ ଆମୀର ବିଭିନ୍ନ ସମସ୍ୟାରେ ପଡୁଛନ୍ତି, ଫଳରେ ସେ ପିଲାଙ୍କ ଉପରେ ବିରକ୍ତି ପ୍ରକାଶ କରୁଛନ୍ତି। ତେବେ ପିଲାଙ୍କ ନିରୀହତା ଧୀରେ ଧୀରେ ଆମୀରଙ୍କ ସ୍ୱଭାବରେ ପରିବର୍ତ୍ତନ ଆଣୁଛି। ଫଳରେ ଏକ ବାସ୍କେଟବଲ ଟୁର୍ନାମେଣ୍ଟରେ ଉକ୍ତ ମାନସିକ ଅନଗ୍ରସର ପିଲାଙ୍କ ଟିମ୍‌କୁ ଜିତାଇବା ପାଇଁ ସେ ହୃଦୟରୁ ଲାଗି ପଡୁଛନ୍ତି। ତେବେ ଏହି ଟ୍ରେଲରର ପ୍ରତ୍ୟେକ ଦୃଶ୍ୟ ୨୦୨୩ରେ ରିଲିଜ୍ ହୋଇଥିବା ହଲିଉଡ୍‌ର ସ୍ପୋର୍ଟସ କମେଡି ଡ୍ରାମା ଫିଲ୍ମ 'ଚାମ୍ପିୟନ୍ସ'ରୁ ସମ୍ପୂର୍ଣ୍ଣ ଭାବେ କପି କରାଯାଇଥିବା ଦର୍ଶାଇ ଅନେକ ୟୁଜର୍ସ ବୁଧବାର ଆମୀର ଏବଂ 'ସୀତାରେ ଜମିନ ପର୍' ଫିଲ୍ମକୁ ଟ୍ରୋଲ୍ କରିଛନ୍ତି। 'ସୀତାରେ ଜମିନ ପର୍' ଫିଲ୍ମର ଟ୍ରେଲରରେ କୌଣସି ନୂତନତ୍ୱ ନ ଥିବା ସେମାନେ କହିଛନ୍ତି।

# 'ନିରନ୍ତର ବିକାଶ ଲାଗି ପରିବାରମୁଖୀ ନୀତି..'

## ଆଜି ଅନ୍ତର୍ଜାତୀୟ ପରିବାର ଦିବସ

ଅନ୍ତର୍ଜାତୀୟ ପରିବାର ଦିବସ ପ୍ରତିବର୍ଷ ୧୫ ମେ' ରେ ପାଳନ କରାଯାଇଥାଏ। ଜାତିସଂଘ ସାଧାରଣ ସଭାଦ୍ୱାରା ୨୦ ସେପ୍ଟେମ୍ବର ୧୯୯୩ରେ ଏନେଇ ଏକ ପ୍ରସ୍ତାବ ଆଗତ ହୋଇଥିଲା। ସେଥିରେ ଏହି ଦିବସ ପାଳନ ପାଇଁ ପରିବାରଗୁଡ଼ିକ ପ୍ରତି ଅନ୍ତର୍ଜାତୀୟ ସମ୍ପ୍ରଦାୟର ଗୁରୁତ୍ୱକୁ ପ୍ରତିଫଳିତ କରାଯାଇଥିଲା। ଯଦିଓ ପରିବାରଗୁଡ଼ିକ ଜଟିଳ ଏବଂ ବିବିଧ ହୋଇପାରନ୍ତି, ତଥାପି ସେଗୁଡ଼ିକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମିଳିତ ଜାତିସଂଘ ଦ୍ୱାରା ୧୯୯୪ରେ ଅନ୍ତର୍ଜାତୀୟ ପରିବାର ଦିବସ ମେ'୧୫ରେ ଆନୁଷ୍ଠାନିକ ଭାବରେ ପାଳନ ହୋଇଥିଲା। ଅନ୍ତର୍ଜାତୀୟ ପରିବାର ଦିବସର ପ୍ରତୀକ ଏକ ସବୁଜ ବୃତ୍ତ। ଏଥିରେ ଏକ ଲାଲ ରଙ୍ଗର ହୃଦୟ ଏବଂ ଘରର ଚିତ୍ର ରହିଛି। ଏହି ପ୍ରତୀକ ଅର୍ଥ ପରିବାର ପ୍ରତ୍ୟେକ ସମାଜର ଏକ କେନ୍ଦ୍ରୀୟ ଉପାଦାନ ଏବଂ ସବୁ ବୟସଙ୍କ ପାଇଁ ଏକ ସ୍ଥାୟୀ ଓ ସ୍ଥିର ଗୃହ। ପ୍ରତିବର୍ଷ ଅନ୍ତର୍ଜାତୀୟ ପରିବାର ଦିବସ ପାଳନ ସହିତ ମିଳିତ ଜାତିସଂଘ ଏକ ଥିମ୍ ଘୋଷଣା କରେ। ଏହି ଥିମ୍ ସମଗ୍ର ବିଶ୍ୱରେ ପରିବାର ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଏବଂ ପରିସ୍ଥିତି ପାଇଁ ସଚେତନତା ସୃଷ୍ଟି କରିବା ଲାଗି ଉଦ୍ଦିଷ୍ଟ। ତେବେ ଚଳିତ ବର୍ଷ ପାଇଁ ଏହି ଦିବସର ବାର୍ତ୍ତା 'ନିରନ୍ତର ବିକାଶ ପାଇଁ ପରିବାରମୁଖୀ ନୀତି: ସାମାଜିକ ବିକାଶ ଲାଗି ଦ୍ୱିତୀୟ ବିଶ୍ୱ ସମ୍ମିଳନୀ ଅଭିମୁଖେ' ରହିଛି।

–ସୌମ୍ୟରଞ୍ଜନ ରାଉତ, ଭୁବନେଶ୍ୱର


**GOVT. OF ODISHA** No.O-145

**OFFICE OF THE SUPERINTENDING ENGINEER, RURAL WORKS DIVISION-I, KEONJHAR**

"e" Procurement Notice for Road Works

Identification No. Online NCB-02/2025-26

Tel. 06766-258094 (O), Mail: eerw1_kjr@yahoo.com

1. Name of the Work : 01 No. Building Work, 2. Total Number of Work :01 No., 3. Estimated Cost: Rs.78.61 Lakhs, 4. Class of Contractor: "B" Class, 5. Period of Completion: As per annexure of e-Procurement Notice No.02 of 2025-26, 6. Other details:

| Procurement Officer | Bid Identification No. | Availability of tender Online for bidding | | Last date and time of seeking Tender Clarification | Date & Time of Opening of Tender in O/o S.E.,R.W. Division, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-I, Keonjhar | Building Online NCB No.02 | Dt.14.05.2025 at 11.00 A.M. | Dt.21.05.2025 upto 5.00 P.M. | Dt.20.05.2025 upto 5.00 P.M. | Dt.22.05.2025 upto 5.00 P.M. | Will be intimated later |

Further details can be seen from the Website www.tenderorissa.gov.in

OIPR-25110/11/0015/2526 Sd./- Executive Engineer, R.W. Division-I, Keonjhar

**OFFICE OF THE DEAN & PRINCIPAL SAHEED LAXMAN NAYAK MEDICAL COLLEGE AND HOSPITAL, KORAPUT**

Mail ID- slnmchkptrecruitment@gmail.com

No.2658/Estt./II-738 (Vol-II)/ 2025 Dt:09.05.2025

OFFICE ORDER

**No.E-86:** In pursuance of notification no.-13296, Dtd.08.05.2025 of Commissioner-Cum-Secretary to Govt. H&FW Department, Govt. of Odisha, the advertisement for recruitment of Junior Resident at SLNMCH, Koraput vide this office Advt. No.2609, dt.07.05.2025 is hereby cancelled.

Sd./- Dean & Principal, SLNMCH, Koraput

OIPR-10121/11/0036/2526

GOVERNMENT OF ODISHA No.O-150

**OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR**

Unit-IX (Near Boys High School) Po-Bhoinagar, BBSR, Email:se_ccrw@yahoo.co.in,Phone No:0674-2540742(O)

No.2402 , Date 09.05.2025

2nd Corrigendum to Bid Identification No.Tender Online-C.C.10 of 2025, Dated 28.04.2025 invited vide Lr.No.2153 dated 28.04.2025 of Chief Construction Engineer, Central Rural Works Circle, Bhubaneswar

The date of availability of tender, date of opening of Technical Bid & Financial Bid invited vide this office N.I.T. No. Tender Online-C.C-10 of 2025 Dt.28.04.2025 issued vide this office Lr.No.2153, Dt.28.04.2025 is hereby rescheduled as below due to some unavoidable circumstances.

| Procurement Officer | Bid Identification No. | Availability of Tender Online for bidding | Date & Time of opening of Tender | |
|---|---|---|---|---|
| | | Upto | Technical Bid | Financial Bid |
| 1 | 2 | 3 | 4 | 5 |
| Chief Construction Engineer, Central Rural Works Circle, Bhubaneswar | Tender-Online- C.C. 10 of 2025 | 21.05.2025 upto 5.00 PM | 22.05.2025 at 11.00 A/M. | To be intimated later on |

All other conditions remain unaltered.

Sd./- Chief Construction Engineer, Central Rural Works Circle, Bhubaneswar

OIPR-25194/11/0044/2526

**ODISHA HYDRO POWER CORPORATION LTD** (OHPC)

CIN: U40101OR1995SGC003963

(GOVERNMENT OF ODISHA UNDERTAKING)

OFFICE OF THE GENERAL MANAGER (EL.)

CHIPLIMA HYDRO ELECTRIC PROJECT, CHIPLIMA

At/PO-CHIPLIMA, VIA-C.A. CHIPLIMA-768025, DIST-SAMBALPUR (ODISHA)

WEB: www.ohpcltd.com, Ph:(0663) 2460661, Email-hpschiplima@yahoo.in

No.-CHEP/HRD-79 (Vol.-II)/1753 Date: 13.05.25

ADVERTISEMENT

ENGAGEMENT OF ASST. TEACHER (TGT) SCIENCE ON CONTRACTUAL BASIS

**No.CAD-400:**Applications are invited from the intending eligible candidates for engagement of Asst. Teacher (TGT) Science purely on contractual basis in Chiplima Hydro Electric Project, Chiplima, a unit under Odisha Hydro Power Corporation Ltd., Bhubaneswar, as follows.

| Name of the Post | Vacancy | Consolidated Remuneration | Last date of Receipt Application |
|---|---|---|---|
| Asst. Teacher (TGT Science) | 01 | Rs.26400/- PM | 16.06.2025 |

For details Notification please visit our website www.ohpcltd.com

OIPR-04006/11/0081/2526 Sd./- Unit Head, CHEP, Chiplima

GOVERNMENT OF ODISHA

**OFFICE OF THE EXECUTIVE ENGINEER, NATIONAL HIGHWAY DIVISION, KESINGA**

At/Po-Kesinga, Dist.-Kalahandi (Odisha), Pin-766012, Phone/Fax : 06670-222450,

E-mail-eenh.ksng@gmail.com

ORDER No.909/Dated 07.04.2025

**No.b-** :The Single tender received for the work "Construction of New RCC drain with RCC chamber and cover slab from Km. 181.550 to Km. 181.640 (LHS) of NH.26 for the year 2024-25 "NIT No. EENHKSNG- Online 02/2024-25 invited vide this office order No. 366 Date. 19.02.2025 Is here by cancelled as per Works Department, Odisha Amendment No. 2015 vide file No. 07556900052104- 16/WE dt. 01.01.2015 with OPWD Code Vol 1-2 Notes- (iii) of Para 3.5-18 & other 2 Nos i.e. (1) Construction of New RCC Drains in built up area of Dharamagarh Town, Bandaaskuturs village and Chhilipa Village of NH-130C for the year 2024-25 (2) Construction of C.C. Drain, Site Development and Parking Shed inside New N.H. Division Office Campus for the year 2024-25 is also cancelled due to administrative ground.

Sd./- Superintending Engineer, N.H. Division, Kesinga

OIPR-34018/11/0005/2526

**ODISHA COOPERATIVE TASAR & SILK FEDERATION (SERIFED) LTD.**

Sahid Nagar, Janpath, Bhubaneswar-751007, Tel:2545586/2545852

email-serifedodisha@gmail.com, website:www.serifedodisha.in

INVITATION FOR BIDS (e-Procurement)

Bid Identification No.:-VI-07(09)/SERIFED/2025-26/592/Dt.09.05.2025

**No.CAD-395:**The MANAGING DIRECTOR (SERIFED), Odisha, Bhubaneswar invites Item rate Tenders in single cover system in ONLINE MODE only, for the 01 (One) no. of works at Nayagarh. The bid documents such as DTCN/BOQ etc. can be seen/downloaded from the government website: www.tendersodisha.gov.in. during the period dt.15.05.2025 to 17.00 hours upto dt. 22.05.2025. Online bids shall be received till 17.00 hours dt.22.05.2025 & shall be opened at 11.30 AM on Dt.23.05.2025. Any addendum/ corrigendum/ cancellation of tender can also be seen in the said website.

Sd./- MANAGING DIRECTOR

OIPR-39036/11/0046/2526

**ନିୟନ୍ତ୍ରିତ ବଜାର କମିଟି, ଡୁଙ୍ଗୁରିପାଲି, ଜିଲ୍ଲା-ସୁବର୍ଣ୍ଣପୁର**

No.H-05:ଏତଦ୍ୱାରା ସୁବର୍ଣ୍ଣପୁର ଜିଲ୍ଲା ଅନ୍ତର୍ଗତ ସୋନପୁର ଉପଖଣ୍ଡର ସମସ୍ତ ଚାଷୀଭାଇ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଓଡ଼ିଶା ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗଙ୍କ ନିର୍ଦ୍ଦେଶକ୍ରମେ ଚଳିତ ରବି ଋତୁ ୨୦୨୪-୨୫ ବର୍ଷ ପାଇଁ ନିମ୍ନମତେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ସହିତ ଇନ୍‌ପୁଟ ସହାୟତା ନିର୍ଦ୍ଧାରଣ କରିଛନ୍ତି। ତେଣୁ ଜିଲ୍ଲା ପ୍ରଶାସନର ନିଷ୍ପତ୍ତି ଅନୁସାରେ, ଚାଷୀ ଭାଇ ଭଉଣୀମାନେ ତାଙ୍କର ଉତ୍ପାଦିତ ବଳକା ଧାନ ସବୁକୁ ନାମ ପଞ୍ଜିକୃତ ହୋଇଥିବା ପ୍ରାଥମିକ ସମବାୟ ସମିତି ଲିଃ (PACS) ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ (WSHG) ମାନଙ୍କରେ ଆସନ୍ତା ତା.୧୫.୦୫.୨୦୨୫ ତାରିଖ ଠାରୁ ନିର୍ଦ୍ଧାରିତ ଦିବସରେ ବିକ୍ରି କରିବା ପାଇଁ ଅନୁରୋଧ। ଚାଷୀ ଭାଇ ଭଉଣୀମାନଙ୍କୁ ଅନୁରୋଧ ଯେ ଧାନ ସବୁକୁ ଠିକ୍ ଭାବରେ ଖରାରେ ଶୁଖାଇ ବାଲି, ମାଟି, କୁଟା, ଅଗାଡି ଇତ୍ୟାଦିକୁ ଭଲ ଭାବରେ ସଫାକରି ବିକ୍ରୟ କେନ୍ଦ୍ରକୁ ଆଣିବା ହେବେ, ଯେପରି ଧାନ ବ୍ୟବସାୟଯୋଗୀ, ଖାଦ୍ୟ ଉପଯୋଗୀ ଏବଂ ପୋକରା, ଦୁର୍ଗନ୍ଧ ଓ ବିଷମୁକ୍ତ ହୋଇଥିବ।

ଧାନ ବିକ୍ରି ଦିବସ-ରବିବାର ବ୍ୟତୀତ ସମସ୍ତ କାର୍ଯ୍ୟଦିବସ

ସରକାରୀ ଦର

ଏହି ବର୍ଗର ଧାନ ପାଇଁ ସରକାରୀ ଧାର୍ଯ୍ୟ ଦର ନିମ୍ନରେ ଦିଆଗଲା

| କ୍ର.ନଂ. | ଧାନର ମାନ | ସରକାରୀ ଧାର୍ଯ୍ୟଦର (କ୍ୱିଣ୍ଟାଲ ପ୍ରତି) |
|---|---|---|
| ୧ | ଗ୍ରେଡ ଏ ଧାନ | ଟ.୨୩୨୦.୦୦ |
| ୨ | ସାଧାରଣ ଧାନ (ଏଫ୍.ଏ.କ୍ୟୁ) | ଟ.୨୩୦୦.୦୦ |
| ୩ | ଇନପୁଟ ସହାୟତା | ଟ.୮୦୦.୦୦ |

ପୂର୍ବବର୍ଷ ପରି ଧାନ କ୍ରୟ ପାଇଁ ପଞ୍ଜିକୃତ ହୋଇଥିବା ଚାଷୀମାନଙ୍କର ମୋବାଇଲ ନମ୍ବରକୁ (SMS) ବାର୍ତ୍ତା ଆସିଲେ କ୍ରୟ କେନ୍ଦ୍ରକୁ ଯୋଗାଯୋଗ କରି ନିର୍ଦ୍ଧାରିତ ଦିବସରେ ସକାଳ ଘ.୮ ରୁ ଅପରାହ୍ନ ଘ.୧ ମଧ୍ୟରେ ନିଜର ନାମ ପଞ୍ଜିକରଣ ସମୟରେ ଦେଇଥିବା ଆଧାର ପରିଚୟ ପତ୍ର, ବ୍ୟାଙ୍କ ଖାତା ସାଙ୍ଗରେ ଆଣିବେ ଏବଂ ଧାନ ବିକ୍ରୟ କରିପାରିବେ।

ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ଡୁଙ୍ଗୁରିପାଲି — ଜିଲ୍ଲାପାଳ, ସୁବର୍ଣ୍ଣପୁର ତଥା ଅଧକ୍ଷ, ନିୟନ୍ତ୍ରିତ ବଜାର କମିଟି, ଡୁଙ୍ଗୁରିପାଲି

OIPR-07089/11/0001/2526

GOVERNMENT OF ODISHA

**OFFICE OF THE PANCHAYAT SAMITI, AGALPUR, AT:DUDUKA, DIST:BALANGIR**

ଓଡ଼ିଶା ସରକାର

"e" Procurement Notice

No.i-87: Bid Identification No.PS-AGLP-01 OF 2025-26

Letter No.1616 E-mail ID:ori-agalpur@nic.in Date:08.05.2025

| | | | |
|---|---|---|---|
| 1. | The Block Development Officer, Agalpur on behalf of Governor of Odisha inviting percentage rate bid in single cover system on ON-LINE mode from eligible contractors with valid licenses for execution of Building and Electrical Works as detailed in DTCN. | | |
| 2. | Nature of Works | : | Building Works |
| 3. | No. of Works | : | 06 (One) Nos. |
| 4. | Tender Cost | : | Rs.6,000/- |
| 5. | Class of Contractor | : | D & C Contractor |
| 6. | Availability of bid document in the website | : | From 10.00 AM Date: 14.05.2025 to 05.00 PM Date 28.05.2025 |
| 7. | Date of Opening of Bid | : | 11.00 AM On Dt.04.06.2025 |
| 8. | The bidders have to participate in ONLINE bidding only. Further details can be seen from the website (https://tendersodisha.gov.in). Any addendum/corrigendum/cancellation of tender can also be seen in the said website only. | | |

Sd./- Block Development Officer, Agalpur (Duduka)

OIPR-19300/11/0006/2526

**GOVERNMENT OF ODISHA**

**OFFICE OF THE CHIEF CONSTRUCTION ENGINEER, CENTRAL (R&B) CIRCLE, BHUBANESWAR**

Mail i.d : seccbbsr@gmail.com

E-procurement Tender Call Notice No.4 of 2025-26

No. 2367(Estg.) Bhubaneswar the 8th May-2025

**No.B-121** : The Chief Construction Engineer, Central (R&B) Circle Bhubaneswar on behalf of the Governor of Odisha invites percentage rate bids for two number road works to be received in online bidding, double cover system as detailed in : https://tendersodisha.gov.in. The details of bid documents will be available in the above website from **5.00 P.M. of 19.05.2025 to 5.00 P.M. of 02.06.2025**. The bidders must possess compatible Digital Signature Certificate of Class II or III. Bids received online shall be opened at **11.00 A.M. of 03.06.2025** in the Office of the Chief Construction Engineer, Central (R&B) Circle Bhubaneswar.

Further details can be seen from the e-procurement portal www.tendersodisha.gov.in. Addendum / Corrigendum, if required, will be available only in the Website.

Sd./- Er. M.K. Mahananda, Chief Construction Engineer, Central (R&B) Circle, Bhubaneswar

OIPR-34156/11/0029/2526

OFFICE OF THE EXECUTIVE ENGINEER RURAL WORKS DIVISION, BALLIGUDA No.O-146

Government of Odisha e-Procurement Notice

Bid Identification No. Online Tender - 02/EERWD BLG/2025-26

rw_balliguda@yahoo.com

Letter No. : 1961 //RWDBLG Date : 09.05.2025

| | | | |
|---|---|---|---|
| 1 | Name of the work | : | **Road Works (03 Nos.)** |
| 2 | Estimated cost | : | Varies from Rs. 61.25 Lakhs to Rs. 84.70 Lakhs |
| 3 | Period of Completion | : | As per Annexure |
| 4 | Date & Time of availability of Bid documents in the Portal | : | From 14.05.2025 at 10.00 A.M. to 20.05.2025 up to 5.00 P.M. |
| 5 | Last date / Time for receipt of Bids in the Portal | : | 20.05.2025 up to 5.00 P.M. |
| 6 | Name and address of the Officer Inviting Bid | : | Executive Engineer, Rural Works Division, Balliguda |

The Bidders have to participate in **ONLINE** bidding only. Further details can be displayed from the e-procurement portal website **https://www.tendersodisha.gov.in.** Any addendum / corrigendum / cancellation of tender can also be seen in the said website only.

Sd./- Executive Engineer, Rural Works Division, Balliguda

OIPR-25164/11/0014/2526

**GOVERNMENT OF ODISHA**

**OFFICE OF THE SUPERINTENDING ENGINEER MINOR IRRIGATION DIVISION, KALAHANDI**

'e' Procurement Notice

Bid Reference No. SE MID BPT-01/2025-26

E-mail : eemikldbpt@gmail.com

**No.A-157** : Bid documents consisting name of Works, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | | |
|---|---|---|---|
| 1 | Name of the works | : | Civil construction work |
| 2 | No. of Work | : | 02 (Two) Nos. |
| 3 | Estimated cost | : | Varies From Rs. 39.28 lakhs to 49.04 lakhs (Approximately) |
| 4 | Period of completion | : | 8 (Eight) calendar months |
| 5 | Date and Time of availability of bid documents in the portal | : | From 16.05.2025 (09.00 A.M.) to 25.05.2025 (5.00 P.M.) |
| 6 | Last date / time of receipt of bids in the portal | : | Dt. 25.05.2025 up to 5.00 P.M. |
| 7 | Date of opening of Bid | : | Dt. 28.05.2025 at 11.00 A.M. onwards |
| 8 | Date of Transparent Lottery (If required) | : | Dt. 08.06.2025 at 11.00 A.M. |
| 9 | Name and address of the OIT | : | Superintending Engineer, Minor Irrigation Division, Kalahandi, Bhawanipatna |

**Further details can be seen from the e-Procurement market place http://tendersodisha.gov.in.

Sd./- Er. Saroj Sha, Superintending Engineer, M.I.Division, Kalahandi

OIPR-32035/11/0019/2526

**Government of Odisha, e-Procurement Notice**

INVITATION FOR BIDS (IFB)

Bid Identification No. C.C.E.Dkl. (R&B) 02/2025-26

Email Id - sedklpwd@gmail.com

Letter No. 988/Dt. 08.05.2025

**No.B-115** : The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for Bridge work & Building work as detailed below :

| | | | |
|---|---|---|---|
| 1 | Name of the work | : | Road work |
| 2 | No. of works | : | 01 (One) No |
| 3 | Estimated cost | : | **Rs.2.04 Crore (as given in column No. 03 of table)** |
| 4 | Cost of tender paper | : | Rs. 10,000.00 |
| 5 | Class of contractor | : | 'A' Class & 'B' Class **(as given in column No. 07 of table)** |
| 6 | Period of completion of work | : | 07 (Seven) Calendar months **(as given in column No. 08 of table)** |
| 7 | Date and time of availability of bid document in the website | : | From Dt.14.05.2025 to 5.00 P.M. of Dt.29.05.2025 |
| 8 | Date of opening of bid | : | Dt.30.05.2025 at 11.00 A.M. |

The bidders have to participate in ONLINE bidding only, further details can be seen from the e-Procurement Portal : www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

Sd./- Chief Construction Engineer, Dhenkanal (R&B) Circle, Dhenkanal

OIPR-34132/11/0029/2526

ସମଗ୍ର ଶିକ୍ଷା, समग्र शिक्षा, Samagra Shiksha

**DISTRICT PROJECT OFFICE**

SAMAGRA SHIKSHA, MALKANGIRI

NEAR CIRCUIT HOUSE, MALKANGIRI, ODISHA-764048

E-mail : dpcmalkanssa.opepa@nic.in, ssamalkangiri@gmail.com

No.2036/Estt/25 Date : 13.05.2025

TENDER NOTICE

**No.n-44** : Sealed tenders are invited from reputed Manpower Agencies/ Service Providers to provide the services of Data Entry Operators (07 Nos) to be engaged at Block Level @ 01 for each BEO under Samagra Shiksha, Malkangiri for handling Data Entry related works for a period of one year on contract basis for day to day official work. The engagement of Manpower Agencies/Service Provider Firm shall be made through two Bid systems i.e. Technical & Financial Bid separately. The Technically qualified Manpower Agencies/Service Providers Firms can only participate in the Financial Bid. The Collector-cum-Chairman, Samagra Shiksha, Malkangiri reserves the right to accept or cancel any application without assigning any reason (s) thereof.

For details please visit our website in www.malkangiri.odisha.gov.in

1. Last date of receipt of Sealed Bid is on 26.05.2025 up to 5.30 P.M. through Registered/ Speed Post only.
2. Opening of Bid papers i.e.(i) Technical Bid on: dt. 28.05.2025 at 10.00 A.M.

(ii) Financial Bid of eligible Tenders on dt. 28.05.2025 at 12.30 P.M.

By Order of Collector-cum-Chairman, Sd./- District Project Coordinator, Samagra Shiksha, Malkangiri

OIPR-27141/11/0006/2526

**ପଞ୍ଚାୟତ ସମିତି, ନୂଆଗାଁ, ଜିଲ୍ଲା - ସୁନ୍ଦରଗଡ଼, ଓଡ଼ିଶା**

At/Po - Nuagaon, District - Sundargarh, State - Odisha

PIN-770035, e-mail : ori-snuagaon@nic.in

Letter No. : 1196 Date : 09.05.2025

TENDER CALL NOTICE No-01/2025-26

**No.i-** : Sealed Tenders are invited from the interested bidder for the Electrical work under BDO, Nuagaon of Sundargarh District. The detail of works eligibility, estimated cost, EMD, Cost of Tender paper has been uploaded in the district website **www.sundargarh.odisha.gov.in**. The bidder should be a **"HT"** Category **(Electrical)** contractor. They have to submit the bid document to the undersigned in the address of **"Office of the B.D.O., Nuagaon, At/Po-Nuagaon, Pin-770035, Dist.-Sundargarh (Odisha)"** through Registered Post/Speed Post only on or before **30/05/2025 (up to 05.00 P.M.)**. DTCN & other details can be downloaded from the Dist. website **www.sundargarh.odisha.gov.in** from **09/05/2025 to 22/05/2025**. The authority reserves the right to cancel or reject the entire process without assigning any reason thereof. The tender will be opened on dt. **31/05/2025 at 11.00 A.M.** in the Office of the undersigned in the presence of the bidders or his/her representatives.

Sd./- Block Development Officer, Nuagaon

OIPR-19358/11/0009/2526

See Career Appointment on every Wednesday & Saturday

**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................
ବୟସ: ....................................
ଜନ୍ମ ତାରିଖ: ..............................


ମାମୁନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646

# ପଛୁଆବର୍ଗଙ୍କୁ ତାଙ୍କର ହକ୍ ମିଳୁ: ଭକ୍ତ

## କଂଗ୍ରେସର ଜାତିଭିତ୍ତିକ ଜନଗଣନା ପାଇଁ ସ୍ୱତନ୍ତ୍ର ବୈଠକ

ଭୁବନେଶ୍ୱର,୧୪।୫(ରବିନାରାୟଣ ଜେନା)

ଓଡ଼ିଶାରେ ପଛୁଆବର୍ଗ ଓ ସାମାଜିକ ଏବଂ ଅର୍ଥନୈତିକ ଭାବେ ପଛୁଆବର୍ଗ(ଏସ୍‌ଇବିସି)ସମୁଦାୟ ଜନସଂଖ୍ୟାର ୫୪ ପ୍ରତିଶତ ହୋଇଥିଲେ ବି ସେମାନଙ୍କୁ ବିଭିନ୍ନ କ୍ଷେତ୍ରରେ ସଂରକ୍ଷଣ ପ୍ରଦାନରେ ଅବହେଳା କରାଯାଉଛି, ଯାହାଫଳରେ ଏହି ବର୍ଗର ହଜାର ହଜାର ଛାତ୍ରୀଛାତ୍ର ସଂରକ୍ଷଣ ସୁଯୋଗ ପାଇବାରୁ ବଞ୍ଚିତ ହେଉଛନ୍ତି। ସେମାନଙ୍କୁ ସରକାର ତାଙ୍କର ହକ୍ ପ୍ରଦାନ କରନ୍ତୁ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

ବୁଧବାର କଂଗ୍ରେସ ଭବନଠାରେ ପିସିସି ସଭାପତିଙ୍କ ଅଧ୍ୟକ୍ଷତାରେ ପଛୁଆବର୍ଗ ଜାତିଭିତ୍ତିକ ଜନଗଣନା ଓ ଅନ୍ୟାନ୍ୟ ବିଷୟ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଏହି ଅବସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭକ୍ତ କହିଥିଲେ ଯେ, ଓବିସି ଓ ଏସ୍‌ଇବିସି ଏବଂ ଏସ୍‌ସିଏସ୍‌ଟି ସଂପ୍ରଦାୟଙ୍କ ପ୍ରତି ବ୍ୟବସ୍ଥିତ ସଂରକ୍ଷଣ ଏବଂ ସାମାଜିକ ନ୍ୟାୟ ନୀତିଗୁଡ଼ିକର ତୁରନ୍ତ କାର୍ଯ୍ୟକାରୀ କରାଯିବା ଆବଶ୍ୟକ। ମୁଖ୍ୟତଃ ଓବିସି ଓ ଏସ୍‌ଇବିସି ସଂପ୍ରଦାୟଙ୍କୁ ତାଙ୍କର ନ୍ୟାଯ୍ୟ ସୁଯୋଗରୁ ବଞ୍ଚିତ କରାଯାଉଛି। ବୈଷୟିକ ଶିକ୍ଷାରେ ଏସ୍‌ସିଏସ୍‌ଟିମାନଙ୍କୁ ଆଇନପ୍ରଦତ୍ତ ସଂରକ୍ଷଣ ଉଲ୍ଲଂଘନ କରାଯାଉଛି। ଆର୍ଥିକ ସୁଯୋଗ ପ୍ରଦାନକାରୀ ଅନୁଷ୍ଠାନ ଗୁଡ଼ିକରେ ଏସ୍‌ସିଏସ୍‌ଟି, ଓବିସି ଏବଂ ମାଇନରିଟିମାନଙ୍କୁ ସୁଯୋଗ ଦେବାରେ ଚରମ ଅବହେଳା ପ୍ରଦର୍ଶନ କରାଯାଉଛି।

ଏହି ଅବସରରେ ଓଡ଼ିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଥିଲେ, ପଛୁଆବର୍ଗ, ଆଦିବାସୀ ଓ ଦଳିତମାନଙ୍କର ସ୍ୱାର୍ଥପ୍ରତି କଂଗ୍ରେସ ସବୁବେଳେ ସଚେତନ ଓ ସଂଗ୍ରାମ କରି ଆସୁଛି। ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏହି ବର୍ଗର ଲୋକମାନଙ୍କ ପାଇଁ ଲଢ଼େଇ ଜାରି ରଖିଛନ୍ତି। ସେମାନଙ୍କୁ ନ୍ୟାଯ୍ୟ ଅଧିକାର ନ ମିଳିବା ପର୍ଯ୍ୟନ୍ତ କଂଗ୍ରେସ ସଂଗ୍ରାମ ଜାରି ରଖିବ ବୋଲି ସେ କହିଥିଲେ। ଏହି ବୈଠକକୁ ବିଜୟାନନ୍ଦ ଚାଉଳିଆ ପରିଚାଳନା କରିଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ବରିଷ୍ଠ ନେତା ଶରତ ରାଉତ, ସୁରେଶ କୁମାର ରାଉତରାୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

**ଜନ୍ମଦିନ ଶୁଭେଚ୍ଛା**



ତ୍ରୀଷ୍ଣା ତଳିନା (ମାମୁନ)
ସ୍ଥାନ: ସର୍ବୋଦୟନଗର, ପୁରୀ
ଆଜି ତୋର ୧୫ତମ ଜନ୍ମବାର୍ଷିକ ଅବସରରେ ମା' ତାରିଣୀଙ୍କ ପଦାରବିନ୍ଦରେ ବନମ୍ର ନିବେଦନ ତୋର ଚଲାପଥ କୁସୁମିତ ହେଉ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୁ ସଦା ସୁଖୀ ଓ ଦୀର୍ଘ ନିରାମୟ ଜୀବନଯାପନ କର, ସର୍ବଦା ଖୁସି ରହ। ଭଗବାନ ତୋର ସବୁ ଇଚ୍ଛା ପୂରଣ କରନ୍ତୁ। ତୋର ଭବିଷ୍ୟତ ଉଜ୍ଜ୍ୱଳ ହେଉ।
ଶୁଭେଚ୍ଛା ସହ- ଜେଜେବାପା, ଜେଜେମା, ଅଙ୍କଲ, ଆଣ୍ଟି, ଅଜା, ଆଇ, ମାମୁ, ମାଈଁ, ଲିକି, ଲକି, ଲୁକୁନ, ଗୁଡୁ, ଚିଣ୍ଟୁ, ବାବା, ମାମା ଏବଂ ସମସ୍ତ ପରିବାରବର୍ଗ।
ଧ-୫୪୧

# ଖୁବ୍‌ଶୀଘ୍ର ଆସିବ ଓଡ଼ିଶା ଇଭି ପଲିସି: ସିଂଦେଓ



ବୈଠକରେ ବିଭାଗୀୟ ଅଧିକାରୀ, କମ୍ପାନୀ କର୍ମକର୍ତ୍ତାଙ୍କ ସହ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ।

## ଓଡ଼ିଶାରେ ଇଭି ଷ୍ଟେଶନ ନିର୍ମାଣ ପାଇଁ ଆସିଛନ୍ତି ୧୦ କମ୍ପାନୀ

ଭୁବନେଶ୍ୱର,୧୪।୫ (ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ଏବେ ଅକ୍ଷୟ ଶକ୍ତି କ୍ଷେତ୍ରରେ ଏକ ଅଗ୍ରଣୀ ଦେଶ ଭାବେ ପରିଗଣିତ ହୋଇପାରିଛି। ଏଥିରେ ଓଡ଼ିଶାର ମଧ୍ୟ ଯୋଗଦାନ କିଛି କମ୍ ନୁହେଁ। ବିକଶିତ ଓଡ଼ିଶା ଲକ୍ଷ୍ୟରେ ଅଗ୍ରସର ହେବାକୁ ହେଲେ ପ୍ରଥମେ ଆମକୁ ସବୁଜ ଶକ୍ତି ବା ଅକ୍ଷୟ ଶକ୍ତିର ବ୍ୟବହାରରେ ବୃଦ୍ଧି କରିବାକୁ ପଡ଼ିବ। ପିଏମ୍ ସୂର୍ଯ୍ୟଘର ଯୋଜନା ଅଧୀନରେ ସବ୍‌ସିଡି ଜରିଆରେ ଛାତ ଉପରେ ସୋଲାର ପ୍ୟାନେଲ ଲଗାଇବା ସହ ସାରା ଓଡ଼ିଶାରେ ବିଦ୍ୟୁତ୍‌ଚାଳିତ ଯାନର ଚାର୍ଜିଂ ପାଇଁ ଇଭି ଷ୍ଟେଶନ ନିର୍ମାଣ ଲାଗି ଭିତ୍ତିଭୂମିକୁ ସୁଦୃଢ କରାଯାଉଛି। ଏଥିପାଇଁ ଓଡ଼ିଶା ଇଭି ପଲିସି ଖୁବ୍‌ଶୀଘ୍ର ଆସିବ ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି। ଏହି ପରିପ୍ରେକ୍ଷୀରେ ବୁଧବାର ଉପମୁଖ୍ୟମନ୍ତ୍ରୀଙ୍କୁ ସର୍ଭୋଟେକ ନାମକ ସଂସ୍ଥା ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ସୌରଚାଳିତ ବିଦ୍ୟୁତ୍ ଉତ୍ପାଦନ ଏବଂ ରାଜ୍ୟରେ ଇଭି ଷ୍ଟେଶନ ନିର୍ମାଣ ବିଷୟରେ ଏକ ଉପସ୍ଥାପନା ପ୍ରଦର୍ଶନ କରିଛନ୍ତି। ଓଡ଼ିଶାର ବିଦ୍ୟୁତ୍ ଭିତ୍ତିଭୂମି ଖୁବ୍ ସୁଦୃଢ଼ ଅଛି। ଦେଶର ପ୍ରମୁଖ ୧୦ଟି ବିଦ୍ୟୁତ୍ ଡିଷ୍ଟ୍ରିବ୍ୟୁଶନ କମ୍ପାନୀ ମଧ୍ୟରେ ଓଡ଼ିଶାର ୩ଟି ସଂସ୍ଥା ସ୍ଥାନ ଅଧିକାର କରିଛି। ଏହାବ୍ୟତୀତ ଓଡ଼ିଶାର ବିଦ୍ୟୁତ୍ ପରିଚାଳନା ମଡେଲକୁ ଆପଣେଇବା ପାଇଁ ଉତ୍ତରପ୍ରଦେଶ ରାଜ୍ୟ ମଧ୍ୟ ଆଗ୍ରହ ପ୍ରକାଶକରି ପ୍ରତିନିଧିଙ୍କୁ କ୍ଷେତ୍ର ପରିଦର୍ଶନରେ ପଠାଇଥିଲେ। ଏହି ସମନ୍ୱିତ ବୈଠକରେ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ କୁମାର ମିଶ୍ର, ଗ୍ରୀଡ୍‌କୋ ପରିଚାଳନା ନିର୍ଦ୍ଦେଶକ ତ୍ରିଲୋଚନ ପଣ୍ଡା, ସର୍ଭୋଟେକ୍ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ରମଣ ଭାଟିଆ, ନୀତିନ ପେରେଇରା, ଶକ୍ତି ବିଭାଗ ଗ୍ରୀଡ୍‌କୋ,ଟାଟା ପାୱାରର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# Classified Everyday

0674-2580101, 9692975378



REAL ESTATE
SALE


ଭୁବନେଶ୍ୱର, **Puri bypass** ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ **Residential Plot, 2/3BHK Flat** ବିକ୍ରିହେବ। **8327785834.** D-76266

Gharabari Plot- 25 Decimal available for sale near Kujanga, Paradeep, Dist.- Jagatsinghpur. 9438713093. D-535

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ନିକଟରେ ଘରବାଡ଼ି ପାଚେରି ପ୍ଲଟ୍ ପିଚୁ ରାସ୍ତାକୁ ଲାଗି ବିକ୍ରି ହେବ। Ph- 9437754190. D-531

**Ready to move 1/2 BHK flat for sale @13/24 Lakh at Sundarpada and Gudiapokhari, Bhubaneswar. Call- 9861642492.** D-200

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପଦୂରତାରେ 1500sqft.- 5,55,000/- ପ୍ଲଟ୍ ବିକ୍ରିହେବ। 9348232008. D-76265





Positively health benefits spa expert female therapist homely atmosphere. 9114559860. D-542

Newly open Jyoti SPA positively health benefits (Expert therapist). 8458067955. D-76912

**Relax, Refresh your body, mind at Saikrupa SPA with best therapies. 7848011468.** D-363

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Newly open health benefits SPA by expert therapist. Contact- 8280961126. D-76913

## AFFIDAVIT

By virtue of an affidavit sworn before the Notary Public, Dharmasala, dated 13.05.2025, I, Charulata Bhuyan, Address: At/P.O./P.S.- Nihalprasad, Dist.- Dhenkanal, Odisha- 759016 declare that I have changed my name from Damayanti Bhuyan to Charulata Bhuyan. Henceforth, I shall be known as Charulata Bhuyan for all purposes. D-532

I, Santosh Sahoo, R/o-L-II- 88, Kalinga Bihar, Rourkela-15, P.S.- Chhend, Dist.- Sundargarh, Odisha declare that my daughter's name has been wrongly mentioned as Sibangini Sahoo instead of Shivangi Sahoo in her Aadhaar card. By this affidavit No. A/57 dated 13.05.25 sworn before the Executive Magistrate, Rourkela, I have changed her name to Shivangi Sahoo for all purposes. D-543

By virtue of an affidavit sworn before the Notary Public, Sambalpur, No. 2535 dt.13.5.2025, I, Soumya Sambedant Pati, At/P.O.- Jharuapara, Dist.- Sambalpur, (Odisha) have changed my name from SAMYA SAMBADANT PATI to SOUMYA SAMBEDANT PATI. Henceforth, I shall be known as SOUMYA SAMBEDANT PATI for all purpose. D-544

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

I, Bulbul Makar, formerly called Padmalaya Makar, D/o- Niranjan Makar, currently residing at Kharmunda, P.O.- Badrama, P.S.- Jamankira, Dist.- Sambalpur, PIN- 768107 declare by this affidavit No. 720 dated 08.05.2025 sworn before the Notary Public, Jamankira, I have changed my name from Padmalaya Makar to Bulbul Makar. Henceforth, I shall be known as Bulbul Makar for all purposes. D-545

I, Sreenivas Mahapatro, S/o- Kesava Mahapatro, resident of Plot No.- 2669, Badagada Brit Colony, P.S.- Badagada, P.O.- Badagada Brit Colony, Bhubaneswar, Dist.- Khurda, Odisha, PIN- 751018, declare by this affidavit No.- 15514, dt- 13.05.2025, that now onwards I shall be known as Sreenivas Mohapatra, S/o- Kesava Mohapatra for all future purposes. D-76453

I, BISMITA SATAPATHY, mother of PRATIKSHYA DASH, W/o- Pranaya Kumar Dash, resident of plot 2F/516, Sector 11, Markat Nagar, Bidanasi, Cuttack Sadar-753014, Odisha declare by this affidavit No.-30, dtd. 08.05.2025 that now onwards I shall be known as BISMITA SATAPATHY for all future purposes. D-552

By virtue of an affidavit sworn before Executive Magistrate, Bhubaneswar, dated 14.05.2025, I, Rita Pradhan, Address: At- Kantapanhara, P.O.- Gholapur, P.S.- Banki, Dist.- Cuttack, PIN- 754029 declare that I have changed my name from Rita Behera to Rita Pradhan. Henceforth, I shall be known as Rita Pradhan for all purposes. Rita Pradhan D-547

By virtue of an affidavit sworn before the Executive Magistrate, Tangi- Choudwar, dated 19.04.2025, I, Dilu Barik, Address: At- Mania, P.O.-Uchapada, P.S.- Tangi, Dist.-Cuttack, Odisha- 754022 declare that I have changed my daughter's name from Anwsesha Priyadarsrini Barik to Anwesha Priyadarsini Barik. Henceforth, she shall be known as Anwesha Priyadarsini Barik for all purposes. D-551

ମୁଁ ଜଶ୍ମୀନ ମାଝୀ, ପିତା- ପ୍ରସନ୍ନ ମାଝୀ, ଗ୍ରାମ- ରାଜ ଜଙ୍କିଆ, ପୋଷ୍ଟ- କାମଗୁରୁ, ଜିଲ୍ଲା- ନୟାଗଡ଼, ସତ୍ୟପାଠକରି ୦୫।୧୧।୨୦୨୪ ତାରିଖରେ ମୋର ପୂର୍ବ ନାମ ପୂର୍ଣ୍ଣିମା ରାଣୀ ମାଝୀକୁ ବଦଳାଇ ଆଜିଠାରୁ ଜଶ୍ମୀନ ମାଝୀ ନାମରେ ପରିଚିତ ହେବି। ଜଶ୍ମୀନ ମାଝୀ ଓ ପୂର୍ଣ୍ଣିମା ରାଣୀ ମାଝୀ ଗୋଟିଏ ବ୍ୟକ୍ତି ଅଟନ୍ତି। ଏଣିକି ମୋର ପ୍ରତ୍ୟେକ କାମରେ ମୁଁ ଜଶ୍ମୀନ ମାଝୀ ନାମରେ ପରିଚିତ ହେବି। ଧ-୫୩୬

I, Prabhat Jut, S/o- Sudam Jut (Father), Hema Jut (Mother) & Rina Kumari Jut (Wife), Resident of Vill- Goudanuagam, P.O.- B.N.Pur, P.S.- Purushottampur, Dist.- Ganjam, Odisha, 761032 declare by this affidavit No.- 829, Dt-14.05.2025 that now onwards I shall be known as Prabhat Juti, S/o- Sudam juti (Father), HemaJuti (Mother) & Rina Kumari Juti (Wife) for all future purposes. D-550

By virtue of an affidavit sworn before Executive Magistrate, Basudevpur, dated- 10.02.2025, I, Harihar Biswal, S/o- Siba Prasad Biswal, At- Chhatra Pur, P.O.- Patanamishra Pur, P.S.- Nayakanidihi, Dist.- Bhadrak, declare that I have changed my daughter's name from Rojalin Biswal to Rojali Biswal. Henceforth, she shall be known as Rojali Biswal for all purposes. D-538

I, Jajneswar Behera, S/o- Nityananda Behera, At- Chanchhipada, Post.- Kuradhika, P.S.- Baisinga, Dist.- Mayurbhanj, PIN- 757052, declare vide affidavit No.- 25/5, dt- 14.05.25, that I have changed my name from Yaengyaswar Behera to new name Jajneswar Behera for Aadhaar card name correction and all purposes. D-537

By virtue of an affidavit sworn before Notary Public, Rayagada Vide affidavit No.8361 on dated 08th May 2025, I, Akasapu Deepa, Wife of Sri Akasapu Srinivas Rao, Resident of B.C.Road, P.O.- Jayakaypur, P.S.- Chandili, Dist.- Rayagada, Odisha have changed my name from A.Deepa to Akasapu Deepa. Henceforth, I shall be known as Akasapu Deepa in all purposes.
Sd./- Akasapu Deepa D-549

By virtue of an affidavit sworn before the Executive Magistrate, Dharmasala, dated 13.05.2025, I, Sabita Jena, Address: At/P.O.-Kadampal, P.S.- Balichandrapur, Dist.- Jajpur, Odisha-755008 declare that I have changed my son's name from Sipu Jena to Sipun Jena. Henceforth, he shall be known as Sipun Jena for all purposes. D-548

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**୨୨ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତଃ ଶ୍ରୀଯୁକ୍ତ ଜୟକୃଷ୍ଣ ମହାନ୍ତି
(ଆଦର୍ଶ ଶିକ୍ଷକ)
ଏରବଙ୍ଗ, ଗୋପ, ପୁରୀ
ଦୀର୍ଘ ବାଇଶି ବର୍ଷ ହେଲା ଆପଣ ସବୁ ହସ ନେଇ ଲୁହ ଦେଇ ଚାଲିଗଲେ। ଆପଣଙ୍କର ପବିତ୍ର ଆତ୍ମା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଲୀନ ହୋଇଯାଉ, ଏତିକି ପ୍ରାର୍ଥନା।
-:ଆପଣଙ୍କ ଶୋକାକୁଳ:-
ପରିବାର ଏବଂ ବନ୍ଧୁବର୍ଗ
ଧ-୭୬୦୫୭

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ମାର୍କଣ୍ଡ ସାହୁ
ଲେନ୍-୩, ଫେଜ୍-୧, ଏ/ଏଲ-୧୩୨, ଭିମଟାଙ୍ଗୀ ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର
ଆବିର୍ଭାବ: ୨୩.୦୧.୧୯୪୦ - ତିରୋଧାନ: ୦୫.୦୫.୨୦୨୫
ଆପଣଙ୍କ ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ : ପୁଅ- କୀର୍ତ୍ତି, ବୋହୂ- ବସନ୍ତ ମଞ୍ଜରୀ, ନାତି- ଅଭିନୀତ୍, ନାତୁଣୀ- ଅଭିଲିପ୍ସା ଓ ଶୋକାକୁଳ ସାହୁ ପରିବାରବର୍ଗ।
ଧ-୭୬୮୨୫

**୧୧ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



୰ଭୁବନ ବିହାରୀ କର
ଆବିର୍ଭାବ: ୦୩।୦୪।୧୯୫୯
ତିରୋଧାନ: ୧୬।୦୫।୨୦୧୪
ଆପଣଙ୍କ ଶ୍ରଦ୍ଧା, ସ୍ନେହ ତଥା ଆଶୀର୍ବାଦ ସଦା ଆମମାନଙ୍କ ଉପରେ ରହିଥାଉ। ଏତିକି ଶ୍ରୀ ଶ୍ରୀଜଗନ୍ନାଥଙ୍କ ଚରଣ ତଳେ ପ୍ରାର୍ଥନା।
ଇତି ଆପଣଙ୍କର- ମିତୁ, ରିତୁ ଓ ସିକୁ
ଧ-୪୧୫

# ୧୮ ଯାଏ ବଜ୍ରପାତ ଭୟ

ଭୁବନେଶ୍ୱର, ୧୪।୫ (ଅନୁରାଧା ମହାରଣା)

ରାଜ୍ୟରେ ଆସନ୍ତା ୬ଦିନ ପର୍ଯ୍ୟନ୍ତ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ। ମାତ୍ର ୧୮ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ ବଜ୍ରପାତ ସହ ଝଟ୍‌କା ପବନ ଓ ବର୍ଷା ସମ୍ଭାବନା ରହିଥିବାରୁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ନୂଆପଡ଼ା, କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଞ୍ଜାମ ଓ ଗଜପତି ଜିଲାରେ ମଧ୍ୟାହ୍ନ ଓ ସନ୍ଧ୍ୟା ସମୟରେ ବିଜୁଳି ଘଡ଼ଘଡ଼ି ସହ ଝଟକାପବନର ବେଗ ୫୦-୬୦ କିଲୋମିଟର ରହିପାରେ। ଏହିସବୁ ଜିଲାଗୁଡ଼ିକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଅନ୍ୟପଟେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ଗଜପତି, ଗଞ୍ଜାମ ଓ ମୟୂରଭଞ୍ଜ ଜିଲାର କେତେକ ସ୍ଥାନରେ ମଧ୍ୟାହ୍ନ ଓ ଅପରାହ୍ନରେ ଘଣ୍ଟାପ୍ରତି ୪୦ରୁ ୫୦ କି.ମି. ବେଗରେ ପବନ ବହିବା ସହ ଘଡ଼ଘଡ଼ି ଓ ବର୍ଷା ହେବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଜ୍ଞାନ କେନ୍ଦ୍ର।

# ଡିଭାଇଡରକୁ ପିଟିଲା ବାଇକ୍, ୨ ଜୀବନ ଗଲା

ମଙ୍ଗୁଳି-ଜଗତପୁର, ୧୪।୫(ମାନସ ସାମଲ)

କଟକ ଜିଲା ଟାଙ୍ଗୀ ଥାନା ଅଧୀନ ୧୬ନମ୍ବର ଜାତୀୟ ରାଜପଥର ବଇଁଚୁଆ ଛକ ନିକଟରେ ରାସ୍ତା ପାର୍ଶ୍ୱ ଡିଭାଇଡରରେ ଏକ ବାଇକ୍ ପିଟି ହୋଇ ଚାଳକଙ୍କ ସହ ବାଇକ୍‌ରେ ବସିଥିବା ଅନ୍ୟ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଦୁହେଁ ଯାଜପୁର ଜିଲା ବଂଶୀପୁର ଗ୍ରାମର ସୌମ୍ୟରଞ୍ଜନ ମହାପାତ୍ର (୨୪) ଓ ରାଣୀଗୋଡା ଗ୍ରାମର କାଶୀନାଥ ପ୍ରଧାନ (୨୨)। ପୋଲିସ ସୂଚନା ମୁତାବକ, ବୁଧବାର ସନ୍ଧ୍ୟାରେ ଉଭୟ ଏକ ବାଇକ୍ (ନଂ. ଓଡି୩୪ ଓ ୧୧୮୪)ରେ କଟକରୁ ଯାଜପୁର ଯାଉଥିଲେ। ବଇଁଚୁଆ ଛକ ନିକଟରେ ଭାରସାମ୍ୟ ହରାଇ ରାସ୍ତା ବାମ ପାର୍ଶ୍ୱ ଡିଭାଇଡରରେ ପିଟି ହୋଇ ଉଭୟ ଛିଟିକି ପଡିଥିଲେ। ଉଭୟଙ୍କ ମୁଣ୍ଡ ଡିଭାଇଡରରେ ପିଟି ହୋଇ ଗଭୀର ଆଘାତ ଲାଗିବା ସହିତ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଖବର ପାଇ ଟାଙ୍ଗୀ ପୋଲିସ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ସହାୟତାରେ କଟକ ବଡ ମେଡିକାଲକୁ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଉଭୟଙ୍କ ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଛନ୍ତି। ବାଇକ୍‌କୁ ଟାଙ୍ଗୀ ପୋଲିସ ନିଜ ହେପାଜତକୁ ନେଇ ତଦନ୍ତ ଚଳାଇଛି।

# ସମୟାନୁବର୍ତ୍ତୀ ଭୂମି


ଭୂମି

ଯାହା କୁହନ୍ତୁ ନା କାହିଁକି ଭୂମି ପେଦେନକରଙ୍କ ଆଇଡିଆକୁ ମାନିବାକୁ ପଡ଼ିବ । ବର୍ତ୍ତମାନ ସେ ସ୍ପେନ୍‌ରେ ଡେରା ପକାଇଛନ୍ତି । ସେଠାକୁ ସେ ବୁଲିବାକୁ ଯାଇନାହାନ୍ତି । ବର୍ତ୍ତମାନ ସେ ଏକ ଅନଟାଇଟଲଡ୍ ଫିଲ୍ମରେ ଅଭିନୟ କରୁଛନ୍ତି । ଆଉ ଶୁଟିଂ ପାଇଁ ସେ ସେଠାକୁ ଯାଇଛନ୍ତି । ନିକଟରେ ଏହାର ଏକ ଗୀତର ଶୁଟିଂ କରାଯାଉ ଥାଏ । ଶୁଟିଂ ସେଟ୍‌ରେ କେହି ପହଞ୍ଚିବା ପୂର୍ବରୁ ଭୂମି ଯାଇ ସେଠାରେ ହାଜର । ଯେତେବେଳେ ୟୁନିଟ୍ ସେଠାରେ ପହଞ୍ଚିଲା, ସମସ୍ତେ ଭୂମିଙ୍କୁ ଦେଖି ତାଜୁବ ହୋଇଗଲେ । ହେଲେ ତା'ପରେ ଏହାର କାରଣ ସେ ବଖାଣିଥିଲେ । ଏ ସମ୍ପର୍କରେ ସେ କହନ୍ତି, ''ଏହି ଗୀତର ଶୁଟିଂ ଆରମ୍ଭ ହେବାର ତିନି ଘଣ୍ଟା ପୂର୍ବରୁ ମୁଁ ଏଠାକୁ ଆସିଛି । ଯେହେତୁ ଏହା ଇନ୍‌ଡୋର ଶୁଟିଂ ତେଣୁ ଏଠାରେ ମୁଁ କିଛି ସମୟ ପ୍ରାକ୍ଟିସ କରୁଥିଲି । ଆଶା ରଖିଛି ଏହି ଗୀତଟି ଦର୍ଶକଙ୍କୁ ନିଶ୍ଚୟ ଏଣ୍ଟରଟେନ୍ କରିବ ।'' ସେପଟେ ଭୂମି ଅଭିନୟ କରିଥିବା ଏକ ୱେବ୍ ସିରିଜ୍ ହିଟ୍ ପର୍ଯ୍ୟାୟଭୁକ୍ତ ହୋଇଛି । ଏହାର ଟାଇଟଲ ରହିଛି 'ଦ ରୟାଲ' । ଚଳିତ ମାସ ୯ ତାରିଖରୁ ଏହାର ଷ୍ଟ୍ରିମିଂ ଆରମ୍ଭ ହୋଇଛି । ଏଥିରେ ଭୂମିଙ୍କ ବ୍ୟତୀତ ଈଶାନ ଖଟ୍ଟର ମଧ୍ୟ ଅଭିନୟ କରିଛନ୍ତି । ଭୂମିଙ୍କ ଅଭିନୀତ ଶେଷ ଫିଲ୍ମ 'ମେରେ ହଜ୍‌ବ୍ୟାଣ୍ଡ କା ବିବି' ଚଳିତ ବର୍ଷ ଫେବୃଆରୀରେ ରିଲିଜ ହୋଇଥିଲା । ମୁଦାସର ଅଜିଜଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ନାୟକ ଥିଲେ ଅର୍ଜୁନ କପୁର ।

# ନିଃସର୍ତ୍ତ


ପ୍ରତୀକ୍ଷା-ବିକ୍ରମ

ପ୍ରେମ କେଉଁଠି କେମିତି ଆରମ୍ଭ ହୁଏ ତାହା ଆକଳନ କରିବା କଷ୍ଟକର । ତେବେ ବେଳେବେଳେ ପ୍ରଥମ ଦେଖାରେ ହିଁ ପ୍ରେମ ସୃଷ୍ଟି ହୋଇଥାଏ । ସେଭଳି ଏକ ଭିନ୍ନ ଧରଣର କଥାବସ୍ତୁକୁ ନେଇ ରଚିତ ଗୀତଟିକୁ ଆଧାର କରି ପ୍ରସ୍ତୁତ ହୋଇଛି ମ୍ୟୁଜିକ ଭିଡିଓ 'ନିଃସର୍ତ୍ତ । ଆମର ମ୍ୟୁଜିକ ଦ୍ୱାରା ରିଲିଜ ହୋଇଥିବା ଏହି ଭିଡିଓ ପ୍ରାରମ୍ଭରୁ ସଫଳତା ସାଉଁଟିବାରେ ସଫଳ ହୋଇଛି । ଚଳଚ୍ଚିତ୍ର ତଥା ଧାରାବାହିକ ଅଭିନେତା ବିକ୍ରମ ଓ ପ୍ରତୀକ୍ଷାଙ୍କୁ ନେଇ ଏହାର ଦୃଶ୍ୟାୟନ କରାଯାଇଛି । ଏହି ଭିଡିଓଟିରେ ଏକ ନିଚ୍ଛକ ଭଲପାଇବାର କାହାଣୀ ଦେଖିବାକୁ ମିଳିଛି । ଗୌରବ ଆନନ୍ଦ ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ କଣ୍ଠଦାନ କରିଛନ୍ତି ଅସୀମା ପଣ୍ଡା ଏବଂ ଗୌରବ । ଭିଡିଓଟିର ନିର୍ଦ୍ଦେଶନା ଦେଇଛନ୍ତି ବାବୁ ବାବୁ । ଭିଡିଓ ବିଷୟରେ ସେ କହନ୍ତି, ''ଏହାର ପିକ୍ଚରାଇଜେଶନ କରିବା ସମୟରେ ମୁଁ ସବୁ ଦିଗ ପ୍ରତି ଦୃଷ୍ଟି ଦେଇଥିଲି । ତା'ସହ ବିକ୍ରମ ଏବଂ ପ୍ରତୀକ୍ଷାଙ୍କ ଗୀତଟିରେ ବେଶ୍ ସୁନ୍ଦର ଅଭିନୟ କରିଛନ୍ତି । ଏହି ଭିଡିଓଟି ଆହୁରି ଦର୍ଶକାଦୃତ ହେବ ବୋଲି ଆଶା ରଖିଛି ।'' ବାବୁ ବାବୁ ଏହାପୂର୍ବରୁ ଏ ମେଘି ଏ ମେଘି , ଦିଲ୍ ଟା ନେଇଗଲା, ଦିଲ ସାରା ରା ରା , ଯାଦୁଗରୀ ମନ ମୋହିନୀ, ପ୍ରେମ ଖବର, ସାଜିବୁ ମୋ ସୁହାଗ ସିନ୍ଦୂର , ଦିଲ୍ ହେଲା କୁଟୁ କୁଟା ଆଦି ୧୦୦ ରୁ ଊର୍ଦ୍ଧ୍ୱ ମ୍ୟୁଜିକ ଭିଡିଓର ନିର୍ଦ୍ଦେଶନା ଦେଇସାରିଛନ୍ତି । ସବୁଠାରୁ ଖାସ୍ କଥା ହେଲା ଯେ ଖୁବ୍ ଶୀଘ୍ର ଏହି ନିର୍ଦ୍ଦେଶକ ବଡ ପରଦାରେ ପାଦ ଥାପିବାକୁ ଯାଉଛନ୍ତି ବୋଲି ସୂଚନା ଦେଇଛନ୍ତି ।

# ସମୟ ହୋଇନାହିଁ

ସୈଫ ତନୟା ସାରା ଅଲ୍ଲୀ ଖାଁ ଏବେ ଆଲୋଚନାର ଶିରୋନାମା ପାଲଟିଛନ୍ତି । ଶୁଣିବାକୁ ମିଳୁଛି ଯେ ସେ କୁଆଡ଼େ ଚଳିତବର୍ଷ ହାତକୁ ଦି'ହାତ ହେବାକୁ ଯାଉଛନ୍ତି । ଏ କଥା ଯେତେବେଳେ ତାଙ୍କ କାନରେ ପଡ଼ିଥିଲା ସେ ବା କେମିତି ଚୁପ୍ ହୋଇ ବସି ରହନ୍ତେ କହୁନାହାନ୍ତି ? ଆଉ ଏପରି କଥା ଶୁଣି ସେ ଯେତିକି ଅଭିମାନ କରିଥିଲେ ସେତିକି ଦୁଃଖ ମଧ୍ୟ ପ୍ରକାଶ କରିଥିଲେ । ଏଭଳି କଥାକୁ ନେଇ ସାରା କୁହନ୍ତି, 'କେହି ଜଣେ ମୋତେ ଅଯଥା ବଦନାମ୍ କରିବାକୁ ଏଭଳି ପ୍ରଚାର କରୁଛନ୍ତି । ମୋର ଏବେ ମ୍ୟାରେଜ୍ କରିବାର କୌଣସି ଯୋଜନା ନାହିଁ । କାରଣ ବର୍ତ୍ତମାନ ମୁଁ ମୋ କ୍ୟାରିୟରକୁ ଅଧିକ ଗୁରୁତ୍ୱ ଦେଉଛି । ଯେତେବେଳେ ସେହି ଶୁଭ ସମୟ ଆସିବ ସେତେବେଳେ ସେକଥା ସମସ୍ତେ ଜାଣିବେ । କାରଣ ମୋର ଲୁଚିଛପି ବିବାହ କରିବାର ଆଦୌ ଯୋଜନା ନାହିଁ । ତେଣୁ ଏପରି କଥାକୁ କେହି ବିଶ୍ୱାସ ନ କରିବାକୁ ଅନୁରୋଧ କରୁଛି ।'' ସାରା ଏବେ ନିଜ ଫିଟ୍‌ନେସ୍ ପ୍ରତି ଅଧିକ ସଚେତନ ରହୁଛନ୍ତି । ନିୟମିତ ଜିମ୍ ଯିବା ସହ ଡାଏଟିଂ ପ୍ରତି ନଜର ଦେଉଛନ୍ତି ।


ସାରା

# ଶେଷରେ ମାନିଲେ ଶାହୀଦ

ଶାହୀଦ କପୁରଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା । କାରଣ କ'ଣ ଜାଣନ୍ତି ? ନିକଟରେ ସେ ତାଙ୍କର ପାରିଶ୍ରମିକ ଦୁଇ ଗୁଣା କରିଦେଇଛନ୍ତି । ଏକଥାକୁ ନେଇ ଯେତେବେଳେ ଆଲୋଚନା ଆରମ୍ଭ ହେଲା, ସେତେବେଳେ ସେ ଏ ନେଇ ନୀରବତା ଅବଲମ୍ୱନ କରିଥିଲେ । ହେଲେ ଶେଷରେ ଏ ବିଷୟରେ ମୁହଁ ଖୋଲିବାକୁ ବାଧ୍ୟ ହୋଇଛନ୍ତି । ହଁ, ଏଭଳି ଘଟଣା ଘଟିଛି ସେ ଅଭିନୟ କରିଥିବା ୱେବ୍ ସିରିଜ୍ 'ଫର୍ଜି ୨'ରେ । ଏଭଳି ଘଟଣା ବିଷୟରେ ସଫେଇ ଦେଇ ଶାହୀଦ କହନ୍ତି, ''ବର୍ତ୍ତମାନ ଯାହା ଆଲୋଚନା ହେଉଛି ତାହା ସତ । ଏହି ସିରିଜ୍‌ରୁ ମୋର ଓଟିଟି ଡେବ୍ୟୁ ଆରମ୍ଭ ହୋଇଛି । ଯେତେବେଳେ ପ୍ରଯୋଜକ 'ଫର୍ଜି'ର ସିକୁଏଲ ନିର୍ମାଣ କରିବାକୁ ଚାହିଁଲେ ସେତେବେଳେ ସେ ପ୍ରଥମେ ମୋ ସହ ଯୋଗାଯୋଗ କଲେ । ବେଶ୍ କିଛି ଦିନ ପୁଙ୍ଖାନୁପୁଙ୍ଖ ଆଲୋଚନା ପରେ ମୁଁ ସେଥିରେ ଅଭିନୟ କରିବାକୁ ରାଜି ହୋଇଥିଲି । କିନ୍ତୁ ପ୍ରଯୋଜକ କହିଥିଲେ ଯେ 'ଆପଣଙ୍କ ପାଇଁ ଏକ ସରପ୍ରାଇଜ ଅଛି ।' ତା'ପରେ ସେ ମୋତେ ୪୫ କୋଟି ଟଙ୍କାର ଏକ ଚେକ୍ ଦେଇଥିଲେ । ଆଉ ତାହାକୁ ଦେଖିବା ପରେ ମୁଁ ଆଶ୍ଚର୍ଯ୍ୟ ହୋଇଯାଇଥିଲି । ଯାହାହେଉ ସେ ମୋ ପରିଶ୍ରମର ମୂଲ୍ୟ ବୁଝିଛନ୍ତି । ହେଲେ ଏ ନେଇ ମୋ ପଟରୁ କୌଣସି ଅନୁରୋଧ କରାଯାଇ ନ ଥିଲା ।'' ବର୍ତ୍ତମାନ ଶାହୀଦ ନିର୍ମାଣାଧୀନ ହିନ୍ଦୀ ସିନେମା 'କକ୍‌ଟେଲ ୨'ରେ ଅଭିନୟ କରୁଛନ୍ତି । ଏଥିରେ ତାଙ୍କ ବ୍ୟତୀତ ରଶ୍ମିକା ମନ୍ଦାନା ଏବଂ କୀର୍ତ୍ତି ସାନନଙ୍କୁ ମଧ୍ୟ ଦେଖିବାକୁ ମିଳିବ ।


ଶାହୀଦ

# ଯାହା ଖୋଜୁଥିଲେ ଦୀପକ...



ଦୀପକଙ୍କ ଖୁସି ଏବେ କହିଲେ ନସରେ । ଏହାବ୍ୟତୀତ ସେ ଏବେ ଠାରୁ ଦିନ ଗଣିବା ମଧ୍ୟ ଆରମ୍ଭ କରିଦେଲେଣି । ହେଲେ କ'ଣ ପାଇଁ ଜାଣିବେନି ? କଥା କ'ଣ କି ସେ ଅଭିନୟ କରିଥିବା ନୂଆ ସିନେମା 'ଆଶୀକ ଦିୱାନା' ରିଲିଜ ଅପେକ୍ଷାରେ ରହିଛି । କେବଳ ସେତିକି ନୁହେଁ, ଏହି ଫିଲ୍ମରେ ତାଙ୍କୁ ଯେଉଁ ଭୂମିକାଟି ମିଳିଛି ତାହା ଦର୍ଶକଙ୍କୁ ପ୍ରଭାବିତ କରିବ ବୋଲି ସେ ଆଶା ରଖିଛନ୍ତି । ଏ ନେଇ ସେ କହନ୍ତି, ''ଏହି ଫିଲ୍ମଟିର କାହାଣୀ ଶୁଣିବା ସମୟରେ ମୁଁ ଜାଣିସାରିଥିଲି ଯେ ଏଥିରେ ମୋତେ ଯେଉଁ ଭୂମିକାଟି ମିଳିଛି ସେଥିରେ ଏଭଳି ମସଲା ରହିଛି, ଯାହା ଦର୍ଶକଙ୍କ ମନ ଜିଣିବାରେ ନିଶ୍ଚୟ ସହାୟକ ହେବ । ପ୍ରଯୋଜକ ଯେଉଁ ଭରସା ରଖି ମୋତେ ଏହି ରୋଲ୍‌ଟି ଦେଇଛନ୍ତି ତାହାକୁ ଶତ ପ୍ରତିଶତ ତୁଲାଇଛି । ବାକି ସବୁ ଦର୍ଶକଙ୍କ ଉପରେ ନିର୍ଭର କରେ ।'' ମହାଦେବ ଫିଲ୍ମସ ବ୍ୟାନରରେ ଏହି ଚିତ୍ରଟିକୁ ପ୍ରଯୋଜନା କରିଛନ୍ତି ଓଲିଉଡ୍‌ର ଅନ୍ୟତମ ବରିଷ୍ଠ ପ୍ରଯୋଜକ ପ୍ରମୋଦ କୁମାର ସ୍ୱାଇଁ । ଏହାର ସହ-ପ୍ରଯୋଜକ ଅଛନ୍ତି ସଞ୍ଜୀବ ବିଶ୍ୱାଳ । ଏଥିରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଏନ. ପଦ୍ମା । ଏହି ଫିଲ୍ମରେ ଦୀପକଙ୍କ ସହ ନାୟିକା ଭାବରେ ସ୍କ୍ରିନ୍ ଶେୟାର କରିଛନ୍ତି ରିୟା ।

# ଅବସୋସ

ଅତୀତର ଭୁଲ୍ ପାଇଁ ସ୍ୱପ୍ନା ମାତୃତ୍ୱ ଲାଭରୁ ବଞ୍ଚିତ ହୋଇ ଲାଞ୍ଛନାର ଶିକାର ହୁଏ । ବିବାହ ପୂର୍ବରୁ ରାକେଶ ସାଥିରେ ଲିଭ ଇନ ରିଲେଶନ୍‌ରେ ରହି ବାରମ୍ବାର ଗର୍ଭପାତ କରିଥାଏ ରଖିଥିବା ସ୍ୱପ୍ନାର ଆଶା କ'ଣ ପୂରଣ ହୁଏ ? ଏହାର ଉତ୍ତର ରହିଛି ନିକଟରେ ଭୁବନେଶ୍ୱରସ୍ଥ ଭଞ୍ଜକଳା ମଣ୍ଡପରେ ପରିବେଷିତ, ନୀଳକଇଁ ପ୍ରଯୋଜିତ ଏବଂ ଟିମ୍ ନିବେଦିତ ନାଟକ 'ଅବସୋସ'ରେ ।


ନାଟକ 'ଅବସୋସ'ର ଏକ ଦୃଶ୍ୟ

ସେ । ତା'ପରେ ହୋଇପଡେ ମାନସିକ ଅବସାଦଗ୍ରସ୍ତ । ଅବଚେତନ ସ୍ତରରେ ଶିଶୁକୃଷ୍ଣଙ୍କ ସାନ୍ନିଧ୍ୟ ଲାଭ କରେ । ସ୍ୱାମୀ ରାକେଶ ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶ ନିଅନ୍ତି । ଆଉ ତା'ପରେ କ'ଣ ହୁଏ ? ମା' ହେବାର ଆଶା ନାଟ୍ୟକାର ଡ. ରଜନୀ ରଞ୍ଜନଙ୍କ ମନଛୁଆଁ ସଂଳାପ ଏବଂ ଶତ୍ରୁଘ୍ନ ସାମଲଙ୍କ ବଳିଷ୍ଠ ନିର୍ଦ୍ଦେଶନା ସହ ସୁଧାଂଶୁବାଳା (ସ୍ୱପ୍ନା), ଦିଲ୍ଲୀପ ବିଶ୍ୱାଳ (ରାକେଶ), ଶିଶୁ କଳାକାର ଫିଓନା, ମିଲି ମିଶ୍ର, ଶକ୍ତି ମହାପାତ୍ର, ଶ୍ରେୟା ଓ ଅସ୍ମି ପ୍ରମୁଖଙ୍କ ଅଭିନୟ ନାଟକଟିକୁ ସଫଳ କରିଥିଲା ।

# ପ୍ରୀତିରାଜ ଯାହା ଭାବୁଥିଲେ...



ନୂଆ ଓଡ଼ିଆ ସିନେମାରେ ଅଭିନେତା ପ୍ରୀତିରାଜ ଶତପଥୀଙ୍କୁ ଟୁ-ଇନ୍-ୱାନ୍ ରୂପରେ ଦେଖିବାକୁ ମିଳିବ । ପ୍ରଥମ କଥା ହେଲା, ଏହି ଫିଲ୍ମରେ ସେ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି । ତା'ସହ ଏହାର ସହ ଆସୋସିଏଟ୍ ନିର୍ଦ୍ଦେଶକ ଦାୟିତ୍ୱ ମଧ୍ୟ ତୁଲାଇଛନ୍ତି । ଫିଲ୍ମଟିର ଟାଇଟଲ ରହିଛି 'ଆଫା' । କାହାଣୀ ଅନୁସାରେ ଗୋଟିଏ ପରିବାର ଉପରେ ହଠାତ୍ ଏକ ଅଦିନିଆ ଝଡ ମାଡିଆସେ । କିନ୍ତୁ ଏଭଳି ଏକ ଘଡିସନ୍ଧି ସମୟରେ ସେମାନେ କିପରି ଏହାକୁ ସାମନା କରନ୍ତି ଏବଂ ପରିଶେଷରେ ଏହାର ଫଳ କ'ଣ ହୁଏ ତାହା ଏହି ସିନେମାରେ ଦେଖିବାକୁ ମିଳିବ । ଏହାର ନିର୍ଦ୍ଦେଶନା ଦେଇଛନ୍ତି ରାଜେନ୍ଦ୍ର ମହନ୍ତ । ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଆଗଧାଡିର ସ୍ୱର ସଂଯୋଜକ ପ୍ରେମ ଆନନ୍ଦ । ଖାସ୍ କଥା ହେଲା ସଂଳାପ ରଚନା କରିଛନ୍ତି କୁନା ତ୍ରିପାଠୀ । ପ୍ରୀତିରାଜ, ନୈନା ଦାଶ, କୁନା ତ୍ରିପାଠୀ, ହର ରଥ ଏବଂ ଶିଶୁ କଳାକାର ଅନମୋଲ ପତି ଏଥିରେ ଅଭିନୟ କରିଛନ୍ତି । ଫିଲ୍ମଟି ଖୁବ୍ ଶୀଘ୍ର ରିଲିଜ ହେବାକୁ ଯାଉଛି ।

# କେବଳ ଅଭିନୟ ପାଇଁ...


କଙ୍ଗନା

ବଲିଉଡ୍‌ରେ କଙ୍ଗନା ରାଣାୱତ ଅନେକ ସିନେମାରେ ନିଜର ଅଭିନୟ ଦକ୍ଷତା ଦେଖାଇ ସାରିଛନ୍ତି । ଅଭିନୟ ଦୁନିଆରେ ପାଦ ରଖିବା ପୂର୍ବରୁ ସେ ମଡେଲିଂ କରୁଥିଲେ । ଏପରି କି ନିଜ ଲକ୍ଷ୍ୟ ପୂରଣ ପାଇଁ ସେ ଘର ଛାଡିବାକୁ ବାଧ୍ୟ ହୋଇଥିଲେ । ହେଲେ ଯଦି ସେ ଅଭିନେତ୍ରୀ ହୋଇ ନ ଥାନ୍ତେ ତେବେ କ'ଣ କରୁଥାଆନ୍ତେ ? ଏଭଳି ପ୍ରଶ୍ନର ଉତ୍ତରରେ କଙ୍ଗନା କହନ୍ତି, ''ପାଠ ପଢ଼ିବା ସମୟରେ ମୋର ଲକ୍ଷ୍ୟ ଅଲଗା ଥିଲା । ଜଣେ ଡାକ୍ତର ହୋଇ ଲୋକଙ୍କର ସେବା କରିବାକୁ ମନସ୍ଥ କରିଥିଲି । ସେଥିପାଇଁ ପାଠପଢ଼ା ପାଇଁ ଦିନରାତି ଏକ କରିଦେଇଥିଲି । ହେଲେ କ'ଣ ହେବ ? ମୋ ଭାଗ୍ୟରେ ଆଉ କିଛି ଲେଖା ଥିଲା । ଘର ଛାଡି ମୁମ୍ବାଇ ଆସିବା ପରେ ମୁଁ ମଡେଲିଂ ଆରମ୍ଭ କରିଥିଲି । କିନ୍ତୁ ମହେଶ ଭଟ୍ଟ ସତେଯେମିତି ମୋ ଭିତରେ ଥିବା ପ୍ରତିଭାକୁ ଠିକ୍ ଭାବରେ ଚିହ୍ନି ପାରିଥିଲେ । 'ଗ୍ୟାଙ୍ଗଷ୍ଟର' ଫିଲ୍ମରେ ଅଭିନୟ କରିବାକୁ ଯେତେବେଳେ ସେ ମୋତେ ସିଲେକ୍ଟ କଲେ ସେତେବେଳେ ମୋ ଖୁସିର ସୀମା ରହି ନ ଥିଲା । ଏହାର ନିର୍ଦ୍ଦେଶକ ଅନୁରାଗ ବସୁଙ୍କ ଟିପ୍ସ ମୋତେ ଆକ୍ଟିଂରେ ଆଗକୁ ଆଗେଇବାରେ ଅନେକ ସାହାଯ୍ୟ କରିଥିଲା ।''

# ହର୍ଷବର୍ଦ୍ଧନ ଶ୍ରେଷ୍ଠ ଲିଫ୍ଟର, ଜ୍ୟୋତ୍ସ୍ନା ରନରଅପ୍

**ଭୁବନେଶ୍ୱର, ୧୪ା୫ (ତପନ ସ୍ୱାଇଁ)**

ଓଡ଼ିଶା ଭାରୋତ୍ତୋଳନ ପାଇଁ ଏକ ଭଲ ଖବର। ବିହାରର ରାଜଗିରଠାରେ ଅନୁଷ୍ଠିତ ୭ମ ଖେଲୋ ଇଣ୍ଡିଆ ଯୁବକ୍ରୀଡ଼ାରେ ଓଡ଼ିଶାର ହର୍ଷବର୍ଦ୍ଧନ ସାହୁ ପୁରୁଷ ବର୍ଗରେ ଶ୍ରେଷ୍ଠ ଲିଫ୍ଟର ବିବେଚିତ ହୋଇଥିବାବେଳେ ମହିଳା ବର୍ଗରେ ରନରଅପ୍ ହୋଇଛନ୍ତି ଜ୍ୟୋତ୍ସ୍ନା ଶବର। ସବୁ ବର୍ଗର ପ୍ରତିଯୋଗିତା ଶେଷରେ ହର୍ଷବର୍ଦ୍ଧନ ୭୫୪.୧୦୮ ପଏଣ୍ଟ ହାସଲକରି ପ୍ରଥମ ସ୍ଥାନ

**ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ**

ଅଧିକାର କରିଛନ୍ତି। ମହାରାଷ୍ଟ୍ରର ଯଶ୍ ଖଣ୍ଡାଗଲେ ୭୩୫.୭୮୨ ପଏଣ୍ଟ ହାସଲକରି ରନରଅପ୍ ଏବଂ ପୁଣେର ସୁନୀଲ ସିଂ ୭୧୧.୩୫୫ ପଏଣ୍ଟ ସହ ତୃତୀୟ ସ୍ଥାନ ପାଇଛନ୍ତି। ସେହିପରି ମହିଳା ବର୍ଗରେ ଜ୍ୟୋତ୍ସ୍ନା ୭୧୪.୩୬୮ ପଏଣ୍ଟ ହାସଲକରି ରନରଅପ୍ ହୋଇଛନ୍ତି। ଆସାମର ଐସିଙ୍ଗଫା ଗୋଗୋଇ ୭୬୯.୭୩୯ ପଏଣ୍ଟ ସହିତ ଶ୍ରେଷ୍ଠ ଲିଫ୍ଟର ବିବେଚିତ ହୋଇଥିବାବେଳେ ମହାରାଷ୍ଟ୍ରର ଅସ୍ମିତା ଧୋନେ ୬୯୧.୦୯୧ ପଏଣ୍ଟ ସହିତ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଅନ୍ୟତମ ଓଡ଼ିଶା ଲିଫ୍ଟର ମୀନା ସାନ୍ତା ୬୮୯.୦୪୭ ପଏଣ୍ଟ ସହ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ରହିଛନ୍ତି।

ପ୍ରକାଶଯୋଗ୍ୟ, ହର୍ଷବର୍ଦ୍ଧନ ୨ଟି ଜାତୀୟ ଯୁଥ୍ ରେକର୍ଡ ସହ ୪୯ କିଗ୍ରା ବର୍ଗରେ ମୋଟ ୨୦୩ କେଜି ଭାର ଉତ୍ତୋଳନ କରି ଐତିହାସିକ ସଫଳତା ପାଇଥିଲେ। ସେ କ୍ଲିନ୍ ଆଣ୍ଡ ଜର୍କରେ ୧୧୫ କେଜି ସହ ମୋଟ ୨୦୩ କେଜି ଉତ୍ତୋଳନ କରି ୨ଟି ଜାତୀୟ ଯୁଥ୍ ରେକର୍ଡର ଅଧିକାରୀ ହୋଇଥିଲେ। ସ୍ନାଚ୍‌ରେ ସେ ୮୮ କେଜି ଉଠାଇଥିଲେ। ଗତବର୍ଷ ଫିଜିର ସୁଭାଠାରେ ଅନୁଷ୍ଠିତ ଆଇଡବ୍ଲ୍ୟୁଏଫ୍ ବିଶ୍ୱ ଯୁଥ୍ ଚାମ୍ପିୟନଶିପ୍‌ରେ ଝାଡ଼ଖଣ୍ଡର ବାବୁଲାଲ ହେମ୍ବ୍ରମ ସ୍ନାଚ୍‌ରେ ୮୮ ଓ କ୍ଲିନ୍ ଆଣ୍ଡ ଜର୍କରେ ୧୧୪ କେଜି ଉତ୍ତୋଳନ କରି ରେକର୍ଡର ଅଧିକାରୀ ଥିଲେ। ହର୍ଷବର୍ଦ୍ଧନ ପଟିଆଲାସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ(ସାଇ)ର ଏନ୍‌ଆଇଏସ୍‌ରେ ଟ୍ରେନିଂପ୍ରାପ୍ତ। ନିକଟରେ ପେରୁର ଲିମାଠାରେ ଅନୁଷ୍ଠିତ ୱାର୍ଲ୍ଡ ଯୁଥ୍ ଚାମ୍ପିୟନଶିପ୍‌ରେ ସେ ବ୍ରୋଞ୍ଜ ପଦକ ଜିତିଥିଲେ। ଜାତୀୟ ରେକର୍ଡ ସହ ସ୍ୱର୍ଣ୍ଣ ଜିତିଥିବାରୁ ୧୮ ବର୍ଷୀୟ ହର୍ଷବର୍ଦ୍ଧନ ରାଜ୍ୟଗୋଷ୍ଠୀ ଯୁଥ୍, ଜୁନିୟର ଓ ସିନିୟର ଭାରୋତ୍ତୋଳନ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ପ୍ରତିଯୋଗିତା ଆସନ୍ତା ଅଗଷ୍ଟ ୨୪ରୁ ୩୦ ପର୍ଯ୍ୟନ୍ତ ଅହମଦାବାଦରେ ହେବ। ସେହିପରି ୪୦ କେଜି ବର୍ଗରେ ସମୁଦାୟ ୧୨୨ କେଜି ଓଜନ ଉଠାଇ ଜ୍ୟୋତ୍ସ୍ନା ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ। ସେ ସ୍ନାଚ୍‌ରେ ୫୫ ଓ କ୍ଲିନ୍ ଆଣ୍ଡ ଜର୍କରେ ୬୭ କେଜି ଉତ୍ତୋଳନ କରିଥିଲେ। ଜ୍ୟୋତ୍ସ୍ନା ଏବେ ଭୁବନେଶ୍ୱରରେ ଥିବା ଭାରୋତ୍ତୋଳନ ହାଇପରଫର୍ମାନ୍ସ ସେଣ୍ଟରରେ ହଙ୍ଗେରୀ କୋଚ୍ ଜୋଲଟାନ ବାଟୋର୍ଫଙ୍କଠାରୁ ଟ୍ରେନିଂ ନେଉଛନ୍ତି। ଗଜପତି ଜିଲା ପେକଟା ଗ୍ରାମର ଏକ କୃଷକ ପରିବାରରୁ ଆସିଥିବା ଜ୍ୟୋତ୍ସ୍ନା ଦୁଇଥର ରାଜ୍ୟଗୋଷ୍ଠୀ କ୍ରୀଡ଼ା ପଦକ ବିଜେତା କେ. ରବି କୁମାରଙ୍କ ଦ୍ୱାରା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରୁ ଆସିଥିଲେ। ଏବେ ମଧ୍ୟ ରବି କୁମାର ତାଙ୍କୁ ଟ୍ରେନିଂ ଦେଉଛନ୍ତି। ଜ୍ୟୋତ୍ସ୍ନା ନିଜ ସଫଳତାର ଶ୍ରେୟ ପରିବାର ଓ କୋଚ୍‌ଙ୍କୁ ଦେଇଛନ୍ତି।




ହର୍ଷବର୍ଦ୍ଧନ ସାହୁ ଓ ଜ୍ୟୋତ୍ସ୍ନା ଶବର।

# ଉଡେନ୍ ଜିତିଲେ ୪ର୍ଥ ଷ୍ଟେଜ୍

**ରୋମ୍, ୧୪ା୫**

ଗିରୋ ଡି' ଇଟାଲିଆ ସାଇକେଲ ରେସ୍‌ର ୪ର୍ଥ ଷ୍ଟେଜ୍ ଜିତିଛନ୍ତି ନେଦରଲାଣ୍ଡ୍ସ ରାଇଡର କାସ୍ପର ଭାନ୍ ଉଡେନ। ଆଲବେରୋବେଲୋଠାରୁ ଲିସେ ପର୍ଯ୍ୟନ୍ତ ୧୮୯ କିଲୋମିଟର ବିଶିଷ୍ଟ ଫ୍ଲାଟ୍ ଷ୍ଟେଜ୍‌ରେ କାସ୍ପର ବିଜୟ ହାସଲ କରି ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ଅନେକ ତାରକା ରାଇଡରଙ୍କ ଉପସ୍ଥିତି ସତ୍ତ୍ୱେ

**ଗିରୋ ଡି ଇଟାଲିଆ-୨୦୨୫**

ପିକ୍‌ନିକ୍ ପୋଷ୍ଟଏନ୍‌ଏଲ୍ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା କାସ୍ପର ଚମକପ୍ରଦ ପ୍ରଦର୍ଶନ କରି ଅନ୍ୟ ସମସ୍ତଙ୍କୁ ପଛରେ ପକାଇ ଦେଇଛନ୍ତି। ଏଥିସହିତ ସେ ୟୁନିୟନ ସାଇକ୍ଲିଷ୍ଟ ଇଣ୍ଟରନ୍ୟାଶନାଲ(ୟୁସିଆଇ) ୱାର୍ଲ୍ଡ ର୍‍ୟାଙ୍କିଙ୍ଗ୍‌ରେ ପିକ୍‌ନିକ୍ ପୋଷ୍ଟଏନ୍‌ଏଲ୍ ଟିମ୍‌କୁ ରିଲିଗେଶନ ଜୋନ୍‌ରୁ ବାହାରକୁ ଆଣିଛନ୍ତି। ଭାନ୍ ଉଡେନଙ୍କର ଏହା ଥିଲା ପ୍ରଥମ ଗ୍ରାଣ୍ଡ ଟୁର୍ ଷ୍ଟେଜ୍ ବିଜୟ। ଅନ୍ତିମ କ୍ଷଣରେ ନେଦରଲାଣ୍ଡ୍ସର ଭୀଷ୍ମା-ଲିଆସେ ବାଇକ୍ ଟିମ୍ ରାଇଡର ଓଲାଭ କୋଇଜ୍‌ଙ୍କ ସହ ତାଙ୍କର କଡ଼ା ଟକ୍କର ହୋଇଥିଲା। ମାତ୍ର କୋଇଜ୍ ଦ୍ୱିତୀୟ ଓ ଟୁଡୋର ପ୍ରୋ ସାଇକ୍ଲିଂ ଟିମ୍‌ର ଅନ୍ୟତମ ନେଦରଲାଣ୍ଡ୍ସ ରାଇଡର ମାଇକେଲ ଜିଜ୍‌ଲାର୍ଡ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ରହିଥିଲେ। ଲିଡଲ-ଟ୍ରେକ୍ ଟିମ୍‌ର ଡେନ୍‌ମାର୍କ ରାଇଡର ମ୍ୟାଡ୍ସ ପେଡେରଶନ ୪ର୍ଥ ସ୍ଥାନରେ ରହିଥିଲେ ହେଁ ଓଭରଅଲ୍ ଅଗ୍ରଣୀ ରହି ପିଙ୍କ୍ ଜର୍ସି ବଜାୟ ରଖିଛନ୍ତି।




ଚତୁର୍ଥ ଷ୍ଟେଜ୍ ରେସ୍ ଜିତିବାପରେ କାସ୍ପର ଭାନ୍ ଉଡେନ।

# ପୋପ୍ ଚତୁର୍ଦ୍ଦଶ ଲିଓଙ୍କୁ ଭେଟିଲେ ସିନର

**ଭାଟିକାନ ସିଟି, ୧୪ା୫(ଏପି)**

ଟେନିସ ପ୍ରଶଂସକ ପୋପ୍ ଚତୁର୍ଦ୍ଦଶ ଲିଓଙ୍କୁ ବୁଧବାର ୱାର୍ଲ୍ଡ ନଂ-୧ ପୁରୁଷ ସିଙ୍ଗଲ୍ସ ଖେଳାଳି ଜାନିକ ସିନର ଭେଟିଥିଲେ। ସିନର ପୋପ୍‌ଙ୍କୁ ଏକ ଟେନିସ ର୍‍ୟାକେଟ ପ୍ରଦାନ କରିଥିବା ଭାଟିକାନ ପକ୍ଷରୁ କୁହାଯାଇଛି। ଏହି ଅବସରରେ ସିନରଙ୍କ ସହ ତାଙ୍କ ପରିବାର ସଦସ୍ୟ ଓ ଇଟାଲିଆନ ଟେନିସ ଫେଡେରେଶନ (ଆଇଟିଏଫ୍) ସଭାପତି ଆଞ୍ଜେଲୋ ବିନାଘି ଉପସ୍ଥିତ ଥିଲେ। ଡୋପ୍ ଜନିତ ୩ ମାସିଆ ବାସନ୍ଦାଦେଶରୁ ପ୍ରତ୍ୟାବର୍ତ୍ତନ କରିଥିବା ସିନର ଚଳିତ ଇଟାଲିଆନ ଓପନ କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ଗୁରୁବାର ସିନର ମାଡ୍ରିଡ୍ ଓପନ ଚାମ୍ପିୟନ କାସ୍ପର ରୁଡଙ୍କୁ ଭେଟିବେ।



ପୋପ୍ ଚତୁର୍ଦ୍ଦଶ ଲିଓଙ୍କ ସହ ଜାନିକ ସିନର।

# ଓଡ଼ିଶା ଫୁଟ୍‌ବଲ ଦଳକୁ ରୌପ୍ୟ



ରୌପ୍ୟ ପଦକ ହାସଲକାରୀ ଓଡ଼ିଶା ଫୁଟବଲ ଦଳ।

**ଭୁବନେଶ୍ୱର, ୧୪ା୫ (ତପନ ସ୍ୱାଇଁ)**

ବିହାରରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ଯୁଥ୍ ଗେମ୍ସରେ ଓଡ଼ିଶା ପୁରୁଷ ଫୁଟ୍‌ବଲ ଦଳ ଆକର୍ଷଣୀୟ ପ୍ରଦର୍ଶନ ଜାରି ରଖି ରୌପ୍ୟ ପଦକ ହାସଲ କରିଛି। ୧୮ ବର୍ଷରୁ କମ୍ ଓଡ଼ିଶା ଦଳ ବୁଧବାର ଅନୁଷ୍ଠିତ ଫାଇନାଲରେ ଝାଡ଼ଖଣ୍ଡକୁ କଡ଼ା ଟକ୍କର ଦେଇଥିଲା। ନିର୍ଦ୍ଧାରିତ ସମୟରେ ଖେଳ ୨-୨ରେ ଡ୍ର ରହିବାରୁ ଫଳାଫଳ ପାଇଁ ପେନାଲ୍ଟି ଶୁଟ୍‌ଆଉଟ ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏହି ପର୍ଯ୍ୟାୟ ମଧ୍ୟ ରୋମାଞ୍ଚକ ଥିଲା। ମାତ୍ର ଓଡ଼ିଶା ଦଳ ୪-୫ ଗୋଲ ବ୍ୟବଧାନରେ ଝାଡ଼ଖଣ୍ଡଠାରୁ ହାରିଯାଇଥିଲା। ଲିଗ୍ ପର୍ଯ୍ୟାୟରେ ନିଜ ଗ୍ରୁପ୍‌ରେ ଟେବୁଲ ଟପ୍ପର ହୋଇ ଓଡ଼ିଶା ସେମିଫାଇନାଲରେ ପ୍ରବେଶ କରିଥିଲା। ଗତ ୧୨ ତାରିଖରେ ଅନୁଷ୍ଠିତ ସେମିଫାଇନାଲରେ ଓଡ଼ିଶା ୫-୧ ଗୋଲରେ ମିଜୋରାମକୁ ହରାଇଥିଲା। ଓଡ଼ିଶା ପକ୍ଷରୁ ଭେଙ୍କଟେଶ୍ୱର ଓରାମ୍ ୨ଟି ଏବଂ ରୋନିକ ମାଝି, ଅବିନାଶ କିଷାନ ଓ ସାଙ୍କୋ ଶେଖର ହେମ୍ବ୍ରମ୍ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ରନରଅପ୍ ହୋଇଥିବାରୁ ଓଡ଼ିଶା ଦଳକୁ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

# ଡିସି ଦଳରେ ମୁସ୍ତାଫିଜୁର ରହମାନ

**ନୂଆଦିଲ୍ଲୀ, ୧୪ା୫(ପି.ଟି.):** ଦିଲ୍ଲୀ କ୍ୟାପିଟାଲ୍ସ (ଡିସି) ବୁଧବାର ବାଂଲାଦେଶର ବାମହାତୀ ପେସର ମୁସ୍ତାଫିଜୁର ରହମାନଙ୍କୁ ଅଷ୍ଟ୍ରେଲିଆ ବ୍ୟାଟର ଜେକ୍-ଫ୍ରେଜର ମ୍ୟାକଗର୍କଙ୍କ ବଦଳ ଖେଳାଳି ଭାବେ ଦଳରେ ସାମିଲ କରିଛି। ଭାରତ ଓ ପାକିସ୍ତାନ ମଧ୍ୟରେ ବର୍ତ୍ତମାନ ଚାଲିଥିବା ଶତ୍ରୁତା ଯୋଗୁ ମ୍ୟାକ୍‌ଗର୍କ ବଳକା ଆଇପିଏଲ୍ ମ୍ୟାଚ୍ ଲାଗି ଭାରତ ଫେରିବାକୁ ମନା କରିଛନ୍ତି।

# କୋହଲି-ରୋହିତ ଗ୍ରେଡ୍ ଏ'ପ୍ଲସ୍‌ରେ ରହିବେ

**ମୁମ୍ବାଇ, ୧୪ା୫:** ଅନ୍ତର୍ଜାତୀୟ ଟି୨୦ ଓ ଟେଷ୍ଟ ଫର୍ମାଟରୁ ଅବସର ଘୋଷଣା କରିବା ସତ୍ତ୍ୱେ ଭାରତୀୟ ଦଳର ଦୁଇ ଭେଟେରାନ ବ୍ୟାଟର ବିରାଟ କୋହଲି ଓ ରୋହିତ ଶର୍ମା ଗ୍ରେଡ ଏ' ପ୍ଲସ କାଟେଗୋରୀରେ ରହିବେ। ଏ ନେଇ ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ବୁଧବାର ପ୍ରକାଶ କରିଛନ୍ତି। ଗତ ମାସରେ ବିସିସିଆଇ ୨୦୨୪-୨୫ ସିଜନ ଲାଗି ବାର୍ଷିକ କେନ୍ଦ୍ରୀୟ ଚୁକ୍ତି ଘୋଷଣା କରିଥିଲା, ଯେଉଁଥିରେ କୋହଲି ଓ ରୋହିତଙ୍କୁ ଗ୍ରେଡ ଏ ପ୍ଲସ କାଟେଗୋରୀରେ ରଖାଯାଇଥିଲା। ସେମାନଙ୍କ ସହ ଯଶପ୍ରୀତ ବୁମରା ଓ ବାମହାତୀ ସ୍ପିନର ରବୀନ୍ଦ୍ର ଜାଡେଜା ଏଥିରେ ସାମିଲ ଥିଲେ। ଟି୨୦ ଓ ଟେଷ୍ଟରୁ ଅବସର ସତ୍ତ୍ୱେ କୋହଲି ଓ ରୋହିତ ଗ୍ରେଡ ଏ' ପ୍ଲସରେ ରହିବେ। ସେମାନେ ଏବେ ବି ଭାରତୀୟ କ୍ରିକେଟ ଦଳର ସଦସ୍ୟ। ସେମାନେ ଗ୍ରେଡ ଏ'ପ୍ଲସ କାଟେଗୋରୀରେ ଥିବା ସମସ୍ତ ସୁବିଧା ପାଇବେ ବୋଲି ସାଇକିଆ କହିଛନ୍ତି।

# କାଥରିନ, ମିରାଜ ପ୍ଲେୟର ଅଫ୍ ଦି ମନ୍ଥ

**ନୂଆଦିଲ୍ଲୀ, ୪ା୫**

ସ୍କଟଲାଣ୍ଡ ମହିଳା କ୍ରିକେଟ ଅଧିନାୟିକା କାଥରିନ ବ୍ରେସ୍ ଓ ବାଂଲାଦେଶ ଅଲ୍‌ରାଉଣ୍ଡର ମେହିଦି ହାସନ ମିରାଜ ଏପ୍ରିଲ-୨୦୨୫ ପାଇଁ ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ ପୁରସ୍କାର ହାସଲ କରିଛନ୍ତି। ଏ କ୍ଷେତ୍ରରେ କାଥରିନ ୱେଷ୍ଟଇଣ୍ଡିଜର ହିଲି ମାଥ୍ୟୁସ ଓ ପାକିସ୍ତାନର ଫାତିମା ସାନାଙ୍କୁ ପଛରେ ପକାଇ ଦେଇଛନ୍ତି। ପାକିସ୍ତାନରେ ଅନୁଷ୍ଠିତ ୱାର୍ଲ୍ଡକପ୍ କ୍ୱାଲିଫାୟରରେ କାଥରିନ ଟପ୍ ସ୍କୋରର ହେବା ସହ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ସେହିପରି ମିରାଜ ପୁରସ୍କାର ଦୌଡ଼ରେ ଥିବା ସ୍ୱିଡ୍ସର ବ୍ଲେସିଂ ମୁଜାରବାନି ଓ ବେନ୍ ସିଅର୍ସଙ୍କୁ ପଛରେ ଛାଡ଼ିଥିଲେ। ଶାକିବ ଅଲ୍ ହାସନ ଓ ମୁସ୍ତାଫିଜୁର ରହମନଙ୍କ ପରେ ତୃତୀୟ ବାଂଲାଦେଶୀଭାବେ ମିରାଜ ଏହି ଆଇସିସି ପୁରସ୍କାର ପାଇଛନ୍ତି। ଜିମ୍ବାୱେ ଟୁର୍‌ରେ ସେ ୩୮.୬୬ ଆଭରେଜରେ ୧୧୬ ରନ ସହ ୧୫ଟି ଉଇକେଟ ହାସଲ କରିଥିଲେ।

# ଓଡ଼ିଶାକୁ ୨ ସ୍ୱର୍ଣ୍ଣ ସହ ୪ ପଦକ

**ଭୁବନେଶ୍ୱର, ୧୪ା୫ (ତପନ ସ୍ୱାଇଁ)**

ଉତ୍ତରପ୍ରଦେଶର ଲକ୍ଷ୍ନୌରେ ଅନୁଷ୍ଠିତ ୧୩ଶ ସିନିୟର ପେନ୍‌ଚାକ୍ ସିଲାଟ ପ୍ରତିଯୋଗିତାରେ ଓଡ଼ିଶା ପ୍ରତିଯୋଗୀମାନେ ୨ ସ୍ୱର୍ଣ୍ଣ ସହ ମୋଟ ୪ ପଦକ ହାସଲ କରିଛନ୍ତି। ଏହା ମଧ୍ୟରେ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ସାମିଲ। ଟିମ୍ କୋଚ୍ ରାହୁଲ ସା'ଙ୍କ ନେତୃତ୍ୱରେ ଓଡ଼ିଶାରୁ ମୋଟ ୩୦ ପ୍ରତିଭାସମ୍ପନ୍ନ ଖେଳାଳି ଏଥିରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ଦାୟିତ୍ୱର ସହ ମ୍ୟାଚ୍ ପରିଚାଳନା କରିଥିବା ଓଡ଼ିଶାର ପ୍ରେମ୍ ସିଂ ଥାପ୍ପାଙ୍କୁ ଭାରତୀୟ ଫେଡେରେଶନ ପକ୍ଷରୁ ସମ୍ମାନିତ କରାଯାଇଥିଲା।




ଲକ୍ଷ୍ନୌରେ ଅନୁଷ୍ଠିତ ପେନ୍‌ଚାକ୍ ସିଲାଟ ପ୍ରତିଯୋଗିତାରେ ଭାଗ ନେଇଥିବା ଓଡ଼ିଶା ପ୍ରତିଯୋଗୀ ଓ ଅନ୍ୟମାନେ।

# ୭ ବର୍ଷରୁ କମ୍ ଚେସ୍ ୧୭ରୁ

**କଟକ, ୧୪ା୫ (କାର୍ତ୍ତିକ ସାହୁ):** ମାଷ୍ଟର ଚେସ୍ ଫାଉଣ୍ଡେଶନ ଓ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଆସନ୍ତା ୧୭ରୁ ୧୯ ତାରିଖ ପର୍ଯ୍ୟନ୍ତ ରାଜ୍ୟ ୭ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତା ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ରାଜ୍ୟର ବିଭିନ୍ନ ଜିଲାରୁ ୭ ବର୍ଷରୁ କମ୍ ବାଳିକା, ବାଳକମାନେ ଏଥିରେ ଅଂଶଗ୍ରହଣ କରିପାରିବେ। ମୋଟ କୋଡ଼ିଏ ହଜାର ଟଙ୍କାର ପୁରସ୍କାର ରାଶି ସହ ଆକର୍ଷଣୀୟ ଟ୍ରଫି ପ୍ରଥମ ୧୦ ଜଣଙ୍କୁ ପ୍ରଦାନ କରାଯିବ। ୪ଜଣ ଲେଖାଏ ଉଭୟ ବାଳକ ଓ ବାଳିକା ଓଡ଼ିଶାରୁ ଜାତୀୟ ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରିବେ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ